# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, February 27/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 95 | ମୂଲ୍ୟ₹୭/-




**ଇବ୍ରାହିମ ଜାଦ୍ରାନଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଆଫଗାନିସ୍ତାନର ଇବ୍ରାହିମ ଜାଦ୍ରାନ। **୧୪**

**୦୨** **'ଦି ଭୂତ୍ନି' ଟିଜର ଆଉଟ**

ଅଭିନେତା ସଞ୍ଜୟ ଦତ୍ତଙ୍କ ଆଗାମୀ ହରର ଫିଲ୍ମ 'ଦି ଭୂତ୍ନି'ର ଟିଜର ବୁଧବାର ରିଲିଜ୍ ହୋଇଛି। ଆସନ୍ତା ଏପ୍ରିଲ ୧୮ରେ ଏହି ଫିଲ୍ମ ରିଲିଜ୍ ହେବ।





ବୁଧବାର ମହାଶିବରାତ୍ରି ଅବସରରେ କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ପ୍ରଜ୍ୱଳିତ ବିଶାଳ ଦୀପରେ ଶ୍ରଦ୍ଧାଳୁମାନେ ଘିଅ ଢାଳୁଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

# ପଞ୍ଜାବୀ ନାହିଁ କି ଓଡ଼ିଆ ନାହିଁ

**ଏନ୍‌ଡିଏ ସରକାରଙ୍କ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅନ୍ତର୍ଗତ ୩-ଭାଷା ନୀତିକୁ ନେଇ ତାମିଲନାଡୁ ଓ କେନ୍ଦ୍ର ମଧ୍ୟରେ 'ଭାଷାଯୁଦ୍ଧ' ଚାଲିଛି। ଏଭଳିସ୍ଥଳେ ୨୦୨୬ରୁ ବର୍ଷକୁ ୨ ଥର ହେବାକୁ ଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷା ପଲିସି ସମ୍ପର୍କିତ ଚିଠାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହି ଚିଠାରେ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ବିଷୟ ତାଲିକାରୁ ପଞ୍ଜାବୀ ଏବଂ ଓଡ଼ିଆ ସମେତ ଆଉ କେତେକ ଭାଷାକୁ ବାଦ୍ ଦିଆଯିବା ନେଇ ଦେଶର ବିଭିନ୍ନ ଭାଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଞ୍ଜାବ ସରକାର ଏହାକୁ 'ପଞ୍ଜାବୀ ଭାଷା ଉପରେ ଆକ୍ରମଣ' କହି ବୋର୍ଡକୁ କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ବିବାଦ ଘନେଇବା ପରେ ସବ୍‌ଜେକ୍ଟ ଲିଷ୍ଟରୁ କୌଣସି ଭାଷାକୁ ବାଦ୍ ଦିଆଯାଇ ନ ଥିବା ସିବିଏସ୍‌ଇ ପକ୍ଷରୁ ସଫେଇ ଦିଆଯାଇଛି। ପ୍ରକାଶିତ ତାଲିକା କେବଳ ସାଙ୍କେତିକ ଏବଂ ଅନ୍ୟ ଭାଷାଗୁଡ଼ିକ ମଧ୍ୟ ପୂର୍ବଭଳି ବିଷୟ ତାଲିକାରେ ବଳବତ୍ତର ବୋଲି ବୋର୍ଡ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଜଣେ ଓଡ଼ିଆ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥିବା ସତ୍ତ୍ୱେ ଚିଠାରେ ଓଡ଼ିଆ ଭାଷା ନ ରହିବା ହାସ୍ୟାସ୍ପଦ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି। ପଞ୍ଜାବରୁ ପ୍ରବଳ ବିରୋଧ ହେବାରୁ ସିବିଏସ୍‌ଇ ପଞ୍ଜାବୀ, ଓଡ଼ିଆ ସମେତ ଅନ୍ୟ ଭାଷାଗୁଡ଼ିକୁ ହଟାଯାଇ ନ ଥିବା ସମ୍ପର୍କରେ ସ୍ପଷ୍ଟ କରିଥିବା କୁହାଯାଉଛି।**

**ନୂଆଦିଲ୍ଲୀ/ଅମୃତସର,୨୬।୨**

ଆସନ୍ତା ଶିକ୍ଷାବର୍ଷରୁ ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡପରୀକ୍ଷା ବର୍ଷକୁ ୨ ଥର ହେବ। ଫେବୃଆରୀ ୧୭ରୁ ମାର୍ଚ୍ଚ ୬ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ହେବାକୁ ଥିବାବେଳେ ମେ' ମାସ ୫ରୁ ୨୦ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ପିଲା ପରୀକ୍ଷା ଦେବେ। ନୂଆ ନୀତି ଅନୁସାରେ ପରୀକ୍ଷାର୍ଥୀଙ୍କୁ ଉଭୟ ପର୍ଯ୍ୟାୟ ପରୀକ୍ଷା ଦେବାକୁ ମଧ୍ୟ ସୁଯୋଗ ମିଳିବ। କେବଳ ଏତିକି ନୁହେଁ, ଯେଉଁ ଛାତ୍ରୀ କିମ୍ବା ଛାତ୍ର ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଆଣିଥିବା ମାର୍କକୁ ନେଇ ସନ୍ତୁଷ୍ଟ ଥିବେ ସେ ଚାହିଁଲେ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ସବ୍‌ଜେକ୍ଟକୁ ବାଦ୍ ଦେଇ ଅନ୍ୟ ବିଷୟଗୁଡ଼ିକ ଉପରେ ପରୀକ୍ଷା ଦେଇପାରିବେ। ଏପରି କି ଜଣେ ପିଲା ପ୍ରଥମ ପର୍ଯ୍ୟାୟରେ କୌଣସି ବିଷୟକୁ ବାଦ୍ ଦେଇ ଦ୍ୱିତୀୟ ପର୍ଯ୍ୟାୟରେ ସେହି ବିଷୟରେ ପରୀକ୍ଷା ଦେଇପାରିବେ। ଉକ୍ତ ବ୍ୟବସ୍ଥାରେ କିନ୍ତୁ ଆଗ ଭଳି ଆଉ ସପ୍ଲିମେଣ୍ଟାରି ପରୀକ୍ଷା କରାଯିବ ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ସପ୍ଲିମେଣ୍ଟାରିର ବିକଳ୍ପ ରୂପେ ବିବେଚିତ ହେବ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ସୁପାରିସ ଅନୁସାରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ବୋର୍ଡ ଏଭଳି ନୀତି ଆପଣାଇଥିବା କହୁଥିବାବେଳେ ଏହାର ବିଷୟ ତାଲିକାକୁ ବିବାଦ ଘେରରେ ଛନ୍ଦି ହୋଇଯାଇଛି। ବିଷୟ ତାଲିକା ପ୍ରକାଶ ପାଇବା ପରେ ପଞ୍ଜାବ ଶିକ୍ଷାମନ୍ତ୍ରୀ ହରଜୋତ୍ ସିଂ ବେନ୍ସ ଅଭିଯୋଗ ଆଣିଛନ୍ତି ଯେ, ନୂଆ ନୀତିରେ ପଞ୍ଜାବୀ ଭାଷାକୁ ହଟାଇ ଦେବା ପାଇଁ ଉଦ୍ୟମ ହୋଇଛି। ଭାଷା ଉପରେ ଏପରି ଆକ୍ରମଣକୁ ପଞ୍ଜାବ ସରକାର ବରଦାସ୍ତ କରିବେ ନାହିଁ। ସିବିଏସ୍‌ଇର ନୂଆ ପରୀକ୍ଷା ଢାଞ୍ଚାକୁ ଆମେ ଦୃଢ଼ ଭାବେ ବିରୋଧ କରୁଛୁ। ପଞ୍ଜାବୀକୁ ଏଥିରେ ପଞ୍ଜାବର 'ମୁଖ୍ୟ ଭାଷା' ଭାବେ ସ୍ଥାନିତ କରାଯିବା ଜରୁରୀ। ସେହିପରି ଅନେକ ରାଜ୍ୟରେ ପଞ୍ଜାବୀ ବ୍ୟବହାର କରାଯାଉଥିବାରୁ ଏହାକୁ ଦେଶର ଅନ୍ୟ ଭାଗ ପାଇଁ ଏକ 'ଆଞ୍ଚଳିକ ଭାଷା' ରୂପେ ଅନ୍ତର୍ଭୁକ୍ତ କରାଯାଉ ବୋଲି ବେନ୍ସ ଦାବି କରିଛନ୍ତି। ଏହାର ଭିଡିଓକୁ ସେ ନିଜ 'ଏକ୍ସ' ଆକାଉଣ୍ଟରେ ଶେୟାର କରିଛନ୍ତି। କେବଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ନୁହନ୍ତି, ଦଳମତ ନିର୍ବିଶେଷରେ ପଞ୍ଜାବରେ ଏହାକୁ ବିରୋଧ କରାଯାଇଛି। ଅକାଳୀ ଦଳ ନେତା ପରମବଂଶ ରୋମାନା ଏନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରୋମାନା କହିଛନ୍ତି, ନୂଆ ପାଠ୍ୟକ୍ରମରୁ ପଞ୍ଜାବୀ ଭାଷାକୁ ଲିଭାଇଦେବା ପାଇଁ ଷଡ଼ଯନ୍ତ୍ର ହୋଇଛି। ଭାଜପା ନେତାମାନେ ଏହି ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ନେତାମାନଙ୍କ ଉଦ୍ଦେଶ୍ୟରେ ସେ ଆହୁରି କହିଛନ୍ତି, ଆପଣମାନେ ନିଜ ମାତୃଭାଷା ପାଇଁ ଲଢ଼େଇ କରିପାରୁନାହାନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କିପରି ଏନ୍‌ଇପି ବିରୋଧରେ ଲଢୁଛନ୍ତି ତାହା ଆପଣମାନେ ଦେଖନ୍ତୁ ବୋଲି ରୋମାନା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସିବିଏସ୍‌ଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବିଷୟ ତାଲିକାରେ ରାଇ, ଉରୁଙ୍ଗ୍, ତମାଙ୍ଗ୍, ଶେର୍ପା, ସଂସ୍କୃତ, ଉର୍ଦ୍ଦୁ, ମରାଠୀ, ଗୁଜରାଟୀ, ମଣିପୁରୀ, ତିବ୍ବତୀୟ, ଭୁଟି, ତେଲୁଗୁମ୍ ବୋଡୋ, ତଙ୍ଗ୍‌ଖୁଲ, ଭୁଟିଆ, କଶ୍ମୀରୀ, ମିଜୋ ଓ ଥାଇ ଭାଷାକୁ ସ୍ଥାନିତ କରାଯାଇଛି। କିନ୍ତୁ ଓଡ଼ିଆ, ପଞ୍ଜାବୀ ସମେତ ଆଉ କେତେକ ଭାଷାକୁ ତାଲିକାର ଅଷ୍ଟମ ସ୍ତମ୍ଭରେ ରଖାଯାଇ ନାହିଁ। ତେଣୁ ଏହି ପ୍ରସଙ୍ଗରେ ☞ପୃଷ୍ଠା-୪

## ଆରଡି ପୀଠର ଉନ୍ନତି ପାଇଁ ୧୦ କୋଟି

### ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

**ଭଦ୍ରକ, ୨୬।୨(ସନାତନ ରାଉତ)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ଉନ୍ନତି ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭଦ୍ରକ ଗସ୍ତ ଅବସରରେ ଘୋଷଣା କରିଛନ୍ତି। ବୁଧବାର ପୂର୍ବାହ୍ନ ୧୦ଟାରେ ଉପମୁଖ୍ୟମନ୍ତ୍ରୀ ପରିଡା ଆରଡିରେ ପହଞ୍ଚି ଆଖଣ୍ଡଳମଣି ବାବାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ତାଙ୍କ ସହ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଓ ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖିବା ସହ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡା ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ ମନ୍ଦିର ଯାଇ ମା' ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୀଠର ଉନ୍ନତି ଓ ଭିତ୍ତିଭୂମିର ବିକାଶ ପାଇଁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ**

କେଉଁମାନେ ପ୍ରକୃତ ଆର୍ଯ୍ୟ

## ବିଚାରାଧୀନ ବନ୍ଦୀଙ୍କୁ ହତ୍ୟା ଅଭିଯୋଗ

### ନ୍ୟାୟ ଦାବିରେ ୭ ଘଣ୍ଟା ଧରି ରାସ୍ତାରୋକୋ

**ଆଠଗଡ଼/ତିଗିରିଆ,୨୬।୨ (ସତ୍ୟ ପ୍ରସାଦ ରଥ/ଜାଫର ଖାଁ)**

କଟକ ଜିଲା ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ରାଣୀବଣିଆ ଆଦର୍ଶ କାରାଗାରରେ ବିଚାରାଧୀନ ବନ୍ଦୀ ତଥା ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗ୍ରାମର କୁନା ମହମ୍ମଦ ତୟବ(୩୮)ଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ତୟବଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରିନାହାନ୍ତି। ପୁଅକୁ ଖାଦ୍ୟରେ ବିଷ ମିଶାଇ ଦିଆଯାଇଛି ବୋଲି ମୃତକଙ୍କ ମା' ଅଭିଯୋଗ କରିଛନ୍ତି। ବୁଧବାର ସକାଳେ ପୋଲିସ ଓ ପ୍ରଶାସନ ପହଞ୍ଚିବା ବିଳମ୍ବ ହେବାରୁ ସମ୍ପର୍କୀୟମାନେ ପ୍ରଥମେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ନ୍ୟାୟ ପ୍ରଦାନ ଲାଗି ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପରିବାର ଲୋକ ଛାଡ଼ିଥିଲେ। ମୃତଦେହ ସଂସ୍କାର ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ଅପରପକ୍ଷରେ ମୃତକଙ୍କ ସମ୍ପର୍କୀୟ ନ୍ୟାୟ ଦାବିରେ ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଛକରେ ରାଜ୍ୟ ରାଜପଥ ୬୫କୁ ସକାଳ ୮ଟାରୁ ଟାୟାର ଜାଳି ଅପରାହ୍ନ ୩ଟା ୪୫ ପର୍ଯ୍ୟନ୍ତ ସ୍ଥାନୀୟ ଲୋକ ଅବରୋଧ କରିଥିଲେ। ଫଳରେ ବହୁ ସମୟ ଧରି ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ କଟକ ଗ୍ରାମାଞ୍ଚଳ ଆଡିଶନାଲ ଏସ୍‌ପି ଦେବଦତ୍ତ ବରାଳ, ଆଠଗଡ଼ ଏସ୍‌ଡିପିଓ ନିରଞ୍ଜନ ଶବର, ବଡମ୍ବା ଆଇଆଇସି ଅନିରୁଦ୍ଧ ମୁଦୁଲି, କଟକ ପୋଲିସ ମୁଖ୍ୟାଳୟରୁ ଆସିଥିବା ଆଇଆଇସି ଜ୍ଞାନ ରଞ୍ଜନ ସାମଲ ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ କଟକ ଆଡିଶନାଲ ଏସ୍‌ପି ବରାଳ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କ ସହ ସ୍ଥାନୀୟ ନେତୃବୃନ୍ଦଙ୍କ କଥା କରାଇଥିଲେ। ତିଗିରିଆ ଆଇଆଇସି ସମରେନ୍ଦ୍ର ପାଇକରାୟ, ଏଏସ୍‌ଆଇ ଈପ୍ସିତା ପ୍ରିୟଦର୍ଶିନୀଙ୍କ ବଦଳି ପ୍ରତିଶ୍ରୁତି ଗ୍ରାମାଞ୍ଚଳ ଏସ୍‌ପି ସିଂ ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସନ୍ଧ୍ୟାରେ ପଙ୍କଳ ଗାଁ କବରସ୍ଥାନଠାରେ ଶୋକାକୁଳ ପରିବେଶରେ ତୟବଙ୍କୁ କବର ଦିଆଯାଇଛି।

ସୂଚନାଯୋଗ୍ୟ, ଏକ ଗଞ୍ଜେଇ କାରବାର ମାମଲାରେ ଗତ ଡିସେମ୍ବର ୧୮ ତାରିଖରେ ତୟବ ତିଗିରିଆ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ତିଗିରିଆ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ କେସ୍ ନଂ. ୨୯୯/୨୪ରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେବେଠାରୁ ଖୁଣ୍ଟୁଣୀ ଥାନା ରାଣୀବଣିଆ ଆଦର୍ଶ କାରାଗାରରେ ସେ ☞ପୃଷ୍ଠା-୪

## କୁଜଙ୍ଗ ଆଇଆଇସି ଗିରଫ

### ମହିଳା ଗୃହରକ୍ଷୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା

**ଜଗତ୍‌ସିଂହପୁର, ୨୬।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନାର ପୂର୍ବତନ ଅତିରିକ୍ତ ଆଇଆଇସି ତଥା କୁଜଙ୍ଗ ଆଇଆଇସି ତପନ ନାହାକଙ୍କ ନାମରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ଗୃହରକ୍ଷୀ (ହୋମଗାର୍ଡ)। ଆଇଆଇସି ନାହାକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା ଏବଂ ସେ କୁଆଡେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପ୍ରତାରିତ କରିଥିବା ଏହି ମହିଳା ଗୃହରକ୍ଷୀ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗ୍ରହଣକରି ଜଗତ୍‌ସିଂହପୁର ପୋଲିସ ନଂ. ୧୧୭/୨୫ରେ ମାମଲା ରୁଜୁ ସହ ତଦନ୍ତ କରିଥିଲା। ୨୫ ତାରିଖରେ ମହିଳା ଗୃହରକ୍ଷୀଙ୍କ ଡାକ୍ତରମାଇନା ପାଇଁ ନିଆଯାଇଥିଲେ ସୁଦ୍ଧା ସେ ମନା କରି ଦେଇଥିଲେ। ବୁଧବାର ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ତାଙ୍କର ବୟାନ ରେକର୍ଡ କରାଯାଇଥିବା ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି। ବିଚାରପତିଙ୍କ ଆଗରେ ମହିଳା ଗୃହରକ୍ଷୀ ଦେଇଥିବା ବୟାନକୁ ଆଧାର କରି ଆଇଆଇସି ନାହାକଙ୍କୁ ଗିରଫ କରାଯାଇଛି। ଏହାପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ନାହାକଙ୍କୁ ନିଲମ୍ବନ କରିଥିବା ଏସ୍‌ପି ଉଦ୍‌ଗାତା କହିଛନ୍ତି।



ତପନ ନାହାକ

## କୋର୍ଟ ମାମଲା: ୧୦ ବର୍ଷରେ କେନ୍ଦ୍ରର ୪୦୦ କୋଟି ଖର୍ଚ୍ଚ

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ କୋର୍ଟ ମାମଲାକୁ ଲଢ଼ିବା ପାଇଁ କେନ୍ଦ୍ର ସରକାର ୪୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ଅଫିସିଆଲ ଡେଟା ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ବିଭିନ୍ନ କୋର୍ଟ ମାମଲା ପାଇଁ କେନ୍ଦ୍ର ସରକାର ୪୦୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଆର୍ଥିକ ବର୍ଷ ୨୦୧୪-୧୫ଠାରୁ କୋର୍ଟ ମାମଲା ପାଇଁ ଖର୍ଚ୍ଚ ହେଉଥିବା ରାଶିରେ ଲଗାତର ଭାବେ ବୃଦ୍ଧି ଘଟୁଛି। ତେବେ କେବଳ କୋଭିଡ୍ ମହାମାରୀ ସମୟରେ ୨ଟି ଆର୍ଥିକ ବର୍ଷକୁ ଛାଡ଼ିକରି ଅନ୍ୟ ସମସ୍ତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କୋର୍ଟ ମାମଲା ପାଇଁ ଖର୍ଚ୍ଚ ହେଉଥିବା ରାଶିରେ ବୃଦ୍ଧି ଘଟିଥିବା ଏହି ଡେଟା ସ୍ପଷ୍ଟ କରିଛି। ଆର୍ଥିକ ବର୍ଷ ୨୦୧୪-୧୫ରେ କେନ୍ଦ୍ର ସରକାର ବିଭିନ୍ନ କୋର୍ଟ ମାମଲା ପାଇଁ ୨୬.୬୪ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୦୧୫-୧୬ରେ ଏହା ବଢ଼ି ୩୭.୪୩ କୋଟି ହୋଇଯାଇଥିଲା। ସେହିପରି ବିଭିନ୍ନ କୋର୍ଟ ମାମଲା ପାଇଁ କେନ୍ଦ୍ର ସରକାର ଆର୍ଥିକ ବର୍ଷ ୨୦୨୨-୨୩ ଏବଂ ୨୦୨୩-୨୪ରେ ଯଥାକ୍ରମେ ୫୭ କୋଟି ଏବଂ ୬୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## କନ୍ୟାଙ୍କ ବାନ୍ଧବୀଙ୍କୁ ମାଳ, ଚାପୁଡ଼ା ଖାଇ ବର ଶିଶୁପାଳ

**ବରେଲି,୨୬।୨**

ବାହା ହେବାକୁ ଯାଇଥିଲେ। କିନ୍ତୁ ବିବାହ ବେଳେ କନ୍ୟାଙ୍କ ପରିବର୍ତ୍ତେ ତାଙ୍କ ସବୁଠୁ ଭଲ ବାନ୍ଧବୀଙ୍କୁ ମାଳ ପିନ୍ଧାଇଦେଲେ। ନିଶାସକ୍ତ ବରଙ୍କ ଏଭଳି କାର୍ଯ୍ୟରେ କ୍ଷୁବ୍ଧ ହୋଇ କନ୍ୟା ତାଙ୍କୁ ଚାପୁଡ଼ା ମାରିଲେ। ଏତିକି ନୁହେଁ, ଏଭଳି ମଦ୍ୟପ ପୁଅକୁ ବିବାହ କରିବି ନାହିଁ ବୋଲି କନ୍ୟା ରୋକ୍‌ଠୋକ୍ ଶୁଣାଇଦେଲେ। ଶେଷ ମୁହୂର୍ତ୍ତରେ ବାହାଘର ଭାଙ୍ଗିଯିବା ପରେ ବର ଶିଶୁପାଳ ହୋଇ ନିଜ ଘରକୁ ଫେରିବାକୁ ବାଧ୍ୟ ହେଲେ। ଉତ୍ତର ପ୍ରଦେଶର ବରେଲିରେ ଘଟିଛି ଏହି ନାଟକୀୟ ଘଟଣା। ରବୀନ୍ଦ୍ର କୁମାର(୨୬) ବରେଲିର ରାଧାଦେବୀ(୨୧)ଙ୍କୁ ବିବାହ କରିବା ପାଇଁ ବରଯାତ୍ରୀଙ୍କ ସହ ଯାଇଥିଲେ। ବରଯାତ୍ରୀ ଶୋଭାଯାତ୍ରା ଲମ୍ବି ଚାଲିଥିଲା। ଏଥିଯୋଗୁ ବିବାହ ବେଦୀରେ ପହଞ୍ଚିବା ବେଳକୁ ଡେରି ହୋଇଗଲା। ଏତିକି ନୁହେଁ, ବରପକ୍ଷ କନ୍ୟାପକ୍ଷଙ୍କୁ ପୂର୍ବ ନିର୍ଦ୍ଧାରିତ ଯୌତୁକଠାରୁ ଅଧିକ ମାଗିଥିଲେ। ଝିଅଙ୍କ ବାପା ପୂର୍ବରୁ ୨.୫ ଲକ୍ଷ ଟଙ୍କା ଦେଇସାରିଥିବାବେଳେ ଆଉ ୨ ଲକ୍ଷ ଟଙ୍କାର ଦାବି ପୂରଣ କରିବାକୁ ରାଜି ହୋଇ ନ ଥିଲେ ବୋଲି ଥାନାରେ କନ୍ୟାପକ୍ଷ ଏତଲା ଦେଇଛନ୍ତି। ରବୀନ୍ଦ୍ର କୁଆଡ଼େ ନିଜ ପସନ୍ଦର ଅନ୍ୟ ଜଣେ ଝିଅଙ୍କୁ ବିବାହ କରିବାକୁ ଚାହୁଁଥିଲେ। ଏଥିଯୋଗୁ ସେ ନିଜ ବିବାହ ବେଳେ ଅତ୍ୟଧିକ ମଦ ପିଇଦେଇଥିଲେ। ରବୀନ୍ଦ୍ର ନିଶାସକ୍ତ ଅବସ୍ଥାରେ କନ୍ୟା ରାଧାଦେବୀଙ୍କୁ ବରମାଳା ନ ପିନ୍ଧାଇ ତାଙ୍କ ନିକଟରେ ଥିବା କନ୍ୟାଙ୍କ ବେଷ୍ଟ ଫ୍ରେଣ୍ଡଙ୍କୁ ପିନ୍ଧାଇଦେଇଥିଲେ। କେବଳ ଏତିକି ନୁହେଁ, ସେ କନ୍ୟା ଘର ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଥିଲେ। ତାଙ୍କର ଏପରି ଆଚରଣ ଦେଖି ରାଧାଦେବୀ ବିବାହ କରିବାକୁ ମନା କରିଦେଲେ। ରାଧାଦେବୀ ବିବାହ ମଣ୍ଡପରୁ ଉଠି ଚାଲିଯାଇଥିଲେ। ଫଳରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା। ଚେୟାର ଓ ଅନ୍ୟ ସାମଗ୍ରୀଗୁଡ଼ିକ ଫିଙ୍ଗାଫିଙ୍ଗି ହେଲା। ପୋଲିସ ସେଠାରେ ପହଞ୍ଚି ବରପକ୍ଷଙ୍କୁ ଫେରାଇଦେଲା। ରବୀନ୍ଦ୍ର ଓ ତାଙ୍କର କେତେଜଣ ବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇଛି। ରବୀନ୍ଦ୍ରଙ୍କ ସାଙ୍ଗମାନେ ବେଆଇନ ଭାବେ ବିକ୍ରି ହେଉଥିବା ମଦ ଆଣି ତାଙ୍କୁ ପିଆଇଦେଇଥିବା କୁହାଯାଉଛି। ଇତିମଧ୍ୟରେ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି।



ରବୀନ୍ଦ୍ର କୁମାର


SIKSHA 'O' ANUSANDHAN

SAAT-2025

Empowering students for a brighter future

M.TECH PROGRAMMES OFFERED
- Structural Engineering
- Electric Vehicle Technology
- Machine Design and Robotics
- Embedded System and VLSI Design
- Computer Science and Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

A monthly stipend will be provided to M.Tech students for a maximum period of two academic years

To apply for admission through SAAT, Please visit: www.soa.ac.in

## ସଂକ୍ଷେପରେ

### ବର୍ଷା, କୁଆପଥର ମାଡ଼ରେ ୨୯ ମୃତ

କାବୁଲ, ୨୬।୨

ଆଫଗାନିସ୍ତାନର ୨ଟି ରାଜ୍ୟରେ ବର୍ଷା ଓ କୁଆପଥର ମାଡ଼ ଯୋଗୁ ମଙ୍ଗଳବାର ୨୯ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମ ଆଫଗାନିସ୍ତାନର ଫରାହ ରାଜ୍ୟରେ କୁଆପଥର ବୃଷ୍ଟିହେବାରୁ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଥିବା ନେଇ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ମହମ୍ମଦ ଇସ୍ରାଏଲ ସାୟର ସୂଚନା ଦେଇଛନ୍ତି। ୨ଟି ପରିବାରର ଲୋକେ ବଣଭୋଜି କରୁଥିବା ବେଳେ ପ୍ରବଳ ବର୍ଷା ଓ କୁଆପଥର ବୃଷ୍ଟି ହୋଇଥିବାରୁ ଏହି ଅଘଟଣ ଘଟିଥିବା ନେଇ ସାୟର କହିଛନ୍ତି। ସେହିପରି ଦକ୍ଷିଣ କାନ୍ଦାହାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ୪ ମହିଳା ଓ ୪ ଶିଶୁ ରହିଛନ୍ତି।

### ୩୫% ସ୍କୁଲରେ ୫୦ରୁ କମ୍ ପିଲା

ନୂଆଦିଲ୍ଲୀ, ୨୬।୨

ଭାରତର ୩୫ ପ୍ରତିଶତ ସ୍କୁଲ୍‌ରେ ୫୦ କିମ୍ବା ତା'ଠାରୁ କମ୍ ଛାତ୍ରୀଛାତ୍ର ରହିଥିବାବେଳେ ଜଣେ କିମ୍ବା ୨ ଜଣ ଶିକ୍ଷକରେ ଶିକ୍ଷାଦାନ କରାଯାଉଛି। ଥିଙ୍କ-ଟ୍ୟାଙ୍କ ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ବିଶ୍ଳେଷଣରୁ ଏହା ଜଣାପଡ଼ିଛି। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଭାରତର ୩୬ ପ୍ରତିଶତ ସରକାରୀ ସ୍କୁଲରେ ୫୦ରୁ କମ୍ ହୋଇଥିବାବେଳେ ୧୦ ପ୍ରତିଶତ ସ୍କୁଲର ପିଲା ସଂଖ୍ୟା ୨୦ରୁ କମ୍ ରହିଛି। ଏହିସବୁ ସ୍କୁଲରେ ଜଣେ କିମ୍ବା ୨ ଜଣ ଶିକ୍ଷକ ରହିଛନ୍ତି। ସେଥିପାଇଁ ଜଣେ ଶିକ୍ଷକଙ୍କୁ ବିଭିନ୍ନ ବିଷୟ ଓ ଭିନ୍ନ ଭିନ୍ନ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇବାକୁ ପଡୁଛି। ଏପରିକି ଏହିସବୁ ବିଷୟ ଉପରେ ତାଙ୍କର ଯଥେଷ୍ଟ ଯୋଗ୍ୟତା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଛି।

# ଆମେରିକା ନାଗରିକତ୍ୱ ୫ ନିୟୁତ ଡଲାର

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧନୀ ଆପ୍ରବାସୀଙ୍କ ପାଇଁ ଏକ ନୂଆ ଯୋଜନା ଆଣିଛନ୍ତି। ତଦନୁସାରେ ଆମେରିକାର ନାଗରିକତ୍ୱ ଚାହୁଁଥିବା ଆପ୍ରବାସୀମାନଙ୍କୁ ୫ ନିୟୁତ ଡଲାର (୪୩.୫ କୋଟି ଟଙ୍କା) ନିବେଶ କରିବାକୁ ପଡ଼ିବ। ଟ୍ରମ୍ପ ନିଜ ପ୍ରଶାସନର ମାଇଗ୍ରେଶନ୍ ପଲିସି ଅଧୀନରେ ଏହି 'ଗୋଲ୍ଡ କାର୍ଡ' କାର୍ଯ୍ୟକ୍ରମର ପ୍ରସ୍ତାବ ଦେଇଛନ୍ତି। ଏହା ଲାଗୁ ହେଲେ ଧନୀ ବ୍ୟକ୍ତିମାନେ ଆମେରିକାର ବ୍ୟବସାୟ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିପୁଳ ଅର୍ଥ ନିବେଶ କରି ସେଠାକାର ସ୍ଥାୟୀ ବାସିନ୍ଦା ଏପରି କି ନାଗରିକତ୍ୱ ହାସଲ କରିପାରିବେ। ତେବେ ଏହି ମହତ୍ତ୍ୱାକାଂକ୍ଷୀ ତଥା ବିବାଦୀୟ ପ୍ରସ୍ତାବକୁ ନେଇ ଆଗକୁ ରାଜନୈତିକ ବିତର୍କ ସୃଷ୍ଟି ହୋଇପାରେ ବୋଲି ମନେକରାଯାଉଛି।**

ୱାଶିଂଟନ/ନୂଆଦିଲ୍ଲୀ, ୨୬।୨

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅମଳରେ କେତେକ ଭୁଲ୍ ଆର୍ଥିକ ନୀତି ଯୋଗୁ ଦେଶର ଅର୍ଥନୀତି ଦୁର୍ବଳ ହୋଇଯାଇଥିବା ୨୦୨୪ ନଭେମ୍ବର ନିର୍ବାଚନ ବେଳେ ରିପବ୍ଲିକାନ୍ ଟ୍ରମ୍ପ ସମାଲୋଚନା କରିଥିଲେ। ଏଥିସହ ନିଜେ ନିର୍ବାଚନ ଜିତିଲେ ବେଆଇନ ଆପ୍ରବାସୀଙ୍କୁ ବିଦା କରିବା ସହ ନୂଆ ଆର୍ଥିକ ସଂସ୍କାର ଆଣିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଟ୍ରମ୍ପ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠୁ ଏଦିଗରେ ଅନେକ ପଦକ୍ଷେପ ନେଇସାରିଲେଣି। ବହୁ ସଂଖ୍ୟକ ଆପ୍ରବାସୀଙ୍କୁ ସେମାନଙ୍କ ଦେଶକୁ ପ୍ରତ୍ୟର୍ପଣ କରାଯାଇଥିବାବେଳେ ଏବେ ଟ୍ରମ୍ପ ଆମେରିକାକୁ ଧନୀ ଇମିଗ୍ରେଣ୍ଟମାନଙ୍କୁ ଆକର୍ଷିତ କରିବା ପାଇଁ

### ଧନୀ ଆପ୍ରବାସୀଙ୍କ ପାଇଁ 'ଟ୍ରମ୍ପ୍ ଗୋଲ୍ଡ କାର୍ଡ'




ଯୋଜନା ଆରମ୍ଭ କରିଛନ୍ତି। ତଦନୁସାରେ ଧନୀ ଆପ୍ରବାସୀମାନେ ଆମେରିକାକୁ ଯାଇ ସେଠାରେ ନିବେଶ କଲେ ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିଳ୍ପ ଜଗତ ସମୃଦ୍ଧ ହେବ ବୋଲି କୁହାଯାଉଛି।

ଆମେରିକା ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସିଟିଜେନ୍‌ସିପ୍ ଆଣ୍ଡ ଇମିଗ୍ରେଶନ୍ ସର୍ଭିସେସ୍ ପକ୍ଷରୁ ୧୯୯୦ରେ ଇବି-୫ ଇମିଗ୍ରାଣ୍ଟ ଇନ୍‌ଭେଷ୍ଟର ପ୍ରୋଗ୍ରାମ୍ ଆରମ୍ଭ କରାଯାଇଥିଲା। ହ୍ୱାଇଟ୍ ହାଉସ୍ ଓଭାଲ ଅଫିସରେ ବୁଧବାର ଖବରଦାତାମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଆମେରିକାରେ ପ୍ରଚଳିତ 'ଇବି-୫' ଇମିଗ୍ରେଶନ୍ ଇନ୍‌ଭେଷ୍ଟର ଭିଜା ପ୍ରୋଗ୍ରାମକୁ ହଟାଇ ଦିଆଯିବ। ଏହି ନିର୍ବୋଧ ଯୋଜନା ପରିବର୍ତ୍ତେ ଏକ ନୂଆ 'ଗୋଲ୍ଡ କାର୍ଡ' ଅଫର ଦିଆଯିବ। ଗୋଲ୍ଡ କାର୍ଡ ବଳରେ ଆମେରିକାରେ ସ୍ଥାୟୀ ବାସିନ୍ଦା ହେବାକୁ ହେଲେ ଧନୀ ଆପ୍ରବାସୀଙ୍କୁ ୫ ନିୟୁତ ଡଲାର ନିବେଶ କରିବାକୁ ପଡ଼ିବ। ଏହା ବଳରେ ଗ୍ରୀନ୍-କାର୍ଡ ରେସିଡେନ୍ସି ଷ୍ଟାଟସ୍ ମିଳିପାରିବ, ଯାହାକି ବିଦେଶୀଙ୍କ ପାଇଁ ଆମେରିକୀୟ ନାଗରିକତ୍ୱ ହାସଲର ବାଟ ଫିଟାଇବ। ଏପରି ୧୦ ଲକ୍ଷ କାର୍ଡ ବିକ୍ରି କରାଯିବ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି। ଏହା ଉପରେ ଆସନ୍ତା ୨ ସପ୍ତାହ ମଧ୍ୟରେ ବିସ୍ତୃତ ବିବରଣୀ ଜାରି କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ରୁଷୀୟମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ କି ବୋଲି ଜଣେ ଖବରଦାତା ପ୍ରଶ୍ନ କରିବାରୁ ସେ କହିଲେ, ରୁଷୀୟ ସମ୍ଭ୍ରାନ୍ତମାନେ ଏଥିରେ ସାମିଲ ହୋଇପାରନ୍ତି। ବାଣିଜ୍ୟ ସଚିବ ହ୍ୱାର୍ଡ ଲୁଟ୍‌ନିକ କହିଛନ୍ତି, 'ଟ୍ରମ୍ପ ଗୋଲ୍ଡ କାର୍ଡ' ୨ ସପ୍ତାହ ମଧ୍ୟରେ ଆସିବ। ପ୍ରକୃତରେ ଏହା ଏକ ଗୋଲ୍ଡ କାର୍ଡ ବା ସ୍ଥାୟୀ ଆଇନଗତ ବାସିନ୍ଦା ଅଧିକାର। ଅନ୍ୟପକ୍ଷେ ଭାରତ ସମେତ ଅନ୍ୟ ଦେଶର ଆଇଟି ପ୍ରଫେଶନାଲମାନେ ଟ୍ରମ୍ପଙ୍କ ନୂଆ ଯୋଜନା ଯୋଗୁ ସର୍ବାଧିକ ପ୍ରଭାବିତ ହେବେ ବୋଲି ମନେକରାଯାଉଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

# କେଜ୍‌ରିୱାଲ ରାଜ୍ୟ ସଭା ଯିବା ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୨୬।୨ (ପି.ଟି.)

### ଖଣ୍ଡନ କଲା ଆପ୍



ଅରବିନ୍ଦ କେଜରିୱାଲ

ପଞ୍ଜାବର ଲୁଧିଆନା ପଶ୍ଚିମ ବିଧାନସଭା ଉପନିର୍ବାଚନ ପାଇଁ ଆମ ଆଦ୍‌ମୀ ପାର୍ଟି(ଆପ୍) ବୁଧବାର ଦଳୀୟ ରାଜ୍ୟ ସଭା ସଦସ୍ୟ ସଞ୍ଜୀବ ଅରୋରାଙ୍କୁ ପ୍ରାର୍ଥୀ କରାଯାଇଛି। ଫଳରେ ସଞ୍ଜୀବଙ୍କ ସ୍ଥାନରେ ଆପ୍ ଦଳର ଜାତୀୟ ମୁଖପାତ୍ର ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ରାଜ୍ୟ ସଭା ପଠାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କେଜରିୱାଲ ରାଜ୍ୟ ସଭାକୁ ଯିବା ନେଇ ପ୍ରକାଶ ପାଇଥିବା କଳ୍ପନାଜଳ୍ପନାକୁ ଆପ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଆପ୍ ମୁଖପାତ୍ର ପ୍ରିୟଙ୍କା କକ୍କଡ଼ କହିଛନ୍ତି, କେଜ୍‌ରିୱାଲ ରାଜ୍ୟ ସଭାକୁ ଯିବେ କିମ୍ବା ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ ଏନେଇ କିଛି ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି, ଯାହା ଗୁଜବ ଛଡ଼ା ଆଉ କିଛି ନୁହେଁ। ଲୁଧିଆନା ପଶ୍ଚିମ ବିଧାନସଭା ଆସନରେ ସଞ୍ଜୀବଙ୍କର ଲୋକପ୍ରିୟତା ଥିବାରୁ ଦଳ ତାଙ୍କୁ ବିଧାନ ସଭା ନିର୍ବାଚନ ଲଢ଼ାଇବାକୁ ନିଷ୍ପତ୍ତି ନେଇଥିବା ପ୍ରିୟଙ୍କା କହିଛନ୍ତି। କେଜ୍‌ରିୱାଲ ରାଜ୍ୟ ସଭା ସଦସ୍ୟ ହେବା ପାଇଁ ଲାଳାୟିତ ଥିବା କହି ବିରୋଧୀ ତାଙ୍କୁ ନେଇ ବିଭିନ୍ନ ଭ୍ରମାତ୍ମକ ତଥ୍ୟ ପ୍ରଚାର କରୁଛନ୍ତି ବୋଲି ପ୍ରିୟଙ୍କା ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ଲୁଧିଆନା ପଶ୍ଚିମର ବିଧାୟକ ଗୁରପ୍ରୀତ ବସ୍ସି ଗୋଗୀଙ୍କର ଗତମାସରେ ମୃତ୍ୟୁହେବା ପରେ ଏହି ଆସନ ଖାଲିପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ନିର୍ବାଚନ ଆୟୋଗ (ଇସି)ଙ୍କ ପକ୍ଷରୁ ଏହି ଉପନିର୍ବାଚନର ତାରିଖ ଘୋଷଣା କରାଯାଇନାହିଁ।

# ୧୮ କୋଟିର ଋଣଛାଡ଼ ଅଭିଯୋଗକୁ ପ୍ରୀତି ଜିଣ୍ଟାଙ୍କ ଖଣ୍ଡନ

ନୂଆଦିଲ୍ଲୀ, ୨୬।୨

ଅଭିନେତ୍ରୀ ପ୍ରୀତି ଜିଣ୍ଟା ଏବଂ କଂଗ୍ରେସର କେରଳ ୟୁନିଟ୍ ମଧ୍ୟରେ ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିଲା। ପ୍ରୀତି ଭାଜପାକୁ ତାଙ୍କ ସୋସିଆଲ ମିଡିଆ ଆଇଡି ଚଳାଇବା ପାଇଁ ଦେଇଛନ୍ତି ଏବଂ ଏହା ବଦଳରେ ନ୍ୟୁ ଇଣ୍ଡିଆ କୋଅପ୍‌ରେଟିଭ ବ୍ୟାଙ୍କ ପକ୍ଷରୁ ତାଙ୍କର ୧୮ କୋଟି ଟଙ୍କାର ଋଣ ଛାଡ଼ କରାଯାଇଛି ବୋଲି ସୋମବାର କେରଳ କଂଗ୍ରେସର ଅଫିସିଆଲ ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ କରାଯାଇଥିଲା। ଆର୍ଥିକ ଅନିୟମିତତା ଦର୍ଶାଇ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନ୍ୟୁ ଇଣ୍ଡିଆ କୋଅପ୍‌ରେଟିଭ ବ୍ୟାଙ୍କର ବୋର୍ଡକୁ ଭଙ୍ଗ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ବ୍ୟାଙ୍କର ଜମାକାରୀମାନେ ସେମାନଙ୍କ ଝାଳବୁହା ଧନ ଫେରିପାଇବାକୁ ରାସ୍ତାରେ ପଡ଼ି ରହିଥିବା ବେଳେ ପ୍ରୀତି ଚତୁରତାର ସହ ନିଜ ୧୮ କୋଟିର ଋଣ ଛାଡ଼ କରାଇ ଦେଇଛନ୍ତି। ତେବେ ମଙ୍ଗଳବାର ପ୍ରୀତି ଏକ୍ସ'ରେ ଏକ ପାଲଟା ପୋଷ୍ଟକରି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପ୍ରୀତି ଲେଖିଛନ୍ତି, ସେ ଆଉ କାହାରିକୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଚଳାଇବାକୁ ଦେଇ ନାହାନ୍ତି। ଯେଉଁ ରାଜନୈତିକ ଦଳଗୁଡ଼ିକ ସୋସିଆଲ ମିଡିଆରେ ତାଙ୍କୁ ନେଇ ମିଥ୍ୟା ଖବର ପ୍ରଚାର କରୁଛନ୍ତି ସେମାନଙ୍କୁ ଲଜ୍ଜା ଆସିବା ଉଚିତ। ତାଙ୍କର କୌଣସି ମଧ୍ୟ ଲୋନ୍ ଛାଡ଼ କରାଯାଇନାହିଁ। ସେ ପୂର୍ବରୁ ଲୋନ୍ ନେଇଥିଲେ, ଯାହାକୁ ୧୦ ବର୍ଷରୁ ଅଧିକ ସମୟ ତଳେ ସେ ପରିଶୋଧ କରିସାରିଛନ୍ତି।



ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗରରେ ଆୟୋଜିତ ହେରିଟେଜ୍ ଫେଷ୍ଟିଭାଲ ୨୦୨୫- 'ସୋନ୍ ମିରାଜ'ରେ ପନିପରିବା ଏବଂ ଫୁଲ ବ୍ୟବସାୟୀମାନେ ଅଂଶଗ୍ରହଣ କରିଛନ୍ତି।

### ଭାଜପାରୁ ଇସ୍ତଫା ଦେଲେ ଅଭିନେତ୍ରୀ ରଞ୍ଜନା ନାଚିୟାର

ଚେନ୍ନାଇ, ୨୬।୨

କେନ୍ଦ୍ର ସରକାରଙ୍କ ୩-ଭାଷା ନୀତିକୁ ବିରୋଧକରି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଞ୍ଜନା ନାଚିୟାର ମଙ୍ଗଳବାର ଭାଜପାରୁ ଇସ୍ତଫା ଦେଇଛନ୍ତି। କେନ୍ଦ୍ରର ଭାଜପା ସରକାର ତାମିଲନାଡୁକୁ ବିଭିନ୍ନ ପ୍ରସଙ୍ଗରେ ଅବହେଳା କରୁଥିବା ନେଇ ସେ ନିଜ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ଜଣେ ତାମିଲ ମହିଳା ହୋଇଥିବାରୁ କେନ୍ଦ୍ର ସରକାରଙ୍କ ୩-ଭାଷା ନୀତିକୁ ସେ କେବେ ମଧ୍ୟ ସ୍ୱୀକାର କରିପାରିବେ ନାହିଁ ବୋଲି ରଞ୍ଜନା କହିଛନ୍ତି।

# ସୁଦାନରେ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ: ୪୬ ମୃତ

ଖାର୍ତ୍ତୁମ, ୨୬।୨

ସୁଦାନର ରାଜଧାନୀ ଖାର୍ତ୍ତୁମ ଉପକଣ୍ଠ ଓମଡୁରମେନ ସହରର ୱାଦି ଶେୟଦେନା ଏୟାରବେସ୍ ନିକଟସ୍ଥ ଏକ ଆବାସିକ ଅଞ୍ଚଳରେ ବୁଧବାର ଦେଶର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯିବାରୁ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସୁଦାନର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଉଭୟ ସେନା କର୍ମଚାରୀ ଓ ସାଧାରଣ ନାଗରିକ ଥିବାନେଇ ଦେଶର ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏହି ଦୁର୍ଘଟଣାରେ କେତେଜଣ ସେନା କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଛି ସେନେଇ ସୂଚନା ମିଳିନାହିଁ। ସୁଦାନ ସେନାର ବରିଷ୍ଠ କମାଣ୍ଡର ମେଜର ଜେନେରାଲ ବାହର ଅହମ୍ମଦଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି ବୋଲି ଖାର୍ତ୍ତୁମସ୍ଥିତ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ସୁଦାନର ସାମରିକ ସୂତ୍ରରୁ ଜଣାପଡ଼ିଛି। ସେହିପରି ଏହି ଦୁର୍ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଖାର୍ତ୍ତୁମସ୍ଥିତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଓମଡୁରମେନସ୍ଥିତ ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ସୁଡାନ ସାମରିକ ବିମାନର ଭଗ୍ନାବଶେଷ।

# ଶେଷହେଲା ମହାକୁମ୍ଭ ମେଳା

ପ୍ରୟାଗରାଜ, ୨୬।୨

### ଅନ୍ତିମ ଦିନ ବୁଡ଼ ପକାଇଲେ ୧.୩୨ କୋଟି ଶ୍ରଦ୍ଧାଳୁ

ଦୀର୍ଘ ୪୫ ଦିନ ପରେ ବୁଧବାର ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଶେଷ ହୋଇଛି। ମହାଶିବରାତ୍ରି ଅବସରରେ କେବଳ ବୁଧବାର ଅପରାହ୍ନ ୪ଟା ସୁଦ୍ଧା ୧.୩୨ କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ଅମୃତ ସ୍ନାନ କରିବା ସହ ବୁଡ଼ ପକାଇଥିବା ନେଇ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦେଢ଼ମାସର ଅବଧି ମଧ୍ୟରେ ଏହି ମହାକୁମ୍ଭ ମେଳାକୁ ଦେଶବିଦେଶରୁ ୬୬.୦୯ କୋଟିରୁ ଅଧିକ ଲୋକ ଆସି ସଙ୍ଗମରେ ବୁଡ଼ ପକାଇଛନ୍ତି। ୧୨ ବର୍ଷରେ ଥରେ ହେଉଥିବା ଏହି ମହାକୁମ୍ଭ ମେଳା ପୌଷ ପୂର୍ଣ୍ଣିମା ଅବସରରେ ଗତ ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିଲା। ମହାକୁମ୍ଭ ମେଳା ସଫଳତାର ସହ ଶେଷ ହୋଇଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି। ମହାକୁମ୍ଭ ମେଳାରେ ବହୁସଂଖ୍ୟାରେ ଯୋଗଦେଇଥିବାରୁ ସାଧୁ, ସନ୍ଥ ଏବଂ ଶ୍ରଦ୍ଧାଳୁମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ, ଏହି ମହାକୁମ୍ଭ ମେଳାକୁ ନେଇ ବିଭିନ୍ନ ବିବାଦ ମଧ୍ୟ ଦେଖାଦେଇଥିଲା। ଗତମାସ ୨୯ରେ ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ଚାଲିଥିବାବେଳେ ସଙ୍ଗମ ତଟରେ ଅତ୍ୟଧିକ ଭିଡ଼ ହୋଇଯିବାରୁ ଦଳାଚକଟା ଘଟି ୩୦ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ରାଜ୍ୟ ସରକାର ମୃତ୍ୟୁସଂଖ୍ୟାକୁ ଲୁଚାଉଥିବା କହି ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସମେତ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଭାଜପା ସରକାରକୁ ଟାର୍ଗେଟ କରିଥିଲେ। ସେହିପରି ଜାନୁଆରୀ ୧୯, ୩୦ ଏବଂ ଫେବୃଆରୀ ୭ ତାରିଖରେ ମହାକୁମ୍ଭ ମେଳାରେ ଅଗ୍ନିକାଣ୍ଡ ଘଟିଥିଲା।



ମହାଶିବରାତ୍ରୀ ଅବସରରେ ଅମୃତ ସ୍ନାନ କରିବା ପାଇଁ ସଙ୍ଗମରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖାଦେଇଛି।

## ଫୁରସତ୍

# ପୋଲିସ ନେଉଛି ମେକ୍‌ଅପ୍ ଟ୍ରେନିଂ



ଟୋକିଓ

ଜାପାନର ଫୁକୁସିମା ରାଜ୍ୟରେ ଅବସ୍ଥିତ ଫୁକୁସିମାକେନ୍ କିସାଟ୍ସୁଗାକୋ ପୋଲିସ ଏକାଡେମୀ ପକ୍ଷରୁ ନିଜର ୬୦ ଜଣ ପୋଲିସ୍ ଅଧିକାରୀଙ୍କୁ ଏକ ମେକ୍‌ଅପ୍ ଟ୍ରେନିଂ କୋର୍ସ ପ୍ରଦାନ କରାଯାଇଛି। ଏଥିପାଇଁ ମେକ୍‌ଅପ୍ ପ୍ରଫେସ୍‌ନାଲମାନଙ୍କୁ ନିଯୁକ୍ତି ଦିଆଯାଇଛି। ଜନସାଧାରଣଙ୍କ ସମ୍ମୁଖରେ ପୋଲିସର ଚେହେରାକୁ ଭଲ ଏବଂ ବିଶ୍ୱସନୀୟ ରଖିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଛି। ଏହି ନିଆରା ଟ୍ରେନିଂ କୋର୍ସ ପାଇଁ ଫୁକୁସିମାକେନ୍ କିସାଟ୍ସୁଗାକୋ ପୋଲିସ ଏକାଡେମୀ ପକ୍ଷରୁ ପ୍ରସିଦ୍ଧ ଜାପାନୀ କସ୍‌ମେଟିକ୍ସ ବ୍ରାଣ୍ଡ 'ଶିସିଡୋ' ସହ ସହଭାଗିତା କରାଯାଇଥିଲା। ଉକ୍ତ କୋର୍ସ ଅନୁଯାୟୀ, ମେକ୍‌ଅପ୍ ପ୍ରଫେସ୍‌ନାଲମାନେ ପୋଲିସ ଏକାଡେମୀକୁ ଆସି ପୋଲିସ ଅଧିକାରୀମାନଙ୍କୁ କେବଳ ମେକ୍‌ଅପ୍ ସମ୍ବନ୍ଧୀୟ ତାଲିମ ଦେଇ ନ ଥିଲେ, ବରଂ ସେମାନଙ୍କୁ ମେକ୍‌ଅପ୍ ସମ୍ବନ୍ଧୀୟ ବିଭିନ୍ନ କୌଶଳ ମଧ୍ୟ ଶିଖାଇଥିଲେ। ଖାସ୍‌କରି କିପରି ଚର୍ମର ଯତ୍ନ ନିଆଯାଇପାରିବ, କିପରି ପ୍ରାଇମରର ପ୍ରୟୋଗ କରାଯିବ ଓ କିପରି ଆଇବ୍ରୋ ପେନ୍‌ସିଲର ବ୍ୟବହାର ହୁଏ, ସେନେଇ ଏହି ଟ୍ରେନିଂରେ ପୋଲିସ ଅଧିକାରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମେକ୍‌ଅପ୍ କୌଶଳ ଯଥା ଆଇ ବ୍ରୋକୁ ଟ୍ରିମ୍ କରିବା, କେଶକୁ ବିଭିନ୍ନ ଷ୍ଟାଇଲରେ ସଜାଇବା ଆଦି ଏହି କୋର୍ସରେ ଶିଖା ଯାଇଥିଲା।

# 'ଦି ଭୂତ୍‌ନି' ଟିଜର ଆଉଟ

ମୁମ୍ବାଇ

ଅଭିନେତା ସଞ୍ଜୟ ଦତ୍ତଙ୍କ ଆଗାମୀ ହରର ଫିଲ୍ମ 'ଦି ଭୂତ୍‌ନି'ର ଟିଜର ବୁଧବାର ରିଲିଜ୍ ହୋଇଛି। ଏହାସହ ଫିଲ୍ମର ରିଲିଜ୍ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି। ସଞ୍ଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି 'ଦି ଭୂତ୍‌ନି'ର ଟିଜରକୁ ଶେୟାର କରିଛନ୍ତି। ଟିଜରର କ୍ୟାପ୍‌ଶନ୍‌ରେ ସଞ୍ଜୟ ଲେଖିଛନ୍ତି, ଆସନ୍ତା ଏପ୍ରିଲ ୧୮ରେ ଗୁଡ୍ ଫ୍ରାଇଡେ ଅବସରରେ 'ଦି ଭୂତ୍‌ନି' ଫିଲ୍ମ ରିଲିଜ ହେବ। ଏହି ଟିଜରରେ ଅଭିନେତ୍ରୀ ମୌନୀ ରଏ ଭୂତୁଣୀ ଭୂମିକାରେ ନଜରକୁ ଆସିଥିବାବେଳେ ସଞ୍ଜୟ ଭୂତୁଣୀ ସହ ଲଢ଼େଇ କରୁଥିବାର ଦେଖିବାକୁ ମିଳିଛି। ଟିଜରରେ ସଞ୍ଜୟଙ୍କର ଲୁକ୍‌କୁ ତାଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। 'ଦି ଭୂତ୍‌ନି'ର ଟିଜରକୁ ଦେଖିବା ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଫିଲ୍ମରେ ସଞ୍ଜୟ ଏବଂ ମୌନୀଙ୍କ ବ୍ୟତୀତ ଅଭିନେତ୍ରୀ ପଲକ ତିୱାରୀ ଏବଂ ଅଭିନେତା ସନ୍ନି ସିଂକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ସଞ୍ଜୟ ଏହି ଫିଲ୍ମର ଅଭିନେତା ହେବା ସହ ନିର୍ମାତା ମଧ୍ୟ ଅଟନ୍ତି। ତାଙ୍କୁ ଆଗାମୀ ଦିନରେ 'ବାଘୀ ୪' ଫିଲ୍ମରେ ଦେଖିବାକୁ ମିଳିବ। ଆସନ୍ତା ସେପ୍ଟେମ୍ବରରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ସଞ୍ଜୟଙ୍କର ଲୁକ୍ ଉପରୁ ପୂର୍ବରୁ ପରଦା ହଟିସାରିଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ସେହିପରି ଆସନ୍ତା ଜୁନ୍ ୬ରେ ରିଲିଜ୍ ହେବାକୁ ଥିବା ମଲ୍ଟିଷ୍ଟାରର ମୁଭି 'ହାଉସଫୁଲ ୫'ରେ ମଧ୍ୟ ସଞ୍ଜୟଙ୍କୁ ଦେଖିବାକୁ ମିଳିବ।



ସଞ୍ଜୟ ଦତ୍ତ

# ବିକାଶର ଲକ୍ଷ୍ୟ ହାସଲ କରିବାରେ ଏନ୍‌ଜିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ବିଶ୍ୱ ଏନ୍‌ଜିଓ ଦିବସ



ବିଶ୍ୱବ୍ୟାପୀ ଅଣ-ସରକାରୀ ସଂଗଠନ (ଏନ୍‌ଜିଓ)ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନିତ କରିବା ଏବଂ ସ୍ୱୀକୃତି ଦେବା ପାଇଁ ପ୍ରତିବର୍ଷ ଫେବୃଆରୀ ୨୭ରେ ବିଶ୍ୱ ଏନ୍‌ଜିଓ ଦିବସ ପାଳନ କରାଯାଏ। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ଏନ୍‌ଜିଓଗୁଡ଼ିକରେ ଅଧିକ ସକ୍ରିୟ ଭାବରେ ସାମିଲ ହେବା ପାଇଁ ପ୍ରେରଣା ଦେବା। ଏହି ଦିନର ଗୁରୁତ୍ୱ ଆମ ସମସ୍ତଙ୍କ ପାଇଁ ବହୁତ ବଢ଼ିଯାଏ।

ବିଶ୍ୱ ଏନଜିଓ ଦିବସ ପ୍ରଥମେ ୨୦୧୦ରେ ବାଲ୍ଟିକ୍ ସି ଏନ୍‌ଜିଓ ଫୋରମ ଦ୍ୱାରା ପ୍ରସ୍ତାବିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ୨୦୧୨ରେ ଫୋରମ ଦ୍ୱାରା ଗୃହୀତ କରାଯାଇଥିଲା। ପ୍ରାରମ୍ଭରେ ଏହି ଦିବସକୁ କେବଳ ଫୋରମର ଅଂଶ ଥିବା ଦେଶଗୁଡ଼ିକ ଯେପରିକି ଡେନ୍‌ମାର୍କ, ଏଷ୍ଟୋନିଆ, ଫିନ୍‌ଲାଣ୍ଡ, ଜର୍ମାନୀ ଏବଂ ଅନ୍ୟାନ୍ୟ ଦେଶରେ ସ୍ୱୀକୃତି ଦିଆଯାଇଥିଲା। ୨୦୧୪ରୁ ଯେତେବେଳେ ଜାତିସଂଘ ଏବଂ ୟୁରୋପୀୟ ସଂଘ ଭଳି ସଂଗଠନର ନେତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ସେତେବେଳେ ଏହି ଦିବସଟି ଅନ୍ୟ ଦେଶରେ ପାଳନ କରାଯିବା ଆରମ୍ଭ ହୋଇଥିଲା।

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ବିଶ୍ୱ ଏନ୍‌ଜିଓ ଦିବସ ପାଳନର ଏକ ଥିମ୍ ରହିଛି। ତାହା ହେଲା ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs) ହାସଲ କରିବାରେ ଏନ୍‌ଜିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାୟୀ ଭବିଷ୍ୟତ ପାଇଁ ତୃଣମୂଳସ୍ତରର ଆନ୍ଦୋଳନଗୁଡ଼ିକୁ ସଶକ୍ତ କରିବା ଆବଶ୍ୟକ।




# ନଦୀ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୨୬।୨
(ସୁଚିସ୍ମିତା ସାହୁ)

ରାଜ୍ୟରେ ଦିନକୁ ଦିନ ନଦୀଗୁଡ଼ିକ ପ୍ରଦୂଷିତ ହେବାରେ ଲାଗିଛି। କେଉଁଠି ସହର ତଥା ଜନବସତିର ନାଳ ଓ ନର୍ଦ୍ଦମା ପାଣି ନଦୀରେ ମିଶୁଛି ତ ଆଉ କେଉଁଠି ଡାକ୍ତରଖାନା ଓ କଳକାରଖାନାଗୁଡ଼ିକର ବର୍ଜ୍ୟବସ୍ତୁ ଓ ବିଷାକ୍ତ ପାଣି ସିଧାସଳଖ ନଦୀକୁ ଛଡ଼ାଯାଉଥିବାରୁ ନଦୀଜଳ ଗୁରୁତର ଭାବେ ପ୍ରଦୂଷିତ ହେଉଛି। ଏହି ପ୍ରଦୂଷିତ ତଥା ବିଷାକ୍ତ ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ପ୍ରଦୂଷିତ ଦୟା ନଦୀ ପାଣି ପିଇ ପୁରୀ ଜିଲା କଣାସ ଓ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ୬ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ତେଣୁ ଦୟା ସମେତ ଓଡ଼ିଶାର ସମସ୍ତ ନଦୀକୁ ପ୍ରଦୂଷଣମୁକ୍ତ କରିବାକୁ ବିଭିନ୍ନ ସଙ୍ଗଠନ ଅଣ୍ଟା ଭିଡ଼ିଛି। ଏନେଇ ମହାନଦୀ ବଞ୍ଚାଓ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, ଚିଲିକା ବଞ୍ଚାଅ ଅଭିଯାନ, ନିର୍ମଳ ଦୟା, ଓଡ଼ିଶା ନଦୀ ସୁରକ୍ଷା ସମିତି, ଓଡ଼ିଶା ପରିବେଶ ସମିତି ଆଦି ସଂଗଠନର ଆବାହକ ମଣ୍ଡଳୀ ପ୍ରତିନିଧି ଦଳ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦୟା, ଗଙ୍ଗୁଆ, ମହାନଦୀ ଓ ଚିଲିକାର ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ଏକ ଦାବି ଓ ନିବେଦନପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

ଆଲୋଚନାବେଳେ ପ୍ରତିନିଧି ମଣ୍ଡଳୀ କହିଥିଲେ, ଭୁବନେଶ୍ୱରର ନର୍ଦ୍ଦମା ପାଣି ଗଙ୍ଗୁଆ ନାଳ ମାଧ୍ୟମରେ ଦୟା ନଦୀକୁ ବିଷାକ୍ତ କରୁଛି। ଦୟା ନଦୀର ପାଣି ଚିଲିକାକୁ ପ୍ରଦୂଷିତ କରୁଛି। ତେଣୁ ଗଙ୍ଗୁଆ ଓ ଦୟାକୁ ପ୍ରଦୂଷଣ ମୁକ୍ତ କରିବା ସହିତ ଦୟା ନଦୀର ଶାଖା ନଦୀଗୁଡ଼ିକୁ ପୁନରୁଦ୍ଧାର, ଜବରଦଖଲ ମୁକ୍ତ, ରାଜ ଦଳ ନିଷ୍କାସନ ଏବଂ ମାଛ ଧରିବା ପାଇଁ ବେଆଇନ ବସା/ଘେରି ଉଚ୍ଛେଦ ବନ୍ଦ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସେହିପରି ଦୟା ଓ ଚିଲିକା ମୁହାଣ ଖନନ, ତ୍ରିବେଣୀ ସଙ୍ଗମର ପୁନଃରୁଦ୍ଧାର, ଦୟା ନଦୀ କୂଳରେ ଥିବା ୨୦୦ରୁ ଊର୍ଦ୍ଧ୍ୱ ଗାଁର ଅଧିବାସୀଙ୍କ ପାଇଁ ବିକଳ୍ପ ପାନୀୟ ଜଳ ବ୍ୟବସ୍ଥା କରିବା, ଗଙ୍ଗୁଆର ପୁନରୁଦ୍ଧାର କରାଯାଇ ନଦୀର ମାନ୍ୟତା ଦେବାକୁ ପ୍ରସ୍ତାବ ରଖିବା ସହ ନଦୀକୁ ବିଷାକ୍ତ ପାଣି ଓ ବର୍ଜ୍ୟବସ୍ତୁ ଛାଡୁଥିବା ସହରାଞ୍ଚଳ ଅନୁଷ୍ଠାନ, ଡାକ୍ତରଖାନା ଓ କଳକାରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେହିପରି ସାଗରମାଳା ପ୍ରକଳ୍ପ ଅଧୀନରେ ଚିଲିକା ଉପରେ ଉପକୂଳ ଜାତୀୟ ରାଜପଥ ନିର୍ମାଣ ହେଲେ ହ୍ରଦର ଜୈବବିବିଧତା ଓ ପର୍ଯ୍ୟାବରଣ ଗୁରୁତର ପ୍ରଭାବିତ ହେବ। ଏଥିପାଇଁ ପରିବେଶବିତଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଜାତୀୟ ରାଜପଥକୁ ଗୋପାଳପୁରରୁ ରମ୍ଭା, ବାଲୁଗାଁ, ଭୂଷଣ୍ଡପୁର ଦେଇ ଜାଗୁଲେଇପଦରରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ନିଆଗଲେ ଲୋକଙ୍କ ଯାତାୟାତ ସମସ୍ୟା ସମାଧାନ ହେବା ସହ ଚିଲିକାର ଜୈବବିବିଧତା ସୁରକ୍ଷିତ ରହିବ ବୋଲି କୁହାଯାଇଛି।


ଆଲୋଚନା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଚିଲିକା ଜୈବବିବିଧତା ରକ୍ଷା ଲାଗି ବିକଳ୍ପ ପ୍ରସ୍ତାବ ଦେଲେ

- ସବୁ ନଦୀକୁ ପ୍ରଦୂଷଣମୁକ୍ତ, ଗଙ୍ଗୁଆକୁ ନଦୀ ମାନ୍ୟତା ଦିଆଯାଉ
- ମହାନଦୀ ଜଳ ବିବାଦ ସମାଧାନକୁ ଗୁରୁତ୍ୱ ଦେବାକୁ ନିବେଦନ

ଅନ୍ୟପକ୍ଷରେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବାକୁ ସେମାନେ ନିବେଦନ କରିଛନ୍ତି। ଏଥିସହ 'ନଦୀ ନୀତି' ପ୍ରଣୟନ କରି ସରକାର ନଦୀଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ 'ନଦୀ ମିଶନ' ମାଧ୍ୟମରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଓଡ଼ିଶାର ପ୍ରତ୍ୟେକଟି ନଦୀର ଜମିକୁ ଚିହ୍ନଟ କରି ଫେରାଇ ଆଣିବା ଆଦି ଉପରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ପ୍ରତିନିଧି ଦଳରେ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଓଡ଼ିଶା ପରିବେଶ ସମିତିର ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ସହ କୃଷ୍ଣଚନ୍ଦ୍ର ଜଗଦ୍ଦେବ, ସଚ୍ଚିକାନ୍ତ ପ୍ରଧାନ, ଅଶୋକ ପ୍ରଧାନ, ବିଜୟ କୁମାର ପ୍ରଧାନ, ପ୍ରସନ୍ନ ବିଷୋଇ, ଆଦିକନ୍ଦ ଶ୍ରୀଚନ୍ଦନ ପ୍ରମୁଖ ସାମିଲ ହୋଇ ଆଲୋଚନା କରିଥିଲେ। ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେମାନେ ଜଣାଇଛନ୍ତି।

# ମହୁମାଛି ଆକ୍ରମଣରେ ମହିଳା ମୃତ, ୫ ଆହତ

ସୁନ୍ଦରଗଡ଼,୨୬।୨
(ଜୟନାରାୟଣ ମେଣ୍ଟୁଳି)

## ଶିବ ମନ୍ଦିର ଯାଉଥିବାବେଳେ ରାସ୍ତାରେ କଲା ଆକ୍ରମଣ

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ତିଲଡେଗା ଗ୍ରାମ ନିକଟରେ ବୁଧବାର ଶିବ ମନ୍ଦିର ଯାଉଥିଲାବେଳେ ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତା ମହିଳା ହେଲେ ନିକଟସ୍ଥ ଗାଇଡେରା ଗ୍ରାମର ଦେବକୀ ରଣା(୬୦)।

ଖବର ଅନୁସାରେ, ତିଲଡେଗା ଗ୍ରାମର କେତେଜଣ ଲୋକ ବୁଧବାର ପୂର୍ବାହ୍ନରେ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ସକାଶେ ଯାଇଥିଲେ। ଏହି ସମୟରେ ମହୁମାଛି ବସାରେ ଆଘାତ ଲାଗିବାରୁ ହଠାତ୍ କାଠ କଟାଳି ହରି ଖଡିଆଙ୍କୁ ମହୁମାଛି ଆକ୍ରମଣ କରିବା ସହ ଏଣେତେଣେ ଘୂରିବୁଲି ଗାଁମୁହାଁ ହୋଇଥିଲେ। ପଲପଲ ମହୁମାଛି ଉଡ଼ି ବୁଲିବାବେଳେ ସେହି ସମୟରେ ଧୁବେନଦାଣ୍ଡ ଶିବ ମନ୍ଦିରକୁ ଦେବକୀ ବାଇକ୍ ଯୋଗେ ଯାଉଥିଲେ। ବାଇକ୍ ଚାଳକଙ୍କୁ ମହୁମାଛି ପଲ ଆକ୍ରମଣ କରିବାରୁ ଚାଳକ ନିୟନ୍ତ୍ରଣ ହରାଇ ଏକ ଗଛମୂଳରେ ପଡ଼ିଯାଇଥିଲେ। ଏହାପରେ ରାସ୍ତାରେ ଯାଉଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରିବାକୁ ଯାଉଥିବାବେଳେ ସମସ୍ତଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଆହତମାନଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନୀୟ ଲୋକେ ନେଇଥିଲେ। ଡାକ୍ତରଖାନାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚାଳକ ଓ କାଠ କଟାଳି ହରିଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା କିଞ୍ଜିରକେଲା ଥାନା ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


ମହୁମାଛି ଆକ୍ରମଣ ପରେ ମହିଳାଙ୍କୁ ଉଦ୍ଧାର କରାଯାଉଛି।

# ଘନ କୁହୁଡ଼ି ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୬।୨
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ପାଗ ଶୁଖିଲା ରହିଥିଲେ ମଧ୍ୟ ତାପମାତ୍ରା ଅଧିକ ରହିଛି। ବୁଧବାର ଦିନ ତାପମାତ୍ରା ବୌଦ୍ଧ ଜିଲାରେ ସର୍ବାଧିକ ୩୬.୮ ଡିଗ୍ରୀ ରହିଥିଲାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୫.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ଦିନ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ। ସେହିଭଳି ଆସନ୍ତା ୨ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଗୁରୁବାର କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଭଦ୍ରକ, ଗଞ୍ଜାମ ଆଦି ଜିଲାରେ ସକାଳୁ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିପାରେ। ତେବେ ଭଦ୍ରକ ଓ ଜଗତ୍‌ସିଂହପୁରର କିଛି ସ୍ଥାନରେ ଏବଂ ଶୁକ୍ରବାର ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ଘନ କୁହୁଡ଼ି ହେବ। ଏନେଇ ଏସବୁ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଦେଇଛି।

# ପୂର୍ବତନ କଂଗ୍ରେସ ନେତ୍ରୀ ପ୍ରଭା ପଟେଲଙ୍କ ପରଲୋକ

କଟକ,୨୬।୨(କାର୍ତ୍ତିକ ସାହୁ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦିକା ତଥା ସାମାଜିକ କର୍ମୀ ପ୍ରଭା ପଟେଲ (୮୪)ଙ୍କର ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଶେଷଶଯ୍ୟା ନିକଟରେ ଜ୍ୱାଇଁ ନିକୁଞ୍ଜ ଭୂତିଆ, ପୁତ୍ର ଦିନେଶ ପଟେଲ, ମନୀଷ ପଟେଲ, ପରେଶ ପଟେଲ, କନ୍ୟା ଇନ୍ଦିରା ପଟେଲ, ପୁତ୍ରବଧୂ ସ୍ମିତା, ମାନସୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପ୍ରଭାଙ୍କ ମରଶରୀରକୁ କଟକ ଶଙ୍କରପୁରସ୍ଥିତ ବିଶ୍ରାମ ନଗର ବାସଭବନକୁ ନିଆଯାଇଥିଲା। ସେଠାରୁ ଜଗତପୁର ଶିଳ୍ପାଞ୍ଚଳ, ରାଜକିଶୋର ହାଇସ୍କୁଲ ଦେଇ ଭୁବନେଶ୍ୱର କଂଗ୍ରେସ ଭବନ ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯିବ ବୋଲି ଜ୍ୱାଇଁ ନିକୁଞ୍ଜ ଜଣାଇଛନ୍ତି। ପ୍ରଭାଙ୍କ ବିୟୋଗରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ରବି ମଲ୍ଲିକ, ବରିଷ୍ଠ କଂଗ୍ରେସନେତା ମହମ୍ମଦ ମୋକିମ, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସର୍ବୋଦୟ ନେତା ଡା. ବିଶ୍ୱଜିତ୍ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଭା ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା, ଏଆଇସିସି ସଦସ୍ୟା ତଥା ଲଘୁଶିଳ୍ପ ଫେଡେରେଶନ୍‌ର ସଭାନେତ୍ରୀ ସମେତ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ।






# କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ପରଲୋକ



ଭୁବନେଶ୍ୱର,୨୬।୨
(ସୌମ୍ୟରଞ୍ଜନ ରାଉତ)

କବି, ସାମ୍ବାଦିକ ତଥା ସମ୍ପାଦକ ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ବୁଧବାର ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ରେଭେନ୍‌ଶା କଲେଜରୁ ଇଂଲିଶ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲେ। ଏହା ପରେ ସେ କଟକରୁ ସେହି ସମୟରେ ପ୍ରକାଶ ପାଉଥିବା ଦୈନିକ ଖବରକାଗଜ 'ନିଉଜ ଅଫ୍ ଦି ୱାର୍ଲ୍ଡ' ଓ କୋଲକାତାରୁ ପ୍ରକାଶ ପାଉଥିବା 'ଅମୃତ ବଜାର ପତ୍ରିକା'ର ସମ୍ପାଦନା ବିଭାଗରେ ବହୁ ବର୍ଷ ଧରି କାର୍ଯ୍ୟ କରିଥିଲେ। ଏଥିସହ ସେ ଓଡ଼ିଶା ସରକାରଙ୍କ 'ଉତ୍କଳ ପ୍ରସଙ୍ଗ'ର ପରିଚାଳନା ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ଓଡ଼ିଆ କବିତାରେ ସନେଟ୍‌ର ଧାରାକୁ ସେ ଏକ ନୂଆ ପରିଚୟ ଦେଇଥିଲେ। ତାଙ୍କ କବିତା ସଂକଳନଗୁଡ଼ିକ ମଧ୍ୟରେ 'ଶବ୍ଦ ସଙ୍ଗମ ଓ ଅନ୍ୟାନ୍ୟ କବିତା' ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥ ହରିହରଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା ୩୦ । ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ଓଡ଼ିଶା ମାନବାଧିକାର ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- କିଟ୍ ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୦୫ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ।

## କଟକ
- କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପୂର୍ବାଞ୍ଚଳ ଆଞ୍ଚଳିକ କୃଷିମେଳା, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ଅନୁଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ୯ ମ ପାଞ୍ଚଗାଁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପାଞ୍ଚଗାଁ ମିନି ଷ୍ଟାଡିୟମ, ପାଞ୍ଚଗାଁ, ସମୟ: ଅପରାହ୍ନ ୩ ଟା ୩୦ ।

## ଖୋର୍ଦ୍ଧା
- ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗି ଖେଳପଡ଼ିଆ, ସମୟ: ସକାଳ ୯ଟା ।

## ବାଲେଶ୍ୱର
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ରେଳ ଷ୍ଟେଶନ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ
- ଦୋବଲ ପଞ୍ଚାୟତ ଗୃହ ଶିଳାନ୍ୟାସ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ,ସ୍ଥାନ: ଦୋବଲ ପଞ୍ଚାୟତ ସୋଧା ଧରମପଡ଼ିଆ,ଧାମନଗର, ସମୟ : ମଧ୍ୟାହ୍ନ ୧୨ଟା ।

## କେନ୍ଦୁଝର
- ୯ମ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ତିରା, ଛେନାପଦି, ସମୟ: ସକାଳ ୬ ଟା ।
- ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ , ନାମ ସଂକୀର୍ତ୍ତନ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୬ ଟା ।

## ମୟୂରଭଞ୍ଜ
- କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା,ସ୍ଥାନ:କରଣଝରଣ, ବୁରୁଡ଼ି, ବିଶୋଇ,ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ମେଳା,ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣଦ୍ରୀ ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ଜାଗର ମେଳା,ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ଜାଗର ମେଳା,ସ୍ଥାନ: ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ. ଝିଙ୍କପଦା, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ।

## ଗଞ୍ଜାମ
- ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଦିବ୍ୟଦର୍ଶନ ଜରାଶ୍ରମ(କତକଲା) ବୁଗୁଡ଼ା, ସମୟ: ସକାଳ ୮ ଟା ।
- ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ଆସିକା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପାତ୍ରପୁର ବ୍ଲକ କାର୍ଯାଳୟ,ସମୟ: ପୂର୍ବାହ୍ନ ୧୦ଟା ।

## କନ୍ଧମାଳ
- ପୁଞ୍ଜି ବିନିଯୋଗ ପାଇଁ ୨ ଦିନିଆ କର୍ମଶାଳା, ସ୍ଥାନ: ଇକୋ ରିଟ୍ରିଟ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୧ ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ, ସ୍ଥାନ: ରାମେଶ୍ୱର ମନ୍ଦିର ପଡ଼ିଆ ନୂଆଗାଁ ( କନ୍ଧମାଳ), ସମୟ: ଅପରାହ୍ନ ୪ ଟା ।

## ଢେଙ୍କାନାଳ
ବନ୍ୟପ୍ରାଣୀ ରିପୋର୍ଟିଂ ଶୀର୍ଷକ କର୍ମଶାଳା, ସ୍ଥାନ: ଆଇଆଇଏମ୍‌ସି, ଢେ଼ଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ: ସକାଳ ୬ଟା ।

## ଯାଜପୁର
- ମା' ପାର୍ବତୀ ଓ ମା' ତାରିଣୀଙ୍କ ବାର୍ଷିକ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ନଣ୍ଡାମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା ।
- ଚିନ୍ମୟ ଚେତନାର ସାରସ୍ୱତ ସମାବେଶ, ସ୍ଥାନ: ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନୀଳକଣ୍ଠପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୨୦ତମ ଦିବସ, ସ୍ଥାନ:କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର କନ୍ଦମିରିଗି, ସମୟ: ପୂର୍ବାହ୍ନ ୧୧ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚ–କଟକ ଯୁଗଜ୍ୟୋତି ବନାମ ଅନୁଗୋଳର ପତାକା ଫୁଟବଲ ଟିମ୍ , ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦ ।
- ନୀଳକଣ୍ଠେଶ୍ୱର ଶୈବ ପୀଠରେ ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୪ଟା ।
- ମହିଷାସୁଣୀ ପୀଠରେ ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ଅପରାହ୍ନ ୪ଟା ।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା ।
- ଗାଇଡାଙ୍ଗ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ:ନୟାଗଡ ବାରମାସୀ ଲେନ କଲ୍ୟାଣୀ ମଣ୍ଡପ, ସମୟ: ଅପରାହ୍ନ ୫ଟା ।

## ରାୟଗଡ଼ା
- ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କର୍ମବିଧି ଆରମ୍ଭ, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ସକାଳ ୭ ଟା ।
- ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ, ସ୍ଥାନ: ଗୁଡାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା ।

## ନବରଙ୍ଗପୁର
- ନୀଳକଣ୍ଠେଶ୍ୱର ପୀଠରେ ବାସି ଶିବରାତ୍ରି, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ସଦର, ସମୟ: ସକାଳ ୭ଟା ।

## କୋରାପୁଟ
- ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ନେଇ ଜାତୀୟ କର୍ମଶାଳା, ସ୍ଥାନ: ସ୍ୱାମୀନାଥନ ଗବେଷଣା କେନ୍ଦ୍ର ଫୁଲବାଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର
- ଡେଙ୍ଗିମଚା କ୍ରୀଡା ସଂସଦ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଡେଙ୍ଗିମଚା ଖେଳ ପଡିଆ, ସମୟ : ସକା, ୮ଟା ।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଜର୍ଜ ଟେଲିଗ୍ରାଫ କୋଲକାତା ବନାମ ସେଣ୍ଟ ଜର୍ଜ ସ୍ପୋର୍ଟ କ୍ଲବ କେରଳ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦ ।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ଲିଗ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ବଲାଙ୍ଗୀର ବହି ହାଟର ଚତୁର୍ଥ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ।

## ରାଉରକେଲା
ବାର୍ଷିକ କ୍ରୀଡ଼ା ତାଲିମ ଶିବିରର ୭ମ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା ।

ବାର୍ଷିକ କ୍ରୀଡା ମହୋତ୍ସବର ୯ମ ଦିବସ, ସ୍ଥାନ: ପ୍ଲେସ୍ ଅଫ୍ ସେଫ୍ଟି, ସମୟ: ପୂର୍ବାହ୍ନ ୧୦ଟା ।

କମ୍ପ୍ୟୁଟର ବିଭାଗ ପକ୍ଷରୁ ଆମେଗା–୨୦୨୫ ଛାତ୍ର ସମ୍ମିଳନୀର ୩ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା ।

ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଛେଣ୍ଡ ହୋଟେଲ ମେ ଫେୟାର ହକି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

ମହାଶିବରାତ୍ରି ନାମଯଜ୍ଞ ଓ ସାମୂହିକ ଭୋଜନ, ସ୍ଥାନ: ଆର୍‌ପିଏଫ୍ ବ୍ୟାରେକ୍, ସମୟ: ଅପରାହ୍ନ ୨ଟା ।

## ବରଗଡ଼
- ଶନି ଓ ମାଁ ସମରପାଟ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସିଲାଟ୍, ଅତାବିରା,ସମୟ: ସକାଳ ୮ଟା ।
- ଶିବ ପୁରାଣ ପାରାୟଣ, ସ୍ଥାନ: ଭୁତିବାହାଲ, ଗାଇସିଲେଟ୍, ସମୟ: ସକାଳ ୮ଟା ।
- ବଜେଟ୍ ଉପରେ ବୁଦ୍ଧିଜୀବି ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ ଟା ।

## ବୌଦ୍ଧ
- କରଞ୍ଜକଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାବା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜକଟା, ହରଭଙ୍ଗା, ସମୟ ସକାଳ ୮ଟା ।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପ୍ରଧାନପାଟ ରୋଡ ଦେବଗଡ଼, ବଡ଼ବାଗିଚା, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର
- ଡ଼ିଆଇଇଟି ଛାତ୍ରୀ ନିବାସ କୋଠା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଡ଼ିଆଇଇଟି ପରିସର, ସମୟ: ସକାଳ ୯ଟା୩୦ ।
- ଦିଶା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## ନୂଆପଡ଼ା
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ ପ୍ରାତଃ ୫ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ:ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ପ୍ରାତଃ ୫ଟା ୧୫ ।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଧରମସାଗର ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ୫ ।
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ପୂର୍ବାହ୍ନ ୧୧ଟା ।

## ଝାରସୁଗୁଡ଼ା
- ତ୍ରିହ୍ୟସ୍ପର୍ଶ ତିଥ୍ୟାଦି ଉପଲକ୍ଷେ ଗ୍ରହପୂଜା, ସ୍ଥାନ: ଶନିମନ୍ଦିର, ମଙ୍ଗଳବଜାର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାହ ଉଦ୍‌ଯାପନୀ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା ।
- ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସଚେତନତା ଶିବିର, ସ୍ଥାନ: ତିଳେଇ, ସମୟ: ପୂର୍ବାହ୍ନ ୯ଟା ।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ସାଙ୍ଗକୁ ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ମିଳିପାରିବ । ଅଶ୍ୱିନୀ ନକ୍ଷତ୍ର କେତେକ ଅଧାପନ୍ତରିଆ କାମକୁ ନେଇ ଚିନ୍ତିତ ରହିବାର ସୂଚନା ରହିଛି । ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି । ପୂର୍ବ ଶତ୍ରୁତାକୁ ଦୋହରାଇ ନିଜ ଲୋକ ଅସୁବିଧାରେ ପକାଇପାରନ୍ତି । ପରିବହନ ସମସ୍ୟା ଦୂର ହେବ ।

**ବୃଷ** ଗତକାଲିର ଅଧୁରା କାମକୁ ଆଜି ସମ୍ପୂର୍ଣ୍ଣ କରିବାରେ ଲାଗିପଡିବେ ଏବଂ ଆଶା ମଧ୍ୟ ପୂରଣ ହେବ । ରୋହିଣୀ ନକ୍ଷତ୍ର କଳା, କ୍ରୀଡା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ । ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେବ । ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେଇପାରେ । ଅବଶ୍ୟ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତାବନ୍ଧନରେ ଆବଦ୍ଧ ହେବେ । ଆଜିର ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ ।

**କର୍କଟ** କାମର ଚାପ ବୃଦ୍ଧି ପାଉଥିବାରୁ କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ । ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି । ଉପରିସ୍ଥଙ୍କ ଆଦେଶାନୁପ୍ରାପ୍ତ ହୋଇ ଦୂରଯାତ୍ରାର ସୁଯୋଗ ପାଇବେ । ଅଶ୍ଳେଷା ନକ୍ଷତ୍ର ବନ୍ଧୁମାନଙ୍କ ପରାମର୍ଶକ୍ରମେ କୌଣସି ନୂତନ କର୍ମାରମ୍ଭ କରି ଆଶ୍ୱସ୍ତି ଲାଭ କରିବେ ।

**ସିଂହ** ମାନସିକ ଅଶାନ୍ତି ରହିଥିଲେ ମଧ୍ୟ ଅନ୍ୟମାନଙ୍କ ସମସ୍ୟା ସୁଧାରିବାର ପ୍ରଯତ୍ନ କରିବେ । ଉତ୍ତରାଫାଲଗୁନୀ ନକ୍ଷତ୍ରର ଆକସ୍ମିକ ଭାବରେ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ । ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବାକୁ ବାଧହେବେ ।

**କନ୍ୟା** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ପରକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି । ହସ୍ତାନକ୍ଷତ୍ର ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି । ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ ।

**ତୁଳା** ଆପଣଙ୍କ କଠୋର ନିଷ୍ପତ୍ତି ପାରିବାରିକ ଜୀବନକୁ ଦୋହଲାଇଦେବ । ବାହାର ଦୁନିଆରେ ଆପଣ ବନ୍ଧୁଙ୍କୁ ଉପଯୁକ୍ତ ପ୍ରେରଣା ଦେଇ ପ୍ରଶଂସିତ ହେବେ । ଆଜି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ,ଯାହାକି ଅନର୍ଥର କାରଣ ହୋଇପାରେ । ସ୍ୱାତୀ ନକ୍ଷତ୍ର ଭଲ କାମ କଲେ ମଧ୍ୟ ବିଭିନ୍ନ କ୍ଷେତ୍ରରୁ ମଧ୍ୟ ଅଭିଯୋଗ ଆସିପାରେ ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସମୟୋପଯୋଗୀ ପଦକ୍ଷେପ ସାଙ୍ଗକୁ ନ୍ୟାୟୋଚିତ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ । ଅନୁରାଧା ନକ୍ଷତ୍ର ସକାଶେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ । ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତିକ୍ଷିତ ଖବର ପାଇ ଖୁସି ହେବେ । ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ସମ୍ଭାବନା ରହିଛି ।

**ଧନୁ** ଆଜି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ କିନ୍ତୁ ଲାଭ କିଛି ହେବନି ବରଂ ଟେନ୍ସନ ବଢିବ । ଉତ୍ତରାଷାଢା ନକ୍ଷତ୍ର ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇବାରେ ବିଳମ୍ବ ଘଟିପାରେ । ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ । ବହୁତ ଦିନରୁ ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ ।

**ମକର** କୌଣସି ଗୁରୁତର ଅସୁବିଧା ନ ଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଇ ଗତି କରିବେ । ଧନିଷ୍ଠା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ସମସ୍ୟା ସୃଷ୍ଟି କରିବେ । ଅର୍ଥ ସଙ୍କଟ, ମାଲିମକଦ୍ଦମା,ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ ।

**କୁମ୍ଭ** ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ସହ ସାଧନ କରି ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ । ଆପଣଙ୍କ ସାହାଯ୍ୟ ଅଭାବରୁ ନିଜ ଲୋକଟି ଶତ୍ରୁତା କରିବାକୁ ପଛାଇବ ନାହିଁ । ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ । ଶତଭିଷା ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି ।

**ମୀନ** ଆଜି ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ । ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ । ନିଜ ପରିସରର ବ୍ୟକ୍ତିବିଶେଷଙ୍କ ଅନୁରୋଧକ୍ରମେ ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି । ସାଧାରଣ ଘଟଣାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ବଖାଣି ସମାଲୋଚିତ ହେବେ ।

ଆଜି ଫେବୃଆରୀ ୨୭ ତାରିଖ, ବୈଷ୍ଣବ ସମ୍ମତ ମହାଶିବରାତ୍ରି, ଫାଲଗୁନ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଅମାବାସ୍ୟାର ନିଶାପାଳନ, ରାଶି ନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଦିବା ଘ.୦୬।୧୧ ଗତେ, ଘ.୦୭।୪୪ ମଧ୍ୟେ, ଘ.୧୦।୪୯ ମି. ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧।୨୬ ମି. ଗତେ, ଘ.୦୨।୫୩ ମଧ୍ୟେ ରାହୁ କାଳ ।

# ରଥଯାତ୍ରା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭିକ ବୈଠକ

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧର ରଥଯାତ୍ରା–୨୦୨୫କୁ ଦୃଷ୍ଟିରେ ରଖି ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ପୁରୀ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପୁରୀ ଏବଂ ରାଜ୍ୟ ପୋଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ବିଶେଷକରି ଆସନ୍ତା ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଜନଗହଳି ଓ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ଏବଂ ସୁବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି ।

ପୁରୀ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ରଥଯାତ୍ରା ସମେତ ଅନ୍ୟ ସମୟରେ ମଧ୍ୟ ବର୍ଷ ସାରା ବହୁ ସଂଖ୍ୟାରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଜଗନ୍ନାଥ ମନ୍ଦିର, ପୁରୀ

### ସମ୍ଭାବ୍ୟ ଜନଗହଳି ଓ ଭିଡ଼ ନିୟନ୍ତ୍ରଣ ନେଇ ହେଲା ଆଲୋଚନା

- ୩୪୩ ସ୍ଥାନରେ ଜାତୀୟସ୍ତରୀୟ ସିସିଟିଭି ବ୍ୟବସ୍ଥା ରହିବ
- ଗତବର୍ଷ ଅପେକ୍ଷା ଅଧିକ ଜନଗହଳି ରହିବ: ପୋଲିସ ମହାନିର୍ଦ୍ଦେଶକ

ବଡ଼ଦାଣ୍ଡ ଏବଂ ପୁରୀ ବେଳାଭୂମିରେ ନିୟମିତ ଭିଡ଼ ଦେଖାଦେଇଥାଏ । ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥାଏ । ତେଣୁ ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ କରିବା, ଅପରାଧ ରୋକିବା ଓ ଆଇନ ଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ୩୪୩ ସ୍ଥାନରେ ସିସିଟିଭି ସ୍ଥାପନ ପାଇଁ ପୋଲିସ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଛି । ସିସିଟିଭି ବ୍ୟବସ୍ଥା ଯେପରି ଜାତୀୟସ୍ତରୀୟ ହେବ, ସେଥିପ୍ରତି ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ଏଥିଲାଗି ରଥଯାତ୍ରା ପରିଚାଳନା ସମ୍ପର୍କିତ ସମସ୍ତ କାର୍ଯ୍ୟ ପ୍ରସ୍ତୁତି ପାଇଁ ମାନବ ପରିଚାଳନା ପଦ୍ଧତି(ଏସ୍‌ଓପି) ପ୍ରସ୍ତୁତି କରିବାକୁ ପୋଲିସ ପ୍ରଶାସନ ଓ ପୁରୀ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଆଗାମୀ ରଥଯାତ୍ରା–୨୦୨୫ ପରିପ୍ରେକ୍ଷୀରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଚାଳନା କେନ୍ଦ୍ର କାର୍ଯ୍ୟ କରିବ । ବିଭିନ୍ନ ବିଭାଗର ଅଧିକାରୀମାନେ ସେହି ନିୟନ୍ତ୍ରଣ କକ୍ଷରେ ରହି ବିଭାଗ ସମ୍ପର୍କିତ କାର୍ଯ୍ୟ ପରିଚାଳନା କରିବେ । ସିସିଟିଭି ସ୍ଥାପନ ଓ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ସୁରକ୍ଷା, ଅପରାଧ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ,ଆକସ୍ମିକ ଦୁର୍ଘଟଣା ଘଟିଲେ ଠିକ୍ ସମୟରେ ତ୍ୱରିତ ପଦକ୍ଷେପ ନିଆଯିବା ସହ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜରୁରିକାଳୀନ ପଦକ୍ଷେପ ନିଆଯାଇପାରିବ । ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି, ଲୋକମାନଙ୍କ ଧାର୍ମିକ ଭାବନା ବୃଦ୍ଧି ପାଉଛି । ଆଗାମୀ ରଥଯାତ୍ରାରେ ଗତବର୍ଷ ଅପେକ୍ଷା ଅଧିକ ଜନଗହଳି ଆଶା କରାଯାଉଛି । ଏଥିପାଇଁ ଏବେଠାରୁ ଯଥେଷ୍ଟ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

# ହୋଟେଲକୁ ଡାକି ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୨ (ସତ୍ୟଜିତ୍ ରାଉତ)

ପ୍ରଥମେ ନିଜକୁ ଜଣେ ଡାକ୍ତର ବୋଲି ପରିଚୟ ଦେବା । ପରେ ବିବାହ ପାଇଁ ପ୍ରତିଶ୍ରୁତି ଦେଇ ହୋଟେଲକୁ ଡାକି ଯୁବତୀଙ୍କୁ ବଳାତ୍କାର ମାମଲାରେ ଜଣେ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି । ସେ ହେଲେ ଶହୀଦନଗର ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଅପରେଶନ ଥିଏଟର(ଓଟି) ଆସିଷ୍ଟାଣ୍ଟ ଥିବା ଆସାମର ମୁସ୍ତାଫା ନଜମୁଲ୍ ହସନ୍(୨୮) । କୋର୍ଟ ଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏତଲା ଅନୁଯାୟୀ, ଗତବର୍ଷ ମାର୍ଚ୍ଚ ୫ରେ ମୁସ୍ତାଫାଙ୍କ ସହ ବିଷମ କଟକର ଏକ ହସ୍ପିଟାଲରେ ପୀଡ଼ିତାଙ୍କ ଦେଖା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା । ପୀଡ଼ିତାଙ୍କୁ ମୁସ୍ତାଫା ଜଣେ ଡାକ୍ତର ପରିଚୟ ଦେଇ ବିବାହ କରିବାକୁ ମିଛ ପ୍ରତିଶ୍ରୁତି ଦେଉଥିଲେ । ଗତ ମାର୍ଚ୍ଚ ୧୫ରେ ମୁସ୍ତାଫା ଭୁବନେଶ୍ୱର ଆସି ନୟାପଲ୍ଲୀସ୍ଥିତ ଏକ ହୋଟେଲକୁ ପୀଡ଼ିତାଙ୍କୁ ଡାକିଥିଲେ । ପୀଡ଼ିତା ଜଣକ ଉକ୍ତ ହୋଟେଲକୁ ଯିବା ପରେ ମୁସ୍ତାଫା ତାଙ୍କୁ ବଳାତ୍କାର କରିଥିଲେ । ପରେ ବିବାହ କରିବାର ବାହାନା ଦେଖାଇ ପୀଡ଼ିତାଙ୍କ ନିକଟରୁ ପର୍ଯ୍ୟାୟକ୍ରମେ ୫ଲକ୍ଷ ଟଙ୍କା, ସୁନା ଚେନ୍ ଏବଂ ମୋବାଇଲ ଫୋନ ନେଇଯାଇଥିଲେ । ଏପରି କି ଗତ ସେପ୍ଟେମ୍ବର ୩ରେ ଖଣ୍ଡଗିରିସ୍ଥିତ ଏକ ହୋଟେଲକୁ ଡାକି ପୁଣି ମୁସ୍ତାଫା ବଳାତ୍କାର କରିଥିଲେ । ଏହାପରଠାରୁ ମସ୍ତାଫା ଆଉ ଧରାଛୁଆଁ ଦେଇ ନ ଥିଲେ । ଏପରି କି ପୀଡ଼ିତା ଯୋଗାଯୋଗ କରିବାକୁ ଚେଷ୍ଟା କରିବାବେଳେ ମୁସ୍ତାଫା ଧମକ ଦେଉଥିଲେ । ମୁସ୍ତଫା ଦିନେ ପୀଡ଼ିତାଙ୍କ ବେକ ଚିପି ହତ୍ୟା କରିବାକୁ ଉଦ୍ୟମ କରିବା ସହ କିଛି ଫଟୋକୁ ଭାଇରାଲ କରିବାର ଧମକ ଦେଇଥିଲେ । ଏନେଇ ଏତଲାକ୍ରମେ ଗତ ୨୪ତାରିଖରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୭୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା ।

## ପ୍ରଥମ ପୃଷ୍ଠାରୁ...

### ପଞ୍ଜାବୀ ନାହିଁ କି ...

ସରକାର ପାତରଅନ୍ତର ନୀତି ଆପଣାଇଥିବା କେତେଜଣ ନେତା ଓ ବୁଦ୍ଧିଜୀବୀ ସମାଲୋଚନା କରିଛନ୍ତି । ଏହା ଉପରେ ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ଯେ ଚିଠା ନିୟମାବଳୀର ଅଷ୍ଟମ ସ୍ତମ୍ଭରେ ଅନ୍ୟ ୧୩ ଆଞ୍ଚଳିକ ଓ ବିଦେଶୀ ଭାଷା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇନାହିଁ । ସେଗୁଡ଼ିକ ହେଲା ରୁଷୀୟ, ନେପାଳୀ, ଲିମ୍ବୁ, ଲେପ୍‌ଚା, ସିନ୍ଧି ମାଲୟାଲମ୍, ଓଡ଼ିଆ, ଅସମିଆ, କନ୍ନଡ଼, କୋକ୍‌ବୋରୋକ୍, ତେଲୁଗୁ, ଆରବୀ ଓ ପାର୍ସି । ପ୍ରକାଶିତ ସୂଚୀରେ ଏହି ଭାଷାଗୁଡ଼ିକର ଅବତାରଣା କରାଯାଇ ନ ଥିଲେ ମଧ୍ୟ ବିଷୟ ତାଲିକାରେ ଏସବୁ ରହିବ । ଚିଠା ନିୟମାବଳୀ ସମ୍ପର୍କରେ ସମସ୍ତ ପକ୍ଷଙ୍କ ମତାମତ ଲୋଡ଼ିବା ପାଇଁ ଏହାକୁ ଆସନ୍ତା ମାର୍ଚ୍ଚ ୯ରେ ସାର୍ବଜନୀନ କରାଯିବ । ମତାମତ ଆସିବା ପରେ ଏହି ନୀତିକୁ ଚୂଡ଼ାନ୍ତ କରାଯିବ । ଏନେଇ ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସାନ୍ୟମ ଭରଦ୍ୱାଜ କହିଛନ୍ତି, ବିଷୟ ତାଲିକାରେ କୌଣସି ପରିବର୍ତ୍ତନ କରାଯାଉ ନାହିଁ । ବର୍ତ୍ତମାନ ଯେଉଁ ସବୁ ଭାଷା ରହିଛି, ଆଗକୁ ମଧ୍ୟ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଉଭୟ ପର୍ଯ୍ୟାୟରେ ସେଗୁଡ଼ିକ ବଳବତ୍ତର ରହିବ । ଡ୍ରାଫ୍ଟ ପଲିସିର ତାଲିକା କେବଳ ସାଙ୍କେତିକ ।

ଏ ସମ୍ପର୍କରେ ଶିକ୍ଷାବିତ୍ ଶରତ କର କହିଛନ୍ତି, ସିବିଏସ୍‌ଇ ତା'ର ଡ୍ରାଫ୍ଟ ନିର୍ଦ୍ଦେଶାବଳୀରେ ଓଡ଼ିଆ ସମେତ କିଛି ଆଞ୍ଚଳିକ ଭାଷାକୁ ଛାଡିଦେଇଥିଲା । ଏହା ଏକ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ହୋଇଥିବାରୁ ଭୁଲ୍‌କୁ କ୍ଷମା କରିହେବ । ଯଦି ଚୂଡାନ୍ତ ନିଷ୍ପତ୍ତି ହୋଇଥାଆନ୍ତା, ତେବେ ବଡ଼ ଭୁଲ୍‌ର ସମ୍ମୁଖୀନ ହେବାକୁ ପଡିଥାଆନ୍ତା । କିନ୍ତୁ ଏ ସମ୍ପର୍କରେ କେନ୍ଦ୍ର ସରକାର ଜାଣିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ପୁଣି ଏଥିରେ ସମସ୍ତ ଆଞ୍ଚଳିକ ଭାଷାଗୁଡିକୁ ଯୋଡା ଯାଇଛି, ଯାହା ବହୁ ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କ ପାଇଁ ଖୁସି ଖବର । ସେହିପରି ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ସିବିଏସ୍‌ଇର ଏହା ଏକ ଖାମଖିଆଲି ନୀତି । ଶିକ୍ଷା ମନ୍ତ୍ରଣାଳୟ ଏହି ବୋର୍ଡକୁ ନିୟନ୍ତ୍ରଣ କରିବାରେ ବିଫଳ ହେଲାଣି । ବିଶେଷଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଆ ହୋଇ ମଧ୍ୟ ଓଡ଼ିଆ ଭାଷାକୁ ଭୁଲିଗଲେ । ଚାପ କରିବା ପରେ ଏହାକୁ ପୁନର୍ବାର ସଂଯୋଗ କରାଗଲା । ଜାତୀୟ ଶିକ୍ଷା ନୀତି ଅନୁସାରେ କେବଳ ଦ୍ୱାଦଶରେ ବୋର୍ଡ ପରୀକ୍ଷା ହେବ, ମାତ୍ର ମନ୍ତ୍ରଣାଳୟ ୨ଥର ପରୀକ୍ଷା କରିବାକୁ ପ୍ରସ୍ତାବ ଦେବା ବାଚାଳାମି ହୋଇପାରେ । ଏପରିକି ୧୦ମ ବୋର୍ଡ ଏଭଳି ଚାଲିବା ପରି ଲାଗୁଛି । ଦଶମ ପରୀକ୍ଷା ପାଇଁ ବହି ବେପାରୀ ଚାପ ସୃଷ୍ଟି କରିଥିବା କିଛି ଖବର ଏଡାଇଦିଆଯାଇ ନ ପାରେ । ଏଭଳି ଜନ ବିରୋଧୀ କାର୍ଯ୍ୟକ୍ରମରୁ ସିବିଏସ୍‌ଇ ନିବୃତ୍ତ ରହୁ ବୋଲି ସେ କହିଛନ୍ତି ।

### ବିଚାରାଧୀନ ବନ୍ଦୀଙ୍କୁ ...

ରହି ଆସୁଥିଲେ । ଏତଲାରେ ତୟବଙ୍କ ନାମ ନ ଥିଲେ ମଧ୍ୟ ଭିଡିଓ ଚିତ୍ରରେ ତାଙ୍କୁ ଦେଖି ପୋଲିସ ଗିରଫ କରିଥିଲା । ତଳ କୋର୍ଟରେ ଜାମିନ ଖାରଜ ହେବାରୁ ପରିବାର ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ କରାଯାଇଥିଲା । ମଙ୍ଗଳବାର ତୟବ ଜେଲ ମଧ୍ୟରୁ ତାଙ୍କ ଭିଣୋଇ ନାସେର ଅଲ୍ଲୀଙ୍କ ସହ ସନ୍ଧ୍ୟା ୭ଟାରେ ମୋବାଇଲ ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ । ମାତ୍ର ରାତ୍ର ପ୍ରାୟ ୧୦ଟାରେ ତାଙ୍କ ଦେହ ଖରାପ ଥିବା ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ମାତ୍ର ଏହା ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ନାସେର ଅଭିଯୋଗ କରିଛନ୍ତି । ବୁଧବାର ସକାଳ ୫ଟା୫୫ରେ ଜେଲ କର୍ତ୍ତୃପକ୍ଷ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ତୟବଙ୍କୁ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପରିବାର ବର୍ଗ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚିଲେ । ମାତ୍ର ଖୁଣ୍ଟୁଣୀ ପୋଲିସ ଓ ଆଠଗଡ଼ ପ୍ରଶାସନ ପ୍ରାୟ ୬ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ । ଫଳରେ ମୃତକଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ପରେ ପ୍ରଶାସନ ପକ୍ଷରୁ ନିଯୁକ୍ତ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା ଓ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ପ୍ରମୁଖ ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମୃତକଙ୍କ ମା' ଅନୁୟାର ବେଗମ କହିବା କଥା, ତାଙ୍କ ପୁଅ ନିର୍ଦ୍ଦୋଷ, ତିଗିରିଆ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ପୁଅ ଦୁଶ୍ଚିନ୍ତାରେ ଥିଲେ । ଏବେ ପୁଅକୁ ଖାଦ୍ୟରେ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଉପସ୍ଥିତ ସରକାରୀ ପଦାଧିକାରୀଙ୍କୁ ଅଭିଯୋଗ କରିଥିଲେ । ଗ୍ରାମବାସୀ କହିଥିଲେ, ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ତିଗିରିଆ ପୋଲିସ ଆକ୍ରୋଶ ରଖି ମିଥ୍ୟା ମକଦ୍ଦମାରେ ନିରୀହମାନଙ୍କୁ ଛନ୍ଦି ଦେଉଛି । ଏହା ବିରୋଧରେ ରାଜ୍ୟ ମାନବାଧିକାର କମିଶନ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି । ତେବେ ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତିଙ୍କ ହସ୍ତକ୍ଷେପ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ସମ୍ପର୍କୀୟମାନେ ରାଜି ହୋଇଥିଲେ । ମୃତକଙ୍କ ପିତାଙ୍କ ବହୁଦିନ ଆଗରୁ ପରଲୋକ ହୋଇଥିଲା । ୨ବର୍ଷ ତଳେ ତାଙ୍କ ସାନଭାଇଙ୍କ ମୃତ୍ୟୁ ଘଟିଥିଲା । ଘରେ ବୃଦ୍ଧା ମା', ଭାଇ ବୋହୂ ଓ ତାଙ୍କର ୨ଟି ପିଲା ଅଛନ୍ତି । ତୟବ ତିଗିରିଆ ଥାନା ନୂଆପାଟଣା ବଜାରରେ ଚପଲ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ପରିବାର ବର୍ଗ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ଭାଙ୍ଗିପଡ଼ିଛନ୍ତି ।

# ବସ୍ ଭିତରେ ମହିଳାଙ୍କୁ ବଳାତ୍କାର

ପୁଣେ(ମହାରାଷ୍ଟ୍ର), ୨୬।୨

ପୁଣେସ୍ଥିତ ସ୍ୱାରଗେଟ୍ ଜଙ୍କସନ୍‌ରେ ବୁଧବାର ସକାଳେ ଗାଁକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ଜଣେ କର୍ମଜୀବୀ ମହିଳାଙ୍କୁ ଅନ୍ୟ ଏକ ବସ୍ ଭିତରେ ବଳାତ୍କାର କରାଯାଇଛି। ବଳାତ୍କାର ପରେ ଅଭିଯୁକ୍ତ ଦତ୍ତାତ୍ରେୟ ରାମଦାସ ଗାଡେ ଫେରାର ହୋଇଯାଇଥିବାବେଳେ ପୁଣେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଡିସିପି ସ୍ମାର୍ଟନ ପାଟିଲ କହିଛନ୍ତି। ଅପରପକ୍ଷରେ ଏହି ଘଟଣା ମହାରାଷ୍ଟ୍ର ରାଜ୍ୟ ବସ୍ ପରିବହନ ନିଗମ(ଏମ୍‌ଏସ୍‌ଆରଟିସି)ର ଏକ ବସ୍ ଭିତରେ ହୋଇଥିବାବେଳେ ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଭଳି ଘଟଣାକୁ କେବେବି ବରଦାସ୍ତ କରାଯିବ ନାହିଁ। ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି





ମହାରାଷ୍ଟ୍ର ମନ୍ତ୍ରୀ ଗିରିଶ ମହାଜନ କହିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଏମ୍‌ଏସ୍‌ଆରଟିସିର ସ୍ୱାରଗେଟ୍ ଜଙ୍କସନ୍ ଏକ ବଡ଼ ବସ୍‌ଷ୍ଟାଣ୍ଡ। ଏଠାରେ ଦୈନିକ ହଜାରରୁ ଊର୍ଦ୍ଧ୍ୱ ବସ୍ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବାଆସିବା କରିଥାଏ। ସକାଳ ପ୍ରାୟ ସାଢ଼େ ୫ଟାରୁ ସାଢ଼େ ୬ଟା ମଧ୍ୟରେ ଜଣେ ୨୬ବର୍ଷୀୟା କର୍ମଜୀବୀ ମହିଳା ଗାଁକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ଦତ୍ତାତ୍ରେୟ ମହିଳାଙ୍କ ନିକଟରେ ପହଞ୍ଚି ତାଙ୍କ ଗାଁକୁ ଯିବା ପାଇଁ ଉଦ୍ଦିଷ୍ଟ ବସ୍ ଅନ୍ୟ ଏକ ସ୍ଥାନରେ ଛିଡ଼ା ହୋଇଥିବା କହିଥିଲେ। ଏପରି କି ମହିଳାଙ୍କୁ ଉକ୍ତ ବସ୍ ନିକଟକୁ ନେଇଥିଲେ। ସେଠାରେ ପହଞ୍ଚିବା ପରେ ମହିଳା ଜଣକ ବସ୍ ଭିତରେ ଅନ୍ଧାର ଥିବା କହିଥିଲେ। ହେଲେ ଟର୍ଚ୍ଚ ଲାଇଟ ଅଛି, ତେଣୁ ବସ୍ ଭିତରେ ଅନ୍ୟ ଯାତ୍ରୀ ଅଛନ୍ତି କି ନାହିଁ ପ୍ରଥମେ ଦେଖିବାକୁ ମହିଳାଙ୍କୁ ଅଭିଯୁକ୍ତ କହିଥିଲେ। ମହିଳା ସେତେବେଳେ ବସ୍ ଭିତରକୁ ଚଢ଼ିଲେ, ଅଭିଯୁକ୍ତ ତାଙ୍କ ପାଟିକୁ ବନ୍ଦ କରିବା ସହ ବସ୍ ଭିତରେ ବଳାତ୍କାର କରିଥିଲେ। ଏହାପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ପରେ ପୀଡ଼ିତା ମହିଳା ଅନ୍ୟ ଏକ ବସ୍ ଯୋଗେ ଗାଁକୁ ଯାଇଥିଲେ। ସେଠାରେ ଜଣେ ବାନ୍ଧବୀଙ୍କ ମାଧ୍ୟମରେ ଥାନାକୁ ଯାଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ଦତ୍ତାତ୍ରେୟଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଦତ୍ତାତ୍ରେୟଙ୍କ ନାମରେ ପୂର୍ବରୁ ଚୋରି ଏବଂ ଚେନ୍ ଛିନ୍‌ତାଇ ମାମଲା ରହିଥିବା ଜଣାପଡ଼ିଛି ବୋଲି ଡିସିପି ପାଟିଲ କହିଛନ୍ତି।

# ପୋଲିସ ଭୟରେ ବିଷ ପିଇଦେଲେ

ବାସୁଦେବପୁର/ସୋର, ୨୬।୨
(ନାରାୟଣ ପ୍ରସାଦ ବାରିକ/ ଜନ୍ମେଜୟ ମିଶ୍ର)

## ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା
## ଚୂଡ଼ାମଣିରୁ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ବିବାହ ଲାଗି ମନା କରିବାରୁ ବାଲେଶ୍ୱର ଜିଲା ସୋର ଥାନା ଲିଙ୍ଗପଡ଼ା ଗ୍ରାମର ଜ୍ୟୋତିର୍ମୟୀ ରଣା ନାମ୍ନୀ ଯୁବତୀଙ୍କୁ ୩ଦିନ ତଳେ ଗଳାକାଟି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପ୍ରେମିକ ବିଶ୍ୱରଞ୍ଜନ ପୁହାଣ ଫେରାର ଥିଲେ। ସୋର ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବୁଧବାର ସକାଳେ ବାସୁଦେବପୁର ପୋଲିସ ସହାୟତାରେ ବିଶ୍ୱରଞ୍ଜନଙ୍କୁ ଚୂଡ଼ାମଣି ଗ୍ରାମରୁ ଗିରଫ କରିଛି। ସେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ବାଟ ନ ପାଇ ଶେଷରେ ବିଷ ପିଇଦେବା ସହ ଏକ ପୋଖରୀକୁ ଡେଇଁପଡିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଆଣିବା ପରେ ସେଠାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ବିଶ୍ୱରଞ୍ଜନ ଓ ଲିଙ୍ଗପଡ଼ା ଗ୍ରାମର ଜ୍ୟୋତିର୍ମୟୀ ବାଙ୍ଗାଲୋରରେ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଥିଲେ। ଦୁହିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେଠାରୁ ଫେରିବା ପରେ ବିଶ୍ୱରଞ୍ଜନ ବାହା ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ଜ୍ୟୋତିର୍ମୟୀ ରାଜି ନ ହେବାରୁ ବିଶ୍ୱରଞ୍ଜନ ତାଙ୍କ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ରରେ ପ୍ରେମିକାଙ୍କ ଗଳା କାଟି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ସୋର ଥାନାରେ ମାମଲା (ନଂ. ୧୬୨/୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ବିଶ୍ୱରଞ୍ଜନ ନିଜ ଗାଁରେ ଥିବା ଖବର ପାଇ ସୋର ପୋଲିସ ବାସୁଦେବପୁର ପୋଲିସ ସହାୟତାରେ ଚୂଡ଼ାମଣି ଗ୍ରାମରେ ପହଞ୍ଚିଥିଲା। ପୋଲିସ ପହଞ୍ଚିବା ଜାଣିପାରି ବିଶ୍ୱରଞ୍ଜନ ଘରୁ ଯାଇ ଏକ ବୁଦାମୂଳେ ଲୁଚି ରହିଥିଲେ। ପୋଲିସ ଚାରିପଟୁ ଘେରାଉ କରିନେବା ପରେ ଖସିଯିବାର ରାସ୍ତା ନ ପାଇ ବିଶ୍ୱରଞ୍ଜନ ପାଖରେ ରଖିଥିବା ବିଷ ପିଇ ଦେଇଥିଲେ। ଏହାପରେ ନିକଟରେ ଥିବା ଏକ ପୋଖରୀକୁ ଡେଇଁପଡ଼ିଥିଲେ। ଗୁରୁତର ଅବସ୍ଥାରେ ବିଶ୍ୱରଞ୍ଜନଙ୍କୁ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।



ବିଶ୍ୱରଞ୍ଜନଙ୍କୁ ପୋଲିସ ନେଉଛି।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ସମ୍ବଲପୁର, ୨୬।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଅବକାରୀ ଗୋଇନ୍ଦା ସଂସ୍ଥା ଚୋରା ଚାଲାଣ ବେଳେ ବୁଧବାର ୧୦୫ କେଜି ଗଞ୍ଜେଇ ଜବତ କରିଛି। ଏହାସହିତ ଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଜୋଡନପୁରା ଜିଲା ମୀରଗଞ୍ଜ ଥାନା ଭିଦୁନାର ରାହୁଲ କୁମାର ମିଶ୍ର(୩୫), ଭିମା ଗ୍ରାମର ସୁରଜ କୁମାର ଯାଦବ(୨୪), ସୂର୍ଯ୍ୟାୟୁସୁଫ୍ ଗ୍ରାମର କ୍ରିଷ୍ଣା ଯାଦବ(୨୮) ଓ ଚିତାଓନ ଗ୍ରାମର ଅବିନାଶ କୁମାର ଯାଦବ(୨୪)। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ୩ ଜୀବନ୍ତ ଗୁଳି, ୪ଟି ମୋବାଇଲ ସହିତ ଚୋରା ଚାଲାଣରେ ବ୍ୟବହୃତ କାର ଜବତ କରାଯାଇଛି। ସମ୍ବଲପୁର ଦେଇ ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ସକାଳେ ଅବକାରୀ ଗୋଇନ୍ଦା ସଂସ୍ଥାର କର୍ମଚାରୀମାନେ ଶାସନ ଥାନା ଅନ୍ତର୍ଗତ ପ୍ରଧାନପାଲି ଟୋଲପ୍ଲାଜାରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରୁଥିଲେ। ଏହି ସମୟରେ ସେହିବାଟ ଦେଇ ଉତ୍ତରପ୍ରଦେଶ ନମ୍ବର ଥିବା ଏକ କାର(ୟୁପି-୬୩-ବିଇ-୨୪୦୧)କୁ ଦେଖି ଯାଞ୍ଚକାରୀ ଦଳ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଥିବା ୫ଟି ଧଳା ଜରିବସ୍ତାରେ ଗଞ୍ଜେଇ ସହିତ ଏକ ଦେଶୀ ପିସ୍ତଲ ଓ ୩ଟି ଜୀବନ୍ତ ଗୁଳିକୁ ସେମାନେ ଜବତ କରିଥିଲେ। ଏହାସହ ୪ କାର ଆରୋହୀଙ୍କୁ ଅବକାରୀ କାର୍ଯ୍ୟାଳୟ ନେଇ ପଚରାଉଚରା କରିଥିଲେ। ପଚରା ଉଚରା ବେଳେ ସେମାନେ ଉକ୍ତ ଗଞ୍ଜେଇ କୋରାପୁଟ ବୋରିଗୁମ୍ମାରୁ ଉତ୍ତରପ୍ରଦେଶକୁ ଚୋରା ଚାଲାଣ କରୁଥିଲେ ବୋଲି କହିଥିଲେ। ସେମାନଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ନିରୋଧ ଆଇନରେ ମାମଲା ରୁଜୁ ପାଇଁ ଶାସନ ଥାନାକୁ ସୂଚନା ଦିଆଯାଇଥିଲା। ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଅବକାରୀ କୋର୍ଟକୁ ଚାଲାଣ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୬।୨
(ସୂର୍ଯ୍ୟକାନ୍ତ ବେହେରା)

ଘରେ କେହି ନ ଥିବା ସମୟରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପୀଡ଼ିତା ନାବାଳିକାଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗରରେ ରହୁଥିବା ଗଞ୍ଜାମର ରାଜେଶ ବେହେରା (୪୬)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଗତ ୨୪ ତାରିଖରେ ନାବାଳିକାଙ୍କ ମା' ଓ ବାପା କର୍ମକ୍ଷେତ୍ରକୁ ଚାଲିଯିବା ପରେ ଘରେ ତାଙ୍କର ଦୁଇ ନାବାଳିକା ଝିଅ ଓ ଜଣେ ଛୋଟ ପୁଅ ଥିଲେ। ମଧ୍ୟାହ୍ନରେ ସାନ ଝିଅ ଘରେ ନିଦରେ ଶୋଇପଡିଥିବା ବେଳେ ବଡ଼ ଝିଅ ପାଖ ଦୋକାନକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ଘରେ ପଶି ଶୋଇଥିବା ନାବାଳିକା ଝିଅ ସହିତ ବଳାତ୍କାର ଉଦ୍ୟମ କରିଥିଲେ।

# ନିଶା ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ବରଗଡ଼, ୨୬।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ନିଶା ସାମଗ୍ରୀ ବିକ୍ରି କାରବାରରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ, ବରଗଡ଼ ହାଟପଦାର ଏମ୍‌ଡ଼ି ଅନସାରୀ(୩୨)। ତାଙ୍କ ପାଖରୁ ୩୦ଟି କଫ୍ ସିରପ୍, ୧ଷ୍ଟ୍ରିପ୍ ନାଇଟ୍ରୋସନ ଟାବଲେଟ୍ ଜବତ ହୋଇଥିବା ପୋଲିସ କହିଛି। ଏ ନେଇ ପୋଲିସ ଏକ ମାମଲା(ନଂ-୬୩/୨୫) ରୁଜୁ କରିଛି। ଏହି ମାମଲାରେ ପୂର୍ବରୁ ଅନ୍ୟଜଣେ ଅଭିଯୁକ୍ତ ବରଗଡ଼ ହାଟପଦାସ୍ଥିତ ପଠାନପଡ଼ାର ଏମ୍‌ଡ଼ି ଆଲମ(୨୦) ଗିରଫ ହୋଇଥିବା ନେଇ ପୋଲିସ ସୂଚନା ଦେଇଛି। ସେହିପରି ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବରଗଡ଼ ବ୍ଲକ କଟାଟିକ୍ରା ଗ୍ରାମରୁ ୪କି.ଗ୍ରା ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏଥି ସହିତ ଅଭିଯୁକ୍ତ ଦ୍ରୋଣ ଖମାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ବରକୁ ହତ୍ୟା ପାଇଁ ସୁପାରି ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଦେଓଗାଁ, ୨୬।୨
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବାବିଯୋର ଗାଁରେ ବିବାହ ଶୋଭାଯାତ୍ରା ସମୟରେ ବରକୁ ହତ୍ୟାକରିବା ପାଇଁ ଷଡ଼ଯନ୍ତ୍ର କରିଥିବା ମୁଖ୍ୟ ଅଭିଯୁକ୍ତ ମହଲାଇ ଗାଁର ସୁଶାନ୍ତ ବିଶ୍ୱାଳଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୁଶାନ୍ତଙ୍କୁ କଳାହାଣ୍ଡି ମୋହନଗିରିସ୍ଥିତ ନିଜ ସମ୍ପର୍କୀୟଙ୍କ ଘରୁ ଗିରଫ କରିଥିଲା।

ପ୍ରକାଶ ଯେ, ଗତ ରବିବାର ରାତିରେ ଦେଓଗାଁ ଥାନା ଅନ୍ତର୍ଗତ ଗାଇବାହାଲ ଗାଁରୁ ରାଜକୁମାର ପଧାନ ନାମକ ଜଣେ ବ୍ୟକ୍ତି ବାହାହେବା ପାଇଁ ବିବାହ ଶୋଭାଯାତ୍ରାରେ ବାବିଯୋର ଗାଁକୁ ଯିବାବେଳେ ପୂର୍ବ ଯୋଜନା ମୁତାବକ ୧୦ଜଣ ଯୁବକ ବାଇକ୍‌ରେ ଆସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କନ୍ୟାଘର ନିକଟରେ ବର ପହଞ୍ଚିବା ସମୟରେ ସମ୍ପୃକ୍ତ ଯୁବକମାନେ ଗଣ୍ଡଗୋଳ ଆରମ୍ଭକରି ବର ଓ ତାଙ୍କ ସହଯୋଗୀ ସନ୍ତୋଷ ପଧାନଙ୍କୁ ଆକ୍ରମଣ ଲାଗି ଉଦ୍ୟମ କରିଥିଲେ। ହେଲେ ଗାଁ ଲୋକେ ଏକାଠିହୋଇ ସମସ୍ତଙ୍କୁ ଘେରି ଯାଇଥିଲେ ଓ ତନ୍ମଧ୍ୟରୁ ୮ଜଣଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ସେମାନଙ୍କ ଠାରୁ ପୋଲିସ ଦୁଇଟି ବାଇକ୍, ଦୁଇଟି ମୋବାଇଲ, ଗୋଟିଏ ଦେଶୀ ପିସ୍ତଲ, ଲୁହା ହାତୁଡ଼ି, ଛୁରି, ଲଙ୍କାଗୁଣ୍ଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିଲା। ମହଲାଇ ଗାଁର ସୁଶାନ୍ତ ଗିରଫ ଅଭିଯୁକ୍ତମାନଙ୍କୁ ଜଣ ପିଛା ୨ହଜାର ଟଙ୍କା ଲେଖାଏ ସୁପାରି ଦେଇ ରାଜକୁମାର ଓ ତାଙ୍କ ସହଯୋଗୀ ଗାଇବାହାଲ ଗ୍ରାମର ସନ୍ତୋଷଙ୍କୁ ଆକ୍ରମଣ କରିବା ପାଇଁ କହିଥିଲେ। ଏପରି କି ନିକଟସ୍ଥ କଟାପାଲି ଗାଁର ଏକ ଫାର୍ମଠାରେ ଏହି ଯୋଜନା କରାଯାଇଥିଲା ବୋଲି ଗିରଫ ଅଭିଯୁକ୍ତମାନେ ପୋଲିସ ନିକଟରେ ବୟାନ ଦେଇଥିଲେ। ଶ୍ୱଶୁର ଘର ଲୋକଙ୍କୁ ରାଜକୁମାର ଓ ସନ୍ତୋଷ ଦେଇଆସୁଥିବା ନିର୍ଯାତନାର ପ୍ରତିଶୋଧ ନେବାକୁ ଯାଇ ସୁଶାନ୍ତ ଏହି ଷଡ଼ଯନ୍ତ୍ର ରଚିଥିବାନେଇ ପୋଲିସ ନିକଟରେ ସ୍ୱୀକାର କରିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ସୁଶାନ୍ତ ବିଶ୍ୱାଳ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲେ ଚିରାକନା**
**ହଜିଲେ ମାଠ।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ିବା ସହ ତା'ର ମୂଲ୍ୟ ମଧ୍ୟ ଅନେକ ପରିମାଣରେ ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥିଲେ ବାଘର ଆହାର**
**ନ ଥିଲେ ସାପର ଆହାର।**

ନିଜର ଆର୍ଥିକ ଅବସ୍ଥାକୁ ବୁଝି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ଦରିଦ୍ର ଲୋକର ଚରିତ୍ର ଏପରି ହୋଇଥାଏ। ପାଖରେ ଅର୍ଥ ଥିଲାବେଳେ ସେ ମହାଆନନ୍ଦରେ ଖାଇପିଇ ଚଳିଥାଏ। ସେହିପରି ଅର୍ଥ ଅଭାବ ସମୟରେ ସେ ଭୋକ ଉପାସରେ ପଡ଼ି ରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଛାତ୍ରୀଙ୍କ ଫଟୋ ଭାଇରାଲ ଘଟଣା, ଜେଲ ଗଲେ ଫେରାର ଅଭିଯୁକ୍ତ

ଦିଗପହଣ୍ଡି, ୨୬।୨ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଉଲଗ୍ନ କରି ଭିଡିଓ ଫଟୋ ଉତ୍ତୋଳନ କରି ପରେ ଭାଇରାଲ କରିଥିବା ଘଟଣାରେ ଫେରାର ଥିବା ଏସ୍. ବିମଳ ଦୋରାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଥାନା ମାମଲା ନଂ.୫୨/୨୫ ଅନୁଯାୟୀ ତାଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଜାନୁଆରୀ ୨୭ ତାରିଖରେ ସ୍କୁଲରେ ମଧ୍ୟାହ୍ନ ବିରତି ବେଳେ ଛାତ୍ରୀ ଜଣକ ଶୌଚାଳୟକୁ ଯାଇଥିବା ବେଳେ ଅଭିଯୁକ୍ତ ଏସ. ବିମଳ ଦୋରା, ପଦ୍ମନ ନାଇକ, ଏଚ୍.ଶିବ ରେଡ୍ଡୀ ଏବଂ ଜି.ଜଗନ୍ନାଥ ଏକ ଛୁରି ଦେଖାଇ ତାଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଉଲଗ୍ନ କରିଥିଲେ। ପରେ ୨ଜଣ ଛାତ୍ରୀଙ୍କ ହାତ ଦୁଇଟିକୁ ଧରିବା ସହ ଅନ୍ୟ ୨ଜଣ ଫଟୋ, ଭିଡିଓ ଉତ୍ତୋଳନ କରିଥିଲେ। ଘଟଣା କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ଛାଡ଼ି ଦେଇଥିଲେ। ପରେ ସେମାନେ ତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ଛାତ୍ରୀ ଜଣକ ଅଭିଯୁକ୍ତଙ୍କ କଥାରେ ସହମତି ପ୍ରକାଶ ନ କରିବାରୁ ସେମାନେ ଉଠାଇଥିବା ଭିଡିଓ ଏବଂ ଫଟୋକୁ ଭାଇରାଲ କରିଦେଇଥିଲେ। ଛାତ୍ରୀଙ୍କ ବାପା ଘଟଣା ସମ୍ପର୍କରେ ଜାଣିବା ପରେ ଗତ ୩ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଏତଲାକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ନିଜେ ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତ ପଦ୍ମନ ଏବଂ ଜି.ଜଗନ୍ନାଥଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବିମଳ ଫେରାର ଥିଲେ। ଅନ୍ୟତମ ଅଭିଯୁକ୍ତ ଶିବ ଏବେ ବି ଫେରାର ଥିବା ଜଣାପଡିଛି।

# ଛାତ୍ରୀ ପ୍ରସବ ଘଟଣାରେ ଯୁବକ ଗିରଫ

ଚିତ୍ରକୋଣ୍ଡା, ୨୬।୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ପ୍ରସବ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଚିତ୍ରକୋଣ୍ଡା ପୋଲିସ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚିତ୍ରକୋଣ୍ଡା ଥାନା ଦିସାରିଗୁଡ଼ା ଗ୍ରାମର ସୁଶାନ୍ତ ଖିଲ (୨୨)। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ସୋମବାର ଛାତ୍ରୀ ଜଣକ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀନିବାସକୁ ଫେରିବା ପରେ ସନ୍ଧ୍ୟାରେ ପ୍ରସବ ଯନ୍ତ୍ରଣା ଅନୁଭବ କରି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣା ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ପରେ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀକରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କ ସହ ନବଜାତକଙ୍କୁ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ପୋଲିସ ପ୍ରାଥମିକ ତଦନ୍ତ ପରେ ଏଥିରେ ଦିସାରିଗୁଡା ଗ୍ରାମର ସୁଶାନ୍ତଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଥିଲା।



ଗିରଫ ଅଭିଯୁକ୍ତ।

# ରାଜପଥ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବସ୍ତା, ୨୬।୨ (ହରିଶଙ୍କର ପାଢୀ)

ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଅମର୍ଦାରୋଡ୍ ଇନ୍ଦିରା ଛକ ନିକଟରୁ ବୁଧବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ବସ୍ତା ଥାନା ମୁଳିଦା ଗ୍ରାମର ଦ୍ୟୁତିକୃଷ୍ଣ ମହାପାତ୍ର(୩୦)। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଓ ବ୍ୟାଙ୍କ ଜମା ରସିଦ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

ସକାଳେ ଜାତୀୟ ରାଜପଥ ପାର୍ଶ୍ୱରେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ଦ୍ୟୁତିକୃଷ୍ଣ ଏକ ମେଡିସିନ କମ୍ପାନୀର ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏହି ମେଡିସିନ କମ୍ପାନୀର ମ୍ୟାନେଜରଙ୍କ ସହ ଏକ ବାହାଘର ଭୋଜିରେ ଯୋଗଦେବାକୁ ଭୋଗରାଇ ଯାଇଥିଲେ। ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦ୍ୟୁତିକୃଷ୍ଣ ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଥିଲେ।

# ନାବାଳକଙ୍କୁ ହତ୍ୟାକରି ପତ୍ର ଘୋଡ଼ାଇ ଦେଲେ

- ୩ ଅଟକ, ବ୍ୟବହୃତ ରଶି, ମୋବାଇଲ ଫୋନ ଜବତ
- ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ଚର୍ଚ୍ଚା

ଦେବଗଡ଼, ୨୬।୨
(ଶଶାଙ୍କ ଶେଖର ଝାଙ୍କର)

ଗତ ସୋମବାର ରାତିରୁ ନିଖୋଜ ଥିବା ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଡୁଙ୍ଗାମାଳ ଗ୍ରାମର ବିଜୟ ମୁଣ୍ଡାଙ୍କ ୧୭ବର୍ଷର ନାବାଳକ ପୁଅ ଅମିତଙ୍କ ମୃତଦେହ ବୁଧବାର ନିକଟସ୍ଥ ଜଙ୍ଗଲରୁ ଜବତ କରାଯାଇଛି। ଅମିତଙ୍କ ଗଳାରେ ଗଭୀର ରଶି ଚିହ୍ନ ରହିଥିବା ବେଳେ ହାତ ଏବଂ ମୁଣ୍ଡରେ ଗଭୀର କ୍ଷତଚିହ୍ନ ମଧ୍ୟ ରହିଛି। ଫଳରେ ତାଙ୍କୁ ମାଡ ମାରିବା ସହ ଗଳାକୁ ରଶିରେ ଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। କୁଣ୍ଢେଇଗୋଳା ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ରଶି ଏବଂ ଅମିତଙ୍କ ମୋବାଇଲ ଫୋନ ଜବତ କରାଯାଇଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଅଧିକ ତଦନ୍ତ କରାଯାଇଛି। ଅନ୍ୟପକ୍ଷରେ କୁଣ୍ଢେଇଗୋଳା ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଉକ୍ତ ଥାନା ଅଧିକାରୀ ଦାୟିତ୍ୱରେ ଥିବା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଘଟଣାର ତଦନ୍ତ କରୁଥିବା ବେଳେ ଅତିରିକ୍ତ ଏସ୍‌ପି ଧୀରଜ କୁମାର ଚୋପଦାର ଓ ଡିଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତଦାରଖ କରୁଥିବା ଜଣାପଡିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଅମିତଙ୍କୁ ହତ୍ୟା କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ଡୁଙ୍ଗାମାଳ ଗ୍ରାମର ଅମିତ ଗତ ସୋମବାର ରାତି ପ୍ରାୟ ୧୦ଟାରେ ହାତରେ ଡାଳ (ଗଡୁ) ଧରି ଝାଡ଼ାଯିବା ପାଇଁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମଙ୍ଗଳବାର ନିକଟସ୍ଥ ଜଙ୍ଗଲ ପାଖରେ ଅମିତଙ୍କ ପାଣି ଭର୍ତ୍ତି ଡାଳ ଥିବା ଦେଖିବାକୁ ମିଳିଥିଲା। ମାତ୍ର ଅମିତଙ୍କ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ କୁଣ୍ଢେଇଗୋଳା ଥାନାରେ ନିଖୋଜ ଏତଲା ଦେଇଥିଲେ। ଏହି ଆଧାରରେ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ବୁଧବାର ସକାଳ ପ୍ରାୟ ୮ଟାରେ ନିକଟସ୍ଥ ଜଙ୍ଗଲରେ ଅମିତଙ୍କ କ୍ଷତାକ୍ତ ମୃତଦେହ ପଡିଥିବା ଓ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଏହା ଉପରେ ଶୁଖିଲା ମହୁଲ ପତ୍ର ଘୋଡାଇ ଦେଇଥିବା ପରିବାର ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ସମ୍ପୃକ୍ତ ଅଞ୍ଚଳର ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କାରେ କୌଣସି ଅଧିକ ସୂଚନା ଦେବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚୋପଦାର ମନା କରିଛନ୍ତି।



ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରାଯାଉଛି।

# କେଉଁମାନେ ପ୍ରକୃତ ଆର୍ଯ୍ୟ



ଦେବଦତ୍ତ ପଟ୍ଟନାୟକ

ହରପ୍ପା ସଭ୍ୟତାର ପତନ ପରେ ପ୍ରାୟ ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଭାରତକୁ ଆସିଥିଲେ। ସେମାନେ ଅନେକ ଶତାବ୍ଦୀ ଧରି ଘୋଡ଼ାରେ ଦଳ ଦଳ ହୋଇ ଭାରତରେ ପହଞ୍ଚିଥିବା ଅନୁମାନ କରାଯାଏ। ସେମାନେ ଭାରତରେ ଥିବା ମୂଳ ଲୋକଙ୍କ ସହ ମିଶି ବିଭିନ୍ନ ଯାଯାବର ପଶୁପାଳକ ଗୋଷ୍ଠୀ ସୃଷ୍ଟି କରିଥିଲେ। ଭାରତୀୟ ମୂଳନିବାସୀ ସହ ସେମାନେ ଯୁଦ୍ଧ କରିଥିଲେ(ରାମାୟଣରେ ବର୍ଣ୍ଣିତ) ଓ ପରସ୍ପର ମଧ୍ୟରେ ଲଢ଼େଇ ବି କରିଥିଲେ(ମହାଭାରତରେ ଉଲ୍ଲିଖିତ) । ଯେଉଁମାନେ ପଞ୍ଜାବ, ହରିୟାଣା ଏବଂ ସିନ୍ଧୁନଦୀ ଉପତ୍ୟକାରେ ରହିଲେ, ସେମାନେ ପ୍ରାୟତଃ ଯାଯାବର ଗୋଷ୍ଠୀ ଭାବେ ବଞ୍ଚୁଥିଲେ। ସେମାନେ ଗାନ୍ଧାର, କେକେୟା, ମାଦ୍ରା ଓ ତ୍ରିଗର୍ତ୍ତା ଭଳି ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଯେଉଁମାନେ ଗାଙ୍ଗେୟ ସମତଳ ଅଞ୍ଚଳ ଆଡ଼କୁ ଯାଇଥିଲେ, ସେମାନେ ଏକ ନୂଆ କୃଷିଭିତ୍ତିକ ସଂସ୍କୃତି ବିକାଶ କରିଥିଲେ ଏବଂ କୁରୁ, ପାଞ୍ଚାଳ, କାନ୍ୟକୁବ୍ଜ, ସାକେତ, କାଶୀ ଭଳି ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। କେବଳ ସିନ୍ଧ୍, ରାଜସ୍ଥାନ, ପଞ୍ଜାବ ଏବଂ ହରିୟାଣାରେ ହିଁ ଯାଯାବର ଗୋଷ୍ଠୀର ପୁରାତନ ଆର୍ଯ୍ୟ ପରମ୍ପରା ତିଷ୍ଠି ରହିଲା ଏବଂ ସେଥିରୁ ରାଜପୁତ, ଜାଠ ଏବଂ ଗୁଜ୍ଜର ସମ୍ପ୍ରଦାୟ ସୃଷ୍ଟି ହୋଇଛି। ଏହି ସମ୍ପ୍ରଦାୟଗୁଡ଼ିକ ମଧ୍ୟରୁ ଅନେକେ ଗ୍ରୀକ୍ (ଯବନ), ସ୍କିଥିଆନ(ସାକ), ପର୍ଥିଆନ୍(ପଲଭ), କୁଶାଣ ଏବଂ ହୁନ ଗୋଷ୍ଠୀର ଲୋକଙ୍କୁ ବିବାହ କରିଥିଲେ, ଯେଉଁମାନେ ବିଶେଷକରି ଖ୍ରୀଷ୍ଟପୂର୍ବ ୩୦୦ ଏବଂ ଖ୍ରୀଷ୍ଟାବ୍ଦ ୫୦୦ ମଧ୍ୟରେ ଏହି ଅଞ୍ଚଳରେ ବାଣିଜ୍ୟପଥକୁ ନିୟନ୍ତ୍ରଣ କରୁଥିଲେ। ମୂଳ ଆର୍ଯ୍ୟଙ୍କ ସହ ସମ୍ପର୍କ ବ୍ୟତୀତ ଏହି ରାଜପୁତ, ଜାଠ ଏବଂ ଗୁଜ୍ଜର ଗୋଷ୍ଠୀର ଲୋକଙ୍କ କ୍ଷେତ୍ରରେ କିଛି ଭିନ୍ନ ଘଟଣା ଘଟିଥିଲା। ରାଜପୁତମାନେ ରାଜବଂଶ ଭାବେ, ଜାଠମାନେ କୃଷକ ଏବଂ ଗୁଜ୍ଜରମାନେ ପଶୁପାଳକ ଭାବେ ଉଭା ହୋଇଥିଲେ।

ପଞ୍ଜାବ ଓ ହରିୟାଣାର ଜାତି ବର୍ଗ ମଧ୍ୟରେ ମୁଖ୍ୟତଃ ଉଚ୍ଚ ଜାତିର ଜମିମାଲିକ, ପଶୁପାଳକ, ବ୍ୟବସାୟୀ ଓ ସୈନିକ ଏବଂ ନୀଚ ଜାତି ସମୁଦାୟ ମଧ୍ୟରେ ବିଭେଦ ରହିଛି। ପାଖାପାଖି ୨୦-୩୦% ଦଳିତ ପଞ୍ଜାବ ଓ ହରିୟାଣାରେ ଅଛନ୍ତି। ଫଳରେ ଏଠାରେ ଇସ୍‌ଲାମ, ଶିଖ୍‌ଧର୍ମ ଓ ଆର୍ଯ୍ୟ ସମାଜର ଧାର୍ମିକ ତଥା ସାମାଜିକ ଅଭିଯାନଗୁଡ଼ିକରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ଜାତି ବିରୋଧୀ ଦୃଷ୍ଟିକୋଣ ବଳବତ୍ତର ରହିଛି। ଏଥିରୁ ବୁଝାପଡ଼ୁଛି ଯେ ଚତୁଃବର୍ଣ୍ଣ ବ୍ୟବସ୍ଥା ପୂର୍ବରୁ 'ଜାତି' ରହିଥିଲା।

ଏବେ ପଞ୍ଜାବ କଥା କହିଲେ ଆମେ ଏହାର ବିସ୍ତୀର୍ଣ୍ଣ ସବୁଜ କ୍ଷେତ ବିଷୟରେ ଚିନ୍ତାକରୁ। ଏହି ପ୍ରକାର କୃଷି ଖ୍ରୀଷ୍ଟାବ୍ଦ ୧୫୦୦ ପରେ ପ୍ରାୟ ତୋଗଲକ ଓ ମୋଗଲଙ୍କ ସମୟରେ କେବଳ ସିନ୍ଧୁ ନଦୀ ଉପତ୍ୟକାରେ ବିକଶିତ ହୋଇଥିଲା। ଏତିକିବେଳେ ଏହି ଅଞ୍ଚଳରେ କେନାଲ ଖୋଳାଯାଇଥିଲା ଏବଂ ପ୍ରବାସୀ ଆରବୀୟ ଓ ସୁ(ଗ୍ରୁଏନା



ଓ ଉତ୍ତର-ପଶ୍ଚିମ ସିରିଆଲିଓନରୁ ଆସିଥିବା) ମାନେ ଜଳଚକ ଟେକ୍ନୋଲୋଜି ଏବଂ ବ୍ୟବସାୟଭିତ୍ତିକ କୃଷି ଆରମ୍ଭ କରିଥିଲେ। ପୂର୍ବରୁ ଅଧିକ ଗାଈ, ମଇଁଷି, ମେଣ୍ଢା ଓ ଛେଳି ରଖୁଥିବା ଅନେକ ଜାଠ ସମ୍ପ୍ରଦାୟ ମଧ୍ୟ ଚାଷ କରିବା ଆରମ୍ଭ କରିଦେଲେ। ଫଳରେ ସେମାନେ ଧନୀ ଓ କ୍ଷମତାଶାଳୀ କୃଷକ ହୋଇଗଲେ ଓ ଜମି କିଣି ଚାଷ କଲେ। ଏଭଳି କୃଷି ପୁରାତନ କୃଷିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପୁରାତନ ଇସ୍‌ଲାମିକ କୃଷି ବିପ୍ଳବ ନୂଆ ପଞ୍ଜାବକୁ ଜନ୍ମ ଦେଲା। ତେବେ ଏହି ମଧ୍ୟଯୁଗୀୟ କୃଷି ବିପ୍ଳବ ପର୍ଯ୍ୟନ୍ତ ପଞ୍ଜାବର ଅଧିକାଂଶ ଲୋକ ଚାଷ ସହ ପଶୁପାଳନ କରୁଥିଲେ। ସେମାନଙ୍କ ମଧ୍ୟରୁ କେତେକେ ବ୍ୟବସାୟୀ ଥିଲେ। ଉଭୟ ବ୍ୟବସାୟୀ ଏବଂ ମେଷପାଳକମାନେ କ୍ଷତ୍ରିୟ ବଂଶର ବୋଲି ଦାବି କରିଥିଲେ। ବଣିକମାନେ(ଖତ୍ରି) ଦର୍ଶାନ୍ତି ଯେ ପର୍ଶୁରାମ ଯେତେବେଳେ ସମସ୍ତ କ୍ଷତ୍ରିୟଙ୍କୁ ହତ୍ୟା କରିଥିଲେ ସେତେବେଳେ ସେମାନେ ଅସ୍ତ୍ର ଛାଡ଼ି ବ୍ୟବସାୟୀ ପାଲଟି ଯାଇଥିଲେ। ସେମାନେ ଉତ୍ତର-ପଶ୍ଚିମ, ହିନ୍ଦୁକୁଶ ପର୍ବତମାଳାର ସମଗ୍ର ଅଞ୍ଚଳ, ଇରାନ ଏବଂ କେନ୍ଦ୍ରୀୟ ଏସିଆ ସହିତ ବେପାର କରୁଥିଲେ। ଅନ୍ୟ କ୍ଷତ୍ରିୟମାନେ ଅସ୍ତ୍ରକୁ ଲଙ୍ଗଳ ମୁନ ଭାବେ ବ୍ୟବହାର କରି କୃଷକ (ଜାଟ) ହୋଇଗଲେ । ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀ ମଧ୍ୟରେ ହୋଇଥିବା ସୁ'ଙ୍କ କୃଷି ବିପ୍ଳବ ପରେ ପଶ୍ଚିମ ପଞ୍ଜାବର ଜାଠମାନେ ଇସଲାମ ଧର୍ମ ଆଡ଼କୁ ଢଳିଥିଲେ। କିନ୍ତୁ ପୂର୍ବ ପଞ୍ଜାବରେ ଜାଠମାନେ ଧର୍ମାନ୍ତରୀକରଣକୁ ବିରୋଧ କରି ଶିଖ୍ ଧର୍ମ ଗ୍ରହଣ କରିଥିଲେ । ହରିୟାଣାର ଜାଠମାନେ ହିନ୍ଦୁ ଭାବେ ରହିଲେ। କିନ୍ତୁ ସେମାନେ ପୁନଃ ବିବାହ ପ୍ରଥାକୁ ଅନୁସରଣ କରିଥିବାରୁ ସେମାନଙ୍କୁ ରାଜପୁତ ଓ ବ୍ରାହ୍ମଣମାନେ ନୀଚ ଦୃଷ୍ଟିରେ ଦେଖୁଥିଲେ। ହରିୟାଣାରେ କେତେକ ଯାଯାବର ତଥା ପଶୁପାଳକ ଗୋଷ୍ଠୀର ଲୋକ ଗୁଜ୍ଜର ହୋଇଥିବା ଜଣାଯାଏ। ଉନବିଂଶ ଶତାବ୍ଦୀରେ ବ୍ରିଟିଶ ଶାସକଙ୍କ ସହ ଶତ୍ରୁତା ଯୋଗୁ ଗୁଜ୍ଜରମାନଙ୍କୁ ଅପରାଧୀ ଗୋଷ୍ଠୀ ବୋଲି ଅଭିହିତ କରାଯିବା ଯୋଗୁ ସେମାନଙ୍କ ସାମାଜିକ ସ୍ଥିତିର ପତନ ହୋଇଥିଲା। ପୁନଶ୍ଚ ଦକ୍ଷିଣ ଦିଗକୁ, ରାଜସ୍ଥାନ ନିକଟରେ, ବିଶେଷକରି ମୋଗଲ ଶାସନ ସମୟରେ ଯେଉଁମାନେ ଅସ୍ତ୍ର ଧାରଣ କରି ଘୋଡ଼ା ଓ ଓଟ ପିଠିରେ ବସି ସେମାନଙ୍କ ପଶୁଙ୍କ ସୁରକ୍ଷା କରୁଥିଲେ ସେମାନେ ରାଜପୁତ ଭାବେ ଗଣାଗଲେ। ସେମାନଙ୍କୁ ଚାଷ କରିବା ବାରଣ କରାଯାଇଥିଲା। କିନ୍ତୁ ବ୍ରାହ୍ମଣମାନେ ସେମାନଙ୍କୁ ସୂର୍ଯ୍ୟ ଓ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ବୋଲି ଘୋଷଣା କରିଥିଲେ।

ଭାରତର ଜାତି ବ୍ୟବସ୍ଥାରେ ରାଜପୁତ ଏବଂ କ୍ଷତ୍ରିୟମାନଙ୍କର ବ୍ରାହ୍ମଣଙ୍କ ସହ ନିବିଡ଼ ସମ୍ପର୍କ ରହିଛି। ଅଧିକାଂଶ ବ୍ରାହ୍ମଣ ପଞ୍ଜାବର ପାହାଡ଼ିଆ ଅଞ୍ଚଳରେ ରହୁଥିଲେ। ସେମାନଙ୍କୁ ସ୍ଥାନୀୟ ରାଜାମାନେ ଆଣିଥିଲେ, କିନ୍ତୁ ଯାଯାବର ପଶୁପାଳକ ଗୋଷ୍ଠୀର ଲୋକଙ୍କ ଉପରେ ସେମାନଙ୍କ ପ୍ରଭାବ ନ ଥିଲା। ଜାଠ ଓ ଗୁଜ୍ଜରମାନେ ନିଜକୁ କ୍ଷତ୍ରିୟ ବଂଶର ଯୋଦ୍ଧା ଭାବେ ମାନୁଥିଲେ। ସେମାନେ ପୁରାତନ ଆର୍ଯ୍ୟଙ୍କ ଶୈଳୀରେ ପଶୁଙ୍କ ଯତ୍ନ ନେଉଥିଲେ, ଯାହା ସେମାନେ ମୂଳ ଆର୍ଯ୍ୟଙ୍କ ବଂଶଧର ବୋଲି ଦାବି କରାଯାଏ। କୌତୂହଳର କଥା, ଜାଠ ସମୁଦାୟ ଋଗ୍‌ବେଦରେ ଉଲ୍ଲିଖିତ ପରମ୍ପରାଗୁଡ଼ିକୁ ପାଳନ କରନ୍ତି। ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୁଏ, ସେତେବେଳେ ତାଙ୍କ ବିଧବା ପତ୍ନୀଙ୍କୁ ପୁନର୍ବାର ସାଂସାରିକ ଜୀବନ ବିତାଇବାକୁ ଉତ୍ସାହିତ କରାଯାଏ। ଜାଠ ସମ୍ପ୍ରଦାୟରେ ବିଧବା ବିବାହକୁ ସ୍ୱୀକୃତି ଦିଆଯାଇଥିଲା, ବିଶେଷକରି ପରିବାର ମଧ୍ୟରେ, ଯାହା 'ଚାଦର ଚଢାନା' ଭାବେ ଜଣାଶୁଣା। ଏହି ପରମ୍ପରା ରାଜପୁତ, ଖତ୍ରି କିମ୍ବା ବ୍ରାହ୍ମଣଙ୍କ ମଧ୍ୟରେ ନାହିଁ।

ରାଜପୁତଙ୍କ ମଧ୍ୟରେ ଜୋହର ଓ ସତୀ ପରମ୍ପରା ରହିଥିଲା। ଉଚ୍ଚଜାତି ପରିବାରଗୁଡ଼ିକ ବିଧବା ବିବାହକୁ ଘୃଣା କରୁଥିଲେ। ଏହିପ୍ରକାର ପ୍ରଭେଦ ଯୋଗୁ ଜାଠ ପ୍ରତି ସାମାଜିକ ସ୍ତରରେ ନ୍ୟୂନ ଧାରଣା ଆସିଥିଲା। ଏପରି କି ସେମାନଙ୍କ ମଧ୍ୟରୁ ଅନେକ ଶିଖ୍ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ଏଭଳି ଧାରଣା ବଳବତ୍ତର ରହିଥିଲା। ଆର୍ଯ୍ୟସମାଜର ଉତ୍‌ଥାନ ପରେ ହିଁ ଜାଠମାନେ ସାମାଜିକ ସ୍ୱୀକୃତି ଲାଭ କରିଥିଲେ। ଉତ୍ତର ଦିଗକୁ ଗତି କରି ପାକିସ୍ତାନର ଉତ୍ତରଭାଗ ଏବଂ ଆଫଗାନିସ୍ତାନରେ ଆମେ ପାସ୍ତୁନଙ୍କୁ ପ୍ରତିରୋଧ କରିଛୁ। ବେଦରେ ବର୍ଣ୍ଣିତ 'ପାଖତ' ଗୋଷ୍ଠୀର ଲୋକେ ସମ୍ଭବତଃ ଏଭଳି କରିଥାଇପାରନ୍ତି। ଯେଉଁ ପାସ୍ତୁନମାନେ ଏବେ ମୁସଲମାନ ହୋଇଛନ୍ତି, ସେମାନେ ଦାବି କରନ୍ତି ଯେ ସେମାନଙ୍କ ପୂର୍ବଜ ଇସ୍ରାଏଲରୁ ଆସିଥିଲେ ଏବଂ ଇସ୍‌ଲାମ ଆସିବା ପୂର୍ବରୁ ସେମାନେ ଏକେଶ୍ୱରବାଦୀ ଥିଲେ। ସେମାନେ ମଧ୍ୟ ଦାବି କରନ୍ତି, ସେମାନଙ୍କ ପୂର୍ବଜ ମହମ୍ମଦଙ୍କ ସପକ୍ଷରେ ଲଢ଼ିଥିଲେ ଓ ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ଏହି କାହାଣୀ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଶତାବ୍ଦୀରେ ମୋଗଲ ଶାସନ ସମୟରେ ସାମ୍ନାକୁ ଆସିଥିଲା। ତେବେ ଜାଠ, ଗୁଜ୍ଜର ଏବଂ ଖତ୍ରିଙ୍କ ଭଳି ସେମାନଙ୍କର ବୈଦିକ ସମ୍ପର୍କ ରହିଥିଲା କି? ଆମେ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କେବେ ଜାଣିପାରିବା ନାହିଁ, ଏହା ଉପରେ ଗୁରୁତ୍ୱର ସହ ଚିନ୍ତା କରିବା ଦରକାର।

-devduttofficial@gmail.com

## ଏଇ ଭାରତରେ

ପିଲାଙ୍କ ପାଇଁ କଣ୍ଢେଇ ତିଆରି କରିବା ପାଇଁ ଚାକିରି ଛାଡ଼ି ଦେଇଛନ୍ତି ଚଣ୍ଡିଗଡ଼ର ଡା. ଶ୍ୱେତା ଗୁପ୍ତା। ସେ କନାରେ କେବଳ ପରିବେଶ ଉପଯୋଗୀ କଣ୍ଢେଇ ତିଆରି କରୁଛନ୍ତି । ବିଶେଷକରି ସେ ୧୨ବର୍ଷ ବୟସରୁ କମ୍ ବୟସର ପିଲାମାନଙ୍କ ପାଇଁ କଣ୍ଢେଇ ତିଆରି କରି ସେଥିରୁ ବର୍ଷକୁ ୧୫ ଲକ୍ଷ ଟଙ୍କା ମଧ୍ୟ ରୋଜଗାର କରୁଛନ୍ତି। ସେ ୨୦୨୨ରେ 'ଲିଟିଲ ଲାମ୍ବା' ଷ୍ଟାର୍ଟଅପ ଗଠନ କରିଥିଲେ ଓ ପରେ ତା' ମାଧ୍ୟମରେ ସେ କଣ୍ଢେଇ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ତାଙ୍କ ହାତ ତିଆରି କଣ୍ଢେଇ ଅନେକେ ସେଲିବ୍ରିଟିଙ୍କୁ ଆକର୍ଷିତ କରିପାରିଛି। ସୋନମ କପୁର, ସୋହା ଅଲ୍ଲି ଖାନ୍ ଏବଂ ନେହା ଧୁପିଆଙ୍କ ଭଳି ଚଳଚ୍ଚିତ୍ର ତାରକାମାନେ ତାଙ୍କ ପ୍ରଶଂସକ ପାଲଟି ଯାଇଛନ୍ତି। କଣ୍ଢେଇଗୁଡ଼ିକୁ ସେ ୭୦୦ରୁ ୪,୦୦୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ଶ୍ୱେତା ୨୦୧୨ରେ ଏମ୍‌ବିବିଏସ୍ ପାସ କରିଥିଲେ। ପରେ ସେ ଗୁରୁଗାଁଓର ବେଦାନ୍ତ ହସ୍ପିଟାଲରେ ତାଙ୍କ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୦ ବର୍ଷ ଚିକିତ୍ସା ସେବାରେ ରହିବା ପରେ ତାହାକୁ ଛାଡି ୨୦୨୨ରୁ କଣ୍ଢେଇ ତିଆରି କାମକୁ ଆଦରି ନେଇଥିଲେ। ତଥାପି ରୋଗୀ ସେବାରୁ ସେ ସମ୍ପୂର୍ଣ୍ଣ ଦୂରେଇ ଯାଇନାହାନ୍ତି। କଣ୍ଢେଇ ତିଆରି କାମ ଭିତରୁ ସମୟ ବାହାର କରି ଶ୍ୱେତା ରୋଗୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୭ ଫେବୃଆରୀ ୧୯୭୬

- ଜାତିସଂଘ କର୍ମଚାରୀମାନଙ୍କର ଧର୍ମଘଟ ଫଳରେ ଜାତିସଂଘର ମାନବିକ ଅଧିକାର କମିଶନ, ନିଶାଦ୍ରବ୍ୟ ନିୟନ୍ତ୍ରଣ ବୋର୍ଡ ଏବଂ ଅନ୍ୟାନ୍ୟ ସଂସ୍ଥାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଛି।
- ଦକ୍ଷିଣ କୋରିଆକୁ ୪୩.୫ ନିୟୁତ ଟଙ୍କା ମୂଲ୍ୟର ରେଳଧାରଣା ଯୋଗାଇଦେବା ନିମନ୍ତେ ଭାରତୀୟ ଇସ୍ପାତ ପ୍ରାଧିକରଣ ସଂସ୍ଥା ଓ କୋରିଆର ସରକାରୀ ବାଣିଜ୍ୟ ସଂସ୍ଥା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | 2 | 9 | 8 |
| | | 3 | | | | | | |
| 9 | | 1 | | 7 | | | | |
| | | | | 9 | | 1 | | |
| 8 | | | 2 | | | 6 | 4 | |
| | | 7 | 8 | | | | | |
| | | | 6 | | | | | |
| | 6 | 8 | | 1 | | | 5 | |
| | 4 | | | | 2 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 3 | 7 | 8 | 5 | 9 | 4 |
| 3 | 4 | 7 | 5 | 9 | 6 | 1 | 2 | 8 |
| 5 | 9 | 8 | 4 | 1 | 2 | 3 | 6 | 7 |
| 1 | 7 | 6 | 8 | 2 | 4 | 9 | 5 | 3 |
| 4 | 8 | 3 | 6 | 5 | 9 | 7 | 1 | 2 |
| 9 | 2 | 5 | 7 | 3 | 1 | 4 | 8 | 6 |
| 2 | 3 | 1 | 9 | 6 | 7 | 8 | 4 | 5 |
| 7 | 6 | 4 | 1 | 8 | 5 | 2 | 3 | 9 |
| 8 | 5 | 9 | 2 | 4 | 3 | 6 | 7 | 1 |

ଗତକାଲିର ଉତ୍ତର

# କାଳଜୟୀ ସଙ୍ଗୀତ ପାଇଁ ଆହ୍ୱାନ



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ, ଯିଏ ବିଶ୍ୱ ସଭ୍ୟତାକୁ ତିନୋଟି ଅମୂଲ୍ୟ ରତ୍ନ ଯଥା ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ (ଓଡ଼ିଶୀ) ଓ ଶାସ୍ତ୍ରୀୟ ସଙ୍ଗୀତ (ଓଡ଼ିଶୀ ଗୀତ) ଉପହାର ସ୍ୱରୂପ ପ୍ରଦାନ କରିଛି। ଏକ ଜାତିର ପରିଚୟ ତା'ର ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ଭାଷା, ସଙ୍ଗୀତ, ନୃତ୍ୟ, ସଂସ୍କୃତି ପରମ୍ପରା, ଇତିହାସ ଏବଂ ଐତିହ୍ୟ ଆଦିକୁ ନେଇ ହୋଇଥାଏ। ଆଦିମ କାଳରୁ ଆମ ଭୂଖଣ୍ଡ ଉତ୍କୃଷ୍ଟ କଳାର ନିଦର୍ଶନ ଦେଇ ଆସିଛି। ଉତ୍କୃଷ୍ଟ କଳାର ଦେଶ ବୋଲି ଏହାର ନାମ ଥିଲା ଉତ୍କଳ। ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ମଧ୍ୟ କଳିଙ୍ଗର କଳା ବର୍ଣ୍ଣନା ଦେଖିବାକୁ ମିଳେ, ଯାହା କି ଖ୍ରୀଷ୍ଟପୂର୍ବ ୨୦୦ ବର୍ଷରୁ ଖ୍ରୀଷ୍ଟାବ୍ଦ ୨୦୦ ବର୍ଷ ମଧ୍ୟରେ ରଚିତ ହୋଇଥିଲା। କେହି କେହି ଗବେଷକଙ୍କ ମତରେ ଭରତମୁନିଙ୍କ ନାଟ୍ୟ ଶାସ୍ତ୍ରର ପ୍ରକୃତ ରଚନା କାଳ ହେଉଛି ଖ୍ରୀଷ୍ଟପୂର୍ବ ୫୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ବର୍ଷ ମଧ୍ୟରେ। ସେ ଯାହା ହେଉ, କଳିଙ୍ଗ ବା ଉତ୍କଳରେ ବହୁ ପ୍ରାଚୀନ କାଳରୁ କଳାର ପୂଜା ହେଉଥିବା କେହି ଅସ୍ୱୀକାର କରିପାରିବେ ନାହିଁ। ମନ୍ଦିରଗୁଡ଼ିକରେ ଦେବଦାସୀ ପରମ୍ପରା ହେଉ କିମ୍ବା ମନ୍ଦିର ପ୍ରାଙ୍ଗଣରେ ଭକ୍ତି ରସପୂର୍ଣ୍ଣ ଭଜନ ଜଣାଣ ଯଥା ଗୀତଗୋବିନ୍ଦ, ଭାଗବତ ପ୍ରଭୃତିର ଗାନ ଆମ ସଙ୍ଗୀତ କଳାର ପ୍ରାଚୀନତାକୁ ପ୍ରତିପାଦନ କରେ। ଆଗରୁ ଓଡ଼ିଆ ସଂସ୍କୃତିରେ ବ୍ୟକ୍ତି ଭାଗବତ ପଢ଼ିବା ଓ ଗାଇବାର କୌଶଳ ହାସଲ କଲେ ଜୀବନ ଧନ୍ୟ ହୁଏ ବୋଲି ବିଚାର କରାଯାଉଥିଲା। ଆମ କାର୍ଯ୍ୟରେ ଛାନ୍ଦ, ତାଳ, ଲୟ ଆଦିର ପ୍ରୟୋଗ ଅନ୍ୟାନ୍ୟ ଭାରତୀୟ ଭାଷାଠୁ ଖୁବ୍ ଉର୍ଦ୍ଧ୍ୱରେ। ଲୋକଗୀତ ଓ ଲୋକ ନୃତ୍ୟ ବିବିଧତା ମଧ୍ୟ ଆମ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ତା' ଛଡ଼ା ଆମ ପାଖରେ ୬୨ ପ୍ରକାର ଆଦିବାସୀ ଅଛନ୍ତି, ଯେଉଁମାନଙ୍କ ପାଖରେ ସ୍ୱତନ୍ତ୍ର ନାଚ ଓ ଗୀତରେ ସମୃଦ୍ଧ ସଂସ୍କୃତି ଅଛି। ପ୍ରତ୍ୟେକ ଅଞ୍ଚଳ ଓ ପ୍ରତ୍ୟେକ ସଂପ୍ରଦାୟର ନୃତ୍ୟ ଗୀତରେ ସ୍ୱତନ୍ତ୍ର ବେଶଭୂଷା ଓ ପରିବେଷଣ ଶୈଳୀ ଦେଖିବାକୁ ମିଳେ। ମାତ୍ର ଦୁଃଖ ଲାଗେ ଯେ ସମଗ୍ର ଭାରତରେ ଆମ ନାଚ ଗୀତର ଆଶାନୁରୂପ ପ୍ରଚାର ପ୍ରସାର ହୋଇପାରିନାହିଁ।

ପଞ୍ଜାବ ଏକ ଛୋଟ ରାଜ୍ୟ, କିନ୍ତୁ ତା'ର ଲୋକନୃତ୍ୟ ଭାଙ୍ଗରା ଆଜି ବିଶ୍ୱ ପ୍ରସିଦ୍ଧ। ଭାରତବର୍ଷର ଏମିତି ବିବାହ ନାହିଁ ଯେଉଁଠି ଭାଙ୍ଗରା ଗୀତ ବାଜୁ ନ ଥିବ। ଅବଶ୍ୟ ସେସବୁ ଗୀତର ଅର୍ଥ କେହି ବୁଝି ନ ଥାନ୍ତି। ଯେଉଁ ମେଲୋଡି ବା ସ୍ୱର ହୃଦୟକୁ ଛୁଇଁଲା, ତା'ର ଅର୍ଥ ବୁଝିବା କ'ଣ ଆବଶ୍ୟକ ? ସେଥିପାଇଁ ତ କୁହାଯାଏ MUSIC HAS NO LANGUAGE। ଅର୍ଥାତ୍ ସଙ୍ଗୀତର ଭାଷା ନାହିଁ। ହୃଦୟକୁ ଛୁଇଁଲେ, ମଣିଷର ପାଦ ଓ ଶରୀର ଝୁମି ଯାଏ। ସତୁରି ଦଶକରେ ସମ୍ବଲପୁରୀ ଲୋକନୃତ୍ୟକୁ ନେଇ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ରଙ୍ଗବତୀ ଗୀତ ରଚନା କଲେ। ତାଙ୍କ ରଚନା ରଙ୍ଗବତୀ ଇତିହାସ ରଚିଲା। ଭାରତର ବିଭିନ୍ନ ରାଜ୍ୟରେ ଜନମାନସଙ୍କ ମନକୁ ଛୁଇଁଲା ଓ ଖୁବ୍ ଭଲପାଇବା ସାଉଁଟିଲା। ତାଙ୍କ ଗାଁ ବିଲୁଙ୍ଗର ନାମ ବଦଳାଇ ରଙ୍ଗବତୀ ବିଲୁଙ୍ଗ ହେଲା। ଦୁଇଜଣ



ଗାୟକ ଜିତେନ୍ଦ୍ର ହରିପାଲ ଓ କ୍ରୀଷ୍ଣା ପଟେଲଙ୍କୁ ମଧ୍ୟ ପଦ୍ମଶ୍ରୀ ସମ୍ମାନ ମିଳିଲା। ଦେଖିବାକୁ ଗଲେ ବିଗତ ୫୦ ବର୍ଷ ଭିତରେ ଅନେକ ଓଡ଼ିଆ ଗୀତ ରଚନା ହୋଇଛି। ମାତ୍ର ରଙ୍ଗବତୀ ଭଳି ଆଉ ଏକ ସୁମଧୁର ହୃଦୟଛୁଆଁ ସଙ୍ଗୀତ ଆସିପାରିଲା ନାହିଁ , ଯାହା କି ଉଭୟ ଓଡ଼ିଆ ଓ ଅଣଓଡ଼ିଆ ମନକୁ ବାନ୍ଧି ରଖିବ। ଆମ ପାଖରେ ଅନେକ ଲୋକଗୀତ, ନାଚ ଓ ଧୁନ ରହିଛି। ବନସ୍ତେ ଡାକିଲା ଗଜ ... କିମ୍ବା କୁମାର ପୂନେଇଁ ଜହ୍ନ ଗୋ ... ସମ୍ବଲପୁରୀ ନାଚ ଗୀତ ... କୋରାପୁଟିଆ ନାଚ ଗୀତ ... ଘୋଡ଼ା ନାଚ ଗୀତ ...ଗଞ୍ଜାମର ଲୋକଗୀତ ଇତ୍ୟାଦି। ଆମ ପାଖରେ ବଢ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଓ ଆରେଞ୍ଜର, ଭଲ ଗୀତିକାର ଅଛନ୍ତି। ଭଲ ମ୍ୟୁଜିକ ଷ୍ଟୁଡିଓ ଏବଂ ସୁମଧୁର କଣ୍ଠଶିଳ୍ପୀ ମଧ୍ୟ ଅଛନ୍ତି। ସମସ୍ତଙ୍କର ମିଳିତ ପ୍ରୟାସ ହେଲେ ରଙ୍ଗବତୀ ଭଳି ନୂତନ ସଙ୍ଗୀତର ଜନ୍ମ ହେବ ଓ ତାହା ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆଦର ଲାଭ କରିବ।

କେଉଁ ପ୍ରକାର ଗୀତ ରଚନା କଲେ ଏବଂ କେଉଁ ଧୁନ ଦ୍ୱାରା ତାକୁ ସଜାଇଲେ ଅଣଓଡ଼ିଆଙ୍କ ହୃଦୟକୁ ଛୁଇଁବ ଓ ସେମାନେ ତାଙ୍କ ବିବାହ ବ୍ରତରେ ତାକୁ ବଜେଇବେ ଏବଂ ତା' ଧୁନରେ ନାଚିବେ ସେ ବିଷୟରେ ସଙ୍ଗୀତ ନିର୍ଦ୍ଦେଶକମାନେ ଚିନ୍ତା କରିବା ଉଚିତ। ମୋଟ ଉପରେ ଓଡ଼ିଆ ମୌଳିକ ସଙ୍ଗୀତକୁ କିପରି ଅଧିକ ମେଲୋଡିଓସ କରାଯାଇପାରିବ ସେ ବିଷୟରେ ସଙ୍ଗୀତକାରମାନେ ବିଚାର କରନ୍ତୁ। ତା' ନ କରି ଅନେକେ ସଙ୍ଗୀତକାର ଶସ୍ତା ଲୋକପ୍ରିୟତା ହାସଲ ପାଇଁ ନିମ୍ନମାନର ସଙ୍ଗୀତ ପ୍ରସ୍ତୁତ କଲେ ଆମେ ଅନ୍ତଃରାଷ୍ଟ୍ରୀୟ ସ୍ତର ସଙ୍ଗୀତ ପ୍ରସ୍ତୁତ କରିପାରିବା ନାହିଁ। ଦେଖନ୍ତୁ ତେଲୁଗୁ ଫିଲ୍ମ ଗୀତ 'ନାଟୁ ନାଟୁ'ର ସ୍ୱତନ୍ତ୍ରତା ପାଇଁ ତାକୁ ଓସ୍କାର ପୁରସ୍କାର ମିଳିଲା। ଚନ୍ଦ୍ରବୋଷଙ୍କ ଲେଖାକୁ ଏମ୍‌ଏମ୍ କିରାଭାଣୀ ଏକ ସ୍ୱତନ୍ତ୍ର ଅନ୍ଦାଜରେ ପ୍ରସ୍ତୁତ କଲେ। ପୂର୍ବରୁ ମଧ୍ୟ ସ୍ଲମଡଗ ମିଲିଓନାର ଚଳଚ୍ଚିତ୍ରରେ ବିଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍ ରହମାନଙ୍କ ପ୍ରସ୍ତୁତ 'ଜୟ ହୋ' ଗୀତ ମଧ୍ୟ ଓସ୍କାର ପୁରସ୍କାର ପାଇବାରେ ସଫଳ ହୋଇଥିଲା। ଆମ ପାଖରେ ଗୀତର ସ୍କେଲିଟନ ଅଛି। ସଜେଇବା ପାଇଁ ନାନା ପ୍ରକାର କଷ୍ଟ୍ୟୁମ ଅଛି। କେବଳ ଅଭାବ ରହିଛି କିପରି ଆମେ ବିଭିନ୍ନ ଉପାଦାନକୁ ଯୋଡ଼ି ନୂତନତ୍ୱ ସୃଷ୍ଟି କରିବା। ସବୁ ଚିତ୍ରକର ପାଇଁ ସେଇ ୭ ପ୍ରକାର ରଙ୍ଗ ଥାଏ। ମାତ୍ର ସଫଳ ଚିତ୍ରକର ସେସବୁ ରଙ୍ଗକୁ ନେଇ ମାନସିକ ସ୍ତରରେ ବାସ୍ତବତାକୁ ପ୍ରଥମେ ଆଙ୍କେ ଓ ପରେ ରଙ୍ଗତୂଳୀରେ ସଜାଏ। ତେଣୁ ଆମର ସଙ୍ଗୀତକାରଙ୍କୁ ଆହ୍ୱାନ ଯେ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରଖି ଓଡ଼ିଆର ମୌଳିକ ଉପାଦାନକୁ ନେଇ କେମିତି ବିଶ୍ୱ ଆଦୃତ ସଙ୍ଗୀତ ରଚନା କରିବା ?

ମନେରଖନ୍ତୁ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବାକୁ ହେଲେ, ଆମକୁ ଶିକ୍ଷା, କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ନୃତ୍ୟ, ସଙ୍ଗୀତ, ଭାଷା, ସଂସ୍କୃତି, ଅର୍ଥନୀତି ଆଦି ପ୍ରତ୍ୟେକ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିବାକୁ ପଡ଼ିବ। ପ୍ରସ୍ତର ଭାସ୍କର୍ଯ୍ୟ ଓ ବାଲୁକାକଳାରେ ଆମେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିପାରିଛନ୍ତି। ଓଡ଼ିଶୀ ନୃତ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିପାରିଛନ୍ତି। କିନ୍ତୁ ସଙ୍ଗୀତରେ ସେତେଟା ପ୍ରଗତି ହାସଲ କରିପାରିନାହୁଁ। ଚେଷ୍ଟା କଲେ ନିଶ୍ଚିତ ରୂପେ ସଫଳତା ପାଇବା। ସେଥିପାଇଁ ଆମ ସଙ୍ଗୀତକାରଙ୍କୁ ବିଶ୍ୱମନା ହେବାକୁ ପଡ଼ିବ ଓ ବିଶ୍ୱ ଆଦୃତିର ଉପାଦାନଗୁଡ଼ିକୁ ଆମ ସଙ୍ଗୀତରେ ସମାହିତ କଲେ ନିଶ୍ଚେ ଆଗାମୀ ଦିନରେ ରଙ୍ଗବତୀ ଭଳି ଅନେକ ମୌଳିକ ସୃଷ୍ଟିକୁ ବିଶ୍ୱବାସୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିବାରେ ସକ୍ଷମ ହେବା।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଜନଗଣନା ଶୀଘ୍ର କରାଯାଉ

ମହାଶୟ,

ପ୍ରତି ୧୦ ବର୍ଷରେ ଦେଶରେ ଜନଗଣନା କରାଯାଏ । ୨୦୧୧ ମସିହାରେ ଏହା ଶେଷଥର କରାଯାଇଥିଲା । ସେହି ଅନୁସାରେ ୨୦୨୧ ମସିହାରେ ଜନଗଣନା କରାଯିବା କଥା। ମାତ୍ର କରୋନା କଟକଣା ଯୋଗୁ ସେତେବେଳେ ଜନଗଣନା ସ୍ଥଗିତ ରଖାଯାଇଥିଲା । ବହୁଦିନ ତଳୁ ଏହି କଟକଣା ଉଠି ସ୍ୱାଭାବିକ ଅବସ୍ଥା ଫେରିଆସିଛି । କିନ୍ତୁ ବିନା କାରଣରେ ଜନଗଣନା ପରି ଗୋଟିଏ ଜାତୀୟ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି । ଜନଗଣନାରୁ ଉପଲବ୍ଧ ପରିସଂଖ୍ୟାନକୁ ଆଧାରକରି ବିଭିନ୍ନ ବିକାଶମୂଳକ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରାଯାଏ । ଏହି ପରିସଂଖ୍ୟାନ ଅଭାବରୁ ଯୋଜନା ସବୁ ବାଟବଣା ହେବା ସ୍ୱାଭାବିକ । ଏହା ଫଳରେ ଦେଶବାସୀ ବିଭିନ୍ନ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । ଠିକ୍ ସମୟରେ ଜନଗଣନା ନ କରିବା କେନ୍ଦ୍ର ସରକାରଙ୍କ ଏକ ବଡ଼ ବିଫଳତା । ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜନଗଣନା ଖୁବ୍ ଶୀଘ୍ର ସମ୍ପନ୍ନ ହେବା ଆବଶ୍ୟକ ।

-ଅକ୍ଷୟ କୁମାର ମହାନ୍ତି , ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

# ସକଳ ଘଟେ ପରଂବ୍ରହ୍ମ



ଅନୀତା ପଟ୍ଟନାୟକ

ଥରେ ତିନି ଜଣ ସନ୍ନ୍ୟାସୀ ଯେଉଁମାନଙ୍କର ନାମ ଥିଲା ହସ୍ତାମଳକ, ତ୍ରୋଟକ ଏବଂ ପଦ୍ମପାଦ ସେମାନେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ। ହସ୍ତାମଳକ ପୁରୀ ବଡ଼ଦାଣ୍ଡ ଆଗରେ ଥିବା ଦୋକାନ ମଧ୍ୟରୁ ଜଗନ୍ନାଥଙ୍କର ଗୋଟିଏ କୁନି ବିଗ୍ରହ କିଣି ଆଣିବାକୁ ଚାହୁଁଥିଲେ। ତ୍ରୋଟକଙ୍କ ପିତା ପ୍ରତିବର୍ଷ ଜଗନ୍ନାଥଙ୍କ ନିକଟକୁ ସେ ବଞ୍ଚିଥିବା ସମୟରେ ଆସୁଥିଲେ। ସେ ପ୍ରତିବର୍ଷ ଅଳ୍ପ କିଛି ଅର୍ଥରେ କୁନି କୁନି ଜଗନ୍ନାଥଙ୍କ ମୂର୍ତ୍ତି କିଣି ନେଉଥିଲେ ଓ ତାଙ୍କୁ ଘରେ ସଜାଇ ପୂଜାପାଠ କରୁଥିଲେ। ତ୍ରୋଟକ ଏକଥା ହସ୍ତାମଳକଙ୍କୁ କହିଥିଲେ। ତ୍ରୋଟକ ଏକଥା ମଧ୍ୟ କହିଥିଲେ ତାଙ୍କ ପିତା ଜଗନ୍ନାଥଙ୍କର ଯେଉଁ ଛୋଟ ମୂର୍ତ୍ତି କିଣୁଥିଲେ ସେ ସବୁ ଜଗନ୍ନାଥଙ୍କର ପ୍ରତିରୂପ ପରି ଥିଲା। ହସ୍ତାମଳକ ଏପରି କାହିଁକି କହୁଛ ବୋଲି ପଚାରିବାରୁ ତ୍ରୋଟକ କହିଥିଲେ, ପ୍ରତି ବାର ବର୍ଷରେ ଥରେ ନବକଳେବର ହୁଏ ଓ ପୁରୁଣା ଦାରୁବ୍ରହ୍ମଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ଥରେ ଅତ୍ୟନ୍ତ ଦାରିଦ୍ର୍ୟ ହେତୁ ତାଙ୍କ ପିତା ଜଗନ୍ନାଥଙ୍କର କେତେଗୁଡ଼ିଏ ବିଗ୍ରହ ବିକ୍ରୟ କରିବାକୁ ଚାହିଁଥିଲେ। ସେ ଚାରି ପଇସା ପାଇଁ, ଗୁଜୁରାଣ ମେଣ୍ଟାଇବା ଲାଗି ବିଗ୍ରହଙ୍କୁ ବିକ୍ରୟ କରିବାକୁ ଚାହିଁବାରୁ ଲୋକେ ଦୟା ପରବଶ ହୋଇ ଗୋଟିଏ ଛୋଟ କାଠଖଣ୍ଡର ମୂଲ୍ୟ ଦେଇ ସେଗୁଡ଼ିକ କିଣିଥିଲେ। ଅତ୍ୟନ୍ତ ଦାରିଦ୍ର୍ୟ ଓ ଜଠରାଗ୍ନିର ଜ୍ୱାଳାକୁ ସହି ନ ପାରି ସେଦିନ ତ୍ରୋଟକଙ୍କ ପିତା ସେଗୁଡ଼ିକ ବିକ୍ରି କରିଦେଇଥିଲେ ବୋଲି କହିଥିଲେ।

ପିତାଙ୍କ ମୃତ୍ୟୁ ପରେ ସେ ତାଙ୍କ ପିତାଙ୍କୁ ବହୁତ ଭଲ ପାଉଥିବାରୁ ଖୁବ୍ କାନ୍ଦିଥିଲେ ଓ କହିଥିଲେ 'ହେ ମୋର ପିତା ମତେ ଛାଡ଼ି କୁଆଡ଼େ ଚାଲିଗଲ।' ହେଲେ ସେ ଏହାର ଉତ୍ତର ପାଇ ନ ଥିଲେ। ଏ କଥାଟି ହସ୍ତାମଳକଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ତେଣୁ ସେ ଗୋଟିଏ ଛୋଟ ଜଗନ୍ନାଥ ମୂର୍ତ୍ତିଟିଏ ବଡ଼ଦାଣ୍ଡରୁ କିଣିବାକୁ ଚାହୁଁଥିଲେ। ଏହି ତିନି ସନ୍ନ୍ୟାସୀଙ୍କ ମଧ୍ୟରେ ପଦ୍ମପାଦ ଅନ୍ୟତମ ଥିଲେ। ସେ ତାଙ୍କର ଦୁଇ ବନ୍ଧୁଙ୍କର କଥୋପକଥନ ଓ ଚାଲିଚଳନକୁ ଅନୁଧ୍ୟାନ କରୁଥିଲେ। ଏହି ସମୟରେ ପୁରୀର ଜଣେ ପଣ୍ଡା ପଦ୍ମପାଦଙ୍କର ସୁନ୍ଦର କମନୀୟ ରୂପକୁ ଦେଖି ନିଜ ମୁଣିରୁ ଗୋଟିଏ ଛୋଟ ଜଗନ୍ନାଥଙ୍କର ବିଗ୍ରହ ତାଙ୍କୁ ଦେଲେ ଓ କହିଲେ ନବକଳେବର ସମୟରେ ଯେଉଁ ଦାରୁରୁ ବର୍ତ୍ତମାନ ପୂଜା ପାଉଥିବା ଜଗନ୍ନାଥଙ୍କ ବିଗ୍ରହ ତିଆରି କରାଯାଇଛି ତାହାର ଏକ ଛୋଟ ଖଣ୍ଡରେ ଏହି ଛୋଟ ବିଗ୍ରହଟି ତିଆରି ହୋଇଛନ୍ତି। ବିଗ୍ରହର ପାଦରେ ଏକ ତୁଳସୀ ପତ୍ର ଲାଗିଥିଲା ଓ ଶ୍ରୀଚନ୍ଦନ ବୋଳାଯାଇଥିବାରୁ ବିଗ୍ରହଟି ମହମହ ବାସୁଥିଲା। ତିନି ସନ୍ନ୍ୟାସୀ ବନ୍ଧୁ ତୁଳସୀ ପତ୍ରକୁ ଭାଗ କରି ସେବନ କଲେ ଓ ଜଗନ୍ନାଥଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇଲେ ଓ ପଦ୍ମପାଦ ସେହି ବିଗ୍ରହଙ୍କୁ ନିଜ ଝୁଲା ମୁଣିରେ ରଖିଦେଲେ। ତିନି ବନ୍ଧୁଙ୍କ ମୁହଁରୁ ଏକ ସ୍ୱରରେ ବାହାରି ପଡ଼ିଲା ଆରେ ଏ କ'ଣ ? ଯେଉଁ ବିଗ୍ରହଙ୍କୁ ଆମେ ରତ୍ନସିଂହାସନରେ ଦେଖିଲୁ ଏ କୁନି ବିଗ୍ରହଟି ସେହିପରି ଦେଖାଯାଉଛନ୍ତି।

ଏହି ସମୟରେ ହସ୍ତାମଳକ କହିଲେ, ମୁଁ ଗୋଟିଏ ବିଗ୍ରହ କିଣିବାକୁ ଚାହୁଁଥିଲି କିନ୍ତୁ ପଦ୍ମପାଦ ତୁମେ କେତେ ମହାନ୍ ଯେ ତୁମ ନିକଟକୁ ଜଗନ୍ନାଥଙ୍କ ବିଗ୍ରହ ବିନା ଖର୍ଚ୍ଚରେ ଆସିଗଲେ। ହସ୍ତାମଳକ ପୁରୀ ବଡ଼ଦାଣ୍ଡରୁ ଗୋଟିଏ ବିଗ୍ରହ କିଣିବାକୁ ଯିବା ସମୟରେ ତ୍ରୋଟକଙ୍କୁ କହିଲେ, ତୁମର ପିତା ଦାରିଦ୍ର୍ୟ ହେତୁ ବିଗ୍ରହଗୁଡ଼ିକ ବିକ୍ରି କରିଦେଇଥିଲେ ଓ କାଠର ମୂଲ୍ୟ ପାଇଥିଲେ। ତୁମର ପିତା ମରିଯିବା ପରେ ତାଙ୍କ ପାଇଁ ତୁମେ କାନ୍ଦିଥିଲ। ପିତାଙ୍କ ସ୍ମରଣେ ଚାଲ ତୁମେ ଗୋଟିଏ ଜଗନ୍ନାଥଙ୍କ ବିଗ୍ରହ କିଣିବ ଓ ସେପରି ଯଦି ନ ଚାହୁଁଥାଅ ତୁମକୁ ମୁଁ ଗୋଟିଏ ବିଗ୍ରହ ଉପହାର ସ୍ୱରୂପ ଦେବି।

ତ୍ରୋଟକ ଯୋଡ଼ହସ୍ତରେ କହିଲେ, ମୁଁ ସେ ଦିନ ମୋ ପିତାଙ୍କ ପାଇଁ ଯେଉଁ କାନ୍ଦିଥିଲି ତାହାର ଉତ୍ତର ମୁଁ କୋଇଲି ବୈକୁଣ୍ଠ ନିକଟରେ ପ୍ରଣାମ କରୁଥିବା ସମୟରେ ପାଇଥିଲି। ଆମେ ଶରୀର ପାଇଁ କାହିଁକି କାନ୍ଦୁ? ମଲା ଶରୀର ତ ଆମ ଆଗରେ ଥୁଆ ହୋଇଥାଏ। କେବଳ ଆତ୍ମା ହିଁ ନ ଥାନ୍ତି। ବାରବର୍ଷରେ ଥରେ ନବକଳେବର ସମୟରେ ଜଗନ୍ନାଥଙ୍କର ନୂତନ ବିଗ୍ରହରେ ବ୍ରହ୍ମଙ୍କୁ ପ୍ରତିଷ୍ଠା କରାଯାଇଥାଏ। ଏ ଶରୀରକୁ ନିଶ୍ଚିହ୍ନ କରିଦେବା ପରି ଜଗନ୍ନାଥଙ୍କ ପୁରୁଣା ପବିତ୍ର ଦାରୁକୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ମୋର ପିତା ଜଗନ୍ନାଥଙ୍କୁ ବିକ୍ରୟ କରିବା ସମୟରେ ସମସ୍ତେ କେବଳ କାଠ ସହିତ ତୁଳନା କରି ତା'ର ମୂଲ୍ୟ ଦେଇଥିଲେ। ପରଂବ୍ରହ୍ମ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। ମୋର ଦାରୁ ମୂର୍ତ୍ତିର କୌଣସି ଆବଶ୍ୟକତା ନାହିଁ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ: ୯୬୯୨୯୮୦୦୨୬

## ଚିରନ୍ତନୀ

ମଣାଶିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ!
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିବମୟ ହେଲା ପରିବେଶ

**ବଲାଙ୍ଗୀର,୨୬।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାର ବିଭିନ୍ନ ଶୈବପୀଠରେ ବୁଧବାର ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଛି। ରାତି ପ୍ରାୟ ୩ଟାରୁ ଶୈବପୀଠଗୁଡ଼ିକରେ ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଥିଲା। ଭୋର ସମୟରୁ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଜିଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର, ରାଣୀପୁର-ଝରିଆଲସ୍ଥିତ ସୋମେଶ୍ୱର ମନ୍ଦିର, କୁମୁଡାପାହାଡସ୍ଥିତ ଶ୍ରୀ ଧବଳେଶ୍ୱର ଶିବ ମନ୍ଦିର, ଯୋଗୀସର୍ଡାର ଯୋଗେଶ୍ୱର ବାବା, ସାନଟିକାର ଜଳେଶ୍ୱର ବାବା, ସୁର୍ଡାର କୋଶଳେଶ୍ୱର ଶିବ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଛି। ଏହାସହିତ ବିଭିନ୍ନ ଗାଁ ଓ ସହରର ଶିବ ମନ୍ଦିରରେ ମହାଶିବରାତ୍ରି ପାଳନ କରାଯାଇଛି। ବଲାଙ୍ଗୀର ସହରର



ଖୁଜେନପାଲି ଧବଳେଶ୍ୱର ବାବା ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ପ୍ରସିଦ୍ଧ ଶ୍ରୀଲୋକନାଥ ମନ୍ଦିର, ଶ୍ରୀଧବଳେଶ୍ୱର ବାବା ମନ୍ଦିର, ଆନନ୍ଦ ସାଗରପଡା ଶିବମନ୍ଦିର, ରେଳୱେ ନିକେତନସ୍ଥିତ ବିଶ୍ୱାତ୍ମ ଚେତନା ପରିସର ଷ୍ଟେଶନ ଶିବମନ୍ଦିର, ଖୁଜେନପାଲି ମନ୍ଦିର ଓ ତୁଳସୀନଗର ଟାଙ୍ଗେଶ୍ୱର

**ମହା ଶିବରାତ୍ରିରେ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼**

ବାବା ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଛି। ଖୁଜେନପାଲି ଶିବମନ୍ଦିରରେ ବିକ୍ରମାନନ୍ଦ ବହିଦାର, ସଂଗ୍ରାମ ବହିଦାର ଏବଂ ଖୁଜେନପାଲି ପୂଜା କମିଟି ସଭ୍ୟଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରିଛନ୍ତି। ସହସ୍ରାଧିକ ଶ୍ରଦ୍ଧାଳୁ ଉଜାଗର ରହି ଭଗବାନ ଶିବଙ୍କୁ ଭକ୍ତି ନିବେଦନ କରିଛନ୍ତି। ଶ୍ରୀ ଲୋକନାଥ ମନ୍ଦିରରେ ମହେନ୍ଦ୍ର ଦର୍ଜୀ, ଗୋପାଳ ପ୍ରଧାନ, ଯୋଗେଶ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ,୨୬।୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଦୂର ଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ହରିଶଙ୍କରରେ ପହଞ୍ଚି ଚିରସ୍ରୋତା ପାପନାଶିନୀ ଝରଣାରେ ବୁଡ଼ ପକାଇ ମନ୍ଦିରରେ ଠାକୁର ଦର୍ଶନ କରିଥିଲେ। ଖରାରେ ଶ୍ରଦ୍ଧାଳୁ ମାନେ ଲମ୍ବା ଧାଡ଼ିରେ ରହି ଘଣ୍ଟା ଘଣ୍ଟା ଅପେକ୍ଷା କରି ଠାକୁରଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ପୂଜକମାନେ ହରିଶଙ୍କର ଠାକୁରଙ୍କୁ ସତନ୍ତ୍ର ପୂଜା ନୀତି କରିବା ସହିତ ଧ୍ୱଜ ରାତ୍ରୀରେ ମହାଦୀପ ମନ୍ଦିର ଉପରକୁ ଚଢ଼ିଲା ପରେ ଫଳ ମୂଳ ଭୋଗ ଲାଗିକରି ଶ୍ରାଦ୍ଧକୁ ଙ୍କୁ ବାଣ୍ଟି ଥିଲେ। ଦିନ ସାରା ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସନ୍ଧ୍ୟାରେ ସଙ୍କୀର୍ତ୍ତନ ପରିବେଷିତ ହୋଇଥିଲା। ପାଟଣାଗଡ଼ର ସୁର ସଙ୍ଗମ ସାଂସ୍କୃତିକ ଦଳ ତରଫରୁ ଭଜନ ପରିବେଷଣ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଝୁମିଥିଲେ। ରାତିରେ ମହାଦୀପ ଉଠିଥିଲା।



ହରିଶଙ୍କରରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ ପାଇଁ ଲାଇନରେ ଛିଡା ହୋଇଛନ୍ତି ।

ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିଲା । ବଲାଙ୍ଗିର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜି ମଲ୍ଲିକ, ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରମୁଖ ପରିସ୍ଥିତି ପ୍ରତି ନଜର ରଖିଥିଲେ। ସେହିପରି ପ୍ରଶାସନ ତରଫରୁ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶିବରାତ୍ରି ଅବସରରେ କନ୍ଦରାଭଟା ତ୍ରିଲିଙ୍ଗେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ହେବା ସହିତ ଅଷ୍ଟ ପ୍ରହାର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଟିଟିଲାଗଡ଼ ପୌର ପରିଷଦ: ୪ ମାସ ହେଲା ଦରମା ମିଳିନାହିଁ

**ଟିଟିଲାଗଡ଼,୨୬।୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦର ୫୧ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ୪ ମାସ ହେଲା ଦରମା ମିଳିନାହିଁ । ଫଳରେ ସମ୍ପୃକ୍ତ କର୍ମଚାରୀମାନେ ଘୋର ଅସୁବିଧା ମଧ୍ୟରେ ଦିନ କାଟୁଛନ୍ତି। ପ୍ରକାଶ ଯେ, ଟିଟିଲାଗଡ଼ ପୌର ପରିଷଦର ଜଗୁଆଳି, ବିଭିନ୍ନ ପାର୍କରେ ମାଳି, ପିଅନ, ସୁପରଭାଇଜର, ଆକାଉଣ୍ଟ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିବା ପାଇଁ ଠିକାସଂସ୍ଥା ଜରିଆରେ ୫୧ ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି । ହେଲେ କର୍ମଚାରୀଙ୍କ ପରିବାରର ସୁରକ୍ଷା ନେଇ ଆଇନ ମୁତାବକ ଇପିଏଫ ଓ ଇଏସଆଇ ତ ଦୂରର କଥା ମାସକୁ ମାସ କର୍ମଚାରୀଙ୍କ ବେତନ ମଧ୍ୟ ମିଳୁନାହିଁ। ଏନେଇ ଅସ୍ଥାୟୀ କର୍ମଚାରୀମାନେ ମଙ୍ଗଳବାର ଟିଟିଲାଗଡ଼ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପର୍ଯ୍ୟନ୍ତ କଥାଯାଇଛି। କର୍ମଚାରୀ ବସନ୍ତ ବେହେରା, ସୁଧୀର ରାୟ, ସୀତୁ ପାଢ଼ୀ, ବରୁଣ ଦୀପ, ସୁନିଲ ସେଠ, କଲ୍ୟାଣୀ ସାହୁ, ଜୟନ୍ତୀ ଜାଲ, ନିହାର ରଞ୍ଜନ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଇପିଏଫ ଜମା ବାବଦକୁ ସେମାନଙ୍କ ବେତନରୁ ଟଙ୍କା କଟାଯାଉଛି। ହେଲେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଇପିଏଫ ଟଙ୍କା ଜମା ନ କରି ହଡପ କରାଯାଇଛି। ସମ୍ପୃକ୍ତ ଠିକା ସଂସ୍ଥା ଟଙ୍କା ହଡପ କରିଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଅସ୍ଥାୟୀ କର୍ମଚାରୀଙ୍କ ପ୍ରତି ଠିକା ସଂସ୍ଥାର ଏଭଳି ମନୋଭାବ ନେଇ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉକ୍ତ ଠିକା ସଂସ୍ଥା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

### ପୋଲିସର ଜନସମ୍ପର୍କ ଶିବିର

**ଲାଠୋର,୨୬।୨(ଭୁବନେଶ୍ୱର ବାରିକ)**

ଜନସାଧାରଣ ଯେପରି ପୋଲିସକୁ ଭୟ ନ କରି ସୁସମ୍ପର୍କ ସ୍ଥାପନ କରିବେ ତାକୁ ନଜରରେ ରଖି ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରିଙ୍କ ନିର୍ଦ୍ଦେଶ କ୍ରମେ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କ ଅଧ୍ୟକ୍ଷତାରେ ବେନ୍ଦେର ଗ୍ରାମ ଖେଳପଡ଼ିଆରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥି ଭାବେ ବଲାଙ୍ଗୀର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି, ସୁବେଦାର ଜୟନ୍ତ ପ୍ରଧାନ,ସରପଞ୍ଚ ସସ୍ମିତା ମାଝୀ ଯୋଗ ଦେଇଥିଲେ । ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ମହିଳା ପୁରୁଷ ଏବଂ ସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବେନ୍ଦେର, ଭରୁଆମୁଣ୍ଡା, ବାଦିମାଲ, ଚହକପଡ଼ା, ବାଗଡିଆ ଗ୍ରାମର ୮ ଗୋଟି କ୍ରିକେଟ ଦଳ ମଧ୍ୟରେ କ୍ରିକେଟ ମ୍ୟାଚର ଆୟୋଜନ ହୋଇଥିଲା । ଏଥିରେ ବେନ୍ଦେର ଦଳ ଚାମ୍ପିୟନ ହୋଇଥିଲା । ଶିବିରରେ ୟୁଥ ବ୍ଲଡ଼ ଡୋନର ଗ୍ରୁପ ବଲାଙ୍ଗୀର ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା । ଯେଉଁମାନଙ୍କ ଆଖି ବିଶେଷ ଖରାପ ଅଛି ସେମାନଙ୍କର ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦିଆଯାଇଥିଲା । ପୋଲିସ ପକ୍ଷରୁ ଲୋକଙ୍କୁ ମାଗଣା ଶାଲ, କମ୍ବଳ, ଶାଢ଼ୀ, ଛତା, ଟର୍ଚ୍ଚ ଲାଇଟ, ବାଦ୍ୟ ସାମଗ୍ରୀ, କ୍ୟାରମ ବୋର୍ଡ, ଫୁଟବଲ ଆଦି ବଣ୍ଟନ କରାଯାଇଥିଲା । କ୍ରିକେଟ ଖେଳାଳିମାନଙ୍କୁ କ୍ରିକେଟ କିଟ୍ ଏବଂ ଟି-ଶାର୍ଟ ବଣ୍ଟନ କରାଯାଇଥିଲା । ସେହିପରି ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଖାତା,କଲମ, ପେନସିଲ, ପାଣି ବୋତଲ,ସ୍କୁଲ ବ୍ୟାଗ ଇତ୍ୟାଦି ବଣ୍ଟନ କରାଯାଇଥିଲା ।




ମହା ଶିବରାତ୍ରି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଶୈବପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

**ଦେଓଗାଁ,୨୬।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ମହା ଶିବରାତ୍ରି ଉପଲକ୍ଷେ ଅଷ୍ଟ ପ୍ରହରୀ ନାମଯଜ୍ଞ ପାଇଁ ମଙ୍ଗଳବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶତାଧିକ ମହିଳା ପୁରୁଷ ପୂର୍ଣ୍ଣକଳସ ଧରି ଏକ ଶୋଭାଯାତ୍ରାରେ ବାହାରି ମନ୍ଦିର ପରିସରରେ ପହଞ୍ଚିଥିଲେ । ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ବାବୁଲାଲ ପଧାନ ଓ ତାଙ୍କ ସ୍ତ୍ରୀ ରଞ୍ଜିତା ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ନାରଦ ମିଶ୍ର ପୂଜକ ଦାୟିତ୍ୱ ତୁଲାଉଛନ୍ତି । ରାମଜୀ ସଂକୀର୍ତ୍ତନ ମଣ୍ଡଳୀ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି ।

# ଜୈବିକ ଖତ ଉତ୍ପାଦ କେନ୍ଦ୍ର ଉଦ୍‌ଘାଟିତ




ଜୈବିକ ଖତ ଉତ୍ପାଦ କେନ୍ଦ୍ର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିଗଣ ।

**ସଇଁତଲା,୨୬।୨(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ କନ୍ଧକେଲଗାଁ ପଞ୍ଚାୟତ ଅନ୍ତର୍ଗତ ରଣୀମହୁଲ ଗ୍ରାମରେ କନ୍ଧକେଲଗାଁ ଜିପିଏଲଏଫ ଆନୁକୂଲ୍ୟରେ ସ୍ଥାନୀୟ ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜୈବିକ ଖତ ଉତ୍ପାଦ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟିର ମାଷ୍ଟର ଟ୍ରେନର ସୌଦାମିନୀ ସାହୁଙ୍କ ପରିଚାଳନା ତଥା ଏମବିଜେ ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧକେଲଗାଁ ସରପଞ୍ଚ ଅହଲ୍ୟା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବର୍ତ୍ତମାନ ରାସାୟନିକ ସାରର ବହୁଳ ମାତ୍ରାରେ ବ୍ୟବହାର ଦ୍ୱାରା ଜନସମାଜରେ ପଡୁଥିବା ଏହାର କୁପ୍ରଭାବ ବିଷୟରେ ଅବଗତ କରିଥିଲେ। ଭିଏଲଡ଼ବ୍ଲୁ ବବିତା ମେହେର, ୱାର୍ଡ଼ ସଭ୍ୟା ପୂର୍ଣ୍ଣମୀ ସୁନା, ବ୍ରହ୍ମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଏହି ନିଆରା ଉଦ୍ୟମକୁ ପ୍ରଶଂସା କରିଥିଲେ। ଅତିଥିମାନେ ଜୈବିକ ପଦ୍ଧତିରେ ଚାଷ କରିବା ଦ୍ୱାରା ହେଉଥିବା ବିଭିନ୍ନ ଉପକାରିତା ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ଜୈବିକ ଖତ ଉତ୍ପାଦ କିଭଳି ସମସ୍ତ ପଞ୍ଚାୟତସ୍ତରରେ ଜାରି ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା। ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଜ୍ୟୋତ୍ସ୍ନା କଟା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସିଆରପିସିଏମ ରୁକ୍ମଣୀ ସୁନା, ବିଷ୍ଣୁପ୍ରିୟା ଦାସ, ମମତା ମେହେର, ରେବତୀ ମେହେର, ପୁଷ୍ପା ମେହେର, କମଳିନୀ ମିର୍ଦ୍ଧା, ବିଜୟା ସୁନା, ସୁନିତା ଭୋଇ, କ୍ଷୀତିସୁତା ସୁନାଙ୍କ ସମେତ ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ମୃତଦେହ ରଖି ରାସ୍ତାରୋକୋ

**ଦନ୍ତା ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ ଘଟଣା**

**ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲେ ଗ୍ରାମବାସୀ**

**ମୁରିବାହାଲ,୨୬।୨(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକରେ ଦନ୍ତା ହାତୀ ଆକ୍ରମଣରେ ଗଜସାଥୀ ଓଁକାର ବାଗଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ କ୍ଷତିପୂରଣ ଦାବିରେ ବୁଧବାର ଗ୍ରାମବାସୀ ମୁରିବାହାଲ-ବଲାଙ୍ଗୀର ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା ।

ପ୍ରକାଶ ଯେ, ଗତ ୨୫ ତାରିଖ ଦିନ ମୁରିବାହାଲ ବନବିଭାଗ ତରଫରୁ ଗଜସାଥୀ ମାନେ ମୁରିବାହାଲ ରେଞ୍ଜ ଅଧୀନ ଜଏଁନ୍ତରା ତିଖାଲି ଜଙ୍ଗଲରେ ହାତୀପଲକୁ ଘଉଡ଼ାଇବା ସମୟରେ ହାତୀଙ୍କ ପାଲଟା ଆକ୍ରମଣରେ ଘୁଷୁରାମୁଣ୍ଡା ଗ୍ରାମର ଗଜସାଥୀ ଓଁକାର ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପାଟଣାଗଡ଼ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବ୍ୟବଚ୍ଛେଦ ପରେ



ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ।

ମୃତଦେହ ଗାଁକୁ ଅଣାଯାଇଥିଲା । ତେବେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଓଁକାରଙ୍କ ସ୍ତ୍ରୀଙ୍କୁ ସ୍ଥାୟୀ ଚାକିରି ଦେବା ଓ ତାଙ୍କ ଦୁଇ ପୁଅଙ୍କୁ ମୁରିବାହାଲ ଆଦର୍ଶ ସ୍କୁଲରେ ସରକାରଙ୍କ ତରଫରୁ ପାଠ ପଢାଇବା ଦାବି ନେଇ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ । ଏଥିରେ ମୃତକଙ୍କ ପରିବାର ଲୋକେ ମଧ୍ୟ ସାମିଲ ଥିଲେ । ଖବରପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ଡାମୀ, କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାଏକ, ଟିଟିଲାଗଡ଼ ରେଞ୍ଜର ଏସ. ସୁବୁଦ୍ଧି, ବଲାଙ୍ଗୀର ଜିଲା ଭାଜପା ସଭାପତି ଶ୍ରୀବସ୍ତ ବେହେରା, ଗୁଡିଘାଟ ସରପଞ୍ଚଙ୍କ ପ୍ରତିନିଧି ଗିରିଧାରୀ ମହାନନ୍ଦ, ମୁରିବାହାଲ ଥାନାଧିକାରୀ ସିପରା ସୋରୟ ଲୁଗୁନ ପହଞ୍ଚି ଥିଲେ। ସମସ୍ତଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ସରକାରଙ୍କ ତରଫରୁ ୬ ଲକ୍ଷ ଟଙ୍କା ସହାୟତା ରାଶି, ମୁରିବାହାଲ ରେଞ୍ଜରଙ୍କ ତରଫରୁ ୨୦ ହଜାର ଟଙ୍କା ସହାୟତା ରାଶି, ଗୁଡିଘାଟ ସରପଞ୍ଚଙ୍କ ତରଫରୁ ୨ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଏବଂ ଦୁଇ ପୁଅଙ୍କୁ ପାଠ ପଢାଇବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା ।

# ଭୁବନେଶ୍ୱର ଜାଗୃତି କ୍ରିକେଟ ଏକାଡେମୀ ଚାମ୍ପିୟନ



ଅତିଥିଙ୍କ ସହ ବିଜୟୀ ଭୁବନେଶ୍ୱର ଜାଗୃତି କ୍ରିକେଟ୍ ଏକାଡେମୀ ଦଳର ଖେଳାଳି ।

**ବଲାଙ୍ଗୀର,୨୬।୨(ବୀରେନ୍ଦ୍ର କୁମାର ଝାଙ୍କର)**

**ରାଜ୍ୟସ୍ତରୀୟ ମହିଳା ଟି-୨୦ ନକ୍ ଆଉଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ନାରୀଶକ୍ତି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ମହିଳା ଟି-୨୦ ନକଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲ ଖେଳରେ ବଲାଙ୍ଗୀର ଦଳକୁ ହରାଇ ଭୁବନେଶ୍ୱର ଜାଗୃତି କ୍ରିକେଟ୍ ଏକାଡେମୀ ଚାମ୍ପିୟନ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ବଲାଙ୍ଗୀର ଦଳ ଗୋଟିଏ ଉଇକେଟ୍ ହରାଇ ୧୪୬ ରନ କରିଥିଲେ। ସଫଳ ବ୍ୟାଟର ମାଧୁରୀ ମେହେଟ୍ଟା ସର୍ବାଧିକ ୮୭ (୫୫ ବଲ) ଓ ସରିତା ମେହେର ୪୮ ରନର ଅପରାଜିତ ପାଳି ଖେଳିଥିଲେ। ନିର୍ଦ୍ଧାରିତ ଲକ୍ଷ୍ୟ ପିଛା କରି ଜାଗୃତି କ୍ରିକେଟ ଏକାଡେମୀ ୨ ଉଇକେଟ ହରାଇ ବିଜୟୀ ହୋଇଥିଲେ। ସୁଶ୍ରୀ ଦିବ୍ୟଦର୍ଶିନୀ ୬୦ (୩୪ ବଲ)ର ବିସ୍ଫୋରକ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ୧୯ ଓଭରରେ ଦଳ ସହଜ ବିଜୟ ହାସଲ କରିଥିଲା। ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ସମୀର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ଅଜୟ ଦାଶ, ଅରବିନ୍ଦ ଦାସ ଓ ମନୋରଞ୍ଜନ ଯୋଷୀ ଉପସ୍ଥିତ ଥିଲେ। ସୁଶ୍ରୀ ଦିବ୍ୟଦର୍ଶିନୀ ଉଭୟ ମ୍ୟାଚ ଓ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡି. ଜାନକୀ ରେଡ୍ଡୀ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଓ ଶ୍ରେୟା ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ। ଏହି ଅବସରରେ ରକ୍ତଦାତା ସୁରଜିତ ଦାସ, ରାଜଲକ୍ଷ୍ମୀ ନାୟକ ଓ କଳ୍ପନା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ନାରୀଶକ୍ତି ଫାଉଣ୍ଡେଶନ ସଭାପତି ସରିତା ଦାଶ, ସମ୍ପାଦିକା ନୂତନ ଦାସ, ପ୍ରିୟଙ୍କା ତ୍ରିପାଠୀ, ମମତା ଜେନା, ଶ୍ରାବଣୀ ମେହେର, ନୂତନ ସେଦ୍ରିଆ, ସୈରେନ୍ଦ୍ରୀ ନାୟକ, ଆରତୀ ବେଜ୍, ରେବତୀ ଷାଣ୍ଡ, ସ୍ୱିଗ୍ଧାମୟୀ ମିଶ୍ର, ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ସକିଲା ବାନୋ, ସେହନାଜ ବାନୋ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୪ ତାରିଖ: ୨୫।୦୨।୨୦୨୫**

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୪ | ୧୨।୦୩।୨୦୨୫ | ୧୧.୦୦ ଘ. | ୧୪.୨୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1177) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**

**ସୂଚନା** No.CAD-2679

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-8ରେ ପ୍ଲଟ୍ ନଂ.- 8-1C/72ଟିକୁ ଶ୍ରୀମତୀ ପାୟଲ ମହାପାତ୍ରୋ, ପିତା ✓ କୁଞ୍ଜ ବିହାରୀ ମହାପାତ୍ର, ସ୍ୱାମୀ- ସତଦର୍ଶୀ ମିଶ୍ର, ସା.- B-805, ମନ୍ତ୍ରୀ ଏଲିଗାନ୍ସ, ବନ୍ନରଘାଟା ରୋଡ୍, ବାଙ୍ଗାଲୋର - 5600769, ରାଜ୍ୟ- କର୍ଣ୍ଣାଟକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପାୟଲ ମହାପାତ୍ରୋ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅରୋ ପ୍ରସାଦ, ପିତା- ବିଚିତ୍ରାନନ୍ଦ ଗୁରୁ, ସା./ପୋ.- ଗଡ଼ବିଷ୍ଣୁପୁର, ଥା.- ଏରସମା, ଜିଲ୍ଲା- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**
OIPR-13037/11/0176/2425

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/109, ତା.18.02.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2024, ତା.13.02.2025ରିଖ

**ବିବରଣୀ :** ବକ୍ସ ପୁସିଙ୍ଗ୍ ପ୍ରକ୍ରିୟା ଦ୍ୱାରା ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ନିର୍ଗୁଣ୍ଡି ତାଳଚେର ଶାଖା ଲାଇନରେ ଗୁରୁଡ଼ିଝାଟିଆ-ମଙ୍ଗଳପୁର ଷ୍ଟେସନ ମଧ୍ୟରେ ରେଙ୍ଗାଲି ଡାହାଣ ଜଳସେଚନ ପ୍ରକଳ୍ପର RD 3825 ମିଟର ଶାଖା କେନାଲରେ ଗୁରୁଡ଼ିଝାଟିଆ ଡିଷ୍ଟ୍ରିବ୍ୟୁଟରୀକୁ ଅତିକ୍ରମ କରିବା ନିମନ୍ତେ କି.ମି. 417.073 (417/1-3) ଠାରେ ବ୍ରିଜ୍ ନଂ. 32A-1, (1 X 4.00 X 2.15 ମିଟର RCC ବକ୍ସ)ର ପ୍ରସ୍ତାବିତ ନିର୍ମାଣ (ଡିପୋଜିଟ୍ ସ୍କିମ୍ ଅଧୀନରେ) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 363.36 ଲକ୍ଷ, **EMD :** ₹3,31,700/-

(2) ଟେଣ୍ଡର ସଂ. eTender-CenKUR-326-2024, ତା.13.02.2025ରିଖ

**ବିବରଣୀ :** T-28 /ରୋଡ଼ କ୍ରେନ୍ / ମାନୁଆଲ୍ ମାଧ୍ୟମ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ଭୁବନେଶ୍ୱର ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡଗୁଡ଼ିକରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଟ ଲେଆଉଟ୍‌ଗୁଡ଼ିକର ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 103.77 ଲକ୍ଷ, **EMD :** ₹2,01,900/-

(3) ଟେଣ୍ଡର ସଂ. e-tender-eastkur-328-2024, ତା.14.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ପାରାଦ୍ୱୀପ (PRDP) ଷ୍ଟେସନରେ 15 ଶଯ୍ୟା ବିଶିଷ୍ଟ RPF ବ୍ୟାରାକ୍‌ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 105.70 ଲକ୍ଷ, **EMD :** ₹2,02,900/-

ଶେଷ ହେବା ଅବଧି : 15 (ପନ୍ଦର) ମାସ (କ୍ରମ ସଂ. 1 ପାଇଁ), 12 (ବାର) ମାସ (କ୍ରମ ସଂ. 2 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.03.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକେରିୟରଙ୍କ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏବୃତ୍ତିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1018/P/24-25

# ମହାଶିବରାତ୍ରିରେ ଚଳଚଞ୍ଚଳ ଶୈବପୀଠ

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ମହା ଶିବରାତ୍ରି ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଶୈବପୀଠ ଗୁଡିକ ବୁଧବାର ଚଳଚଞ୍ଚଳ ହୋଇଉଠିଛି। ସବୁଠି ଓଁ ନମଃ ଶିବାୟ ଶୁଣିବାକୁ ମିଳୁଛି। ଶିବଙ୍କ ଦର୍ଶନ ପାଇଁ ସକାଳଠାରୁ ପୀଠଗୁଡିକରେ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଶ୍ରଦ୍ଧାଳୁମାନେ ଶିବଙ୍କ ନିକଟରେ ମନୋସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ପୀଠ ବୁଲି ଶିବଙ୍କ ଦର୍ଶନ କରିଥିଲେ। ସୁବର୍ଣ୍ଣପୁର ସହରର ପ୍ରସିଦ୍ଧ ଅଷ୍ଟଶମ୍ଭୁଙ୍କ ପୀଠ ଓ ଜିଲାର ପ୍ରମୁଖ ଶୈବପୀଠଗୁଡିକରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ଧାଡି ଦର୍ଶନ, ମନ୍ଦିର ବେଢା ବାହାରେ ଦୀପ ଜାଳିବା ବ୍ୟବସ୍ଥା ହୋଇଥିଲା।

ଜିଲା ସଦର ମହକୁମାର ରାମେଶ୍ୱର ଶୈବ ପୀଠ ସମେତ ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଁକାରନାଥ, ପଞ୍ଚରଥ, ସିଦ୍ଧେଶ୍ୱର ଓ ଲୋକନାଥ ମନ୍ଦିରରେ ସକାଳଠାରୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାତିରେ ମନ୍ଦିର ବେଢାରେ ମହିଳାମାନେ ଦୀପ ଜାଳିଥିଲେ। ବିଳମ୍ବିତ ରାତିରେ ପୀଠଗୁଡିକରେ ଭୋଗ ପୂଜା ଓ ମହାଦୀପ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ମହାଦୀପ ଉଠିବାକୁ ଚାହିଁ ରହିଥିଲେ। ଶୈବ ପୀଠଗୁଡିକରେ ଜାଗର ଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ହରପାର୍ବତୀ ସୁଆଙ୍ଗ, ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ସର୍ବପୁରାତନ ଶୈବପୀଠ ସୋନପୁର ବ୍ଲକ ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର, ଗଡରକେଲାର ଖୁଙ୍କୁଡେଶ୍ୱର, ବିନିକା ଚରଦାର କପିଳେଶ୍ୱର ମନ୍ଦିର, ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ମନ୍ଦିର ଓ ଜଟେସିଂଘାର ଗୋଧନେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ ପୋଲିସ ଟିମ୍ ଓ ଅଗ୍ନିଶମ ବାହିନୀ ମୁତୟନ ରହିଥିଲେ। ମନ୍ଦିର କମିଟି, ସେବାୟତ ପରିଚାଳନା କମିଟି କର୍ମକର୍ତ୍ତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଶ୍ରଦ୍ଧାଳୁ ମାନଙ୍କୁ ସେବା ଯୋଗାଇ ଦେଇଥିଲେ।

**ଅଷ୍ଟଶମ୍ଭୁଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼**



ସୁବର୍ଣ୍ଣମେରୁଙ୍କୁ ଦର୍ଶନ ପାଇଁ ଶୈବପୀଠ ସମ୍ମୁଖରେ ଶ୍ରଦ୍ଧାଳୁ ଧାଡିରେ ଛିଡା ହୋଇଛନ୍ତି।

# ବୌଦ୍ଧରେ ଶିବମୟ ହେଲା ଶୈବପୀଠ

ବୌଦ୍ଧ,୨୬।୨(ଅଜିତ କୁମାର ବାରିକ)

ବୁଧବାର ଥିଲା ପବିତ୍ର ମହାଶିବରାତ୍ରି। ଏଥିପାଇଁ ପୁରା ବୌଦ୍ଧ ଜିଲ୍ଲା ଚଳଚଞ୍ଚଳ ଥିବାବେଳେ ଶୈବପୀଠଗୁଡିକ ଶିବମୟ ହୋଇପଡ଼ିଥିଲା। ବୌଦ୍ଧର ଜଗତିଠାରେ ଥିବା ଗନ୍ଧରାଡ଼ିର ପ୍ରସିଦ୍ଧ ହରିହର ମନ୍ଦିରରେ ଦିନତମାମ ଭକ୍ତଙ୍କ ଗହଳି ଲାଗିରହିଥିଲା। ମହାଶିବରାତ୍ରି ଅବସରରେ ଶୈବାଳୟଗୁଡିକରେ ମହାଦୀପ ଦାନ କରାଯାଇଥିବାବେଳେ ଏଠାରେ ଉଭୟ ହରି ଓ ହରଙ୍କୁ ମହାଦୀପ ଦାନ କରାଯାଇଥାଏ। ତେଣୁ ଏହି ବିରଳ ପରମ୍ପରାକୁ ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବୌଦ୍ଧ ସହରର ଅନନ୍ୟ ଶୈବପୀଠ ରାମେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ ଲାଗିରହିଥିଲା। ଏହାବ୍ୟତୀତ ସହରର ଚନ୍ଦ୍ରଚୂଡ ମନ୍ଦିର, ମାତଙ୍ଗେଶ୍ୱର ମନ୍ଦିର, କରଡ଼ିର ଚମ୍ପେଶ୍ୱର ମନ୍ଦିର, ମହାନଦୀ କୂଳରେ ଥିବା ରାମପଡାର ବାବା ଚନ୍ଦ୍ରଶେଖର, ବୁରୁବୁଡାର ବାବା ଗୁପ୍ତେଶ୍ୱର, ସରସରାର ବାବା ବୈଦ୍ୟନାଥ, କରଞ୍ଜକେତାର ବାବା କପିଳେଶ୍ୱର, ସିଦ୍ଧପୁରର ବାବା ସିଦ୍ଧେଶ୍ୱର ଓ ଜିଲ୍ଲାର ସମସ୍ତ ଶୈବପୀଠଗୁଡିକରେ ମଧ ଜାଗର ଯାତ୍ରା ପାଳିତ ହୋଇଥିଲା। ଭକ୍ତମାନଙ୍କ ରାତି ଉଜାଗର ପାଇଁ ଶୈବପୀଠଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ କେଉଁଠି ଭଜନ ସମାରୋହ ତ ଆଉ କେଉଁଠି ନାମ ସଂକୀର୍ତ୍ତନ କରାଯାଇଥିଲା। ଭକ୍ତ ଗହଳିକୁ ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



କରଞ୍ଜକେତାର ବାବା କପିଳେଶ୍ୱର ମନ୍ଦିର ଆଲୋକରେ ସଜ୍ଜିତ ହୋଇଛି।

# ୧୨ବାଳକଙ୍କ ସାମୂହିକ ବ୍ରତୋପନୟନ

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ମହା ଶିବରାତ୍ରି ତଥା ଜାଗର ମେଳା ଅବସରରେ ସୁବର୍ଣ୍ଣପୁର ସହରସ୍ଥିତ ରମେଶ୍ୱର ଶୈବପୀଠ ପରିସରରେ ସାମୂହିକ ବ୍ରତୋପନୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମୈଥିଳି ମଲ୍ଲିକ ଓ ଶ୍ରୀବତ୍ସ ମଲ୍ଲିକଙ୍କ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ବେଦବ୍ୟାସ ମିଶ୍ର, ପୂଜକ କାଳିଚରଣ ମିଶ୍ର, ଆଶିଷ କୁମାର ମିଶ୍ର, ରାମାନୁଜ ପୂଜାରୀ, ଆନନ୍ଦ ପୂଜାହାରୀ, ବାସୁଦେବ ଶତପଥୀ, ନୀଳମଣି ଓତା, ବିଦେଶୀ ବାବୁ, ରାଧେଶ୍ୟାମ ପୁରୋହିତ ଓ ଟଙ୍କଧର ମିଶ୍ର ପ୍ରମୁଖ ହୋମଯଜ୍ଞ ସହିତ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ରତପନୋୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଗତ ୩୬ ବର୍ଷ ଧରି ଶିବରାତ୍ରିରେ ଏଭଳି ଏକ ପବିତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି ଅବସରରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ପୁରୀ ରାମଜୀ ମଠର ବଂଶୀଧର ମହାରାଜ ଓ କଲିକତା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଚିତ୍ତ ରଞ୍ଜନ ଦାଶ ଯୋଗଦାନ କରି ବାଳ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଗରିବ ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତପାଳନ ହିଁ ଅସଲ ମାନବୀୟ ଧର୍ମ ବୋଲି ଉଭୟ ମତ ରଖିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ସୋନପୁର ଆଇଆଇସି ତାପସ କୁମାର ଭୋଇ, ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ବୈକୁଣ୍ଠ ନାଥ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



ରାମେଶ୍ୱର ମନ୍ଦିରରେ ଆୟୋଜକ, ବ୍ରାହ୍ମଣଙ୍କ ସହବ୍ରହ୍ମଚାରୀମାନେ।

# ଅଭିଯୁକ୍ତ ଗିରଫ, ଠେଙ୍ଗା ଜବତ

ଅମରପାଲି,୨୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅମୂଲ୍ୟମଣି ରାଣୀପୁର ଗ୍ରାମରେ ଗତ ୨୪ତାରିଖ ପିଉସୀ ପୁଅ ଭାଇ ସୁମନ୍ତ ପୋଡ଼ ଓରଫ ମିଥୁନଙ୍କ ଠେଙ୍ଗାମାଡ଼ରେ ମାମୁପୁଅ ଭାଇ ସାରଥୀ ଥପା(୨୫)ଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସୁମନ୍ତ ପୋଡ(୩୮)ଫେରାର ହୋଇଯାଇଥିଲେ। ଆଇଆଇସି ଶୋଭାକର ସେଠଙ୍କ ନେତୃତ୍ୱରେ ଗଠିତ ଟିମ୍ ଫେରାର ସୁମନ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ବୀରମହାରାଜପୁର ଥାନା ପ୍ରଧାନପାଲି ଜଙ୍ଗଲରୁ ଗିରଫ ଧରିଥିଲା। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ବାଉଁଶ ଠେଙ୍ଗାକୁ ପୋଲିସ ଜବତ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ।

ମିଳିଥିବା ସୂଚନା ଅନୁଯାୟୀ ଗତ ୨୨ତାରିଖ ଅପରାହ୍ନରେ ବାହାଘର ଭୋଜି ସମୟରେ ସାରଥୀ ଓ ସୁମନ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁମନ୍ତ ଏକ ବାଉଁଶ ଠେଙ୍ଗାରେ ସାରଥୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସାରଥୀ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବୀରମହାରାଜପୁର ଓ ପରେ ସୋନପୁର ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ରବିବାର ସାରଥୀ ଡାକ୍ତରଖାନାରୁ ରିଲିଫ ହୋଇ ଘରକୁ ଫେରିଥିଲେ। କିନ୍ତୁ ସୋମବାର ସକାଳ ୯ ଟାରେ ହଠାତ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ତାଙ୍କୁ ସୋନପୁର ଡାକ୍ତରଖାନାକୁ ପରିବାର ଲୋକ ନେଇଥିଲେ। ହେଲେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ସାରଥୀଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ସାରଥୀଙ୍କ କାକା ମଧୁସୂଦନ ଥପା ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ଅନୁଯାୟୀ ଏକ ମାମଲା(ନଂ.୩୬/୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଖବରଦାତା ସମ୍ମିଳନୀରେ ଆଇଆଇସି ଶୋଭାକର ସେଠ, ତଦନ୍ତକାରୀ ଅଧିକାରୀ ଏସଆଇ ଅବିନାଶ ପ୍ରଧାନ ଉପସ୍ଥିତ ଥିଲେ ।

**ପିଉସୀ ପୁଅ ଠେଙ୍ଗାମାଡ଼ରେ ମାମୁପୁଅ ମୃତ୍ୟୁ ଘଟଣା**



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

# ଭୀମ ଭୋଇଙ୍କ ଶ୍ରାଦ୍ଧ ଦିବସ ପାଳିତ

ଅମରପାଲି,୨୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ପ୍ରଜ୍ଞା ଶିକ୍ଷା ନିକେତନ ପରିସରରେ ସନ୍ଥ କବି ଚନ୍ଦ୍ରମଣି ଦାସ ଓ ଭୀମ ଭୋଇ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଭୀମ ଭୋଇଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଶ୍ରାଦ୍ଧ ସଭାରେ ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ କାଳଜୟୀ ସାରସ୍ୱତ ସର୍ଜନା ଓ ଧର୍ମଧାରା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଭାରେ ସ୍ମୃତି ଟ୍ରଷ୍ଟ ସଭାପତି ତଥା ଗବେଷକ ଗୋରେଖ ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ଦାନୀ ମୁଖ୍ୟ ଅତିଥି, ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା, ଡ. ଅନିରୁଦ୍ଧ କୁରୁକୁରିଆ ସମ୍ମାନିତ ବକ୍ତା ଏବଂ ଅଧ୍ୟାପକ ବିଶ୍ୱ ନାଗ ଓ ଶିକ୍ଷକ ମକୁନ୍ଦ ଧରୁଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଛାତ୍ର ରୋହିତ ପଧାନ, ବ୍ରଜକିଶୋର ପ୍ରଧାନ, ଆୟୁଷ ମେହେର, ରଜତ ପଧାନ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଶୁରେଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଭୀମ ଭୋଇଙ୍କ ଭଜନ ଗାନ କରି ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା।



ଭୀମ ଭୋଇଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଅତିଥିମାନେ।

# ଜାଗର ପାଇଁ ଶୈବପୀଠ ଉତ୍ସବ ମୁଖର

ବିନିକା, ୨୬।୨( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ମହାଦେବ ମନ୍ଦିର, ଯୋଗେଶ୍ୱର ମନ୍ଦିର ରଥପଡା ଶିବ ମନ୍ଦିର, ଚରଦା କପିଳେଶ୍ୱର ମନ୍ଦିରରେ ଶିବରାତ୍ରି ପାଇଁ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ସୁରଖୁର ଦର୍ଶନ ପାଇଁ ପୋଲିସ ଓ ସାଧାରଣ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ଶହ ଠାକୁର ଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଇଥିବା କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ଅଶୋକ କୁମାର ପୃଷ୍ଟି ଓ ପାପକ୍ଷୟ ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

# ସୋନପୁର ରାଜପ୍ରାସାଦର ପୁନରୁଦ୍ଧାର ଦାବି

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ରକ୍ଷଣାବେକ୍ଷଣ ଅଭାବରୁ ସମୃଦ୍ଧ ଇତିହାସର ମୂକସାକ୍ଷୀ ସୋନପୁର ରାଜପ୍ରାସାଦ ଏବେ ଧ୍ୱଂସାଭିମୁଖୀ। ପ୍ରାସାଦ ଭିତରେ ଥିବା ସୁନ୍ଦର ଗମ୍ବୁଜ ଓ କାନ୍ଥ ସବୁ ଭାଙ୍ଗିରୁଜି ଗଲାଣି। ମରାମତି ଅଭାବରୁ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଏହି ମୂକସାକ୍ଷୀ ଧିରେ ଧିରେ ଏହା ଭାଙ୍ଗିବାକୁ ବସିଲାଣି। ଏଠାରେ ରାଜପରିବାରର କେହି ରହୁନାହାନ୍ତି। ଫଳରେ ଲତା ମାଡିଗଲାଣି। ଏକଦା ସୋନପୁର ଗଡଜାତ ଶାସନଗତ ପ୍ରଭାବ, ଶିକ୍ଷା, ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ ବେଶ ସୁନାମ ଅର୍ଜନ କରିଥିଲା। ମହାରାଜାଙ୍କ ଏହି ଘରେ ତତ୍କାଳୀନ ସୋନପୁର ଗଡଜାତର ବହୁ ସ୍ମୃତି ଲିପିବଦ୍ଧ ହୋଇରହିଛି। ମହାନଦୀ କୂଳରେ ପଥର ବନ୍ଧ ବାନ୍ଧି ଏହି ରାଜପ୍ରାସାଦ ଅତି ଦୃଢ ଓ ସୁନ୍ଦର ଭାବରେ ନିର୍ମାଣ ହୋଇଥିଲା। ଦୀର୍ଘବର୍ଷ ଧରି ମରାମତି ଅଭାବରୁ ଏହା ସମ୍ପୂର୍ଣ୍ଣ ଧ୍ୱଂସ ହେବାକୁ ବସିଲାଣି। ମାଟିରେ ମିଶି ଯିବା ପୂର୍ବରୁ ଏହାର ପୁନରୁଦ୍ଧାର ପାଇଁ ଗଡଜାତ ଅଞ୍ଚଳବାସୀ ଦାବି କରିଛନ୍ତି ।

୧୯୦୨ ମସିହା ଅଗଷ୍ଟ ୮ରୁ ୧୯୩୭ ଅପ୍ରେଲ ୨୯ ପର୍ଯ୍ୟନ୍ତ ବୀରମିତ୍ରୋଦୟ ସୋନପୁରରେ ଶାସନ କରିଥିଲେ। ତାଙ୍କ ଶାସନ କାଳରେ ୧୯୦୫ରେ ସୋନପୁର ରାଜ୍ୟ ସେଣ୍ଟ୍ରାଲ ପ୍ରୋଭିନ୍ସରୁ ପଶ୍ଚିମବଙ୍ଗ ଅଧିନ କମିଶନର ଅଫ୍ ଓରିଶା ଡିଭିଜନକୁ ଆସିଥିଲା। ତାଙ୍କ ପୃଷ୍ଠପୋଷକତାରେ ପ୍ରଥମ କରି ୧୯୧୯ରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡିଆ ଏମ୍.ଏ ଶ୍ରେଣୀ ଖୋଲିଥିଲା। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଭାଗରେ ସେ ସୋନପୁର ଚେୟାର ପ୍ରତିଷ୍ଠା କରିଥିଲେ। ସେହିଭଳି ରେଭେନ୍ସା କଲେଜରେ ଇଂଲିଶ ଏମ୍.ଏ ଶ୍ରେଣୀ ଖୋଲି ଓଡିଶାରେ ଇଂଲିଶ ଉଚ୍ଚ ଶିକ୍ଷାର ପ୍ରସାର କରାଇ ପାରିଛନ୍ତି। ରେଭେନ୍ସା କଲେଜର ଇଂରାଜୀ ବିଭାଗରେ ସେ ସୋନପୁର ଚେୟାର ପ୍ରତିଷ୍ଠା କରିଥିଲେ। ଶିକ୍ଷାର ବିକାଶ ପାଇଁ ୧୯୧୩ରେ ମହାରାଜା ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ତେବେ ସମୃଦ୍ଧ ଇତିହାସର ମୂକସାକ୍ଷୀ ସାଜିଛି ଅର୍ଦ୍ଧଭଗ୍ନ ରାଜପ୍ରାସାଦ। ଅତି ସୁନ୍ଦର ଭାବେ ନିର୍ମାଣ ହୋଇଥିଲା ଏହି ପ୍ରାସାଦ। ରାଜବାଟିର ଛାତ ଉପରେ ଛିଡା ହୋଇ ମହାନଦୀର ଦୃଶ୍ୟ ଅବଲୋକନ କରୁଥିଲେ ରାଜ ପରିବାର। ସୋନପୁର ରାଜପ୍ରାସାଦ ଭିତରେ ଥିଲା ବାଦଲ ମହଲ, ଅସ୍ତ୍ରାଗାର, କୋଷାଗାର, କଚେରି, ରାଜସ୍ୱ କାର୍ଯ୍ୟାଳୟ। ଏଠାରେ ଥିବା ରାଣୀ ଅନନ୍ତପୁର ଏବଂ ରାଣୀ ଉଆସ ଖୁବ୍ କାରୁକାର୍ଯ୍ୟ ପୂର୍ଣ୍ଣ ଥିଲା। ସୋନପୁରର ଶେଷ ରାଜା ସୁଧାଂଶୁ ଭୂଷଣ ସିଂହଦେଓଙ୍କ ଶାସନ କାଳ ୧୯୪୮ ପର୍ଯ୍ୟନ୍ତ ଏକ ବିସ୍ତୀର୍ଣ୍ଣ ଭୂଖଣ୍ଡର ଶାସନ କେନ୍ଦ୍ର ଥିଲା ଏହି ରାଜବାଟୀ। ସରକାର ଏହାର ମରାମତି ପ୍ରତି ଦୃଷ୍ଟି ଦେବାକୁ ସୁବର୍ଣ୍ଣପୁର ସଚେତନ ନାଗରିକ ସଂଘର ସଭାପତି ସୀତାଂଶୁ ଶେଖର ମିଶ୍ର ଦାବି କରିଛନ୍ତି। ନଚେତ ଏହି ରାଜାଘର ଦିନେ ମାଟିରେ ମିଶିଯିବ। ଅଳ୍ପ କିଛି ବର୍ଷ ମଧ୍ୟରେ ଇତିହାସ ପୃଷ୍ଠାରେ କେବଳ ସ୍ମୃତି ହୋଇ ରହିଯିବ ଏହି ରାଜପ୍ରାସାଦ ବୋଲି ସାଧାରଣରେ ଆଲୋଚନା ହେଉଛି।



ଅର୍ଦ୍ଧଭଗ୍ନ ଅବସ୍ଥାରେ ସୋନପୁର ରାଜପ୍ରାସାଦ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୪ ତାରିଖ: ୨୫।୦୨।୨୦୨୫

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୪ | ୧୨।୦୩।୨୦୨୫ | ୧୧.୦୦ ଘ. | ୧୪.୨୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1177) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା** No.CAD-2679

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ.- ୫-1C/72ଟିକୁ ଶ୍ରୀମତୀ ପାୟଲ ମହାପାତ୍ରୋ, ପିତା ∨ କୁଞ୍ଜ ବିହାରୀ ମହାପାତ୍ର, ସ୍ୱାମୀ- ସତଦର୍ଶୀ ମିଶ୍ର, ସା.- B-805, ମନ୍ତ୍ରୀ ଏଲିଗାନ୍ସ, ବନ୍ନରଘାଟା ରୋଡ୍, ବାଙ୍ଗାଲୋର - 5600769, ରାଜ୍ୟ- କର୍ଣ୍ଣାଟକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପାୟଲ ମହାପାତ୍ରୋ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅରୋ ପ୍ରସାଦ, ପିତା- ବିଚିତ୍ରାନନ୍ଦ ଗୁରୁ, ସା./ପୋ.- ଗଡ଼ବିଷ୍ଣୁପୁର, ଥା.- ଏରସମା, ଜିଲ୍ଲା- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)
OIPR-13037/11/0176/2425

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/109, ତା.18.02.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2024, ତା.13.02.2025ରିଖ

ବିବରଣୀ : ବକ୍ସ ପୁସିଙ୍ଗ୍ ପ୍ରକ୍ରିୟା ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ନିର୍ଗୁଣ୍ଡି ତାଳଚେର ଶାଖା ଲାଇନରେ ଗୁରୁଡ଼ିଝାଟିଆ-ମହ୍ଲାପୁର ଷ୍ଟେସନ ମଧ୍ୟରେ ରେଙ୍ଗାଲି ଡାହାଣ ଜଳସେଚନ ପ୍ରକଳ୍ପର RD 3825 ମିଟର ଶାଖା କେନାଲରେ ଗୁରୁଡ଼ିଝାଟିଆ ଡିଷ୍ଟ୍ରିବ୍ୟୁଟରୀକୁ ଅତିକ୍ରମ କରିବା ନିମନ୍ତେ କି.ମି. 417.073 (417/1-3) ଠାରେ ବ୍ରିଜ୍ ନଂ. 32A-1, (1 X 4.00 X 2.15 ମିଟର RCC ବକ୍ସ)ର ପ୍ରସ୍ତାବିତ ନିର୍ମାଣ (ଡିପୋଜିଟ୍ ସ୍କିମ୍ ଅଧିନରେ) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 363.36 ଲକ୍ଷ, EMD : ₹ 3,31,700/-

(2) ଟେଣ୍ଡର ସଂ. eTender-CenKUR-326-2024, ତା.13.02.2025ରିଖ

ବିବରଣୀ : T-28 /ରୋଡ଼ କ୍ରେନ୍ / ମାନୁଆଲ୍ ମାଧ୍ୟମ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ଭୁବନେଶ୍ୱର ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡଗୁଡ଼ିକରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ ଲେଆଉଟ୍‌ଗୁଡ଼ିକର ନବୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 103.77 ଲକ୍ଷ, EMD : ₹ 2,01,900/-

(3) ଟେଣ୍ଡର ସଂ. e-tender-eastkur-328-2024, ତା.14.02.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ପାରାଦ୍ୱୀପ (PRDP) ଷ୍ଟେସନରେ 15 ଶଯ୍ୟା ବିଶିଷ୍ଟ RPF ବ୍ୟାରାକ୍‌ର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 105.70 ଲକ୍ଷ, EMD : ₹ 2,02,900/-

ଶେଷ ହେବା ଅବଧି : 15 (ପନ୍ଦର) ମାସ (କ୍ରମ ସଂ. 1 ପାଇଁ), 12 (ବାର) ମାସ (କ୍ରମ ସଂ. 2 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.03.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1018/P/24-25


କୁଆଁରମୁଣ୍ଡା ବ୍ଲକ ପରିସରସ୍ଥ ଚନ୍ଦ୍ରଚୂଡ଼ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଦୀପ ଜାଳିଛନ୍ତି।


ପୁଟୁରିଖମଣର ଜଟିଆବାବା ମନ୍ଦିରରେ ଗହଳି ଲାଗିଛି।

# ଶୈବପୀଠରେ ଭକ୍ତିଅର୍ଘ୍ୟ ଅର୍ପିଲେ ଶ୍ରଦ୍ଧାଳୁ

କୁଆଁରମୁଣ୍ଡା/ବଣାଇଁ,୨୬।୨
(ମହେନ୍ଦ୍ର କୁମାର ସାହୁ/ପ୍ରଦୀପ ତ୍ରିପାଠୀ)

ମହାଶିବରାତ୍ରି ଉପଲକ୍ଷେ ବୁଧବାର ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ସବୁଠି ଶୈବପୀଠରେ ଶ୍ରଦ୍ଧାଳୁ ଦୀପଜାଳି ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ଶିବଦର୍ଶନ ଲାଗି ଲମ୍ବା ଲାଇନ ଲଗାଇଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ରାତିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତ, ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିଥିଲା। କୁଆଁରମୁଣ୍ଡା ବ୍ଲକ ପରିସରସ୍ଥ ଚନ୍ଦ୍ରଚୂଡ଼ ଶୈବପୀଠ ବେଶ ଚଳଚଞ୍ଚଳ ହୋଇଉଠିଛି। ଚନ୍ଦ୍ରଚୂଡ ମନ୍ଦିରରେ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସକାଳେ ମହିଳା/ପୁରୁଷ ଶ୍ରଦ୍ଧାଳୁ କୁଆଁରମୁଣ୍ଡା ତହସିଲ ପୋଖରୀରୁ କଳସ ବୁଡାଇ ଏକ ଶୋଭାଯାତ୍ରାରେ ବ୍ଲକ ପରିସରରେ ଅନୁଷ୍ଠିତ ଅଷ୍ଟମପ୍ରହର ଗାଦି ନିକଟରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଲଲହଡ଼ା, ବଣେଇ, ଦଣ୍ଡଯମିରା ଇତ୍ୟାଦି ସହ ବିଭିନ୍ନ ଅଞ୍ଚଳରୁ ୯ଟି ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ଚାଲୁ ରଖିଥିଲେ। ଶତାଧିକ ଶ୍ରଦ୍ଧାଳୁ ଏହି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରେ ପ୍ରସାଦ ସେବନ କରିଛନ୍ତି। କୁଆଁରମୁଣ୍ଡା ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ଚାଲିଛି। ଏଥିରେ ଏବିଡ଼ିଓ ପ୍ରଶାନ୍ତ କୁମାର ଜେନା,ଏଇଇ ଚୈତନ୍ୟ ହେମ୍ବ୍ରମ,ଏପିଓ ଶ୍ରବଣ ସାହୁ, ଜେଇ ସୁରେନ୍ଦ୍ର ବିଶ୍ୱାଳ, ପିଇଓ ଦେବବ୍ରତ ଦାସ, ବବଲୁ ନାଏକ ଓ କୁଆଁରମୁଣ୍ଡା ବରିଷ୍ଠ ନାଗରିକ କମିଟି ସଭାପତି ଶିବନାରାୟଣ ସାହୁ, ମହେଶ୍ୱର ମିଶ୍ର, ରବୀନ୍ଦ୍ର ସାହୁ, ସୀତାକାନ୍ତ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହାୟତା କରିଛନ୍ତି। କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା ଓ ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି। ମନ୍ଦିର ପୂଜକ ବାବୁଲା ମିଶ୍ର, କୈଳାଶ ତ୍ରିପାଠୀ, ଭୁବନ ଦାସ ପ୍ରମୁଖ ମନ୍ଦିରରେ ଉପସ୍ଥିତ ରହି ପୂଜା କାର୍ଯ୍ୟ ଜାରି ରଖିଛନ୍ତି।


ବଣାଇଁ ବାବା ବାଣେଶ୍ୱର ମନ୍ଦିରରେ ମାନସିକଧାରୀ ଦୀପ ଜାଳିଛନ୍ତି।

ସେହିପରି କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜଳେଶର ଧାମ, ତୁରୁତୁରି ଧାମ, ପୁଟୁରିଖମଣ ପଞ୍ଚାୟତର ଜଟିଆବାବା ମନ୍ଦିର, ରାମମନ୍ଦିର ସହ ଅନ୍ୟ ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କର ଲମ୍ବା ଭିଡ ଲାଗିଥିବା ପରିଲକ୍ଷିତ ହୋଇଥିଲା। ସମସ୍ତ ମନ୍ଦିରରେ ଭିଡ ନିୟନ୍ତ୍ରଣ ପାଇଁ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଉପସ୍ଥିତ ରହିଥିଲେ। ସୁନ୍ଦରଗଡ଼ ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଣାଇ ସବଡିଭିଜନର ବାବା ବାଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ରାତି ୩ଟା ୩୦ରୁ ଶ୍ରଦ୍ଧାଳୁମାନେ ଆସି ଲମ୍ବା ଲାଇନରେ ଠିଆ ହୋଇ ଦର୍ଶନ କରୁଥିବା ବେଳେ ବଣାଇଁ ଏବଂ ଆଖପାଖ ଅଞ୍ଚଳରୁ ଦର୍ଶନ କରିବାକୁ ଭକ୍ତଙ୍କ ସୁଅଛୁଟି ଥିଲା। ରାତିରେ ଜାଗର ଜାଳିବା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ଚଳିତବର୍ଷ ସବୁ ପ୍ରକାର ବନ୍ଦୋବସ୍ତ ସୂଚାରୁ ରୂପେ କରାଯାଇଛି। ଜାଗର ଜାଳି ମାନସିକଧାରୀ ବସିରହି ମହାଦୀପ ଉଠିଲା ପରେ ବ୍ରତ ଭାଙ୍ଗିଥିଲେ।


ସୁନ୍ଦରଗଡ ମହାଦେବପଡା ସ୍ଥିତ ବାବା ଚନ୍ଦ୍ରଶେଖରଙ୍କ ମନ୍ଦିରରେ ବୁଧବାର ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି। **(ଫଟୋ: ଜୟ ନାରାୟଣ ମେଣ୍ଡୁଲି)**

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

**ହେମଗିର,୨୬।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଘୁଡାମରା ଘାଟି ନିକଟରେ ମାରଣାସ୍ତ୍ର ଦେଖାଇ ପ୍ରାୟ ୧ଲକ୍ଷ ୧୦ ହଜାର ଟଙ୍କା ଲୁଟ ହୋଇଥିବାର ବୁଧବାର ହେମଗିର ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଓମିନି ଓଡି ୨୩ଏଫ୧୫୧୨ରେ ହେମଗିରରୁ ସାଇକେଲ ସାମଗ୍ରୀ ବିକ୍ରୀ କରି ଝାରସୁଗୁଡ଼ାକୁ ଫେରୁଥିବା ସମୟରେ ୪ଜଣ ବ୍ୟକ୍ତି ହେଲମେଟ ପିନ୍ଧି ଗାଡ଼ିକୁ ଅଟକାଇ ଥିଲେ। ଏହା ସହିତ ଗାଡି ଚାଳକ ପ୍ରମୋଦ ଖଟୁଆଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ କରିଥିବାର ହେମଗିର ଥାନାରେ ଗାଡ଼ିର ଡ୍ରାଇଭର ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଜିଲା ପ୍ରେସ କ୍ଲବ ସଭାପତିଙ୍କ ପରଲୋକ

**ସୁନ୍ଦରଗଡ,୨୬।୨(ଜୟନାରାୟଣ ମେଣ୍ଡୁଲି):** ବରିଷ୍ଠ ଖବରଦାତା ତଥା ସୁନ୍ଦରଗଡ ଜିଲା ପ୍ରେସ କ୍ଲବର ସଭାପତି ସୁନୀଲ କୁମାର ସିହ୍ନାଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ହେବ ମସ୍ତିଷ୍କାଘାତ ଯୋଗୁ ଅସୁସ୍ଥ ହୋଇ ପଡିଥିଲେ ଓ ତାଙ୍କୁ ରାଉରକେଲାରେ ଏକ ଘରୋଇ ହସପିଟାଲରେ ଚିକିତ୍ସା କରାଯିବା ପରେ ସେ ଘରକୁ ଫେରିଥିଲେ। ହେଲେ ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ପୁଣି ତାଙ୍କୁ ରାଉରକେଲାର ଘରୋଇ ହସପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ତିମ ସମୟରେ ତାଙ୍କର ସ୍ତ୍ରୀ, ପୁତ୍ର ଉପସ୍ଥିତ ଥିଲେ। ସେ ନିଷ୍ଠାପର ଖବରଦାତା,ମେଳାପୀ ବ୍ୟକ୍ତି ଥିଲେ। ଗୁରୁବାର ସକାଳେ ତାଙ୍କର ଅନ୍ତିମ ସତ୍କାର କରାଯିବାର କାର୍ଯ୍ୟକ୍ରମ ରହିଛି।



## ଶ୍ରୀମଦ୍ ଭଗବତ ଗୀତା କଥାମୃତ ଉଦ୍ଯାପିତ

ସୁନ୍ଦରଗଡ଼,୨୬।୨(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସହର ଇବ ନଗର ଆରଆରଆଇଟି କଲୋନୀସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ ଗୀତା କଥାମୃତ ସୋମବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁଦେବ ଶ୍ରୀମଦ ଭକ୍ତି ରସାଳ ସିଦ୍ଧାନ୍ତି ମହାରାଜଙ୍କ ପ୍ରବଚକ ଭାବେ ଯୋଗଦେଇ ସାତଦିନ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ ଗୀତାର ବିଭିନ୍ନ ପ୍ରସଙ୍ଗର ଜ୍ଞାନତତ୍ତ୍ୱ ସମ୍ପର୍କରେ ଆଲୋଚନା କରି ସମସ୍ତ ଭାଗବତ ପ୍ରେମୀଙ୍କୁ ବାନ୍ଧି ରଖିଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ। ଶ୍ରୀମଦ୍ ଭାଗବତ ଗୀତା ମନୁଷ୍ୟ ଜୀବନର ମାର୍ଗଦର୍ଶକ ଜ୍ଞାନଗ୍ରନ୍ଥ ବୋଲି ମତବ୍ୟକ୍ତ କରିଥିଲେ। ଫୁଲମତୀ ପଟେଲ, ଡ. ମନୋଜ ନାଏକ, ସୁଶାନ୍ତ କୁମାର ପଟେଲ ଏବଂ ଇବ୍ନଗର ସୃଜନୀ କମିଟିର କର୍ମକର୍ତ୍ତାମାନଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀମଦ୍ ଭାଗବତ କଥାମୃତ ଶ୍ରବଣ କରିଥିଲେ। ସୁଦୂର ସୁଇଜରଲ୍ୟାଣ୍ଡରୁ ଆଗତ ବ୍ରହ୍ମଚାରୀ ଆଦିତ୍ୟ ପ୍ରଭୁଜୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୀତାର ସାରତତ୍ତ୍ୱକୁ ସମସ୍ତଙ୍କୁ ପ୍ରେରିତ କରିଥିଲେ।



ଶ୍ରୀମଦ୍ ଭାଗବତ ଗୀତାର ଜ୍ଞାନତତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଉଛି।

## ଏବିଭିପିର ୫ ଦିନିଆ ଖେଳ ମହୋତ୍ସବ ଉଦ୍ଯାପିତ

ରାଉରକେଲା,୨୬।୨(ଦିନେଶ ମିଶ୍ର)

ସେକ୍ଟର-୨୦ସ୍ଥିତ ରାଇଜିଂ ଖେଳ ପଡିଆରେ ଚାଲିଥିବା ରାଉରକେଲା ଏବିଭିପି ପକ୍ଷରୁ ୫ ଦିନିଆ ଖେଳ ମହୋତ୍ସବ ସୋମବାର ରାତିରେ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ଆର୍ଏସ୍ଏସ୍ର ପଶ୍ଚିମ ପ୍ରାନ୍ତ ସଂଘଚାଳକ ଡ. ସନାତନ ପ୍ରଧାନ ମୁଖ୍ୟ ଅତିଥି, ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ, କମଳେଶ ସାହା, ଅର୍ଘଦୀପ ବାନାର୍ଜୀ, କିଶୋର କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୬ଟି କ୍ରୀଡାରେ ୧୦ଟି ମହାବିଦ୍ୟାଳୟରୁ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଖେଳ ମାଧ୍ୟମରେ କିଭଳି ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଏବିଭିପି ରାଉରକେଲା ଜିଲା ସଂଯୋଜକ ଜ୍ୟୋତିର୍ମୟୀ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ପଶ୍ଚିମପ୍ରାନ୍ତ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ, ଜୀବନଜ୍ୟୋତି ରାଉତ, ମହାନଗର ସମ୍ପାଦକ ଶରତ କୁମାର ଭୋଇ ଓ ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପଶ୍ଚିମ ପ୍ରାନ୍ତ କୋଷାଧ୍ୟକ୍ଷ କଲମ ଅଗ୍ରୱାଲ, ସମାଜସେବୀ ଅନିତା ଅଗ୍ରୱାଲ, ବିଶାଲ କୁମାର ରାମ, କମଳେଶ ସାହୁ, ରମଣ ଝା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏବିଭିପି ରାଉରକେଲାର ୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ, ବରଗଡ଼ ତଳିପଡ଼ା ନିବାସୀ ଅଶୋକ ଓରଙ୍ଗ ଆକାଶ ଠେଲା(୩୨)। ତାଙ୍କ ପାଖରୁ ଚୋରି ବାଇକ୍(ଓଡି୧୭ଜେ ୦୫୬୫) ଜବତ ହୋଇଛି। ଏହା ସହିତ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନା ପୋଲିସ ଏକ ମାମଲା(ନଂ-୮୯/୨୫) ରୁଜୁ କରିଛି।

# ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ଜିଲାପାଳ

ବନ୍ଧମୁଣ୍ଡା,୨୬।୨(ସୁବ୍ରତ ଦେ)

ବିଶ୍ରା ବ୍ଲକ କାର୍ଯ୍ୟାଳୟର ମିଟିଂ ହଲରେ ପୂର୍ବାହ୍ନ ୧୧ଟାରେ ସୁନ୍ଦରଗଡ ଜିଲା ପ୍ରଶାସନ ଦ୍ୱାରା ଏକ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଠକରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ବିଶ୍ରା ବ୍ଲକର ବିଭିନ୍ନ ପଞ୍ଚାୟତବାସୀଙ୍କ ସମସ୍ୟା ଶୁଣିବା ସହିତ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମବାସୀମାନେ ଅଂଶଗ୍ରହଣ କରି ନିଜ ନିଜ ଅଭିଯୋଗ ଦାଖଲ କରିଥିଲେ। ଏହି ଜନ ଶୁଣାଣିରେ ମୋଟ ୮୩ଟି ଅଭିଯୋଗ ଜିଲାପାଳଙ୍କ ନିକଟକୁ ଆସିଥିଲା। ଯେଉଁଥିରେ ୩୮ଟି ବ୍ୟକ୍ତିଗତ ଏବଂ ୪୫ ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଜନ ଶୁଣାଣିରେ ଅଧିକାଂଶ ଲୋକେ ପାନୀୟ ଜଳ ସମସ୍ୟା,ବିଜୁଳି ସମସ୍ୟା, ଜମିବାଡ଼ି ବିବାଦ ବିଷୟରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜଣ ଶୁଣାଣିରେ ଭାଲୁଲତା ପଞ୍ଚାୟତର ମହିପାଣି ଗ୍ରାମାବସୀ ଗାଁରେ ଥିବା ପଥର ଖାଦାନକୁ ବନ୍ଦ ନ କରିବା ପାଇଁ ଦାବି କରିବା ସହିତ ଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଖାଦାନ ବନ୍ଦକୁ ବିରୋଧ କରି ସୋମବାର ଶତାଧିକ ମହିଳା ବିଶ୍ରା ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରକୁ ପ୍ରାୟ ଗୋଟିଏ ଘଣ୍ଟା ବନ୍ଦ କରି ଦେଇଥିଲେ। ବିଶ୍ରା ବିଡିଓ ଜଗନ୍ନାଥ ହନୁମାନଙ୍କ ଦ୍ୱାରା ଗ୍ରାମବାସୀଙ୍କୁ ବୁଝାଇବା ପରେ ମହିଳାମାନେ ଶାନ୍ତ ହେଇଥିଲେ। ଏହି ଜଣ ଶୁଣାଣିରେ ରାଉରକେଲା ଏସ୍ପି ନୀତେଶ ୱାଦ୍ୱାନି, ଡିଏଫଓ ଯଶବନ୍ତ ସେଠୀ, ପିଡି ସୁରଞ୍ଜନ ସାହୁ, ପାନପୋଶ ଉପଜିଲାପାଳ ବିଜୟ କୁମାର ନାୟକ, ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।






ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶିବରାତ୍ରି ଉପଲକ୍ଷେ ସୁନ୍ଦରଗଡ ସହରରେ ବୁଧବାର ଆଧାତ୍ମିକ ଶୋଭାଯାତ୍ରା ଚାଲିଛି। **(ଫଟୋ: ଜୟ ନାରାୟଣ ମେଣ୍ଡୁଲି)**

## ପ୍ରେମ ପ୍ରତାରଣା ଅଭିଯୋଗ, ବ୍ୟବସାୟୀ ଗିରଫ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ପ୍ରେମ ପ୍ରତାରଣା ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ବୁଧବାର ଅପରାହ୍ନ ୫ଟାରେ ସହରର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହିଳାଙ୍କ ଏତଲା ଅନୁଯାୟୀ, ୨୦୧୨ରୁ ଭୁବନେଶ୍ୱରର ଏକ ହୋଟେଲରେ ସମ୍ପୃକ୍ତ ବ୍ୟବସାୟୀଙ୍କ ସହିତ ସାକ୍ଷାତ୍ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମ ସମ୍ପର୍କ ନିବିଡ଼ ହେବା ପରେ ବିବାହର ପ୍ରତିଶ୍ରୁତି ଦେଇ ୩ବର୍ଷ ପୂର୍ବେ ବ୍ୟବସାୟୀ ଜଣକ ସମ୍ପୃକ୍ତା ମହିଳାଙ୍କୁ ବରଗଡ଼ ସହରର ଏକ ହୋଟେଲକୁ ଆଣି ରଖିଥିଲେ। ପରେ ବ୍ୟବସାୟୀ ପ୍ରତାରଣା କରିଥିବା ମହିଳାଜଣକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୪ ତାରିଖ: ୨୫।୦୨।୨୦୨୫**

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍ସାଇଟ୍ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୪ | ୧୨।୦୩।୨୦୨୫ | ୧୧.୦୦ ଘ. | ୧୪.୨୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1177) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**

**ସୂଚନା** No.CAD-2679

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ.- 8-1C/72ଟିକୁ ଶ୍ରୀମତୀ ପାୟଲ ମହାପାତ୍ରୋ, ପିତା ୰ କୁଞ୍ଜ ବିହାରୀ ମହାପାତ୍ର, ସ୍ୱାମୀ- ସତଦର୍ଶୀ ମିଶ୍ର, ସା.- B-805, ମନ୍ତ୍ରୀ ଏଲିଗାନ୍ସ, ବନ୍ନରଘାଟା ରୋଡ୍, ବାଙ୍ଗାଲୋର - 5600769, ରାଜ୍ୟ- କର୍ଣ୍ଣାଟକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପାୟଲ ମହାପାତ୍ରୋ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅରୋ ପ୍ରସାଦ, ପିତା- ବିଚିତ୍ରାନନ୍ଦ ଗୁରୁ, ସା./ପୋ.- ଗଡ଼ବିଷ୍ଣୁପୁର, ଥା.- ଏରସମା, ଜିଲ୍ଲା- ଜଗତ୍ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**
OIPR-13037/11/0176/2425

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/109, ତା.18.02.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2024, ତା.13.02.2025ରିଖ

**ବିବରଣୀ :** ବକ୍ସ ପୁସିଙ୍ଗ ପ୍ରକ୍ରିୟା ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ନିର୍ଦ୍ଦିଷ୍ଟ ତାଳଚେର ଶାଖା ଲାଇନରେ ଗୁରୁଡ଼ିଝାଟିଆ-ମହ୍ଲାପୁର ଷ୍ଟେସନ ମଧ୍ୟରେ ରେଙ୍ଗାଲି ଡାହାଣ ଜଳସେଚନ ପ୍ରକଳ୍ପର RD 3825 ମିଟର ଶାଖା କେନାଲରେ ଗୁରୁଡ଼ିଝାଟିଆ ଡିଷ୍ଟ୍ରିବ୍ୟୁଟରୀକୁ ଅତିକ୍ରମ କରିବା ନିମନ୍ତେ କି.ମି. 417.073 (417/1-3) ଠାରେ ବ୍ରିଜ୍ ନଂ. 32A-1, (1 X 4.00 X 2.15 ମିଟର RCC ବକ୍ସ)ର ପ୍ରସ୍ତାବିତ ନିର୍ମାଣ (ଡିପୋଜିଟ୍ ସ୍କିମ୍ ଅଧୀନରେ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 363.36 ଲକ୍ଷ, **EMD :** ₹ 3,31,700/-

(2) ଟେଣ୍ଡର ସଂ. eTender-CenKUR-326-2024, ତା.13.02.2025ରିଖ

**ବିବରଣୀ :** T-28 /ରୋଡ଼ କ୍ରେନ୍ / ମାନୁଆଲ୍ ମାଧ୍ୟମ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ଭୁବନେଶ୍ୱର ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡଗୁଡ଼ିକରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ ଲେଆଉଟ୍ଗୁଡ଼ିକର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 103.77 ଲକ୍ଷ, **EMD :** ₹ 2,01,900/-

(3) ଟେଣ୍ଡର ସଂ. e-tender-eastkur-328-2024, ତା.14.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ପାରାଦ୍ୱୀପ (PRDP) ଷ୍ଟେସନରେ 15 ଶଯ୍ୟା ବିଶିଷ୍ଟ RPF ବ୍ୟାରାକ୍ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 105.70 ଲକ୍ଷ, **EMD :** ₹ 2,02,900/-

**ଶେଷ ହେବା ଅବଧି :** 15 (ପନ୍ଦର) ମାସ (କ୍ରମ ସଂ. 1 ପାଇଁ), 12 (ବାର) ମାସ (କ୍ରମ ସଂ. 2 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.03.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକେରିୟରଙ୍କ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍ସାଇଟ୍କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1018/P/24-25

# ଧାର୍ଯ୍ୟ ସମୟରେ ଯୋଜନା କାର୍ଯ୍ୟକାରୀ କର

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କମିଟି (ଦିଶା) ବୈଠକ ଡିଏମ୍ଏଫ୍ ହଲ୍‌ରେ ମଙ୍ଗଳବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଧାର୍ଯ୍ୟ ସମୟରେ ବିଭାଗଗୁଡ଼ିକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପନ୍ନ କରିବା ସହ ହିତାଧିକାରୀଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବରଗଡ଼ ଏମ୍‌ପି ତଥା କମିଟି ଅଧ୍ୟକ୍ଷ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ପ୍ରତିନିଧି ପ୍ରେମସେନ ରାୟ, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲାପାଳ ଅବୋଲି ସୁନୀଲ ନରୱଣେ, ଡିଏଫ୍ଓ ମନୁ ଅଶୋକ ଭଟ୍ଟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଆଇଏଏସ୍ ପ୍ରବେଶନର ସର୍ୱାନନ୍ ସି, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ପୌରପାଳିକା ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଡିଓ, ସରପଞ୍ଚ, ପୌର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗତ ଦିଶା ବୈଠକରେ


ବୈଠକରେ ଅତିଥିମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

**ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କମିଟି ବୈଠକ**

କାର୍ଯ୍ୟକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଗ୍ରୀଷ୍ମଋତୁରେ ଜଳାଭାବ ଆଶଙ୍କା ଥିବା ଅଞ୍ଚଳଗୁଡିକର ଆକଳନ କରାଯିବା ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ଦ୍ଧାରିତ ସମୟରୁ ପାନୀୟ ଜଳ ଯୋଗାଇବା ଦିଗରେ ଆଗୁଆ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ଆର୍ଥିକ ବର୍ଷରେ ଜିଲାର ସବୁ ବ୍ଲକରେ ଜଳସେଚନ ବ୍ୟବସ୍ଥାକୁ ୧୦ % ବୃଦ୍ଧି କରିବା ଦିଗରେ ଆଲୋଚନା ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଆଦି ବିଭିନ୍ନ ଭତ୍ତା ପ୍ରଦାନକୁ ସୁବ୍ୟବସ୍ଥିତ କରିବା ସକାଶେ ବ୍ଲକୱାରି ଡାଟାବେସ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ପଡ଼ିଥିବା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସର୍ଭେ ଚାଲୁଥିବା ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଆସନ୍ତା ଏପ୍ରିଲ୍ ସୁଦ୍ଧା ପୌରାଞ୍ଚଳଗୁଡିକରେ ସମସ୍ତ ଶୌଚାଳୟ ବ୍ୟବହାର ଉପଯୋଗୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୌରାଞ୍ଚଳଗୁଡ଼ିକରେ ଚାଲୁ ଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଖଣିଜ ପାଣ୍ଠି ଅନୁଦାନରୁ ଜିଲାର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ସହ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଦ୍ୟାଳୟଗୁଡ଼ିକରେ ରୋଷେଇ ଗୃହ ନିର୍ମାଣ ସହ ରନ୍ଧନ ସକାଶେ ଗ୍ୟାସଯୁକ୍ତ ଚୁଲା ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଥିବା ରାଜସ୍ୱ ମନ୍ତ୍ରୀ କହିଥିଲେ। ସେହିପରି କମ ମୂଲ୍ୟରେ ଧାନ କିଣିବାକୁ କୌଶଳ ଅବଲମ୍ବନ କରୁଥିବା ମିଲରମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଚେତାବନୀ ଦିଆଯାଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ଯେପରି ଠିକ୍ ମାନ ଓ ଗୁଣର ଛତୁଆ ପରିବେଷଣ କରାଯିବା ଉପରେ ଏମ୍‌ପି ଗୁରୁତ୍ୱ ଦେଇଥିଲେ। ଧାନମଣ୍ଡିଗୁଡ଼ିକର ନବୀକରଣ କରାଯିବା ସହ ଏଗୁଡ଼ିକର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବାପା ଛେଉଣ୍ଡ ଝିଅମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢିବା ପାଇଁ ଏମ୍‌ସିଏଲ୍ ସହାୟତାରେ ସାହାଯ୍ୟ ପ୍ରଦାନ ନିମନ୍ତେ ଖୁବ୍‌ଶୀଘ୍ର ଟ୍ରଷ୍ଟ ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି ସମ୍ପର୍କରେ ସମୀକ୍ଷା ପୂର୍ବକ ଧାର୍ଯ୍ୟ ଲକ୍ଷ୍ୟ ଉପରେ ସଫଳତା ହାସଲ ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକରୀ ପ୍ରବୀର କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପୌର ପରିଷଦ ବୈଠକକୁ ଠିକାଦାର ସଂଘକୁ ନିମନ୍ତ୍ରଣର ପ୍ରତିବାଦ

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

**ବୈଠକ ବର୍ଜନ କଲେ ୩ ବିଜେଡି କାଉନସିଲର**

ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ମନୋମୁଖି କାର୍ଯ୍ୟ ଏବଂ କାଉନସିଲର ବିନା ସହମତିରେ ଠିକାଦାର ସଂଘ କର୍ମକର୍ତ୍ତାଙ୍କୁ ନେଇ ସମନ୍ୱୟ ବୈଠକ ଆୟୋଜନରବିରୋଧକରିବାସହବୈଠକକୁ ବିଜେଡିର ୩ଜଣ କାଉନସିଲର ବର୍ଜନ କରିଥିବା ଜଣାପଡିଛି। କାଉନସିଲରମାନେ ହେଲେ ଦେବଗଡ଼ ପୌର ପରିଷଦ ୧ନଂ. ୱାର୍ଡ଼ରେ ବିଜେଡି କାଉନସିଲର ପ୍ରମିଳା ବେହେରା, ୨ନଂ. ୱାର୍ଡ଼ରେ ସଞ୍ଜୁକ୍ତା ଆଚାର୍ଯ୍ୟ ଓ ୫ ନଂ. ୱାର୍ଡ଼ରେ ଜତିନ କୁମାର ନାୟକ। ୩ଜଣ କାଉନସିଲରଙ୍କ ଅଭିଯୋଗ ଅନୁଯାୟୀ ପୌର ପରିଷଦ ନିର୍ବାହୀ ଅଧିକାରୀ ଗତ ୨୧ ତାରିଖରେ ତାଙ୍କ ଚିଠି ନଂ. ୫୩୨/୧୨ଯୋଗେ ଦେବଗଡ଼ ପୌର ପରିଷଦର ସମସ୍ତ କାଉନସିଲର ଓ ଠିକାଦାର ସଂଘ ସଭାପତି/ସମ୍ପାଦକଙ୍କୁ ନେଇ ଫେବୃୟାରୀ ୨୫ରେ ସମନ୍ୱୟ ବୈଠକ ଆହ୍ୱାନ କରିଥିଲେ। ସେହିପରି ବୈଠକର ବିଷୟ ବସ୍ତୁ 'ଦେବଗଡ଼ ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା' କିନ୍ତୁ ଏହି ବୈଠକ ଆୟୋଜନ ନିମନ୍ତେ ପୂର୍ବରୁ ଦେବଗଡ ପୌର ପରିଷଦର କାଉନସିଲର (ପାରିଷଦ) ବୈଠକରେ ପ୍ରସ୍ତାବ ପାରିତ ହୋଇ ନ ଥିଲା କି କୌଣସି ପାରିଷଦଙ୍କ ସହିତ ଆଲୋଚନା ମଧ୍ୟ କରାଯାଇ ନ ଥିଲା। ପାରିଷଦ, ବିଧାୟକ ଓ ଏମ୍‌ପିଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା କିମ୍ବା ବ୍ୟକ୍ତିଙ୍କୁ ବୈଠକରେ ସାମିଲ କରିବାକୁ ହେଲେ ଏଥିପାଇଁ ପୂର୍ବରୁ କାଉନସିଲର ବୈଠକରେ ପ୍ରସ୍ତାବ ପାରିତ ହେବାକୁ ପଡିଥାଏ। ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଅନ୍ୟପକ୍ଷରେ ଏହି ବୈଠକକୁ ଅନ୍ୟାୟୋଚିତ ଭାବେ ନିର୍ଦ୍ଦିଷ୍ଟ ଠିକାଦାର ସଂଘ ସଭାପତି ଓ ସମ୍ପାଦକଙ୍କୁ ନିମନ୍ତ୍ରଣ କରାଯାଇଥିବାରୁ ପୌର ପରିଷଦ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ ହେବାର ଆଶଙ୍କା ଦେଖାଇଦେଇଛି। ଏଣୁ ୩ ବିଜେଡି କାଉନସିଲର ଏହାର ପ୍ରତିବାଦ କରି ବୈଠକ ବର୍ଜନ କରିଥିଲେ। ସେହିପରି ସେମାନେ ଏ ନେଇ ଦେବଗଡ଼ ଜିଲାପାଳଙ୍କ ସମେତ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ନିର୍ଦ୍ଦେଶକ, ସଚିବ, ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରଙ୍କ ନିକଟରେ ଲିଖିତ ଅଭିଯୋଗ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିବା ଜଣାପଡିଛି।

# ଝାଡ଼େଶ୍ୱର ବାବାଙ୍କ ସହ ସମସ୍ତ ଶୈବପୀଠ ଉତ୍ସବମୁଖର


ଝାଡ଼େଶ୍ୱର ମନ୍ଦିର ପରିସରରେ ଭକ୍ତମାନେ ଜାଗର ପାଇଁ ଉଜାଗର ରହିଛନ୍ତି।

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ଇଷ୍ଟ ଦେବତା ଝାଡେଶ୍ୱର ବାବାଙ୍କ ଜାଗର ମହୋତ୍ସବ ଓ ମହାଶିବରାତ୍ରି ମହା ସମାରୋହରେ ପାଳନ ହେବା ସହ ଜିଲାର ସମସ୍ତ ଶୈବ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ମହାଶିବରାତ୍ରି ବୁଧବାର ପାହାନ୍ତିଆ ୩ଟାରେ ସମସ୍ତ ନୀତିକାନ୍ତି କାର୍ଯ୍ୟ ସମ୍ପନ୍ନ ପରେ ଭକ୍ତମାନେ ବାବା ଝାଡେଶ୍ୱରଙ୍କ ଦର୍ଶନ କରିବା ଆରମ୍ଭ କରିଥିଲେ। ପୂର୍ବାହ୍ନ ୧୦ଟାରେ ମନ୍ଦିରରେ ବାବାଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୬ଟାରେ କ୍ଷୀରାଭିଷେକ କରାଯାଇଥିଲା। କୀର୍ତ୍ତନ୍ୟ, ଭଜନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାଡ଼େଶ୍ୱର ବାବାଙ୍କ ମନ୍ଦିର ପରିସର କମ୍ପି ଉଠିଥିଲା। ରାତ୍ରି ୧୧ଟାରେ ମହାପ୍ରଭୁଙ୍କ ମହାଦୀପ ଉଠିବା ସହିତ ଅନ୍ୟାନ୍ୟ ପ୍ରହର ପୂଜା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଝାରସୁଗୁଡ଼ା ପୋଲିସ, ଅଗ୍ନିଶମ ବିଭାଗ, ପୌର ପରିଷଦ କର୍ମଚାରୀ ସହଯୋଗ କରିଥିଲେ। ଝାଡ଼େଶ୍ୱର ମନ୍ଦିର ବିକାଶ ପରିଷଦ ସଭାପତି ସଦାନନ୍ଦ ଦାଶ, ସମ୍ପାଦକ ଦେବେନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ମୋହନ ପଣ୍ଡାଙ୍କ ସହିତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମହାଶିବରାତ୍ରି ଉତ୍ସବରେ ସହଯୋଗ କରିଥିଲେ। ଏହା ସହିତ ଜିଲାର ବଡ଼ମାଳସ୍ଥିତ ବୃନ୍ଦାମାଳ ଶିବ ମନ୍ଦିର, ମରାକୁଠା ଶିବ ମନ୍ଦିର, ବାଗଡ଼ିହିର ମହାକାଳ ଶିବ ମନ୍ଦିର ତଥା ସମସ୍ତ ଶୈବପୀଠ ଉତ୍ସବ ମୁଖରିତ ହୋଇ ଉଠିଛି।

## ଶିବରାତ୍ରିରେ ବାଣ ଫୁଟାଇବା ବେଳେ ଅଗ୍ନିକାଣ୍ଡରେ ଘର ଜଳିଗଲା

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଗୁମାଡେରା ଶିବ ମନ୍ଦିର ନିକଟ ଏକ ଘର ଉପରେ ଥିବା ପାଳ ଗଦାରେ ନିଆ ଲାଗି ଘର ଜଳି ଯାଇଛି। ଶିବରାତ୍ରିରେ ଶୋଭାଯାତ୍ରାରେ ବାଣ ଫୁଟାଇବା ସମୟରେ ନିଆ ଛିଟିକି ଘର ଉପରେ ରଖାଯାଇଥିବା ପାଳ ଗଦାରେ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

## କୋଇଲି ଘୋଘରରେ ମହାଶିବରାତ୍ରି ପାଳିତ

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକରେ ଥିବା ପ୍ରସିଦ୍ଧ ଶୈବପୀଠ କୋଇଲି ଘୋଘରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଜିଲାର ଏହି ପର୍ଯ୍ୟଟନସ୍ଥଳୀ ତଥା ଶୈବ ପୀଠକୁ ସକାଳ ୭ଟାରୁ ହଜାର ହଜାର ଭକ୍ତ ଶୈବପୀଠରେ ଦର୍ଶନ କରିବାକୁ ଆସିଥିଲେ। ନୂଆଁ ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଦହି ପାଣି ବ୍ୟବସ୍ଥା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଆରମ୍ଭ କରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ନୂଆଁଆଶା ସଙ୍ଗଠନ ସମ୍ପାଦକ ଅନିତା କାଲୋ, ବିଶ୍ୱଜିତ ପସାୟତ, ମୁକେଶ ବାଗ, ବିବେକ ରାଉତ, ନେତ୍ରାନନ୍ଦ ସାହୁ, ଧରଣୀ ରୋହୀଦାସ, ଦୀପକ ବାରିକ ଏବଂ ଜ୍ୟୋତ୍ସ୍ନା ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରକ୍ ଧକ୍କାରେ ପ୍ରାଣ ହରାଇଲେ ମାନସିକ ରୋଗୀ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**

ଅଜଣା ଟ୍ରକ୍ ଧକ୍କାରେ ପ୍ରାଣ ହରାଇଲେ ମାନସିକ ରୋଗୀ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବୁଧବାର ସକାଳୁ ଦେବଗଡ଼ ଜିଲା ବାରକୋଟ ବଣେଇ ଛକରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାରକୋଟ ବ୍ଲକ ସଦର ମହକୁମାରେ ଦୀର୍ଘ ବର୍ଷ ହେଲା ବାହାର ରାଜ୍ୟର ମାନସୀକ ସନ୍ତୁଳନ ହରାଇଥିବା ଆନ୍ନା ନାମକ ଜଣେ ବ୍ୟକ୍ତି ରହି ଆସୁଥିଲେ। ସକାଳୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ଆନ୍ନାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକ ବାହାରି ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଟ୍ରାଫିକ ପୋଷ୍ଟ ଏବଂ ସ୍ପିଡ ବ୍ରେକର ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଲୋକଙ୍କ ସହ ସାମିଲ ହୋଇ ପ୍ରଶାସନ ନିକଟରେ ଉକ୍ତ ଦାବି ଉପସ୍ଥାପନ କରିଥିଲେ। ସକାଳ ପ୍ରାୟ ୭ଟାରୁ ପୂର୍ବାହ୍ନ ୧୦ଟା ଯାଏଁ ରାସ୍ତା ଅବରୋଧ ଚାଲିଥିବାରୁ ଶହ ଶହ ଗାଡି ରାସ୍ତା ଉପରେ ଅଟକି ରହିଥିଲା। ଖବର ପାଇ ବାରକୋଟ ପୋଲିସ ଏବଂ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ନେଇ ବାରକୋଟ ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ ପୋଲିସ ତଦନ୍ତ କରୁଥିବା ଜଣାପଡିଛି। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି।

# ଉମାକାନ୍ତ ସ୍ମାରକୀ ତ୍ରିଦିବସୀୟ କ୍ରିକେଟ ଉଦ୍‌ଘାଟିତ

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଉଡନାଳି ଗ୍ରାମରେ ଉମାକାନ୍ତ ସ୍ମାରକୀ ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ଗଜାନନ ବେହେରା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଜିତ କୁମାର ଧଳ, କୁଞ୍ଜ ବିହାରୀ ସାହୁ ଓ ବାବୁଲୀ ଦୀପ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବାଲିପୋଶି କ୍ରିକେଟ ଦଳ ଓ ଗଉଡନାଳି କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଅମ୍ପାୟର ଭାବେ ଜଗବନ୍ଧୁ କିଷାନ ଓ ସ୍ୱରୂପ ବେହେରା ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ କୃଷ୍ଣ ଭାଇ ମ୍ୟାଚ୍‌ର ଧାରା ବିବରଣି ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ରଞ୍ଜିତ କୁମାର ଧଳ, କ୍ଷେତ୍ରବାସୀ ଉଦାବର, ଆଶିଷ କୁମାର, ସବୁଜ କିସାନ, ପିଣ୍ଟୁ ଓ ସୁବ୍ରତ ପ୍ରମୁଖ ମୁଖ୍ୟ ଭିମୀକା ଗ୍ରହଣ କରୁଥିବା ଜଣାପଡିଛି।

# ସଜାଗ ରହି ଜନସାଧାରଣଙ୍କୁ ସେବା ଯୋଗାଅ

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ବିଡିଓ, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର, ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାରେ ଆଗାମୀ ଗ୍ରୀଷ୍ମପ୍ରବାହ ପରିସ୍ଥିତି ମୁକାବିଲା ସକାଶେ ସବୁସ୍ତରରେ ସଜାଗ ରହି ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ ପୂର୍ବକ ସକାଳ ସାଢେ


ବୈଠକରେ ଉପସ୍ଥିତ ଅଧିକାରୀ।

**ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

୬ରୁ ସାଢ଼େ ୧୦ଟା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକ ସକାଳ ସାଢେ ୭ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଖୋଲିବା, ବିଦ୍ୟାଳୟଗୁଡିକରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବସ୍ ଚଳାଚଳ ସମୟରେ ପରିବର୍ତ୍ତନ କରାଯାଇ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ରଖାଯିବା ଓ ବସ୍‌ଗୁଡିକରେ ଥଣ୍ଡା ପାନୀୟ ଜଳ, ଓଆର୍ଏସ୍ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ମାଣାଧୀନ କୋଠାବାଡ଼ି ସ୍ଥଳରେ ପାନୀୟ ଜଳ, ଓଆର୍ଏସ୍ ସହ ଛାମୁଣ୍ଡିଆ ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ, ଓଆର୍ଏସ୍, ସାଲାଇନ ସହ ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ଏସି, କୁଲର ଆଦି ବ୍ୟବସ୍ଥା ଗ୍ରହଣ କରାଯିବା, ନଳକୂପ ମରାମତି ସହ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳକ୍ଲିଷ୍ଟ ଅଞ୍ଚଳରେ ଲୋକମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପୂର୍ବାଭ୍ୟାସ ଅନୁସାରେ ଶିକ୍ଷାନୁଷ୍ଠାନଗୁଡିକ ଏ ଦିଗରେ ଯତ୍ନବାନ ପୂର୍ବକ କାର୍ଯ୍ୟ ପନ୍ଥା ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ଋତୁରେ ଗୋରୁଗାଈ ଯତ୍ନ ସକାଶେ ଆନୁସଙ୍ଗିକ ବ୍ୟବସ୍ଥା ସକାଶେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ଜନିତ କୌଣସି ମୃତ୍ୟୁ ହେଲେ ସମ୍ପୃକ୍ତ ତହସିଲଦାର ଓ ମେଡ଼ିକାଲ ଅଫିସର ତଦନ୍ତ ପୂର୍ବକ ମିଳିତ ଭାବେ ରିପୋର୍ଟ ଦାଖଲ କରିବେ। ଅଧିକାରୀମାନେ ନିଜ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ସୂଚନା କିମ୍ବା ଅଭିଯୋଗ ଆସିବା ମାତ୍ରେ ତୁରନ୍ତ ପଦକ୍ଷେପ ନେବା, ବ୍ଲକ ଏବଂ ପୌର ପରିଷଦଗୁଡ଼ିକ ପର୍ଯ୍ୟାପ୍ତ ଜଳଛତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଯଥେଷ୍ଟ ସତର୍କ ରହିବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ବିଭାଗୀୟ ଅଧିକାରୀମାନେ ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ସମ୍ପୃକ୍ତ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିପିଓ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୪ ତାରିଖ: ୨୫।୦୨।୨୦୨୫

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୪ | ୧୨।୦୩।୨୦୨୫ | ୧୧.୦୦ ଘ. | ୧୪.୨୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1177) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା** No.CAD-2679

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ.- ୫-1C/72ଟିକୁ ଶ୍ରୀମତୀ ପାୟଲ ମହାପାତ୍ରୋ, ପିତା ୰ କୁଞ୍ଜ ବିହାରୀ ମହାପାତ୍ର, ସ୍ୱାମୀ- ସତଦର୍ଶୀ ମିଶ୍ର, ସା.- B-805, ମନ୍ତ୍ରୀ ଏଲିଗାନ୍ସ, ବନରଘାଟା ରୋଡ୍, ବାଙ୍ଗାଲୋର - 5600769, ରାଜ୍ୟ- କର୍ଣ୍ଣାଟକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପାୟଲ ମହାପାତ୍ରୋ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅରୋ ପ୍ରସାଦ, ପିତା- ବିଚିତ୍ରାନନ୍ଦ ଗୁରୁ, ସା./ପୋ.- ଗଡ଼ବିଷ୍ଣୁପୁର, ଥା.- ଏରସମା, ଜିଲା- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)
OIPR-13037/11/0176/2425

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/109, ତା.18.02.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2024, ତା.13.02.2025ରିଖ

ବିବରଣୀ : ବକ୍ସ ପୁସିଙ୍ଗ୍ ପ୍ରକ୍ରିୟା ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ନିର୍ଗୁଣ୍ଡି ତାଳଚେର ଶାଖା ଲାଇନରେ ଗୁରୁଡ଼ିଝାଟିଆ-ମଚ୍ଛାପୁର ଷ୍ଟେସନ ମଧ୍ୟରେ ରେଙ୍ଗାଲି ଡାହାଣ ଜଳସେଚନ ପ୍ରକଳ୍ପର RD 3825 ମିଟର ଶାଖା କେନାଲରେ ଗୁରୁଡ଼ିଝାଟିଆ ଡିଷ୍ଟ୍ରିବ୍ୟୁଟରୀକୁ ଅତିକ୍ରମ କରିବା ନିମନ୍ତେ କି.ମି. 417.073 (417/1-3) ଠାରେ ବ୍ରିଜ୍ ନଂ. 32A-1, (1 X 4.00 X 2.15 ମିଟର RCC ବକ୍ସ)ର ପ୍ରସ୍ତାବିତ ନିର୍ମାଣ (ଡିପୋଜିଟ୍ ସ୍କିମ୍ ଅଧିନରେ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 363.36 ଲକ୍ଷ, EMD : ₹ 3,31,700/-

(2) ଟେଣ୍ଡର ସଂ. eTender-CenKUR-326-2024, ତା.13.02.2025ରିଖ

ବିବରଣୀ : T-28 /ରୋଡ଼ କ୍ରେନ୍ / ମାନୁଆଲ୍ ମାଧ୍ୟମ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ଭୁବନେଶ୍ୱର ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡଗୁଡ଼ିକରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ ଲେଆଉଟ୍‌ଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 103.77 ଲକ୍ଷ, EMD : ₹ 2,01,900/-

(3) ଟେଣ୍ଡର ସଂ. e-tender-eastkur-328-2024, ତା.14.02.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ପାରାଦ୍ୱୀପ (PRDP) ଷ୍ଟେସନରେ 15 ଶଯ୍ୟା ବିଶିଷ୍ଟ RPF ବ୍ୟାରାକ୍‌ର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 105.70 ଲକ୍ଷ, EMD : ₹ 2,02,900/-

ଶେଷ ହେବା ଅବଧି : 15 (ପନ୍ଦର) ମାସ (କ୍ରମ ସଂ. 1 ପାଇଁ), 12 (ବାର) ମାସ (କ୍ରମ ସଂ. 2 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.03.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକଯୋଗେ/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1018/P/24-25

# ‘ପ୍ରକାଶକ, ଆୟୋଜକ ଲେଖକ-ପାଠକ ଭିତର ସେତୁ’

**ବଲାଙ୍ଗୀର, ୨୬।୨ (ବୀରେନ୍ଦ୍ର କୁମାର ଝାଙ୍କର)**

୧୭ତମ ବଲାଙ୍ଗୀର ବହିହାଟର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ପୁସ୍ତକ ପ୍ରକାଶନର ବିଭିନ୍ନ ଦିଗ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଜିଲା ଲେଖକ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମା ପବ୍ଲିକେଶନ୍‌ର ମୁଖ୍ୟ ଅଶୋକ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ସ୍ରୋତସ୍ୱତୀ ପ୍ରକାଶନୀର ମୁଖ୍ୟ ସନ୍ଦୀପ କୁମାର କୁଅଁର, ଗାଳ୍ପିକ ତଥା ପରିଷଦ ସଭାପତି ମଳୟ ମିଶ୍ର ମଞ୍ଚାସୀନ ଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦ ସହସମ୍ପାଦକ ରଘୁନନ୍ଦନ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମହାନ୍ତି ଓଡିଶାରେ ପୁସ୍ତକ ପ୍ରକାଶନର ସ୍ଥିତି ଏବଂ ଏ ଦିଗରେ ରହିଥିବା ଆହ୍ୱାନଗୁଡିକର ଆଲୋଚନା କରିଥିଲେ। ପ୍ରକାଶକର କାମ ହେଲା ଭଲ ଲେଖକ ଖୋଜି ବାହାର କରି ତାକୁ ପୁସ୍ତକ ଆକାରରେ ପ୍ରକାଶ କରି ପାଠକଙ୍କ ପାଖକୁ



କାର୍ଯ୍ୟକ୍ରମରେ ପଶ୍ଚିମା ପବ୍ଲିକେଶନର ମୁଖ୍ୟ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ବଲାଙ୍ଗୀର ବହିହାଟର ତୃତୀୟ ସନ୍ଧ୍ୟା

ପହଞ୍ଚାଇବା। ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା କୁଅଁର ଲୋକ ରଚ ଓ ପାଠକର ମାନସିକତାକୁ ନେଇ ବହି ହେବା କଥା ବୋଲି କହିଥିଲେ। ବହି ଛପା ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ତାହା ପାଠକଙ୍କ ପାଖରେ ପହଞ୍ଚାଇବା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏ ଦିଗରେ ବହିହାଟ ଆୟୋଜକଙ୍କ ଭୂମିକା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବାସ୍ତବରେ ପ୍ରକାଶକ ଏବଂ ବହିହାଟର ଆୟୋଜକମାନେ ଉଭୟ ଲେଖକ ଏବଂ ପାଠକଙ୍କ ଭିତରେ ସେତୁ ତିଆରି କରନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନୁପ୍ରିୟା ମିଶ୍ର ବିଶେଷ ସହଯୋଗ କରିଥିଲେ। ଏହି ଅବସରରେ ଜିଲା ଲେଖକ ପରିଷଦ ପକ୍ଷରୁ ପଶ୍ଚିମା ପବ୍ଲିକେଶନ୍‌ର ମୁଖ୍ୟ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ପ୍ରଖ୍ୟାତ ଗାଳ୍ପିକା ଗାୟତ୍ରୀ ସରାଫ୍ ଏବଂ ଗାଳ୍ପିକା ଡା ମଞ୍ଜୁବାଳା ପଣ୍ଡା ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

# ଝଗ୍ରାହୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା, ୨୬।୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଝଗ୍ରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ମୁଖ୍ୟଅତିଥି, ଆଇନଜୀବୀ ନୂଆପଡା ରମେଶ ଚନ୍ଦ୍ର ଭୋଇ ମୁଖ୍ୟବକ୍ତା ଓ କୋମନା ବିଇଓ ଅନୀତା ପଣ୍ଡା, ଏବିଇଓ ରାଧାକାନ୍ତ ତାଣ୍ଡି, ଉପାଧ୍ୟକ୍ଷ କୋମନା ଜୟଦେବ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ଚିନାଗୁନ, ସମିତି ସଭ୍ୟା ସସ୍ମିତା ଗଡତିଆ, କୁରୁମପୁରି ସମିତି ସଭ୍ୟା ଭୂଗଳି ସୁନାନୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲିପ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଛିନେ ମାଝି ଧନ୍ୟବାଦ୍ୟ ଅର୍ପଣ କରିଥିଲେ ।



ମହାଶିବରାତ୍ରି ଅବସରରେ ବଲାଙ୍ଗୀର ତୁଳସୀନଗରର ଶ୍ରୀ ଶ୍ରୀ ଟାଙ୍ଗେଶ୍ୱର ଶିବମନ୍ଦିରରେ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷାରତ ଅଛନ୍ତି। (ଫଟୋ ସୁନୀଲ, ବଲାଙ୍ଗୀର)


## ODISHA CONSTRUCTION CORPORATION LTD.

(A Govt. of Odisha Undertaking)
CENTRAL WORKSHOP, RASULGARH, BHUBANESWAR - 751010 (ODISHA)
Tel.: 0674-2580107, E-mail: gmocclcws@gmail.com, (GSTIN - 21AAACO2571K2ZM)

No. CAD-2685 **e-Procurement Notice No. 51/OCCL/2024-25 (Online)**

**Type of Work:** Supply of Single Reduction Worm Reducer for Kanupur Irrigation Project (130T Rope Drum Hoist)
Total No. of Work : 01 (One)
Period of Supply : 90 (Ninety) Days

| Procurement Officer | Bid Identification No. | EMD through Online transfer system | Cost of Tender Document (Including GST) through Online Transfer System | Availability of Tender (Online) | Submission of Bid (Online) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/ CWS/19/ 2024-25 | Rs.1,40,000/- | Rs.11,800/- (Non-refundable) | 27.02.2025, 10.00 A.M. to 12.03.2025, 5.00 P.M. | 27.02.2025, 10.00 A.M. to 12.03.2025, 5.00 P.M. |

Date of Opening of the Technical Bid : 13.03.2025 at 11.30 A.M.
Further details can be seen from the Govt. website (**www.tendersodisha.gov.in**).
Amendment/Corrigendum/Cancellation, if any shall be posted online only.
**OIPR-34163/11/0053/2425** **Sd./- General Manager (Mech.)**



## OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH

E.Mail: rw_sundargarh@yahoo.co.in, Ph.: 06622-272280 (Off)

**1st Corrigendum to Bid Identification No. Online - SESNG-30 of 2024-25**

No. O-1544: In continuation to this office bid Identification No. Online-SESNG-30 of 2024-25 invited vide this office Notice No. 1338 Dt.11.02.2025 is partial modified in TCN has been made as follows:

| Sl. No. | | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 17.02.2025 at 11.00 A.M. to 27.02.2025 upto 06.00 P.M. | Extended upto 03.03.2025 upto 6.00 P.M. |
| 2 | Last date of seeking clarification | 25.02.2025 at 11.00 A.M. | Extended upto 01.03.2025 upto 11.00 A.M. |
| 3 | Date of Opening of Tender | 28.02.2025 at 10.00 A.M. | Extended upto 04.03.2025 at 10.00 A.M. |

All other terms & conditions remain unchanged.
**OIPR-25046/11/0051/2425** **Sd./- Superintending Engineer, R.W. Division, Sundargarh**


# ମନଇଚ୍ଛା ସ୍କୁଲ ଆସୁଛନ୍ତି ଶିକ୍ଷକ

**ଥୁଆମୂଳ ରାମପୁର, ୨୬।୨ (ଦୁର୍ଗା କୀର୍ତ୍ତି)**

### ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା

କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ବ୍ଲକ୍‌ର ସିଲେଟ ପଞ୍ଚାୟତ ଦାଣ୍ଡପଦର ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ମନଇଚ୍ଛା ସ୍କୁଲ ଆସୁଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ସ୍ଥାନୀୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୬ଜଣ ଛାତ୍ରୀଛାତ୍ର ଥିବାବେଳେ ୨ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ହେଲେ ଏମାନେ ସପ୍ତାହକୁ ୨ରୁ ୩ ଦିନ କିମ୍ବା ମାସକୁ ୮ରୁ ୧୨ ଦିନ ସ୍କୁଲ ଆସୁଛନ୍ତି। ଆଉ ଯେଉଁଦିନ ଆସୁଛନ୍ତି ତାହା ପୁଣି ବହୁ ବିଳମ୍ବରେ। ଏପରି କି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ନିୟମିତ ମଧ୍ୟାହ୍ନଭୋଜନ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠି ସ୍ୱାସ୍ଥ୍ୟ ସ୍ୱରାଜର ଶିକ୍ଷା ସାଥୀଙ୍କ ଭରସାରେ ଚାଲିଛି ପିଲାଙ୍କ ପାଠପଢ଼ା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରିଣୀ ପ୍ରଭାତୀ ନଳିନୀ ଠାକୁରଙ୍କୁ ପଚାରିବାରୁ ଆଗରୁ ମଧ୍ୟ ସେ ଅଞ୍ଚଳର ସ୍କୁଲ ସମସ୍ୟା ଅଭିଯୋଗ ମୋ ପାଖକୁ ଆସିଛି। ବହୁ ଶୀଘ୍ର କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅଭିଭାବକ ମୁକ୍କି ମାଝୀ କହନ୍ତି, ଆମ ସ୍କୁଲରେ କାର୍ଯ୍ୟରତ ୨ ଶିକ୍ଷକଙ୍କ ମନ ମାନିରେ ଆମ ଛୁଆଙ୍କ ପାଠପଢ଼ା ହୁଏ। ଶିକ୍ଷକମାନେ ମାସକୁ ୧୦ରୁ ୧୨ ଦିନ ସ୍କୁଲ ଆସନ୍ତି। ସ୍ୱାସ୍ଥ୍ୟ ସ୍ୱରାଜ ସଂସ୍ଥା ଦ୍ୱାରା ଆମ ପିଲା ପାଠ ପଢୁଛନ୍ତି। ସହକାରୀ ଶିକ୍ଷକ ମଧୁସୂଦନ ସାହୁଙ୍କ କହିବା କଥା, ଏକ ବିବାହ କାର୍ଯ୍ୟ ପାଇଁ ସେ ପ୍ରଧାନ ଶିକ୍ଷକଙ୍କଠାରୁ ଛୁଟି ନେଇଛନ୍ତି। ସ୍କୁଲରେ ସ୍ୱାସ୍ଥ୍ୟ ସ୍ୱରାଜର ଶିକ୍ଷାସାଥୀଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି। ପ୍ରଧାନ ଶିକ୍ଷକ ସଦା ନାଏକ କହିଥିଲେ, ଅଫିସ କାମରେ ବାହାରକୁ ଯାଇଥିବାରୁ ସେଦିନ ଫେରିବା ବେଳକୁ ସାଢ଼େ ୧୨ଟା ହୋଇଯାଇଥିଲା। ହେଲେ ସହକାରୀ ଶିକ୍ଷକ ସ୍କୁଲରେ ଅଛନ୍ତି। ସେ ତାଙ୍କୁ କୌଣସି ଛୁଟି ଦେଇନାହାନ୍ତି ବୋଲି କହିଥିଲେ।

## ଚମ୍ପେଶ୍ୱର ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ବେହେରା, ୨୬।୨ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଛଞ୍ଚାଣବାହାଲିସ୍ଥିତ ଶ୍ରୀଚମ୍ପେଶ୍ୱର ମହାଦେବଙ୍କ ପୀଠରେ ଶିବରାତ୍ରି ଅବସରରେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଉଛି। ମଙ୍ଗଳବାର କଳସ ଯାତ୍ରା ହୋଇଥିବା ବେଳେ ବୁଧବାର ପ୍ରାତଃରୁ ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ଆରମ୍ଭ କରାଯାଇଥିଲା। ପୂଜକ ଭାବରେ ଜ୍ୟୋତିର୍ବିଦ ଭୂପେଶ ତିୱାରୀ, ମୋହନ ତିୱାରୀ, ଧ୍ରୁବ ତିୱାରୀ, ମିଥଲେଶ ତିୱାରୀ, କର୍ତ୍ତା ଉପେନ୍ଦ୍ର ଭଇଁଶାଳ, ତାଙ୍କ ସ୍ତ୍ରୀ ସରୋଜିନୀ ପୂଜନ କାର୍ଯ୍ୟ ସମ୍ପାଦନ କରିଛନ୍ତି। ୨୬ରେ ଅଖଣ୍ଡ ନାମଯଜ୍ଞ ଓ ୨୭ରେ ଦାଧିହାଣ୍ଡି ଭଗ୍ନ ସମ୍ପନ୍ନ ହେବ। ନାମଯଜ୍ଞରେ ୬ଟି ସଂକୀର୍ତ୍ତନ ଦଳ ଭାଗନେଇଛନ୍ତି। କାର୍ଯ୍ୟକ୍ରମରେ କମିଟି ସଭାପତି କମଲୁ ଗୋପାଳ, ସମ୍ପାଦକ ଗୋଲାପ ଚନ୍ଦ୍ର ବାଗସହଯୋଗ କରିଛନ୍ତି।


## DISTRICT PROJECT OFFICE SAMAGRA SHIKSHYA, BHADRAK

No. 463/Civil/2025 Dated: 21.02.2025

**NOTICE INVITING TENDER (NIT)**

No. n :- Sealed tenders are invited from the reputed & potential Original Equipment Manufacturer (OEM)/Distributors/ Authorized Firms of Odisha for Supply of 58 numbers of incinerators and 58 numbers of Vending Machine for schools of Bhadrak District in two bid systems (Technical & Financial Bid) as detailed below.

| Name of the Tender | Bid Processing fees | Amont of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Incinerator and Vending Machine for schools of Bhadrak District | Rs.2,000/- | Rs.23,200/- for Incinerator & Rs.11,600/- for Vending Machine | 24.03.2025 up to 5.00 P.M. | 25.03.2025 11.00 A.M. |

The detailed BID document is available in the website www.osepa.gov.in & www.bhadrak.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

**By the order of Collector-Cum-Chairman, Samagra Shiksha, Bhadrak**
OIPR-27181/11/0003/2425 **Sd./- District Project Coordinator, Samagra Shikshya, Bhadrak**



ODISHA

# STATE POLLUTION CONTROL BOARD, ODISHA

**(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012, INDIA**
**Tel: 2562368/2653800, E-mail: paribesh1@ospcboard.org, Website: https://ospcboard.odisha.gov.in**

**No.3830/ I-ESTT/ Misc/ 208/2024** **Date:25.02.25**

## RECRUITMENT TO DIFFERENT POSTS IN GROUP- “B” & “C” OF SPC BOARD, ODISHA

**WEBSITE: https://ospcboard.odisha.gov.in**

**No.CAD-2692:** Online applications are invited from the prospective candidates through the Proforma Application Form to be made available on the website https://ospcboard.odisha.gov.in. The link for registration/ re-registration & payment of examination fee shall be made available from Dt.27.02.2025 11.00 A.M. to Dt.28.03.2025 till 5.00 P.M. is the last date for submission of Registered Online Application for direct recruitment, through a selection procedure which include written test (CBT Mode) and personal interview for the following posts. The vacancy position, pay level & essential qualification are as detailed below: For any technical guidance on filling up of Online Application Form, the candidates may contact Help Desk over Toll Free Telephone Number 18003092818 between 10.00 AM to 5.00 P.M. from Monday to Saturday except Sunday and Public Holidays.

| Sl. No. | Name of the Post | Number of Vacancy | Pay Level | Essential Qualification |
|---|---|---|---|---|
| 01 | Junior Assistant (Group-C) | ST-02 (W-1), SC-02 (W-1), SEBC-01, UR-05 (W-2), TOTAL= 10 | Level-4 Cell-1 Rs.19,900/- to Rs.63,200/- | Graduate in any discipline from a recognized university/ Institute with PGDCA on computer Applications |
| 02 | Junior Accountant (Group-C) | ST-04 (W-2), SC-02 (W-1), SEBC-02 (W-1), UR-08 (W-3), TOTAL= 16 | Level-4 Cell-1 Rs.19,900/- to Rs.63,200/- | B.Com pass from a recognized university / Institution with PGDCA on computer applications and proficiency in Tally Software |
| 03 | Accountant (Group-B) | ST-01, UR-02 (W-1), TOTAL= 03 | Level-9 Cell-1 Rs.35,400/- to Rs.1,12,400/- | B.Com pass from a recognized university/ Institution and ICWA/CA inter with Completed Eight years working experience in Govt. agency, PSU, Statutory Board/ Corporation |
| 04 | Assistant Section Officer (Group -B) | ST-01, SC-01, SEBC-01, UR-02 (W-1), TOTAL= 05 | Level-9 Cell-1 Rs.35,400/- to Rs.1,12,400/- | Graduate in any discipline from a recognized university/institution with PGDCA on computer applications and 5 years working experience in any organization |
| 05 | Junior Laboratory Assistant (Group-C) | ST-08 (W-3), SC-05 (W-1), SEBC-03 (W-1), UR-12 (W-3), TOTAL= 28 | Level-4 Cell-1 Rs.19,900/- to Rs.63,200/- | B.Sc. pass (Physics/ Chemistry/ Botany/ Zoology/ Biotechnology/ Microbiology) from recognized University |
| 06 | Senior Scientific Assistant (Group-B) | ST-01, SC-01, SEBC-01, UR-02 (W-1), TOTAL= 05 | Level-9 Cell-1 Rs.35,400/- to Rs.1,12,400/- | M.Sc in/ Chemistry/Life Science/Env. Science/ Marine Biology/ Botany/ Zoology/ Biotechnology/ Microbiology from recognized University. Candidates possess higher qualification like M.Tech, ME, M.Phil and Ph.D and experience may be given additional weightage |
| 07 | Assistant Librarian (Group-B) | 01 (All Categories of candidate can apply) | Level-9 Cell-1 Rs.35,400/- to Rs.1,12,400/- | Graduate in any discipline with Diploma in Library Science |
| 08 | Assistant Environmental Engineer (Group-B) | ST-02 (W-1), SC-02 (W-1), SEBC-01, UR-05 (W-2), TOTAL= 10 | Level-10 Cell-1 Rs.44,900/- to Rs.1,42,400/- | Bachelor Engineering (BE)/ Bachelor Technology (B.Tech)/ Associate Member of Institution of Engineers (AMIE) (Section A & B) in the following streams/ subject. Civil Engineering/ Chemical Engineering/ Computer Science & Engineering/ IT/ Mining Engineering / Mechanical Engineering and Electronic & Instrumentation Engineering and Enviornmental Engineering |

A candidate must have attained the age of 21 years and must not be above the age of 38 years as on the **1st day of January 2025.** The upper age limit is relaxable by 05 (five) years for candidates belonging to SC /ST / SEBC / Women / Ex-Serviceman and by 10 (ten) years for PWDs whose permanent disability is 40% or more. Persons with disabilities belonging to SC / ST /SEBC categories are eligible for cumulative age relaxation benefit. The age relaxation for SPC Board’s, Odisha, internal candidates will be the number of years put by the candidates in their respective posts. In the case of a candidate who is or was holding a post under the State or Central Government or Local Authority or Corporation established by a State Act or a Central Act or established by the Government under a State Act or Central Act and owned or controlled by the Government, by the number of years during which he is or was holding such post or five year whichever is less;

In the event of non-availability of sufficient number of eligible women candidates belonging to any particular category, the vacancies or the remaining vacancies will be filled up by the male candidates of that category.

The candidates are required to make Online payment of applicable Examination Fee of **Rs. 300/- (Rupees Three Hundred) only** through SPCB, Odisha, portal using Debit Card/Credit Card / Net Banking facilities and other financial instruments enlisted in the payment page / Gateway. The fee (s) paid shall neither be refunded under any circumstances nor can be adjusted or held in reserve for any other examination or recruitment. **SC/ST/ Women candidates/Persons with disabilities (PwD) candidates are exempted from paying examination fee.**

The candidates are required to visit the website https://ospcboard.odisha.gov.in of the **SPC Board, Odisha** for detailed informations, method of selection, place, date & time of written examination / document verification / interview, other important notices etc. The candidates also keep track of publication of various notices to the effect in the leading local daily Newspapers for information. The Online Applications if found defective in any respect is liable to be summarily rejected.

**State Pollution Control Board, Odisha reserves the right to cancel the recruitment process at any stage without any notice.**

**By Order of the Chairman**
**Sd./- MEMBER SECRETARY**

**OIPR-08012/11/0203/2425**

# ସେମିରେ ଓଡ଼ିଶା ଫୁଟବଲ ଆସୋସିଏଶନ

**ସମ୍ବଲପୁର କପ୍ ଫୁଟବଲ**

**ସମ୍ବଲପୁର,୨୬।୨(ବି.ଶଙ୍କର)**

ସମ୍ବଲପୁରୀ ଫୁଟବଲ ଏକାଡେମୀ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ଓଡ଼ିଶା ଫୁଟବଲ ଆସୋସିଏଶନ ଦଳ ବିଜୟୀ ହୋଇଛି। ଏହି ବିଜୟ ସହ ଓଡିଶା ସେମିଫାଇନାଲ ମ୍ୟାଚ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡ଼ିଶା ଓ ବେଙ୍ଗଲୁର ଏମଇଜି ମଧ୍ୟରେ ମ୍ୟାଚ ହୋଇଥିଲା । ମ୍ୟାଚର ୨୩ ତମ ମିନିଟରେ ଓଡ଼ିଶାର ରାହୁଲ ମୁଖି ଏକ ଗୋଲ ସ୍କୋର କରି ଦଳକୁ ୧–୦ ଗୋଲରେ ଅଗ୍ରଣୀ କରିଥିଲେ। ବେଙ୍ଗାଲୁରର ଖେଳାଳିମାନେ ଓଡିଶା ଗୋଲ ପୋଷ୍ଟ ଉପରେ ଆକ୍ରମଣ ଜାରି ରଖିଥିଲେ। ଦଳ ୩ଟି କର୍ନର ସୁଟ୍ ପାଇଥିଲେ ହେଁ ଗୋଲ ସ୍କୋର ହୋଇ ପାରି ନଥିଲା । ଦଳ ଏକ ପେନାଲଟିକ ସୁଯୋଗ ପାଇଥିଲେ ହେଁ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲେ। ଫଳରେ ୧–୦ ଗୋଲରେ ଓଡ଼ିଶା ଦଳ ବିଜୟୀ ହୋଇଥିଲା। ସମ୍ବଲପୁର କପ ଫୁଟବଲ ଆୟୋଜନ କମିଟି ଅଧ୍ୟକ୍ଷ ତଥା ବିଧାୟକଜୟ ନାରାୟଣ ମିଶ୍ରଙ୍କ ପରିଚାଳରେ ଅତିଥି ସ୍ୱାଗତ କାର୍ଯ୍ୟକ୍ରମ ହୋଇଥିଲା । ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ, ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ, ପୂର୍ବତନ ରେଲୱେ କ୍ରୀଡାଧିକାରୀ ଡ. ମନୋଜ କୁମାର ବେହେରା, ସମ୍ବଲପୁର ସିନିୟର ଡିଏମଇ ଆଦିତ୍ୟ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ଫୁଟବଲଏକାଡେମୀ ସମ୍ପାଦକ ଅତନୁ ଘୋଷ ଉପସ୍ଥିତ ଥିଲେ ।



ଓଡ଼ିଶା ବନାମ ବେଙ୍ଗାଲୁର ମଧ୍ୟରେ ମ୍ୟାଚର ଏକ ଦୃଶ୍ୟ ।

# ହୁମାରେ ଜାତୀୟ ସେବା ଶିବିର

**ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର):** ମହାଶିବରାତ୍ରି ଉପଲକ୍ଷେ ହୁମା ବାବା ବିମଳେଶ୍ୱରଙ୍କ ପୀଠରେ ଆରମ୍ଭ ହୋଇଥିବା ମେଳାରେ ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟର ଶିବିର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥିଭାବେ ଯୋଗଦେଇ ମାନେଶ୍ୱର ବିଡିଓ ଚିରରଞ୍ଜନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରତାପ ନାଏକ, ଧମା ଥାନା ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ, ମନ୍ଦିର ସମିତି ସଭାପତି ଦିଲୀପ କୁମାର ମହାପାତ୍ର, ଜିଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଯୋଗଦେଇଥିଲେ। ୫୦ଜଣ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁଙ୍କ ଦର୍ଶନ, ପ୍ରାଥମିକ ଉପଚାର, ଭିଡ଼ ନିୟନ୍ତ୍ରଣରେ ସହଯୋଗ କରିବେ। ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
CENTRAL WORKSHOP, RASULGARH, BHUBANESWAR - 751010 (ODISHA)
Tel.: 0674-2580107, E-mail: gmocclcws@gmail.com, (GSTIN - 21AAACO2571K2ZM)

No. CAD-2685 **e-Procurement Notice No. 51/OCCL/2024-25 (Online)**

**Type of Work:** Supply of Single Reduction Worm Reducer for Kanupur Irrigation Project (130T Rope Drum Hoist)
Total No. of Work : 01 (One)
Period of Supply : 90 (Ninety) Days

| Procurement Officer | Bid Identification No. | EMD through Online transfer system | Cost of Tender Document (Including GST) through Online Transfer System | Availability of Tender (Online) | Submission of Bid (Online) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/ CWS/19/ 2024-25 | Rs.1,40,000/- | Rs.11,800/- (Non-refundable) | 27.02.2025, 10.00 A.M. to 12.03.2025, 5.00 P.M. | 27.02.2025, 10.00 A.M. to 12.03.2025, 5.00 P.M. |

Date of Opening of the Technical Bid : 13.03.2025 at 11.30 A.M.
Further details can be seen from the Govt. website **(www.tendersodisha.gov.in)**.
Amendment/Corrigendum/Cancellation, if any shall be posted online only.
**OIPR-34163/11/0053/2425** **Sd./- General Manager (Mech.)**

**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
E.Mail: rw_sundargarh@yahoo.co.in, Ph.: 06622-272280 (Off)

**1st Corrigendum to Bid Identification No. Online - SESNG-30 of 2024-25**

No. O-1544: In continuation to this office bid Identification No. Online-SESNG-30 of 2024-25 invited vide this office Notice No. 1338 Dt.11.02.2025 is partial modified in TCN has been made as follows:

| Sl. No. | | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 17.02.2025 at 11.00 A.M. to 27.02.2025 upto 06.00 P.M. | Extended upto 03.03.2025 upto 6.00 P.M. |
| 2 | Last date of seeking clarification | 25.02.2025 at 11.00 A.M. | Extended upto 01.03.2025 upto 11.00 A.M. |
| 3 | Date of Opening of Tender | 28.02.2025 at 10.00 A.M. | Extended upto 04.03.2025 at 10.00 A.M. |

All other terms & conditions remain unchanged.
**OIPR-25046/11/0051/2425** **Sd./- Superintending Engineer, R.W. Division, Sundargarh**

# ଭିସୁଟ୍‌ରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

## ଭାଗନେବେ ୩ ଶହ କ୍ରୀଡ଼ାବିତ୍



ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଛାତ୍ରଛାତ୍ରୀ।

**ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର):** ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ବୁଧବାର ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଭିସୁଟ୍ ଷ୍ଟାଡିୟମରେ ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତି କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତା ପ୍ରାରମ୍ଭ–୨୫କୁ ଉଦ୍‌ଘାଟନ କରିଥିଲେ। ବୁର୍ଲା ଏମ୍‌ସିଏଲ୍ ପରିସରସ୍ଥ ହନୁମାନ ମନ୍ଦିରରୁ କ୍ରୀଡ଼ା ମଶାଲ ଅଣାଯାଇ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଷ୍ଟାଡିୟମରେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ରାଜେଶ ରୋଶନ ଦାଶ, କ୍ରୀଡ଼ା ଉତ୍ସବ ଉପାଧ୍ୟକ୍ଷ ଡ. ସତ୍ୟବ୍ରତ ଦାସ, ସଚିବ ଅମରେଶ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତେ ଅନୁଶାସନ ଅନୁସରଣ ପୂର୍ବକ କ୍ରୀଡ଼ା ଉତ୍ସବକୁ ଆୟୋଜନ କରିବାକୁ ଶପଥ ନେଇଥିଲେ। ଶେଷରେ ଡ. ସତ୍ୟପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୨ ବିଶ୍ୱବିଦ୍ୟାଳୟ ଓ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନର ୩ ଶହ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିବେ।

**DISTRICT PROJECT OFFICE SAMAGRA SHIKSHYA, BHADRAK**

No. 463/Civil/2025 Dated: 21.02.2025

**NOTICE INVITING TENDER (NIT)**

No. n :- Sealed tenders are invited from the reputed & potential Original Equipment Manufacturer (OEM)/Distributors/ Authorized Firms of Odisha for Supply of 58 numbers of incinerators and 58 numbers of Vending Machine for schools of Bhadrak District in two bid systems (Technical & Financial Bid) as detailed below.

| Name of the Tender | Bid Processing fees | Amont of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Incinerator and Vending Machine for schools of Bhadrak District | Rs.2,000/- | Rs.23,200/- for Incinerator & Rs.11,600/- for Vending Machine | 24.03.2025 up to 5.00 P.M. | 25.03.2025 11.00 A.M. |

The detailed BID document is available in the website www.osepa.gov.in & www.bhadrak.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

**By the order of Collector-Cum-Chairman, Samagra Shiksha, Bhadrak**
OIPR-27181/11/0003/2425 **Sd./- District Project Coordinator, Samagra Shikshya, Bhadrak**

**STATE POLLUTION CONTROL BOARD, ODISHA**
ODISHA
(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012, INDIA
Tel: 2562368/2653800, E-mail: paribesh1@ospcboard.org, Website: https://ospcboard.odisha.gov.in

No.3830/ I-ESTT/ Misc/ 208/2024 Date:25.02.25

**RECRUITMENT TO DIFFERENT POSTS IN GROUP- "B" & "C" OF SPC BOARD, ODISHA**

**WEBSITE: https://ospcboard.odisha.gov.in**

**No.CAD-2692:**Online applications are invited from the prospective candidates through the Proforma Application Form to be made available on the website https://ospcboard.odisha.gov.in. The link for registration/ re-registration & payment of examination fee shall be made available from Dt.27.02.2025 11.00 A.M. to Dt.28.03.2025 till 5.00 P.M. is the last date for submission of Registered Online Application for direct recruitment, through a selection procedure which include written test (CBT Mode) and personal interview for the following posts. The vacancy position, pay level & essential qualification are as detailed below: For any technical guidance on filling up of Online Application Form, the candidates may contact Help Desk over Toll Free Telephone Number 18003092818 between 10.00 AM to 5.00 P.M. from Monday to Saturday except Sunday and Public Holidays.

| Sl. No. | Name of the Post | Number of Vacancy | | Pay Level | Essential Qualification |
|---|---|---|---|---|---|
| 01 | Junior Assistant (Group-C) | ST-02 (W-1) | SC-02 (W-1) | Level-4 Cell-1 Rs.19,900/- to Rs.63,200/- | Graduate in any discipline from a recognized university/ Institute with PGDCA on computer Applications |
| | | SEBC-01 | UR-05 (W-2) | | |
| | | TOTAL= 10 | | | |
| 02 | Junior Accountant (Group-C) | ST-04 (W-2) | SC-02 (W-1) | Level-4 Cell-1 Rs.19,900/- to Rs.63,200/- | B.Com pass from a recognized university / Institution with PGDCA on computer applications and proficiency in Tally Software |
| | | SEBC-02 (W-1) | UR-08 (W-3) | | |
| | | TOTAL= 16 | | | |
| 03 | Accountant (Group-B) | ST-01 | UR-02 (W-1) | Level-9 Cell-1 Rs.35,400/- to Rs.1,12,400/- | B.Com pass from a recognized university/ Institution and ICWA/CA inter with Completed Eight years working experience in Govt. agency, PSU, Statutory Board/ Corporation |
| | | TOTAL= 03 | | | |
| 04 | Assistant Section Officer (Group -B) | ST-01 | SC-01 | Level-9 Cell-1 Rs.35,400/- to Rs.1,12,400/- | Graduate in any discipline from a recognized university/institution with PGDCA on computer applications and 5 years working experience in any organization |
| | | SEBC-01 | UR-02 (W-1) | | |
| | | TOTAL= 05 | | | |
| 05 | Junior Laboratory Assistant (Group-C) | ST-08 (W-3) | SC-05 (W-1) | Level-4 Cell-1 Rs.19,900/- to Rs.63,200/- | B.Sc. pass (Physics/ Chemistry/ Botany/ Zoology/ Biotechnology/ Microbiology) from recognized University |
| | | SEBC-03 (W-1) | UR-12 (W-3) | | |
| | | TOTAL= 28 | | | |
| 06 | Senior Scientific Assistant (Group-B) | ST-01 | SC-01 | Level-9 Cell-1 Rs.35,400/- to Rs.1,12,400/- | M.Sc in/ Chemistry/Life Science/Env. Science/ Marine Biology/ Botany/ Zoology/ Biotechnology/ Microbiology from recognized University. Candidates possess higher qualification like M.Tech, ME, M.Phil and Ph.D and experience may be given additional weightage |
| | | SEBC-01 | UR-02 (W-1) | | |
| | | TOTAL= 05 | | | |
| 07 | Assistant Librarian (Group-B) | 01 (All Categories of candidate can apply) | | Level-9 Cell-1 Rs.35,400/- to Rs.1,12,400/- | Graduate in any discipline with Diploma in Library Science |
| 08 | Assistant Environmental Engineer (Group-B) | ST-02 (W-1) | SC-02 (W-1) | Level-10 Cell-1 Rs.44,900/- to Rs.1,42,400/- | Bachelor Engineering (BE)/ Bachelor Technology (B.Tech)/ Associate Member of Institution of Engineers (AMIE) (Section A & B) in the following streams/ subject. Civil Engineering/ Chemical Engineering/ Computer Science & Engineering/ IT/ Mining Engineering / Mechanical Engineering and Electronic & Instrumentation Engineering and Enviornmental Engineering |
| | | SEBC-01 | UR-05 (W-2) | | |
| | | TOTAL= 10 | | | |

A candidate must have attained the age of 21 years and must not be above the age of 38 years as on the **1st day of January 2025.** The upper age limit is relaxable by 05 (five) years for candidates belonging to SC /ST / SEBC / Women / Ex-Serviceman and by 10 (ten) years for PWDs whose permanent disability is 40% or more. Persons with disabilities belonging to SC / ST /SEBC categories are eligible for cumulative age relaxation benefit. The age relaxation for SPC Board's, Odisha, internal candidates will be the number of years put by the candidates in their respective posts. In the case of a candidate who is or was holding a post under the State or Central Government or Local Authority or Corporation established by a State Act or a Central Act or established by the Government under a State Act or Central Act and owned or controlled by the Government, by the number of years during which he is or was holding such post or five year whichever is less;

In the event of non-availability of sufficient number of eligible women candidates belonging to any particular category, the vacancies or the remaining vacancies will be filled up by the male candidates of that category.

The candidates are required to make Online payment of applicable Examination Fee of **Rs. 300/- (Rupees Three Hundred) only** through SPCB, Odisha, portal using Debit Card/Credit Card / Net Banking facilities and other financial instruments enlisted in the payment page / Gateway. The fee (s) paid shall neither be refunded under any circumstances nor can be adjusted or held in reserve for any other examination or recruitment. **SC/ST/ Women candidates/Persons with disabilities (PwD) candidates are exempted from paying examination fee.**

The candidates are required to visit the website https://ospcboard.odisha.gov.in of the **SPC Board, Odisha** for detailed informations, method of selection, place, date & time of written examination / document verification / interview, other important notices etc. The candidates also keep track of publication of various notices to the effect in the leading local daily Newspapers for information. The Online Applications if found defective in any respect is liable to be summarily rejected.

**State Pollution Control Board, Odisha reserves the right to cancel the recruitment process at any stage without any notice.**

OIPR-08012/11/0203/2425

**By Order of the Chairman**
**Sd./- MEMBER SECRETARY**

# ୭ ଭାଜପା ବିଧାୟକଙ୍କୁ ମନ୍ତ୍ରୀ କଲେ ନୀତୀଶ

## ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ

ପାଟନା,୨୬ା୨

ଚଳିତ ବର୍ଷ ନଭେମ୍ବର ମାସରେ ବିହାର ରାଜ୍ୟ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ତାଙ୍କ କ୍ୟାବିନେଟ୍‌ର ସମ୍ପ୍ରସାରିତ କରିଛନ୍ତି। ପାଟନାସ୍ଥିତ ରାଜଭବନଠାରେ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଭାଜପା ୭ ବିଧାୟକଙ୍କୁ ମନ୍ତ୍ରୀ ଭାବରେ ଶପଥପାଠ କରାଇଛନ୍ତି। ମନ୍ତ୍ରୀ ଭାବେ ଶପଥ ନେଇଥିବା ବିଧାୟକମାନେ ହେଲେ ଦରଭଙ୍ଗା ବିଧାୟକ ସଞ୍ଜୟ ସରାବଗୀ,ସୁନୀଲ କୁମାର (ବିହାରଶରିଫ),ଜୀବେଶ କୁମାର(ଜାଲେ), ରାଜୁ କୁମାର ସିଂ(ସାହେବଗଞ୍ଜ), ମୋତିଲାଲ୍ ପ୍ରସାଦ(ରିଗା), ବିଜୟ କୁମାର ମଣ୍ଡଳ(ସିକ୍ଟି)ଏବଂ ଆମ୍‌ନୋର ବିଧାୟକ କ୍ରିଷ୍ଣନ୍ କୁମାର ମଣ୍ଟୁ। ସୂଚନାଯୋଗ୍ୟ ବୁଧବାର କ୍ୟାବିନେଟ ସମ୍ପ୍ରସାରଣ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ଦିଲୀପ ଜୟସ୍ୱାଲ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ଜଣେ ବ୍ୟକ୍ତି ଏକ ପଦବୀ ନ୍ୟାୟରେ ଦିଲୀପ ଇସ୍ତଫା ଦେଇଥିବା କୁହାଯାଉଛି। ତେବେ ବର୍ତ୍ତମାନ ସେ କେବଳ ବିହାର ରାଜ୍ୟ ଭାଜପା ସଭାପତି ପଦରେ ରହିବେ। ଅପରପକ୍ଷେ କ୍ୟାବିନେଟ୍ ସମ୍ପ୍ରସାରଣ ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶପଥ ନେଇଥିବା ୭ ନୂଆ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ନିର୍ବାଚନରେ ଏନ୍‌ଡିଏକୁ ଏହା ଫାଇଦା ଦେବ ବୋଲି କହିଛନ୍ତି।



ବିହାର ରାଜଭବନଠାରେ ବୁଧବାର ଭାଜପା ବିଧାୟକ ଜୀବେଶ କୁମାର ମନ୍ତ୍ରୀ ଭାବେ ଶପଥ ନେବା ପରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କୁ ଅଭିବାଦନ ଜଣାଉଛନ୍ତି।

# ବୋର୍ଡ, ନିଗମ ପଦ ପୂରଣ ପାଇଁ ଚାଲିଛି କସରତ

ଭୁବନେଶ୍ୱର, ୨୬ା୨(ସୁନିତ୍ ମିଶ୍ର)

- କେ.ଭି.ଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଖୁବ୍‌ଶୀଘ୍ର ରାଜ୍ୟ ସଭାପତି ନିର୍ବାଚନ ସରିବ: ଚୁଗ୍

ରାଜ୍ୟରେ ଭାଜପା ସରକାର ଆସିବାର ୭ ମାସ ପୂରଣ ହୋଇସାରିଥିବା ବେଳେ ଏ ପର୍ଯ୍ୟନ୍ତ ରାଜ୍ୟର ନିଗମ ଓ ବୋର୍ଡର ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି। ସବୁ ନିଗମ ଏବଂ ବୋର୍ଡ ରେ କେଉଁମାନଙ୍କୁ ବସାଯିବ ତାକୁ ନେଇ ଭାଜପା ପକ୍ଷରୁ ଜୋର୍‌ଦାର କସରତ ଚାଲିଛି। କେଉଁ ନେତାମାନଙ୍କୁ ପ୍ରାଥମିକତା ଦିଆଯାଇ ଥଇଥାନ କରାଯିବ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ଗତ ନିର୍ବାଚନରେ ହାରିଯାଇଥିବା ନେତାମାନଙ୍କୁ ଅଗ୍ରାଧିକାର ଦିଆଯିବ ନା ଯେଉଁମାନେ ଟିକେଟ ନ ପାଇ ନିର୍ବାଚନ ସମୟରେ ନିଜର ଦାୟିତ୍ୱ ତୁଲାଇଛନ୍ତି ସେମାନଙ୍କୁ ପ୍ରାଥମିକତା ମିଳିବ ତାକୁ ନେଇ ଦଳର ଶୀର୍ଷସ୍ତରର ନେତାମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ତେବେ ଆସନ୍ତା ୨୮ ସୁଦ୍ଧା କୁଆଡ଼େ ଏହି ପଦବୀଗୁଡିକ ପୂରଣ କରାଯାଇପାରେ ବୋଲି ଜଣେ ବରିଷ୍ଠ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏଭଳି ସ୍ଥିତିରେ ଦଳର ରାଜ୍ୟ ସଭାପତି ପଦବୀକୁ ନେଇ ମଧ୍ୟ ବହୁ ଚର୍ଚ୍ଚା ଚାଲିଛି। ସଭାପତି ଭାବେ ମନମୋହନ ସାମଲଙ୍କୁ ପୁଣି ଥରେ ଦାୟିତ୍ୱ ମିଳିବ ନା କୌଣସି ନୂଆ ଚେହେରାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ବସାଯିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଏଭଳି ସ୍ଥିତିରେ ବୁଧବାର ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟ ଭାଜପାକୁ ନୂଆ ସଭାପତି ମିଳିବ। ସବୁ ପ୍ରକ୍ରିୟା ଦଳର ବ୍ୟବସ୍ଥା ଭିତରେ ଚାଲିଛି। ପୂରା ଦେଶରେ ସାଙ୍ଗଠନିକ ନିର୍ବାଚନ ଚାଲିଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ମଧ୍ୟ ସଭାପତି ପଦ ଲାଗି ନିର୍ବାଚନ ସରିବ ବୋଲି ଚୁଗ୍ କହିଛନ୍ତି।

ତେବେ ଦଳ ରାଜ୍ୟରେ ସରକାରକୁ ଆସିବା ପରେ ଖାଲିରେ ବସି ରହିଥିବା ନେତାମାନଙ୍କ ମଧ୍ୟରୁ କାହାକୁ କିପରି ବିଭିନ୍ନ ପଦପଦବୀରେ ଥଇଥାନ କରାଯାଇପାରିବ ସେନେଇ ବୁଧବାର ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓଙ୍କ ସରକାରୀ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ଘରେ ଏହି ବୈଠକ ହେବ ବୋଲି ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଅନେକ ନେତାଙ୍କ ପାଖରେ ଖବର ନ ଥିଲା। ତେବେ ମହାଶିବରାତ୍ରି ଭଳି ପବିତ୍ର ଦିନରେ ଦଳର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ନେଇ ମଧ୍ୟ ଅନେକ ମହଲରେ ଚର୍ଚ୍ଚା ଚାଲିଛି। ଶୁଣିବାକୁ ମିଳୁଛି, ରାଜ୍ୟରେ ନିଗମ ଓ ବୋର୍ଡର ପଦବୀ ପୂରଣ ଲାଗି ଦଳ ଭିତିରେ କିଛି ସମସ୍ୟା ଦେଖାଯିବା କାରଣରୁ ଅରୁଣ ଚୁଗ୍‌ଙ୍କୁ କେନ୍ଦ୍ରୀୟ ନେତୃତ୍ୱ ଦାୟିତ୍ୱ ଦେଇ ପଠାଇଛନ୍ତି। ରାଜ୍ୟର ବହୁ ବଡ଼ ବଡ଼ ଭାଜପା ନେତା ମଧ୍ୟ ନିର୍ବାଚନରେ ପରାଜିତ ହୋଇ କିମ୍ବା ନ ଲଢ଼ି ଖାଲିରେ ରହିଛନ୍ତି। ତେଣୁ ସେମାନଙ୍କୁ ଦାୟିତ୍ୱ ବାଣ୍ଟିବା ଉପରେ ଦଳ ଅଧିକ ପ୍ରାଥମିକତା ଦେଉଛି। ଏପରିକି ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀଠାରୁ ଆରମ୍ଭକରି ଜିଲା ଯୋଜନା ବୋର୍ଡ ପଦବୀଗୁଡିକ ମଧ୍ୟ ଖାଲି ପଡ଼ିଛି। ଏହିଭଳି ଆହୁରି ଅନେକ ନିଗମ ଓ ବୋର୍ଡର ପଦପଦବୀ ପୂରଣ ଲାଗି ଜୋର୍‌ଦାର ଉଦ୍ୟମ କରାଯାଉଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର, ସାଙ୍ଗଠନିକ ମନ୍ତ୍ରୀ ମାନସ ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମନମୋହନ କହିଛନ୍ତି, ଏହା ଦଳର ରୁଟିନ ବୈଠକ ଥିଲା। ସରକାର, ସଙ୍ଗଠନ ବିଷୟରେ ଆଲୋଚନା ଚାଲିଥିଲା। ସଭାପତି ନିଯୁକ୍ତି ଠିକ୍ ସମୟରେ ହେବ ବୋଲି ସେ କହିଛନ୍ତି।

# ମହିଳା ନିର୍ଯାତନାର ଅନୁଧ୍ୟାନ ପାଇଁ କମିଟି ଗଢ଼ିଲା କଂଗ୍ରେସ

ଭୁବନେଶ୍ୱର, ୨୬ା୨(ସୁନିତ୍ ମିଶ୍ର)

- ନଗେନ୍ଦ୍ର ପ୍ରଧାନ କମିଟି ଅଧ୍ୟକ୍ଷ
- କମିଟିରେ ୭ ଜଣ ସଦସ୍ୟ

ଭାଜପା ଶାସନର ୮ ମାସ ମଧ୍ୟରେ ରାଜ୍ୟରେ ୧୬୦୦ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି। ବର୍ତ୍ତମାନ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଦିନକୁ ପ୍ରାୟ ୭ ଜଣ ମହିଳା ଅତ୍ୟାଚାରର ଶିକାର ହେଉଛନ୍ତି। ଏହାଠାରୁ ଅଧିକ ବର୍ବରୋଚିତ କାର୍ଯ୍ୟ ସ୍ୱାଧୀନ ଭାରତବର୍ଷରେ କ'ଣ ହୋଇପାରେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିଷୟକୁ ଚିନ୍ତାକରି ପ୍ରତ୍ୟେକ ଘଟଣାର ତଦନ୍ତ କରିବା ଲାଗି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଦାସ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କରିଛନ୍ତି। ଏନେଇ ବୁଧବାର ପିସିସି ସଭାପତି ଏକ ଚିଠି ଜାରି କରିଛନ୍ତି। ଉକ୍ତ କମିଟିରେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ଥିବା ବେଳେ ପୂର୍ବତନ ବିଧାୟକ ସୁଜିତ ପାଢ଼ୀ,ବିଧାୟକ ସୋଫିଆ ଫିର୍‌ଦୋସ, ସତ୍ୟଜିତ ଗମାଙ୍ଗ, ଏଆଇସିସି ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, କଂଗ୍ରେସ ନେତା ମାନସ ମଲିକ ଓ ଲିପିକା ମାଝୀ ସଦସ୍ୟ ରହିଛନ୍ତି। ଏହି କମିଟି ଖୁବ୍‌ଶିଘ୍ର ବିଭିନ୍ନ ଜିଲା ଗସ୍ତରେ ଯାଇ ଘଟଣାସ୍ଥଳ ପରିଦର୍ଶନକରି ଘଟଣାର ଅନୁଧ୍ୟାନ କରିବେ ଏବଂ ସବିଶେଷ ତଥ୍ୟ ପିସିସିକୁ ପ୍ରଦାନ କରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭକ୍ତ ସୂଚନା ଦେଇଛନ୍ତି।


ତାମିଲନାଡୁର ମାଲାପୁରମ୍‌ଠାରେ ବୁଧବାର ତାମିଲାଗା ଭେଟ୍ରି କାଜାଗାମ୍ (ଟିଭିକେ)ର ଦ୍ୱିତୀୟ ବାର୍ଷିକ ସମାରୋହରେ ଦଳ ମୁଖ୍ୟ ତଥା ଅଭିନେତା ବିଜୟ (ବାମରୁ ଦ୍ୱିତୀୟ)ଙ୍କ ସହ ଜନ ସୁରାଜ ପାର୍ଟି ମୁଖ୍ୟ ପ୍ରଶାନ୍ତ କିଶୋର ସାମିଲ ହୋଇଛନ୍ତି।

## Business

# ଶକ୍ତି କ୍ଷେତ୍ରରେ ଦ୍ରୁତ ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ୍ୟ: ପୀୟୂଷ

ନୂଆଦିଲ୍ଲୀ,୨୬ା୨

ବର୍ତ୍ତମାନ ସମୟରେ ଭାରତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଏପରିକି ଆଗାମୀ ଦିନରେ ଭାରତ ବିଦ୍ୟୁତ ଓ ଶକ୍ତି କ୍ଷେତ୍ରରେ ଦ୍ରୁତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ କୋଟି କୋଟି ଡଲାର ରପ୍ତାନି ବଜାର ଦଖଲ କରିବାକୁ ଲକ୍ଷ୍ୟ ରଖିଛି ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଇଲେକ୍ରାମା ୨୦୨୫ର ତୃତୀୟ ଦିନରେ ଯୋଗଦେଇ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଛନ୍ତି। ସେହିଭଳି ଅକ୍ଷୟ ଶକ୍ତି ସମ୍ପ୍ରସାରଣ, ସ୍ମାର୍ଟ ଗ୍ରିଡରେ ଅଗ୍ରଗତି ଏବଂ ଡିଜିଟାଲ ଅଟୋମେସନ୍ ବ୍ୟବସାୟ ପାଇଁ ସହଯୋଗ ସହ-ସୃଷ୍ଟି ଏବଂ ଭାରତକୁ ବୈଦ୍ୟୁତିକ ସମାଧାନ ପାଇଁ ବିଶ୍ୱସ୍ତରୀୟ ପାୱାର ହାଉସ୍ ଭାବେ ପ୍ରତିଷ୍ଠା କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ବୋଲି ଗୋୟଲ ଆଲୋକପାତ କରିଥିଲେ। ପୀୟୂଷ ଗୋୟଲ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା, ସ୍ୱଚ୍ଛ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନ ତଥା ସହଯୋଗ ମାଧ୍ୟମରେ ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ନେତୃତ୍ୱ ନେବାର ଲକ୍ଷ୍ୟକୁ ସୁଦୃଢ଼ କରିଥିଲା ଏବଂ ନୀତି ସମର୍ଥନ, ରଣନୈତିକ ଶିଳ୍ପ ସହଭାଗୀତା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ପୁଞ୍ଜିନିବେଶର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲା। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଭାରତର ବୈଦ୍ୟୁତିକ ଉଦ୍ୟୋଗକୁ ଏକ ସମନ୍ୱିତ ବିଶ୍ୱସ୍ତରୀୟ ପ୍ରଦର୍ଶନୀ ପ୍ଲାଟଫର୍ମ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି। ଯାହା ଭାରତକୁ ବୈଦ୍ୟୁତିକ ଏବଂ ଶକ୍ତି ସମାଧାନ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ସ୍ଥାନିତ କରିଛି। ଇଲେକ୍ରାମାରେ ଉଦବୋଧନ ଦେଇ ସେ ଇଲେକ୍ରାମା ଏବଂ ଅନ୍ୟ ଶିଳ୍ପଭିତିକ ପ୍ରଦର୍ଶନୀ ସମେତ ପ୍ରମୁଖ ପ୍ରଦର୍ଶନୀଗୁଡ଼ିକୁ ଗୋଟିଏ ପ୍ରଦର୍ଶନୀରେ ମିଶ୍ରଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଭାରତକୁ ବିଶ୍ୱସ୍ତରୀୟ ପ୍ଲେୟାରମାନଙ୍କ ପାଇଁ ୱାନ-ଷ୍ଟପ୍ ସପ୍‌ରେ ପରିଣତ କରିବ। ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ଦିଗରେ ଶିଳ୍ପ ସଂଘଗୁଡ଼ିକ ନେତୃତ୍ୱ ନେବାର ଆବଶ୍ୟକତା ଉପରେ ସେ ପୁନଶ୍ଚ ଗୁରୁତ୍ୱାରୋପ କରିବା ସହ ଭାରତର ଘରୋଇ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ରପ୍ତାନି ଏବଂ ବୈଶ୍ୱିକ ସହଭାଗୀତାକୁ ବିସ୍ତାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁନୀଲ ସିଂଘଭି,ପ୍ରେସିଡେଣ୍ଟ, ଆଇଇଇଏମଏ, ବିକ୍ରମ ଗାଣ୍ଡୋତ୍ରା ପ୍ରେସିଡେଣ୍ଟ (ଇଲେକ୍ଟ) ଏବଂ ଚେୟାରମ୍ୟାନ ଓ ସିଦ୍ଧାର୍ଥ ଭୁଟୋରିଆ ଭାଇସପ୍ରେସିଡେଣ୍ଟ ଆଇଇଇଏମଏଓ ଭାଇସ ଚେୟାରମ୍ୟାନ ଇଲେକ୍ରାମା ପ୍ରମୁଖ ଉପସ୍ଥିତି ଥିଲେ।

ସେହିପରି ରିଭର୍ସ ବାୟରସେଲରମିଟ୍ (ଆରବିଏସ୍‌ଏମ୍) ରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିମଳ ଆନନ୍ଦଙ୍କ ଦ୍ୱାରା ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ଏହି ଦିବସ ଏକ ମାଇଲଖୁଣ୍ଟ ଥିଲା, ଯାହା ଶିଳ୍ପ ସହଯୋଗ ଏବଂ ଅନ୍ତର୍ଜାତୀୟ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ମାର୍ଗ ପ୍ରଶସ୍ତ କରିଥିଲା। ଏହି ବୁଝାମଣା ବିଶ୍ୱ ବଜାର ସୁଯୋଗର ସମ୍ପ୍ରସାରଣ, ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ଶକ୍ତି କ୍ଷେତ୍ରରେ ପ୍ରଯୁକ୍ତି ଭିତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।

ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିମଳ ଆନନ୍ଦ କହିଛନ୍ତି, ୨୦୩୦ ସୁଦ୍ଧା ଆମେ ଜିଡିପି ଦୃଷ୍ଟିରୁ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବୁ, କିନ୍ତୁ ଆସନ୍ତା ବର୍ଷ ସୁଦ୍ଧା ଆମେ ବାସ୍ତବରେ ସେହି ସଫଳତାକୁ ଆଗୁଆ ହାସଲ କରିବାକୁ ଯାଉଛୁ ଏବଂ ଆମେ ସମ୍ଭବତଃ ପରବର୍ତୀ ବର୍ଷରେ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛୁ।


ପୀୟୂଷ ଗୋଏଲ

# ପ୍ରଭାକର ଏନ୍‌ଏମ୍‌ଡିସି ଷ୍ଟିଲ୍‌ର ନୂଆ ଇଡି

ନୂଆଦିଲ୍ଲୀ,୨୬ା୨

ଏନ୍‌ଏମ୍‌ଡିସି ଷ୍ଟିଲ୍ ଲିମିଟେଡ୍‌ର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଏମ୍‌ଏନ୍‌ଭିଏସ୍ ପ୍ରଭାକର ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କମ୍ପାନୀର ପ୍ରମୁଖ ୟୁନିଟ୍ ଏନ୍‌ଏସ୍‌ଏଲ୍ ଷ୍ଟିଲ ପ୍ଲାଣ୍ଟ ନାଗରନାରର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିବେ ବୋଲି କୁହାଯାଇଛି। ସେହିଭଳି ଦୀର୍ଘ ୩୪ବର୍ଷ ଧରି ସେ ବିଭିନ୍ନ ବିଭାଗ ଓ ଷ୍ଟିଲ୍ ଶିଳ୍ପ ସହ ଜଡ଼ିତ ଅଛନ୍ତି। ଏପରିକି ସେ ପୂର୍ବରୁ କମ୍ପାନୀର ବିଭିନ୍ନ ପଦରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସେହିପରି ସେ ବିଟେକ୍ (ଏମ୍) ଏବଂ ଏମ୍‌ବିଏ (ଏଚ୍‌ଆର ଏବଂ ମାର୍କେଟିଂ)ରେ ଉଚ୍ଚ ଶିକ୍ଷା ଶେଷକରି ଏନ୍‌ଏସ୍‌ଏଲ୍ ଷ୍ଟିଲ ପ୍ଲାଣ୍ଟ ଏବଂ ଆର୍‌ଏସ୍‌ପିରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟନିର୍ବାହକରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି।


ଏମଏନଭିଏସ ପ୍ରଭାକର

# ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ

ନୂଆଦିଲ୍ଲୀ,୨୬ା୨

ଅକ୍ଷୟ ଶକ୍ତି କ୍ଷେତ୍ରରେ ୧୭୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବୋଲି ଶକ୍ତି ପମ୍ପ (ଇଣ୍ଡିଆ) ଲିମିଟେଡ୍ ନିକଟରେ ଘୋଷଣା କରିଛି। ଏପରିକି ମଧ୍ୟପ୍ରଦେଶର ପିଥମପୁରାଠାରେ କମ୍ପାନୀ ପ୍ରାୟ ୬୪ ହେକ୍ଟର ଶିଳ୍ପ ଜମିରେ ନୂତନ ଭିତ୍ତିଭୂମି ସହ ଅକ୍ଷୟ ଶକ୍ତି ସୌର ୱେଫର୍ସ, ସୋଲାର ସେଲ୍, ସୌର ପମ୍ପ ସିଷ୍ଟମ ଏବଂ ଇଲେକ୍ଟ୍ରିକ୍ ଯାନ ଯନ୍ତ୍ରାଂଶ ପାଇଁ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ଏବଂ ରାଜ୍ୟରେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ପ୍ରକଳ୍ପଗୁଡ଼ିକରେ ଉତ୍ପାଦନ ଆରମ୍ଭ ହେବା ପରେ ଶକ୍ତି ପମ୍ପ ଦେଶର ପ୍ରଥମ କମ୍ପାନୀ ହେବ, ଯାହା ସୌର ପମ୍ପ ଶିଳ୍ପର ସମସ୍ତ ଆବଶ୍ୟକତା ପୂରଣ ସହ ପମ୍ପ, ମୋଟର, ସୋଲାର ପ୍ୟାନେଲ, ଷ୍ଟ୍ରକ୍ଟର, ଭିଏଫ୍‌ଡି, ଇନ୍‌ଭର୍ଟର ଇତ୍ୟାଦି ଉତ୍ପାଦନ କରିବାରେ ସକ୍ଷମ ହେବ। ଭାରତୀୟ ସୌର ପମ୍ପ ବଜାରରେ ଏକ ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡ ଭାବେ ଶକ୍ତି ପମ୍ପ ବିଶ୍ୱର ୧୦୦ରୁ ଅଧିକ ଦେଶକୁ କମ୍ପାନୀର ଉତ୍ପାଦ ରପ୍ତାନି କରିଥାଏ, ଶକ୍ତି ଦକ୍ଷତା ଏବଂ ସ୍ଥାୟିତା ଉପରେ ଗୁରୁତ୍ୱ ଦେଇଥାଏ।

ଏ ସମ୍ପର୍କରେ ଶକ୍ତି ପମ୍ପ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପଟିଦାର କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ମଧ୍ୟପ୍ରଦେଶର ବିକାଶ ପ୍ରତି ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଉଦ୍ୟୋଗ ପାଖାପାଖି ୪୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ଆଶା କରାଯାଉଛି। ସେହିଭଳି ଶକ୍ତି ପମ୍ପ ସୌର ପମ୍ପ ପାଇଁ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ)ର ପିଏମ୍ କୁସୁମ ଯୋଜନାର ଏକ ଚ୍ୟାନେଲ ଅଂଶୀଦାର ହୋଇଥିଲାବେଳେ ଅକ୍ଷୟ ଶକ୍ତି ସମାଧାନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଆଲୋକପାତ କରୁଛି।

ମଧ୍ୟପ୍ରଦେଶର ଧାର ଜିଲାରେ ଅବସ୍ଥିତ ଶକ୍ତି ନିବେଶ ଶକ୍ତି ଗୋଷ୍ଠୀ ଅଧୀନରେ ତିନୋଟି ଭିନ୍ନ ଭିନ୍ନ କମ୍ପାନୀ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ କମ୍ପାନୀ ଏହି ରଣନୈତିକ ପୁଞ୍ଜିନିବେଶ କରିବ। ଶକ୍ତି ଏନର୍ଜି ସଲ୍ୟୁସନ୍ସ ଲିମିଟେଡ୍ ଏହି କମ୍ପାନୀ ୨ଗିଗାୱାଟ କ୍ଷମତା ବିଶିଷ୍ଟ ୧୨୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ୱେଫର୍ସରୁ ସୋଲାର ସେଲ୍ ଉତ୍ପାଦନ ଉପରେ ଧ୍ୟାନଦେବ।

ଶକ୍ତି ପମ୍ପ (ଇଣ୍ଡିଆ) ଲିମିଟେଡ୍ ସୋଲାର ପମ୍ପ, ମୋଟର, ଭିଏଫ୍‌ଡି (ଭେରିଏବଲ୍ ଫ୍ରିକ୍ୱେନ୍ସି ଡ୍ରାଇଭ୍), ଇନ୍‌ଭର୍ଟର, ଷ୍ଟ୍ରକ୍ଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପାଦାନ ଉତ୍ପାଦନ ଉପରେ ଧ୍ୟାନଦେବା ପାଇଁ ଗ୍ରୁପ୍ ଉକ୍ତ ୟୁନିଟ୍‌ର ଅତିରିକ୍ତ ୨୫୦କୋଟି ଟଙ୍କା ବିନିଯୋଗ କରିବ, ଯାହା ପ୍ରାୟ ୨୫୦୦ ଲୋକଙ୍କ ପାଇଁ ନିଯୁକ୍ତିସୃଷ୍ଟିକରିବବୋଲିଆଶାକରାଯାଉଛି।

# ବିଏମ୍‌ଏଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୬ା୨

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ କ୍ରିସିଲ-ଆଇବିଏକ୍ସ ୧୦:୯୦ ଗିଲ୍ଟ+ ଏସ୍‌ଡିଏଲ୍ ଇଣ୍ଡେକ୍ସ-ଡିସେମ୍ବର ୨୦୨୯ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ-ଏଣ୍ଡେଡ୍ ଟାର୍ଗେଟ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ ହୋଇଥିଲାବେଳେ ଏହି ଫଣ୍ଡକୁ ୯୦% ଷ୍ଟେଟ ଡେଭଲପମେଣ୍ଟ ଲୋନ୍ (ଏସ୍‌ଡିଏଲ୍) ଓ ୧୦% ଗଭର୍ନମେଣ୍ଟ ସିକ୍ୟୁରିଟି (ଜି-ସେକ୍) ସାମିଲ କରାଯାଇଛି। ସେହିଭଳି ପୋର୍ଟଫୋଲିଓ ଏକ୍ସପୋଜର ପ୍ରଦାନ କରିବା ଲାଗି ଏହାକୁ ଡିଜାଇନ କରାଯାଇଛି। ଏହି ନୂଆ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ନିକଟରେ ଖୋଲିଥିବା ବେଳେ ୨୦୨୫ ମାର୍ଚ୍ଚ ୫ରେ ବନ୍ଦ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଏକ ନିର୍ଦ୍ଧାରିତ ମାଚ୍ୟୁରିଟି ତାରିଖ ଥିବା ଫଣ୍ଡରେ ନିବେଶ କରିବା ଦ୍ୱାରା ତାହା ନିବେଶକଙ୍କୁ ଉଚ୍ଚମାନର ଉତ୍ପାଦଗୁଡିକ ପାଇଁ ପହଞ୍ଚର ଅନୁମତି ଦେଇଥାଏ। ଯାହାକୁ ସ୍କିମ୍‌ର ମାଚ୍ୟୁରିଟି ପର୍ଯ୍ୟନ୍ତ ରଖାଯାଏ। ତେବେ ରିଟର୍ନର ଏକ ଯୁକ୍ତିଯୁକ୍ତ ଦୃଶ୍ୟମାନତା ସହ ସହଜ ତରଳତା ପ୍ରଦାନ କରିଥାଏ। ଏହାଛଡ଼ା ବର୍ତ୍ତମାନ ୪ରୁ ୫ବର୍ଷରେ ପରିପକ୍ୱ ହେଉଥିବା ଏସ୍‌ଡିଏଲ୍‌ଗୁଡିକର ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। କାରଣ ଆମେ ସୁଧ ହାର ହ୍ରାସ ଚକ୍ରରେ ପ୍ରବେଶ କରିଛୁ। ବନ୍ଧନ କ୍ରିସିଲ-ଆଇବିଏକ୍ସ ୧୦:୯୦ ଗିଲ୍ଟ + ଏସଡିଏଲ ଇଣ୍ଡେକ୍ସ-୨୦୨୯ ଡିସେମ୍ବର ଫଣ୍ଡକୁ ଉନ୍ନତ ଅବଧି ଓ ଯୁକ୍ତିଯୁକ୍ତ ବୃଦ୍ଧି ସହିତ ଏକ ସାର୍ବଭୌମ-ସମର୍ଥିତ ପୋର୍ଟଫୋଲିଓ ପ୍ରଦାନକରି ନିବେଶକଙ୍କୁ ପୁଞ୍ଜି ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି।

# ମାଲାବାରର ଏକ୍ସକ୍ଲୁସିଭ ଆଉଟଲେଟ ଉଦଘାଟିତ


ମାଲାବାରର ନୂତନ ଶୋ'ରୁମ୍ ଉଦ୍‌ଘାଟନୀ ଅବସରରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୬ା୨ (ଅଭୟ ଦାଶ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ନୂତନ ଶୋ'ରୁମ୍) ବୁଧବାର ଅନୁଗୋଳ ଜିଲାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚ୍ୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏହା ୫ମ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ହୋଇଥିଲାବେଳେ ୩୫୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଶୋ'ରୁମ୍‌ରେ ବ୍ରାଣ୍ଡର ସମସ୍ତ କଲେକ୍ସନ ଓ ଡିଜାଇନ ଉପଲବ୍ଧ ରହିଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ନୂତନ ଶୋ'ରୁମ୍‌କୁ ଓଡ଼ିଶାର ଅନୁଗୋଳଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅଞ୍ଚଳର ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଆମେ ଏହି ସର୍ବବୃହତ୍ ଶୋ'ରୁମ୍‌କୁ ଆକର୍ଷଣୀୟ ଭାବେ ଡିଜାଇନ କରିବା ସହ ବ୍ରାଣ୍ଡର ସମସ୍ତ ଉତ୍ପାଦକୁ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଭବାନୀପାଟଣା,୨୬।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିଂହଝରନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସ୍ଥାନୀୟ ଦାଦପୁର ଗ୍ରାମର ଜଗମୋହନ ଜାନୀ (୨୩)। ସକାଳୁ ଯୁବକଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ସଦର ଥାନାକୁ ଖବର ଦେଇଥିଲେ। ତେବେ ରେଳ ଧାରଣା ଉପରେ ମୃତଦେହ ପଡ଼ିଥିବାରୁ ଏହି ମାମଲା ରେଳବାଇ ପୋଲିସ ତଦନ୍ତ କରୁଥିବା ନେଇ ସଦର ପୋଲିସ ସୂଚନା ଦେଇଛି। ରେଳ ଧାରଣା ଉପରେ ଯୁବକଙ୍କ ଶରୀର ଗୋଟିଏ ପାର୍ଶ୍ୱରେ ଓ ମୁଣ୍ଡ ଅଲଗା ପାର୍ଶ୍ୱରେ ପଡିଥିବା ଦେଖିବାକୁ ମିଳିଛି। ତେଣୁ ଏହା ଆତ୍ମହତ୍ୟା କିମ୍ବା ହତ୍ୟା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଶର୍ଟ ସର୍କିଟ ଯୋଗୁ ଘରେ ଲାଗିଲା ନିଆଁ



**କୋକସରା,୨୬।୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମର ରଣସାଇ ପାତ୍ରଙ୍କ ଘରେ ଭଡାରେ ରହୁଥିବା ଶିକ୍ଷକ ଆଲୋକ କୁମାର ମହାଲିକଙ୍କ ଘରେ ଶର୍ଟ ସର୍କିଟ ଯୋଗୁ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଥିବା ଟିଭି, ଫ୍ରିଜ, ଗଦ୍ରେଜ ସମେତ ଅନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଏହି ସମୟରେ ଘରେ ଥିବା ଶିକ୍ଷକଙ୍କ ପତ୍ନୀ ଭାଗ୍ୟଶ୍ରୀ ମହାଲିକ ଓ ୪ ବର୍ଷର ଶିଶୁକନ୍ୟା ଆଭା ମହାଲିକ ଅଳ୍ପକେ ରକ୍ଷା ପାଇଛନ୍ତି। ଖବର ପାଇ କୋକସରା ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଶିକ୍ଷକ ମହାଲିକ ଅଭିଯୋଗ କରିଛନ୍ତି।

### ପାଣିଟାଙ୍କି ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କର୍ଲାମୁଣ୍ଡା,୨୬।୨(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବୋରପଦର ଗ୍ରାମପଞ୍ଚାୟତ ଭଟାପଲା ଗାଁରେ ଥିବା ପାଣିଟାଙ୍କି ଉପରେ ଚଢ଼ି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ଯୁବକ ଉଦ୍ଧାର ହୋଇଛନ୍ତି। ସୂଚନା ଅନୁସାରେ ଭଟାପଲା ଗାଁର ରାହୁଲ କୁମାର(୨୨) ମଙ୍ଗଳବାର ରାତିରେ ପାଣିଟାଙ୍କି ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ କର୍ଲାମୁଣ୍ଡା ଫାଣ୍ଡି ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଥବିର ବରିହା ଓ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଫିସର ଇନ୍‌ଚାର୍ଜ କୃତ୍ତିବାସ ଦାଶ ଓ ଟିମ୍ ପହଞ୍ଚି ଦୀର୍ଘସମୟ ପରେ ଯୁବକଙ୍କୁ ତଳକୁ ଆଣିବାକୁ ସକ୍ଷମ ହୋଇଥିଲେ। ପରେ ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ଯୁବକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଫାର୍ମାସିଷ୍ଟ ପବିତ୍ର ରଣା ସୂଚନା ଦେଇଛନ୍ତି। ଅନ୍ୟ ପଟେ ଯୁବକ ଜଣଙ୍କର ମାନସିକ ସ୍ଥିତି ଠିକ୍ ନ ଥିବାରୁ ଏଭଳି ପରିସ୍ଥିତି ଘଟିଥିବା ଅନୁମାନ କରାଯାଉଛି।

### ବର୍ଷୀୟାନ ଆଇନଜୀବୀଙ୍କ ଦେହାନ୍ତ

**ଧର୍ମଗଡ଼, ୨୬।୨ (ଆକାଶ କୁମାର ଜଗତ):** ଧର୍ମଗଡ଼ ଅଞ୍ଚଳର ବର୍ଷୀୟାନ ଆଇନଜୀବୀ ତଥା ବରିଷ୍ଠ ନାଗରିକ ଶ୍ରୀନିବାସ ଅଗ୍ରୱାଲଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ତଥା ଅଭିଜ୍ଞ ଆଇନଜୀବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମ ପତ୍ନୀ ମୀରା ଦେବୀ ଅଗ୍ରୱାଲ, ପୁଅ ଆନନ୍ଦ ଅଗ୍ରୱାଲ, ପୁତ୍ରବଧୂ ମମତା ଅଗ୍ରୱାଲ, ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧର୍ମଗଡ଼ ଓକିଲ ସଂଘ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ପକ୍ଷରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି। ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।



କୋକସରାରେ ମହାଦେବଙ୍କ ଦର୍ଶନ ପାଇଁ ଏକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।



ଭବାନୀପାଟଣା ବିଧାୟକ ଶିବ ଲିଙ୍ଗରେ ଜଳ ଢାଳୁଛନ୍ତି।



ନୂଆପଡ଼ା ପତୋରା ଯୋଗେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଶିବ ଧ୍ୱନିରେ ପ୍ରକମ୍ପିତ ହେଲା ଶୈବପୀଠ

**କୋକସରା,୨୬।୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ମହା ଶିବରାତ୍ରି ଉପଲକ୍ଷେ କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ବଡକେନ୍ଦୁଗୁଡା ଝାରବନ୍ଧଠାରେ ଥିବା ସର୍ବପୁରାତନ ଶୈବପୀଠ ବାବା ଶ୍ରୀ କାଳେଶ୍ୱର ମନ୍ଦିର, କୋକସରା କାଳେଶ୍ୱର ପୀଠ, କୁସୁମଖୁଣ୍ଟି ନୀଳକଣ୍ଠେଶ୍ୱର, ଓଲମା ଗ୍ରାମ କାଳେଶ୍ୱର, ଫୁଫଗାଁ ପାହା ଶୈବପୀଠ, କୁମୁଡାମୁଣ୍ଡା ଧବଳେଶ୍ୱର, ରେଙ୍ଗାଲପାଲି, ମୋଟେର, ଲଡୁଗାଁ, ଶିଉନି ଶୈବପୀଠ,ଡୋକରିଚଞ୍ଚରା ଝାଡେଶ୍ୱର ଶୈବପୀଠରେ ଶିବରାତ୍ରି ଓ ଜାଗର ଯାତ୍ରା ମହା ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ମାନସିକଧାରୀ ପୁରୁଷ, ମହିଳା ସନ୍ଧ୍ୟାରେ ଜାଗର ଦୀପ ଜାଳି ମନ୍ଦିର ବେଢ଼ାରେ ଉପବାସ ରଖି ମହାଦୀପ ମନ୍ଦିରକୁ ଉଠିବା ପରେ ଉପବାସ ଭାଙ୍ଗି ପ୍ରସାଦ ସେବନ କରିଥିଲେ। ଅନେକ ଶୈବପୀଠରେ ଅଷ୍ଟ ପ୍ରହର ନାମଯଜ୍ଞ ସହ ରାତିରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା, ନାଟକ ଆଦି କାର୍ଯ୍ୟକ୍ରମ କରାଯାଇଛି।

**ଭବାନୀପାଟଣା (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶୈବପୀଠରେ ବୁଧବାର ମହାଶିବରାତ୍ରି ଓ ଜାଗର ସମାରୋହରେ ପାଳିତ ହୋଇଯାଇଛି। ଭବାନୀପାଟଣା ସହର ପୁରୁଣାପଡାସ୍ଥିତ ଶ୍ରୀ ବାଲୁଙ୍କେଶର ମନ୍ଦିର ସମେତ ଭବାନୀ ଶଙ୍କର ମନ୍ଦିର, ଭଣ୍ଡେଶ୍ୱର ମନ୍ଦିର, ଜଳେଶର ମନ୍ଦିର, ସୁକନାଭଟା, ଅଟାଙ୍ଗଗୁଡା, କାପସରା, ବାନ୍ଧପଲା, ଦେପୁର, ଦାଦପୁର ଓ ନକଟିଗୁଡାସ୍ଥିତ ନୀଳକଣ୍ଠେଶ୍ୱର ପଞ୍ଚାୟତ ମନ୍ଦିରରେ ସକାଳୁ ରାତ୍ରିଯାଏ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୁରୁଣା ପଡାସ୍ଥିତ ବାବା ବାଲୁଙ୍କେଶର ମନ୍ଦିରଠାରେ ହରି ହର ଭେଟ କାର୍ଯ୍ୟକ୍ରମରେ ଅଶ୍ୱିନୀ ପ୍ରଧାନ, ଜ୍ୟୋତିର୍ମୟୀ ଓ ଇନ୍ଦ୍ରଜିତ ମହାକୁଡ କଲ୍ୟାଣୀ ଦମ୍ପତି କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଠାରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଉପସ୍ଥିତ ରହି ପ୍ରଭୁ ଶିବଙ୍କ ଆଶୀର୍ବାଦ ନେବା ସହ ଲିଙ୍ଗରେ ଜଳ ଅର୍ପଣ କରିଥିଲେ। ପୂଜକ ଭାବେ ଉଦ୍ଧବ ମୁନି, ମନ୍ଦିର କମିଟି ସଭାପତି ସିଦ୍ଧାର୍ଥ ନାୟକ, ରବୀନ୍ଦ୍ରନାଥ ପ୍ରଧାନ, ପରକ୍ଷିତ ବିଶାଳ, ମନମୋହନ ପ୍ରଧାନ, କମ୍ବୁପାଣି ପରିଛା ପ୍ରମୁଖ ସହଯୋଗ କରିଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ପବିତ୍ର ମହାଶିବରାତ୍ରି ପାଇଁ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଭୋର ସମୟରେ ଶ୍ରଦ୍ଧାଳୁମାନେ ନଡିଆ, କଦଳୀ, କ୍ଷୀର ଓ ଶିବଙ୍କ ପ୍ରିୟ ଦୁଦୁରା ଫୁଲ ନେଇ ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ଥୁଆମୂଳ ରାମପୁରସ୍ଥିତ ବାବା ରାମେଶ୍ୱର ମନ୍ଦିରରେ ଆଲୋକ ରଞ୍ଜନ ମୁଣ୍ଡ ଓ ଗୋକୁଳ ଚନ୍ଦ୍ର ମୁଣ୍ଡ ପୂଜକ ଭାବରେ ପୂଜାର୍ଚ୍ଚନା କରିଥିଲେ। ସେହିଭଳି ବ୍ଲକର ଗୁଣ୍ଡୁପୁର ବଙ୍ଗଳାପଡ଼ା, ଡୁମେରପଦର, ଓଡ୍ରି, ଗୋପୀନାଥପୁର, କାଠକୁରା, ମେଲକୁନ୍ଦେଲ ସମେତ ଥୁଆମୂଳ ଓ ମହୁଲପାଟଣାରେ ଥିବା ସର୍ବପୁରାତନ ଶିବାଳୟରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜାଗର ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଆଡମ୍ବର ସହକାରେ ପାଳିତ ହୋଇଛି। ଲାଞ୍ଜିଗଡର ନୀଳକଣ୍ଠେଶର ମହାଦେବ, ବସନ୍ତପଡ଼ା କାଶୀ ବିଶ୍ୱନାଥ ପୀଠ, ବିଶ୍ୱନାଥପୁରସ୍ଥିତ ଧବଳେଶ୍ୱର ପୀଠ, ଲଙ୍ଗଳବେ ଶୈବପୀଠ, କୁଟ୍ରୁପାଳିର ଗୁପ୍ତେଶ୍ୱର ପୀଠ, ଭାଟଗୁ ନୀଳକଣ୍ଠେଶ୍ୱର ପୀଠରେ ମହାଦେବଙ୍କ ଆଶିଷ ଲାଭ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ବ୍ଲକର ଦୁର୍ଗମ ଘାଟି ଅଞ୍ଚଳରେ ଥିବା ଡ଼ଙ୍ଗାଜୋର, ଖିଲାପଦର, କନ୍ଧବୋରି, ମଟକେରା, କୁଟିଙ୍ଗପଦର, ବିଜେପୁର, ମାଳିଯୁବାଙ୍ଗ ଆଦି ଗାଁରେ ଏହି ଜାଗର ଯାତ୍ରା ପାଳନ କରାଯାଇଥିଲା। ଧବଳେଶ୍ୱର ପୀଠରେ ଗାଁ ଗନ୍ତିଆ ପ୍ରଦୀପ ଘଡେଇଙ୍କ ତତ୍ତ୍ୱାବଧାନରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଡ଼ଙ୍ଗାଯୋର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଡଙ୍ଗାଯୋର ବାମନଟିକ୍ରି ଶୈଳେଶ୍ୱର ପୀଠରେ ୬ଦିନ ବ୍ୟାପୀ ଜାଗରଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ସମେତ ବ୍ଲକର ବିଭିନ୍ନ ଶୈବପୀଠରେ ବୁଧବାର ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏଥିଲାଗି ଖଡ଼ିଆଳ ସହରସ୍ଥିତ କୌଶଳେଶ୍ୱର ମନ୍ଦିର, ଗ୍ରାମାଞ୍ଚଳର ଟିଖାଲି ଜଳେଶ୍ୱର ମନ୍ଦିର, ବରଗାଁ, ଝୋଲପଥର, ଗୋଇମୁଣ୍ଡି–ଚଳାନପଡା ଭାଲୁଡୁଙ୍ଗୁରି, ଡୁକୁଲା, ଭୁଲିଆ ସିକୁଆଁ, ଡୁଆଝର ଶିବ ମନ୍ଦିର ପରିସର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଉପଲକ୍ଷେ ଖଡ଼ିଆଳ ସହର ତିରବନ୍ଧ ଶିବ ମନ୍ଦିର ଓ ସାନଗୁଡ଼ି ଜଗନ୍ନାଥ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୋଲିସ ମୁତୟନ କରାଯାଇଥିଲା।

**ନୂଆପଡ଼ା (ମକାରୁ ବେମାଲ):** ପବିତ୍ର ମହାଶିବ ରାତ୍ରି ଓ ଜାଗର ଯାତ୍ରା ପାଇଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ପୀଠରେ ନାମଯଜ୍ଞ, ସଂକୀର୍ତ୍ତନ, ଭଜନ ସନ୍ଧ୍ୟା, ପାଲା, ଦାସକାଠିଆ, ପୁରାଣପାଠ ଆଦି ଅନୁଷ୍ଠିତ ହୋଇଥିଲା। ନୂଆପଡା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିରରେ ଜାଗର ଯାତ୍ରା ପାଇଁ ନୂଆପଡା ଜିଲ୍ଲା ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି ଓ ପଡୋଶୀ ରାଜ୍ୟ ଛତିଶଗଡରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନସ୍କାମନା କରି ଆସିଥିବା ଭକ୍ତମାନେ ରାତି ଉଜାଗର ରହି ସକାଳୁ ବୁଡ ପକାଇ ନିଜ ଘରକୁ ବାହୁଡିବେ । ସେମାନଙ୍କ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି। ସେହିପରି କୋମନା ବ୍ଲକ ବୃନ୍ଦିକୋମନା ପାତେଲେଶ୍ୱର ମନ୍ଦିର, ଶୁକ୍ଲିମୁଣ୍ଡି ସିଦ୍ଧେଶ୍ୱର ମନ୍ଦିର, ତରବୋଡ ଶିବ ମନ୍ଦିର, ସିଆଲଲଟି, ଧରମ ସାଗର, ମାନିଗୁଡା, ରେଙ୍ଗାବାହାଲ ଆଦି ଗାଁର ଶିବ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚାଲିଛି ।

**ତୁଣ୍ଡଲା (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ତଥା ଐତିହାସିକ ଶୈବପୀଠ ବେଲଖଣ୍ଡିଠାରେ ବୁଧବାର ଧବଳେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ସାଢେ ୮ଟାରୁ ଅଷ୍ଟପ୍ରହର ନମଯଜ୍ଞ ହୋଇଥିଲା। ଏଠାରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ତଥା ଛତିଶଗଡ ରାଜ୍ୟରୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ, ମନ୍ଦିର ପରିଚାଳନା କମିଟି ସଭାପତି ପାର୍ଥବିର ସେଲମା, ସମ୍ପାଦକ ପ୍ରଦୀପ କୁମାର ଦୋରା, ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ ନାଏକ, କମିଟି ସଭ୍ୟ ଚକାମନା ନାଏକ, ଘନଶ୍ୟାମ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧ୍ୟକ୍ଷ ମୁନା ମହାନ୍ତି ଏବଂ ୧୦ଗୋଟି ଗ୍ରାମପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁ ମନ୍ଦିର ପ୍ରାଙ୍ଗଣରେ ଜାଗର ଜାଳି ରାତ୍ର ଉଜାଗର ରହିଥିଲେ।

## ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ବକ୍ତବ୍ୟ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଭବାନୀପାଟଣା,୨୬।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନିମନ୍ତ୍ରିତ ବକ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁନେସ୍ଥିତ ଜାତୀୟ ସୁରକ୍ଷା ଏକାଡେମୀ (ଏନଡିଏ)ର ଅବସରପ୍ରାପ୍ତ ପ୍ରଧାପକ ଜଗମୋହନ ମେହର ଯୋଗଦେଇ ଭାରତର ବିଦେଶୀ ନୀତିର ବିଶେଷ ଗୁଣ ଓ ହକଦାରି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ବିଭାଗୀୟ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ପ୍ରଧାପକ ଡ. ପବିତ୍ର କୁମାର ବାଗ ମଞ୍ଚ ପରିଚାଳନା ଓ ସହକାରୀ ପ୍ରଧାପିକା ସରିତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରାଧାପିକା ଡ. ନିଧି ମେହେରା, ଡ. ଉମେଶ ସାହୁ, ଡ. ଚିତ୍ତରଞ୍ଜନ ମଲ୍ଲିକ, କୁନାଲକିରନ ସାହୁ, ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଛାତ୍ରୀଛାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ

**ଖଡ଼ିଆଳ,୨୬।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ୧ ନମ୍ବର ୱାର୍ଡ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ପରବିନ ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି, ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ନଗରପାଳ ଉଜ୍ଜ୍ୱଳ ଗୁପ୍ତା ବିଶିଷ୍ଟ ଅତିଥି ଓ ଦେବରାଜ ମହାପାତ୍ର, ଧନୁର୍ଜୟ କରୁଆଁ, ମୋତିଲାଲ ବେହେରା, ଜୟଦେବ ପଣ୍ଡା, ତୁଲାରାମ ହଂସ, ନବୀନା ବନଗୋଲା, କାଉନସିଲର ଶୁଚିସ୍ମିତା ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅରୁଣ କୁମାର ନାଗ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ, ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ପଦ୍ମନ ବାଗ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଡ଼ିଆଳ,୨୬।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଗଡରାମୁଣ୍ଡା ଖେଳ ପଡ଼ିଆଠାରେ ପଦ୍ମନ ବାଗ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଲକ୍ଷରାମ ଷଣ୍ଡ ମୁଖ୍ୟ ଅତିଥି ଓ ସରପଞ୍ଚ କେନ୍ଦୁପାଟି ଚନ୍ଦ୍ରକୁମାର ଷଣ୍ଡ, ପୂର୍ଣ୍ଣଚନ୍ଦ୍ର ବନଛୋର୍, ମଳୟ ରଞ୍ଜନ ବଛା, ଗୋବର୍ଦ୍ଧନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ପ୍ରଥମ ମ୍ୟାଚରେ ଲୋହରାପାଲିକୁ ହରାଇ ଦମାପଲା ଦଳ ବିଜୟୀ ହୋଇଛି। ସେହିଭଳି ଦ୍ୱିତୀୟ ମ୍ୟାଚରେ ଗଡରାମୁଣ୍ଡା ଏ'କୁ ହରାଇ କୁସମାଲ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଫାଇନାଲ ମ୍ୟାଚ ଆସନ୍ତା ୪ତାରିଖରେ ଅନୁଷ୍ଠିତ ହେବ। ରିଙ୍କୁ ହାତୀ, ମୁରଲୀ ନାୟକ, ଦେବରାଜ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

## ବିଶ୍ୱାବସୁ ସମାଜର ଉପଖଣ୍ଡସ୍ତରୀୟ ବୈଠକ

**ଖଡ଼ିଆଳ,୨୬।୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲ୍ଲା ସାନମହେଶ୍ୱର ପଞ୍ଚାୟତ ଝୋଲପଥର ଗ୍ରାମଠାରେ ବିଶ୍ୱାବସୁ ସମାଜ ପକ୍ଷରୁ ଉପଖଣ୍ଡସ୍ତରୀୟ ସଭା ଖଡିଆଳ ସଭାପତି ବାଳକୃଷ୍ଣ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସରକାରଙ୍କ ବିକାଶମୂଳକ ଯୋଜନାରେ କିଭଳି ଜାତିଭାଇ ସାମିଲ ହୋଇ ଉପକୃତ ହେବେ ସେ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନା ଗମନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭୁବନେଶରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ସମାଜ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ସଭାରେ ଗାନ୍ଧୀ ଶବର, ଅନୁଗୁଳ ଶବର, ସାଧୁ ଶବର, ନୃପରାଜ ଶବର, ଶିକ୍ଷାବିତ୍ ଟଙ୍କଧର ଶବର, ଜରାସିଂହ ଶବର, ଜଗତ ରାମ ଶବର ଉପଦେଷ୍ଟା, ଲାଳଧର ଶବର, ତେଜରାଜ ଶବର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

# ତରବରିଆ ନାମ ଫଳକ ଲେଖାଗଲା

**ନୂଆପଡ଼ା,୨୬।୨ (ମକାରୁ ବେମାଲ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ବାବୁପାଲି ଗାଁର ବାଳକୃଷ୍ଣ ମାଝି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧–୨୨ରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ନୂଆପଡା ପକ୍ଷରୁ ୨ଲକ୍ଷ ୮୭ ହଜାର ବ୍ୟୟ ଅଟକଳରେ ଏକ ଚହଲା (ଫାର୍ମ ପଣ୍ଡ) ଖନନ କରିଥିଲେ। ଏହାକୁ ପଞ୍ଚାୟତ ପକ୍ଷରୁ ବାଳକୃଷ୍ଣଙ୍କ ମା' ଗୁନମତି ମାଝିଙ୍କ ନାମରେ ୨୦୨୩–୨୪ରେ ଖନନ କରାଯାଇଛି ବୋଲି ଦେଖାଇ ୧ ଲକ୍ଷ ୯୮ ହଜାର ୫୨୮ ଟଙ୍କା ଉଠାଣ କରି ଆତ୍ମସାତ କରି ଜଳ ବିଭାଜିକା ପ୍ରକଳ୍ପ ନୂଆପଡ଼ା ଲେଖା ଥିବା ନାମଫଳକ ଲିଭାଇ ଦିଆଯାଇଥିବା ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ପଞ୍ଚାୟତ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ଉକ୍ତ ଫଳକରେ ନୂତନ କରି ଲେଖାଇଛନ୍ତି। ଗ୍ରାମବାସୀ କହିବାନୁଯାୟୀ ୨୦୨୧–୨୨ରେ ଚହଲା ଖନନ ହୋଇଥିଲା। ଏହାପରେ ଆଉ ଖନନ ହୋଇ ନାହିଁ । ଯେଉଁ ନାମ ଫଳକ ଲାଗିଛି ସେଥିରେ ଜଳ ବିଭାଜିକା ପ୍ରକଳ୍ପର ନାମ ରହିଥିଲା । ସେହି ନାମ ଫଳକକୁ କିଏ ଲିଭାଇ ଦେଇଥିଲେ। ବୁଧବାର ପଞ୍ଚାୟତ କର୍ମଚାରୀ ଆସି ପୁଣି ଥରେ କାର୍ଯ୍ୟନିର୍ବାହୀ ସଂସ୍ଥା ଠିକପାଲି ପଞ୍ଚାୟତ ବୋଲି ଲେଖିଛନ୍ତି । ଏହି ଚହଲାକୁ ଜଳ ବିଭାଜିକା ପ୍ରକଳ୍ପ ଖନନ କରିଛି କି ପଞ୍ଚାୟତ କାର୍ଯ୍ୟାଳୟ କରିଛି ତଦନ୍ତ କଲେ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଠିକପାଲି ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସମ୍ଭବ ହୋଇ ନ ଥିଲା। ଜଳ ବିଭାଜିକା କ୍ଷେତ୍ର ପରିଦର୍ଶକ ମହେନ୍ଦ୍ର ଭୋଇଙ୍କୁ ପଚାରିବାରୁ ୨୦୨୧–୨୨ରେ ବାଳକୃଷ୍ଣ ମାଝି ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚହଲା ଖନନ କରାଯାଇଥିଲା। ତାହା ସମ୍ପୂର୍ଣ୍ଣ ନ ହେବାରୁ ପାଉଣା ମଧ୍ୟ ଅଟକି ଯାଇଛି । ସମ୍ପୂର୍ଣ୍ଣ କଲେ ସବୁତକ ପାଉଣା ଦେଇଦେବୁ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ପଚାରିବାରୁ ଅଭିଯୋଗ ପରେ ମୁଁ ତଦନ୍ତ ପାଇଁ ପଠାଇଥିଲି। ନାମ ଫଳକରେ କିଛି ଲେଖା ନ ଥିଲା। ତଦନ୍ତ ପରେ କିଏ ଖନନ କରିଛି ଜଣାପଡିବ। ସତ୍ୟାସତ୍ୟ ଜଣାପଡବା ପରେ ଦୋଷୀ ଅଧିକାରୀ କତମ୍ୱା କର୍ମଚାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଧରିତ୍ରୀରେ ଖବର ପ୍ରକାଶ ପରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତତ୍ପରତା





ପୂର୍ବରୁ ଲେଖା ନ ଥିବା ପ୍ରକଳ୍ପ। ବର୍ତ୍ତମାନ ଲେଖାଯାଇଥିବା ନାମ ଫଳକ।


ବାବା ଚନ୍ଦ୍ରଶେଖର ଗାଁ ବୁଲିଯାଇଥିବା ବେଳେ ସରଣ୍ଡାବାସୀ ପୂଜାର୍ଚ୍ଚନା କରୁଛନ୍ତି ।


ସରଣ୍ଡାସ୍ଥିତ ବିଶ୍ୱେଶ୍ୱର ବାବାଙ୍କ ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବପୀଠରେ ଶ୍ରଦ୍ଧାଳୁମାନେ ଜାଗର ଜାଳି ଉଜାଗର ରହିଛନ୍ତି ।



ବିଶ୍ୱେଶ୍ୱର ଶୈବ ପୀଠରେ ଭକ୍ତମାନେ ବାବାଙ୍କ ଦର୍ଶନ ପାଇଁ ଧାଡ଼ିରେ ଅପେକ୍ଷା କରିଛନ୍ତି ।

# ଜାଗର ଜାଳି ଉଜାଗର ରହିଲେ ଶ୍ରଦ୍ଧାଳୁ


ବରଗଡ଼ ଜିଲାର ଗ୍ରୀଣ୍ଡୋଲାର ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ।


ବରଗଡ଼ ଜିଲାର ଗ୍ରୀଣ୍ଡୋଲାର ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ ଭକ୍ତମାନେ ଧାଡ଼ିରେ ଛିଡା ହୋଇଛନ୍ତି ।

**ସରଣ୍ଡା,୨୬।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକଅନ୍ତର୍ଗତ ସରଣ୍ଡା ସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବପୀଠ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ଉଜାଗର ଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ଏହା ଉଦ୍‌ଯାପନ ହେବ। ମହାଶିବରାତ୍ରି ଦିନ ପାହାନ୍ତିଆ ୩ଟାରେ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗାଜଳରେ ସ୍ନାନକରାଇ ସମସ୍ତ ନୀତିକାନ୍ତି କାର୍ଯ୍ୟ ପାଳି ପୂଜକ ବଳିଷ୍ଠ ମହାପାତ୍ର ଓ ନିମନ୍ତ୍ରିତ ପୂଜକ ଅବଧୂତ ମହାପାତ୍ର ସମ୍ପୂର୍ଣ୍ଣ କରିଥିଲେ। ପରେ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଥିଲା । ପୂର୍ବାହ୍ନ ୧୧ଟାରେ ବିଶ୍ୱେଶ୍ୱର ପୀଠରୁ ବାବା ଚନ୍ଦ୍ରଶେଖର ମାତା ପାର୍ବତୀଙ୍କ ସହ ହରଗୌରୀ ବେଶରେ ସରଣ୍ଡା ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରରେ ବରପାଲି ଖେମେସରା ଗ୍ରାମର ବୈଶାଖୁ ମିର୍ଦ୍ଧାଙ୍କ ନେତୃତ୍ୱରେ ଘୁମରା ଗଜା ବାଜା ସହ ମନ୍ଦିର ପୂଜକଙ୍କ ପକ୍ଷରୁ ଘଣ୍ଟ, ଶଙ୍ଖ ହୁଳହୁଳି ଧ୍ୱନି ସହ ଅଂଶଗ୍ରହଣ କରିଥିଲେ। ସରଣ୍ଡା ବସ୍ତି ଓ ମୁରେଲ ଟିକ୍ରା, ଗୌରପଡ଼ା, ଭୋଇପାଲି ଛକ ଆଦି ଅଞ୍ଚଳର ସମସ୍ତେ ନିଜ ନିଜ ଘର ସମ୍ମୁଖରେ ବାବା ଚନ୍ଦ୍ରଶେଖରଙ୍କୁ ପୂଜା କରିବା ସହ ଦର୍ଶନ କରିଥିଲେ । ବର୍ଷକୁ ଥରେ ଶିବରାତ୍ରି ଦିନ ବାବା ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମାକରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ବାବା ପରିକ୍ରମାକରି ଫେରିବା ପରେ ସନ୍ଧ୍ୟା ସାଢ଼େ ୬ଟାରେ ଚାରି ପ୍ରହର ପୂଜା ଆରମ୍ଭ ହୋଇଥିଲା। ପୂଜାରେ ରାକେଶ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର ଏବଂ ତାଙ୍କ ସ୍ତ୍ରୀ ଅଂଶୁମାଳା ମିଶ୍ର କର୍ତ୍ତକର୍ତ୍ତ୍ରୀ ଦାୟିତ୍ୱ ବହନ କରୁଛନ୍ତି ।

ସନ୍ଧ୍ୟାରେ ଅତାବିରାର ନାଟରାଜ କଳା ପରିଷଦ ପକ୍ଷରୁ ନୃତ୍ୟଗୀତ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରଗଡ଼ ଏସ୍‌ପି ପିଏସ୍ ମୀନାଙ୍କ ଏବଂ ଅତାବିରା ଆଇଆଇସି ସୁକୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ରୁ ଆସିଥିବା ଗୋଟିଏ ସେକ୍ସନ ଫୋର୍ସ ସହ ଥାନାର ଜଣେ ଏସ୍‌ଆଇ, ୩ଜଣ ଏଏସ୍‌ଆଇ ଓ କର୍ମଚାରୀ କମିଟିର ସ୍ୱେଚ୍ଛାସେବୀ ମିଶି ଶାନ୍ତିଶୃଙ୍ଖଳା ରକ୍ଷା କରିଛନ୍ତି । ଶିବରାତ୍ରି ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଅନେକ ହଜାର ମହିଳା ପୁରୁଷ ଭକ୍ତ ମାନସିକ କରି ସନ୍ଧ୍ୟାରୁ ଜାଗର ଜାଳି ଉଜାଗର ରହିଛନ୍ତି। ବୁଧବାର ରାତ୍ରି ୯ଟା ୨୫ ଯାଏ ଗୋଟିଏ ପ୍ରହର ପୂଜା ସରିଥିବା ବେଳେ ୧୦୮ ଆଳତି ଅର୍ପଣ କରାଯାଇଛି।

## ଶିବରାତ୍ରିରେ ଶୈବପୀଠ ଚଳଚଞ୍ଚଳ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ସମସ୍ତ ଶୈବପୀଠରେ ବୁଧବାର ମହାଶିବରାତ୍ରି ପାଳିତ ହୋଇଛି। ଏଥିରେ ଶୈବପୀଠ ଗୁଡ଼ିକ ଭୋର୍‌ରୁ ଚଳଚଞ୍ଚଳ ହୋଇ ପଡ଼ିଛି। ଜିଲାର ନୃସିଂହନାଥ ପୀଠଠାରୁ ଆରମ୍ଭ କରି ଅଷ୍ଟଶମ୍ଭ ପୀଠ ମଧ୍ୟରେ ରହିଥିବା ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ସରଣ୍ଡାର ବିଶ୍ୱେଶ୍ୱର, ଅମ୍ବାଭୋନାର କେଦାରନାଥ, ନିଳଜୀର ନୀଳକଣ୍ଠେଶ୍ୱର, ଦେଓଗାଁର ବୈଦ୍ୟନାଥ ଏବଂ ଗ୍ରୀଣ୍ଡୋଲାର ସିଦ୍ଧେଶ୍ୱର ସମେତ ଅନ୍ୟ ଶୈବାଳୟ ଗୁଡ଼ିକରେ ଦେବଦେବ ମହାଦେବଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମି ରହିଛି। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ, ବରଗଡ଼ ତଳିପଡ଼ା ନିବାସୀ ଅଶୋକ ଓରଫ ଆକାଶ ଠେଲା(୩୨)। ତାଙ୍କ ପାଖରୁ ଚୋରି ବାଇକ୍(ଓଡି୧୭ଜେ ୦୫୬୫) ଜବତ ହୋଇଛି। ଏହା ସହିତ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନା ପୋଲିସ ଏକ ମାମଲା(ନଂ-୮୯/୨୫) ରୁଜୁ କରିଛି।

### ପ୍ରେମ ପ୍ରତାରଣା ଅଭିଯୋଗ, ବ୍ୟବସାୟୀ ଗିରଫ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ପ୍ରେମ ପ୍ରତାରଣା ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ବୁଧବାର ଅପରାହ୍ନ ୫ଟାରେ ସହରର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହିଳାଙ୍କ ଏତଲା ଅନୁଯାୟୀ, ୨୦୧୨ରୁ ଭୁବନେଶ୍ୱରର ଏକ ହୋଟେଲରେ ସମ୍ପୃକ୍ତ ବ୍ୟବସାୟୀଙ୍କ ସହିତ ସାକ୍ଷାତ୍ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମ ସମ୍ପର୍କ ନିବିଡ଼ ହେବା ପରେ ବିବାହର ପ୍ରତିଶ୍ରୁତି ଦେଇ ୩ବର୍ଷ ପୂର୍ବେ ବ୍ୟବସାୟୀ ଜଣକ ସମ୍ପୃକ୍ତା ମହିଳାଙ୍କୁ ବରଗଡ଼ ସହରର ଏକ ହୋଟେଲକୁ ଆଣି ରଖିଥିଲେ। ପରେ ବ୍ୟବସାୟୀ ପ୍ରତାରଣା କରିଥିବା ମହିଳାଜଣକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ଥାନା ପୋଲିସ ବ୍ୟବସାୟୀଙ୍କ ବିରୋଧରେ ଏକ ମାମଲା(ନଂ-୯୨/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶିବ ଜୟନ୍ତୀ

**ଝାରବନ୍ଧ,୨୬।୨(ଦେବେନ୍ଦ୍ର ସାହୁ ):** ଝାରବନ୍ଧ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଆନୁକୂଲ୍ୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳନ କରାଯାଇଛି। ପାଇକମାଲ, ଝାରବନ୍ଧ ବ୍ଲକର ଭାଇ ଭଉଣୀମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦେଶ ପରିବର୍ତ୍ତନର ବାର୍ତ୍ତା ଦେଇଥିଲେ। ପାଇକମାଲ ଶାଖାର ମୀରା, ଝାରବନ୍ଧ ଶାଖାର ସୂର୍ଯ୍ୟକାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଜିଲା ପରିଷଦ ସଦସ୍ୟ ବେହେରା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ଲକ୍ଷ୍ମୀନାରାୟଣ,ଶିବ ପାର୍ବତୀଙ୍କ ବେଶରେ ରହି ଶାନ୍ତିର ସନ୍ଦେଶ ନେଇ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଭାଜପା ପକ୍ଷରୁ ୪ ଦଫା ସମ୍ବଳିତ ଦାବିପତ୍ର

■ ବିଧାୟକ ପାଣ୍ଠିର ଅପବ୍ୟବହାର
■ ଜବରଦଖଲ କରିଥିବା ଘର ଉଚ୍ଛେଦ ଦାବି

**ପଦ୍ମପୁର,୨୬।୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁରରେ ଦୀର୍ଘ ୨୪ ବର୍ଷ ବିଜେଡି ସରକାର ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗର ମଧ୍ୟରେ କ୍ଷମତାର ଅପବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ବିଧାୟକ ଓ ବିକାଶ ପରିଷଦ ପାଣ୍ଠିରୁ ବହୁ ଲକ୍ଷ ଟଙ୍କା ବିନିମୟରେ ସରକାରୀ ଜମି ଓ ସେଥିରେ ଜବରଦଖଲ କରି ବ୍ୟବହାର କରୁଥିବାରୁ ଏହାର ତଦନ୍ତକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦ୍ମପୁର ନଗର ଭାଜପା ତରଫରୁ ଜିଲା ପ୍ରଶାସନଠାରେ ୪ ଦଫା ସମ୍ବଳିତ ଦାବିପତ୍ର ମଙ୍ଗଳବାର ଅପରାହ୍ନ ୩ଟାରେ ପ୍ରଦାନ କରାଯାଇଛି।

ପଦ୍ମପୁର ଏନ୍‌ଏସି ଦ୍ୱାରା ବିଜୁ ମାର୍କେଟ କମ୍ପ୍ଲେକ୍ସ ଓ ସେଥିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି। କିନ୍ତୁ ଏହା ସାଧାରଣ ଲୋକଙ୍କର ବ୍ୟବହାରରେ ଆସୁ ନ ଥିବା ବେଳେ ମାର୍କେଟ କମ୍ପ୍ଲେକ୍ସ ଓ କଲ୍ୟାଣ ମଣ୍ଡପକୁ ବିଜେଡିର ବ୍ୟବହାରରେ ଲଗାଇଥିବା, ବିନା ଟାଉନ ପ୍ଲାନିଂରେ ସରକାରୀ ଜମିରେ ଟ୍ରକ୍ ଆସୋସିଏଶନ ନାମରେ ଜମି ପ୍ରଦାନ କରି ସରକାରୀ ପାଣ୍ଠିରେ କୋଠା ତିଆରି କରିବା ଘଟଣାରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ରହିଥିଲେ ବି କ୍ଷମତାର ଅପବ୍ୟବହାରକରି ଉଚ୍ଛେଦ ମାମଲାକୁ ଚପାଇଦେବା, ବୋଡାସମ୍ବର ଫ୍ରି ଥିଙ୍କର ଆସୋସିଏଶନ ନାମରେ ୧୯୯୧-୨୦୦୦ରେ ତତ୍କାଳୀନ ବିଧାୟକ ପାଣ୍ଠିର ଅପବ୍ୟବହାରକରି ଖାତା ନଂ.୧୩୧୮ ପ୍ଲଟ୍ ନଂ ୧୪୨୪ ଅନ୍ତର୍ଗତ ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ପଡ଼ିଆର ୨୦ ଡିସିମିଲ ଜମିରେ ଘର ତିଆରିକରି ମାଡ଼ି ବସିଥିବା ଓ ଏଥ୍‌ଲେଟିକ ଆସୋସିଏଶନର ଅଶୋକ ପଡ଼ିଆରେ ଥିବା ଖେଳାଳିଙ୍କ ବିଶ୍ରାମ ଗୃହକୁ ଅନାଧିକାର ଭାବରେ ଜବରଦଖଲକରି ଅପବ୍ୟବହାର କରୁଥିବା ଦର୍ଶାଇ ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ ଚୌହାନଙ୍କଠାରେ ପଦ୍ମପୁର ଭାଜପା ଯୁବନେତା ପ୍ରୀତେଶ ବହିଦାର,ନଗର ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ବରିଷ୍ଠ ନେତା ସୁବାସ ପାତ୍ର, ସରୋଜ ମିଶ୍ର, କାଉନସିଲର କୁନାଲ ପାଣିଗ୍ରାହୀ, ଆଇନଜୀବୀ ହରି ସିଂ, ଆଦିତ୍ୟ ରଥ, ରଞ୍ଜୁ ସେଠ, ଜ୍ୟୋତ୍ସ୍ନାରାଣୀ କର, ନରୋତ୍ତମ ପଧାନ, ପ୍ରତାପ ନାଥ, ରାଜେଶ ଗୁର୍ଲା, ନରେଶ ସୁନ୍ଦର ସାହୁ, ଅମିତ ଗର୍ଗ, ଦୀନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ଅନିଲ ଗୁର୍ଲା, ୱାରିସ ରାଜା, ଉଦ୍ଧବ ଡୁଙ୍ଗରି, ଶଙ୍କର ରାଉତ, ମୁକେଶ ସେଠ, ନବ କଣ୍ଡା, ହରେଶ ସାଣ୍ଟଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମଧ୍ୟ ଏହା ଉପରେ ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।


ପଦ୍ମପୁର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଶିବରାତ୍ରିରେ ରକ୍ତଦାନ, ୬୫ ୟୁନିଟ୍ ସଂଗ୍ରହ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ଏବଂ ସ୍ଥାନୀୟ ମନ୍ଦିର କମିଟି ପକ୍ଷରୁ ବୁଧବାର ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମାସ୍ଥିତ ବରାଡ଼ ବାଲୁଙ୍କେଶ୍ୱର ଏବଂ ରେଙ୍ଗାଲପାଲିସ୍ଥିତ ଝାଡ଼େଶ୍ୱର ମନ୍ଦିର ପରିସରରେ ରକ୍ତଦାନ ଶିବିର ହୋଇଥିଲା। ଗାଇସୀମା ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଶିବିରକୁ ଡା. ଅଜିତ କୁମାର ଦର୍ଜୀ, ସ୍ଥାନୀୟ ସରପଞ୍ଚ ଧିରେନ ମହାପାତ୍ର, ଦକ୍ଷିଳ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭୀମସାର୍, ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ୩୧ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସେହିପରି ରେଙ୍ଗାଲପାଲି ଝାଡ଼େଶ୍ୱର ମନ୍ଦିରରେ ହୋଇଥିବା ରକ୍ତଦାନ ଶିବିରକୁ ମନ୍ଦିର କମିଟି ସଭାପତି ଅମିୟ ଭୋଇ ଏବଂ ଅନ୍ୟ ସଦସ୍ୟବୃନ୍ଦ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ୩୪ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବରାତ୍ରିରେ ମନ୍ଦିରକୁ ଆସୁଥିବା ଭକ୍ତମାନେ ରକ୍ତଦାନ କରିଥିଲେ ଏବଂ ଶିବରାତ୍ରିରେ ଏଭଳି ଶିବିର ଆୟୋଜନ କରି ମୋଟ୍ ୬୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଯୋଗୁ ନିଷ୍ଠା ପରିବାର ସହିତ ଉଭୟ ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଗ୍ନିକାଣ୍ଡରେ ଜଳିଗଲା ରାସ୍ତାପାର୍ଶ୍ୱ ଚାରା

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ବରପାଲି ରାସ୍ତାର ବେହେରା କପଡ଼ା ବଜାର ନିକଟରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ରାସ୍ତାପାର୍ଶ୍ୱ ଥିବା ୫୦ରୁ ଊର୍ଦ୍ଧ୍ୱ କିସମର ଚାରା ନଷ୍ଟ ହୋଇଯାଇଛି। ଏହାକୁ ନେଇ ପରିବେଶପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ନିକଟସ୍ଥ ଧାନକ୍ଷେତ ନଡ଼ା ଜାଳିବାକୁ କେହି ନିଆଁ ଲଗାଇ ଦେଇଥିଲେ। ତେବେ ସେହି ନିଆଁ ବେହେରା କପଡ଼ା ବଜାର ନିକଟ ରାସ୍ତାପାର୍ଶ୍ୱକୁ ବ୍ୟାପିଥିଲା। ଫଳରେ ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ବିଭିନ୍ନ କିସମର ଚାରା ଜଳିଯାଇଥିଲା। ଆଉକିଛି ଚାରା ଝାଉଁଳି ପଡ଼ିଛି। ନିଆଁ ବ୍ୟାପୁଥିବା ଦେଖି ଖୁଣ୍ଟପାଲି ଗ୍ରାମର ସ୍ୱେଚ୍ଛାସେବୀ ଦିବାକର ମାଝି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ନିଆଁ ଅନେକ ଜାଗାକୁ ପରିବ୍ୟାପ୍ତ ହେବା ସହିତ ରାସ୍ତାପାର୍ଶ୍ୱ ଚାରାଗୁଡ଼ିକୁ ନଷ୍ଟ କରି ସାରିଥିଲା।

## ବିପଦରେ ସ୍କୁଲ : ଛାତ ଉପରେ ଯାଇଛି ୩୩ କେଭି ବିଦ୍ୟୁତ୍ ତାର

**ପାଇକମାଲ,୨୬।୨(ବଡ଼ ଶତପଥୀ):** ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଚେରେଙ୍ଗାଝାଞ୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ଛାତ ଉପରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବାଧା ସୃଷ୍ଟି ହେଉଛି। ନିକଟରେ ବଡ଼ ବଡ଼ ଗଛ ଥିବାରୁ ଯଦି ପବନ ଆସେ ଦୁର୍ଭାଗ୍ୟବଶତଃ ବିଦ୍ୟୁତ ତାର ସଂସ୍ପର୍ଶ ଆସି ଗଲେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ରହିଛି। ଏନେଇ ବିଦ୍ୟୁତ୍ ବିଭାଗ ଆଗୁଆ ସତର୍କ ରହି ୩୩କେଭି ତାରକୁ ରାସ୍ତା କଡ଼ରୁ ସ୍ଥାନାନ୍ତରିତ କରିବା ପାଇଁ ସ୍କୁଲ ପରିଚାଳନା ତଥା ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଇବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି।

## ଭେରୁଆମୁଣ୍ଡାକୁ ହରାଇ ସେମିରେ ଝିଟିକି

### ମାଣ୍ଡୋସିଲ କପ୍ ଉଦ୍‌ଘାଟିତ

**ପାଇକମାଲ,୨୫।୨(ବଡ଼ ଶତପଥୀ)**

ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ମାଣ୍ଡୋସିଲ କପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସମେତ ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଫଲସାଗୁଡ଼ାକୁ ହରାଇ ମାଣ୍ଡୋସିଲ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସାଇପଲାକୁ ହରାଇ ଭେରୁଆମୁଣ୍ଡା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ମାଣ୍ଡୋସିଲ(ଖ)କୁ ହରାଇ ଭେରୁଆମୁଣ୍ଡା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ରାଣୀଧରାକୁ ହରାଇ ଝିଟିକି ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚରେ ଝିଟିକି ଓ ଭେରୁଆମୁଣ୍ଡା ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଝିଟିକି ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ଦେବସିଂ ଭରାସାଗର, ହେମାନନ୍ଦ ବିଶ୍ୱାଳ ଓ ନରେଶ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ବିଜୟ ବରିହା ଓ ଝସକେତନ ନାୟକ ସ୍କୋରର ଥିବା ବେଳେ ମନୋରଞ୍ଜନ ମଲ୍ଲିକ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ମାଣ୍ଡୋସିଲ ସରପଞ୍ଚ ଓମ ପ୍ରକାଶ ନାୟକ ଖେଳ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ଆୟୋଜକ କମିଟି ସଭାପତି ଦେବସିଂ ଭରାସାଗର, ସମ୍ପାଦକ ଅନିଲ ଦାସ ଉପସ୍ଥିତ ଥିଲେ। କମିଟି ସଭ୍ୟ ଉଗ୍ରସେନ ପ୍ରଧାନ, ଗୋକୁଳ ବିଶ୍ୱାଳ, ମାନସ ନାୟକ, ଦୁର୍ଯ୍ୟୋଧନ ସାହୁ, ବିକାଶ ବିଶ୍ୱାଳ, ସୁରେଶ ବିଶ୍ୱାଳ,ଦୁଃଖିଧନ ସରିଆ, ଯୋଗେଶ ବିଶ୍ୱାଳ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

## ବିକାଶ ନର୍ସିଂ କଲେଜରେ ସ୍ୱାଗତ ସମାରୋହ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡର ବିକାଶ ନର୍ସିଂ କଲେଜରେ ମଙ୍ଗଳବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜର ବିଏସ୍‌ସି ନର୍ସିଂ ପଞ୍ଚମ ବ୍ୟାଚ୍, ଏଏନ୍‌ଏମ୍ ପଞ୍ଚମ ବ୍ୟାଚ୍, ଜିଏନ୍‌ଏମ୍ ଦ୍ୱିତୀୟ ବ୍ୟାଚ୍ ଏବଂ ପି.ବିବିଏସସି ଦ୍ୱିତୀୟ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସକାଶେ ସିନିୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର କନଭେନ୍ସନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ପୌରାଣିକ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ବରିଷ୍ଠ ପରାମର୍ଶଦାତା ପି.କେ ଦାସ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ ଅଜୟ କୁମାର ମହାପାତ୍ର, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ସ୍କୁଲର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଲ ସ୍କୁଲ ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ, ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ପୋଲିଟେକ୍ନିକ୍ ଅଧ୍ୟକ୍ଷ ଡଃ ଦିଲ୍ଲୀପ ଖମାରୀ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ, ବିକାଶ ଫାର୍ମାସୀ କଲେଜ ଅଧ୍ୟକ୍ଷ ଡଃ ଶୁଭେନ୍ଦୁ ମିଶ୍ର, ଛାତ୍ର କଲ୍ୟାଣ ସମିତିର ଡିନ୍ ଆର.ଏସ୍.ଭି କ୍ରୀଷ୍ଣା, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଏଚ୍‌ଆର୍ ମ୍ୟାନେଜର ଦେବଯାନୀ ଦାସ, ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟର ଉପାଧ୍ୟକ୍ଷ ଦୀପକ କୁମାର ନାୟକଙ୍କ ସମେତ ନର୍ସିଂ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ସମସ୍ତେ ସ୍ୱାଗତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମିସ୍ ଫ୍ରେସର ଏବଂ ମିଷ୍ଟର ଫ୍ରେସର ଚୟନ ସହିତ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।


ସ୍ୱାଗତ ସମାରୋହରେ ମିସ୍ ଫ୍ରେସର୍ ଏବଂ ମିଷ୍ଟର ଫ୍ରେସର୍‌ଙ୍କୁ ବିକାଶ କର୍ତ୍ତୃପକ୍ଷ ପୁରସ୍କୃତ କରୁଛନ୍ତି।

# ନର୍ଦ୍ଦମାରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର

ରାଉରକେଲା,୨୬।୨(ସଙ୍ଗୀତା ଜେନା)

ପୁଣି ଅଲୋଡା ହେଲା କନ୍ୟା ସନ୍ତାନ। ନିଜ କର୍ମଫଳ ଲୁଚାଇବା ପାଇଁ ସମ୍ଭବତଃ ଜନ୍ମଦାତ୍ରୀ ନବଜାତକ କନ୍ୟାସନ୍ତାନକୁ ନର୍ଦ୍ଦମାରେ ଫିଙ୍ଗିବାକୁ ପଛାଇନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଏଚ୍ ବ୍ଲକ ବିବେକାନନ୍ଦ ସ୍କୁଲ ସମ୍ମୁଖ ନର୍ଦ୍ଦମାରେ। ଏହାକୁ ଦେଖିବାକୁ ପ୍ରବଳ ଗହଳି ହୋଇଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ଏପରି ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪/୨୫) ରୁଜୁ ହୋଇଛି। ଯାଞ୍ଚ ଅଧିକାରୀ ଆର. କେ. ଭୁଏଙ୍କ କହିବା ଅନୁସାରେ, ଉକ୍ତ ମୃତଦେହ ପ୍ରାୟ ୨୪ଘଣ୍ଟା ମଧ୍ୟରେ ଫିଙ୍ଗାଯାଇଥିବା ସନ୍ଦେହ କରାଯାଉଛି। ଆଖପାଖ ସିସିଟିଭି ଓ ଲୋକଙ୍କୁ ପଚାରି ତଦନ୍ତ କରାଯାଉଛି। ଏପର୍ଯ୍ୟନ୍ତ ମୃତଦେହର କେହି ଦାବିଦାର ନାହାନ୍ତି। ଗୁରୁବାର ବ୍ୟବଚ୍ଛେଦ ପରେ ୩୬ ଘଣ୍ଟା ମଧ୍ୟରେ ପୋତାଯିବ ବୋଲି ଭୁଏ କହିଥିଲେ।



ବେଦବ୍ୟାସ ପୀଠରେ ବୁଧବାର ସକାଳେ ଶ୍ରଦ୍ଧାଳୁମାନେ ଧାଡିରେ ଛିଡ଼ା ହୋଇଛନ୍ତି।




ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ରହିଛନ୍ତି।



ରାଉରକେଲା ଏଡିଏମ୍ ବେଦବ୍ୟାସ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ଉପବାସ ରହି ଜାଗର ଜାଳିଲେ ଶ୍ରଦ୍ଧାଳୁ

**ବେଦବ୍ୟାସ ମେଳା ଉଦ୍‌ଘାଟିତ**

ରାଉରକେଲା/ବେଦବ୍ୟାସ,୨୬।୨
(ଦିନେଶ ମିଶ୍ର/ଦେବବ୍ରତ ବେହୁରା)

ମହାଶିବରାତ୍ରି ପାଇଁ ଇସ୍ପାତ ସହର ରାଉରକେଲାରେ ଥିବା ୫୦ରୁ ଊର୍ଦ୍ଧ୍ୱ ଶୈବପୀଠ ବୁଧବାର ଚଳଚଞ୍ଚଳ ହୋଇଉଠିଥିଲା। ପୂଜା କମିଟି ପକ୍ଷରୁ ମନ୍ଦିରକୁ ଆଲୋକୀକରଣ ସାଙ୍ଗକୁ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହ ମହାଶିବରାତ୍ରି ପାଳନକୁ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବେଦବ୍ୟାସ, ଦେଓଗାଁସ୍ଥିତ ତରକେରା, ହନୁମାନ ବାଟିକା, ପ୍ଲାଣ୍ଟସାଇଟ୍, ବାସନ୍ତୀ କଲୋନୀ, ଫର୍ଟିଲାଇଜର ଧବଳେଶ୍ୱର ପୀଠ, ସିଭିଲଟାଉନଶିପ୍, ପାନପୋଷ, ଛେଣ୍ଡ ସମେତ ବିଭିନ୍ନ ସେକ୍ଟର ଅଞ୍ଚଳ, ଝିରପାଣି, କୋଏଲନଗର ଆଦି ଅଞ୍ଚଳରେ ଥିବା ଶିବାଳୟରେ ଭକ୍ତମାନେ ସକାଳୁ ପ୍ରଜାର୍ଚ୍ଚନା କରିଥିଲେ ଏବଂ ରାତିରେ ଜାଗର ଦୀପ ଜାଳିଥିଲେ। ମନ୍ଦିରଗୁଡ଼ିକରେ ବିଧିମତେ ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିର ଶିଖରକୁ ମହାଦୀପ ଉଠିଥିଲା। ଏହାପରେ ଭକ୍ତମାନେ ଉପବାସ ଭାଙ୍ଗିଥିଲେ।

ବେଦବ୍ୟାସ ପୀଠରେ ଥିବା ବାଲୁଙ୍କେଶ୍ୱର ଓ ଚନ୍ଦ୍ରଶେଖର ବାବାଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ମୁଖ୍ୟ ପୂଜକ କୈଳାସ ଦେଉରୀ ପ୍ରାତଃ ସମୟରେ ସୂର୍ଯ୍ୟପୂଜା ପରେ ମହାଦେବଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ଭକ୍ତମାନେ ମହାଦେବଙ୍କ ଶୋଡ଼ଷ ଉପଚାରମନ୍ତ୍ର ପାଠ କରି ଦୀପ, ଧୂପ ଅର୍ପଣ କରି ଉପବାସ ରଖିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମହାଶିବରାତ୍ରିରେ ବେଦବ୍ୟାସ ପୀଠରେ ମେଳା ଆୟୋଜନ କରାଯାଇଛି। ଏହି ମେଳାକୁ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ମେଳା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ହନୁମାନ ବାଟିକାସ୍ଥିତ ଶୈବପୀଠ, ବାସନ୍ତୀ କଲୋନିସ୍ଥିତ ହରପାର୍ବତୀ ମନ୍ଦିର, ଛେଣ୍ଡ ଉମାଶଙ୍କର ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଉମାଶଙ୍କର ପୀଠରେ ଶିବରାତ୍ରି ସାଙ୍ଗକୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସେହିଭଳି ଦେଓଗାଁ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ବିଭିନ୍ନ ଶିବ ମନ୍ଦିରରେ ଜାଗର ଜାଳିବା ପାଇଁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା ସାଙ୍ଗକୁ ମନ୍ଦିର କମିଟି ପକ୍ଷରୁ ଘିଅ, ଅର୍ଘ୍ୟ, ପଣା, ପୁଷ୍ପମାଲ୍ୟ ଶ୍ରଦ୍ଧାଳୁମାନଙ୍କୁ ଯୋଗାଇ ଦିଆଯାଇଥିଲା। ବହୁ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସବୁ ମନ୍ଦିରରେ ବିଳମ୍ବିତ ରାତିରେ ମହାଦୀପ ଉଠିଥିବା ଜଣାପଡିଛି। ଜାଗରକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ନେଇ ବିଳମ୍ବିତ ରାତି ଯାଏ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜାରି କରାଯାଇଥିଲା।

## ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ବାଇକ୍, ଚାଳକ ମୃତ

ରାଉରକେଲା,୨୬।୨(ଦିନେଶ ମିଶ୍ର)

ଛେଣ୍ଡ ଥାନା ପ୍ରଧାନପାଲ୍ଲୀ ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଞ୍ଜନ କୁମାର ଦାସ(୧୯)। ଛେଣ୍ଡ ପୋଲିସ ଏକ ମାମଲା (ନଂ.୬୯/୨୫) ରୁଜୁ କରିଛି। ରଞ୍ଜନ ଏକ ବାଇକ୍ (ନଂ.ଓଡି୧୪ଏଏଚ୍/୪୮୪୬) ଯୋଗେ କଳିଙ୍ଗ ବିହାରରୁ ପ୍ରଧାନପାଲ୍ଲୀକୁ ଫେରୁଥିବାବେଳେ ଉମାଶଙ୍କର ପୀଠ ବୁଲାଣିରେ ରାସ୍ତାକଡ଼ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମହାଶିବରାତ୍ରିରେ ତ୍ରିମୂର୍ତ୍ତି ପରିକ୍ରମା ଶୋଭାଯାତ୍ରା

ରାଉରକେଲା,୨୬।୨(ଦିନେଶ ମିଶ୍ର)

ମହାଶିବରାତ୍ରି ପାଳନ ଅବସରରେ ବାସନ୍ତୀ କଲୋନିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ତ୍ରିମୂର୍ତ୍ତି ପରିକ୍ରମା ଶୋଭାଯାତ୍ରା ବୁଧବାର ରାଜଯୋଗିନୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଅତିରିକ୍ତ ଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଆରଜିଏଚ୍‌ର ଉପନିର୍ଦ୍ଦେଶକ ଡାକ୍ତର ପଣ୍ଡିତ ସାହୁ, ଆରଏସ୍‌ପିର ପୂର୍ବତନ ନିର୍ଦ୍ଦେଶକ ଅତନୁ ଭୌମିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବଙ୍କର ଜ୍ୟୋତିର୍ଲିଙ୍ଗ ନିର୍ମାଣ କରାଯାଇ ଏକ ଗାଡିରେ ସଜ୍ଜିତ କରି ବାସନ୍ତୀ କଲୋନି ପରିଭ୍ରମଣ କରାଯାଇଥିଲା। ରାଉରକେଲା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବହୁ ସଦସ୍ୟ ବାଇକ୍ ରାଲି କରିଥିଲେ। ପରେ ଏହି ଜ୍ୟୋତିର୍ଲିଙ୍ଗ ରଥ ସହର ପରିକ୍ରମା କରି ଜାଗରର ଉଦ୍ଦେଶ୍ୟ ଓ ମହାଶିବରାତ୍ରି ପାଳନର ମହତ୍ୱ ଉପରେ ଜନସାଧାରଣଙ୍କୁ ଅବଗତ କରିଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀଭାଇ ସହଯୋଗ କରିଥିଲେ।



ଶ୍ରଦ୍ଧାଳୁମାନେ ଶିବଲିଙ୍ଗରେ ପୁଷ୍ପ ଅର୍ପଣ କରୁଛନ୍ତି।

## ସ୍କୁଟିରୁ ଗଞ୍ଜେଇ ଜବତ

ରାଉରକେଲା,୨୬।୨(ସଙ୍ଗୀତା ଜେନା)

ସେକ୍ଟର-୭ ଥାନା ଅଧୀନ ସେକ୍ଟର-୫ ଆମ୍ବାଗାନ ଛକରୁ ମଙ୍ଗଳବାର ଭୋର ୫ଟାରେ ଜଣେ ବ୍ୟକ୍ତିଙ୍କ ସ୍କୁଟିରୁ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସେକ୍ଟର-୪ ଅଞ୍ଚଳର ହେମନ୍ତ ଦାସ (୫୫)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨.୫ କେଜି ଗଞ୍ଜେଇ ଜବତ ହୋଇଛି। ଏ ନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରିଛି।

## ୩ ମାସିଆ ଜୀବିକା ସୃଷ୍ଟିକାରୀ ସିଲେଇ ତାଲିମ ଆରମ୍ଭ




ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୬।୨(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ରାଞ୍ଚି ସ୍ଥିତ ଲିଡ୍ସ ସହଯୋଗରେ ନୂଆଗାଁ ଗ୍ରାମର ୨୦ଜଣ ବଞ୍ଚିତ ଶ୍ରେଣୀର ମହିଳାଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡା ଚିତ୍ରକଳା ଉପରେ ଏକ ତିନି ମାସିଆ ଜୀବିକା ସୃଷ୍ଟିକାରୀ ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ଏଚ୍‌ଆର ବିଭାଗର ସିଜିଏମ ଶ୍ରୀମନ୍ତ ପଣ୍ଡା ମୁଖ୍ୟଅତିଥି ଏବଂ ନୂଆଗାଁ ବିଡିଓ ଜ୍ୟୋତି ବିକାଶ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଲିଡ୍ସର ନିର୍ଦ୍ଦେଶକ ଏ. କେ. ସିଂହ ଏବଂ ବ୍ଲକ କାର୍ଯ୍ୟାଳୟର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗତ ୨୪ ତାରିଖରେ ନୂଆଗାଁ ବ୍ଲକ ଆଇସିଡିଏସ୍ ଆଲୋଚନା କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଜିଏମ୍ ପଣ୍ଡା ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ବଜାର ସୁଯୋଗ ସହ ସଂଯୋଜିତ କରି ଗ୍ରାମୀଣ ମହିଳାଙ୍କ ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଆଣିବାରେ ଏପରି ତାଲିମ ସହାୟକ ହେବା ଉପରେ ଆଲୋକପାତ କରିଥିଲେ। ଏହି ଅଞ୍ଚଳର ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ଲାଭଦାୟକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପ୍ରଚଳନ କରିବାରେ ଆର୍‌ଏସ୍‌ପି ଏବଂ ଲିଡ୍ସର ପ୍ରୟାସକୁ ବିଡ଼ିଓ ଦାଶ ପ୍ରଶଂସା କରିଥିଲେ। ସୁଶ୍ରୀ ମିତ୍ରା କାର୍ଯ୍ୟକ୍ରମ ଓ ଏହାର ରୂପରେଖ ବିଷୟବସ୍ତୁ ଉପରେ ସୂଚନା ଦେଇ ଏକ ଆତ୍ମନିର୍ଭରଶୀଳ ଇକୋସିଷ୍ଟମ ସୃଷ୍ଟି କରିବାରେ ପ୍ରକଳ୍ପର ଉଦ୍ଦେଶ୍ୟ ଏବଂ ଦୀର୍ଘକାଳୀନ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଉଦଘାଟନୀ ଅଧିବେଶନରେ ଆଦିବାସୀ ଯୁବପିଢିଙ୍କ ପାଇଁ ଜୀବିକା ନିର୍ବାହ ଉପାୟ ଭାବେ ଆଦିବାସୀ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ମୁକ୍ତମଞ୍ଚ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଏ. କେ ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଲିଡ୍ସର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ସୁଶ୍ରୀ ନିର୍ଝରିଣୀ ରଥ ଓ ସିଏସ୍‌ଆର ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧିରମ ଧନ୍ୟବାଦ ଅର୍ପଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ନିଯୁକ୍ତିଯୋଗ୍ୟ ଦକ୍ଷତା ବୃଦ୍ଧି କରିବା, ଆଦିବାସୀ କଳାକୁ ପ୍ରୋତ୍ସାହିତ କରିବା ସହ ଏହି ଅଞ୍ଚଳର ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ଏହି ପଦକ୍ଷେପର ଲକ୍ଷ୍ୟ । ଏହି ତ୍ରୈମାସିକ ପାଠ୍ୟକ୍ରମରେ ମାଷ୍ଟର ଟ୍ରେନର କନ୍ଥା ସିଲେଇ ଏବଂ କପଡା ଚିତ୍ରାଙ୍କନ କଳା ଉପରେ ଶିକ୍ଷା ପ୍ରଦାନ କରିବେ। ଫଳରେ ମହିଳାମାନଙ୍କୁ ରଙ୍ଗିନ ପୋଷାକ, ଗୃହ ସାଜସଜ୍ଜା ଏବଂ ଆନୁସଙ୍ଗିକ ସାମଗ୍ରୀ ଭଳି ବଜାର ବିକ୍ରି ଯୋଗ୍ୟ ଉତ୍ପାଦ ସୃଷ୍ଟି କରିବାରେ ସକ୍ଷମ କରିବ। ଏହାସହ ଏହି ପ୍ରକଳ୍ପରେ ଏକ ବଜାର ସଂଯୋଗ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଯାହା ୩ ମାସ ପରେ ହିତାଧିକାରୀଙ୍କ ଦ୍ୱାରା ତିଆରି ଉତ୍ପାଦଗୁଡ଼ିକ ବିକ୍ରି ପାଇଁ ବଜାରରେ ଉପଲବ୍ଧ ହେବ।

## ବେଦ ସାମାଜିକ ଜୀବନଚର୍ଯ୍ୟାର ସମ୍ବିଧାନ

ରାଉରକେଲା/ବେଦବ୍ୟାସ,୨୬।୨
(ବିପ୍ଲବ ରଞ୍ଜନ ଦାଶ/ଦେବବ୍ରତ ବେହୁରା)

ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମରେ ଚାଲିଥିବା ଋଷିବୋଧ ଉତ୍ସବର ବୁଧବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବେଦର ବିକଳ୍ପ ନାହିଁ ଏବଂ ଏହା ସାଧାରଣ ଜୀବନ ଶୈଳୀର ସାର୍ଥକ ସମ୍ବିଧାନ ବୋଲି ଉପସ୍ଥିତ ବିଶିଷ୍ଟ ବେଦବିତ୍‌ମାନେ ମତପ୍ରକାଶ କରିଛନ୍ତି । ଉତ୍ସବରେ ଅଧ୍ୟକ୍ଷତା କରି ଡ. ଦେବବ୍ରତ କହିଲେ, କେବଳ ଆମ ଭାରତୀୟ ସଂସ୍କୃତି ନୁହଁ, ଜର୍ମାନୀରେ ମଧ୍ୟ ବେଦର ପ୍ରଭାବ ରହିଛି। ଜର୍ମାନୀବାସୀ ବେଦ ଉପରେ ଅନେକ ଗବେଷଣା କରିଛନ୍ତି। ମହର୍ଷି ଦୟାନନ୍ଦ ସରସ୍ୱତୀ ବେଦରେ ୧୧୨୭ ଶାଖାର ସନ୍ଧାନ ପାଇଥିବାବେଳେ ସ୍ୱାମୀ ଭଗବତ ଦତ୍ତ ୧୧୩୧ ଶାଖାକୁ ସ୍ୱୀକାର କରିଥିବା ସେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ବୈଦିକ ବିଦ୍ୱାନ ସ୍ୱାମୀ ଆତ୍ମାନନ୍ଦ କହିଲେ, ପବିତ୍ର ମହା ଶିବରାତ୍ରି ଦିନ ବେଦ ଉଦ୍ଧାରକ ମହର୍ଷି ସ୍ୱାମୀ ଦୟାନନ୍ଦ ସରସତୀ ବୋଧଜ୍ଞାନ ହାସଲ କରିଥିଲେ। ବେଦ ଓ ସ୍ୱାମୀ ଦୟାନନ୍ଦ ପରସ୍ପର ପରିପୂରକ। ସାଧାରଣ ବ୍ୟକ୍ତି ବେଦକୁ ଭଲ ଭାବେ ବୁଝି ନିଜର ଜୀବନଚର୍ଯ୍ୟା ଅବଲମ୍ବନ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ବିଖ୍ୟାତ ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା କହିଲେ, ଭାରତୀୟ ସଂସ୍କୃତିରେ ପାଶ୍ଚାତ୍ୟର ଛାପ ପରିଲକ୍ଷିତ ହେବା ଅନୁଶୋଚନାର ବିଷୟ। ଅନେକ ଲୌକିକ ଦୃଷ୍ଟାନ୍ତ ଉପସ୍ଥାପନା କରି ସେ ଆଦର୍ଶ ପରିବାର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ବନବାସୀ ସନ୍ଦେଶ'କୁ ମଞ୍ଚାସୀନ ସାଧୁସନ୍ଥଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଗ୍ମୀ ସ୍ୱାମୀ ବିଶୁଦ୍ଧାନନ୍ଦ, ସ୍ୱାମୀ ସତନ୍ତ୍ରନନ୍ଦ, ବ୍ରହ୍ମଚାରୀ କବୀନ୍ଦ୍ର, ଡ. ଅପୂର୍ବ ଦେବଶର୍ମା, ଦିବ୍ୟ ଚେତନାନନ୍ଦ ବାନପ୍ରସ୍ଥ, ଡ. କୁମୁଦ ପଟେଲ, ଆଶ୍ରମର ସଞ୍ଚାଳକ ରାମଚନ୍ଦ୍ର ସାହୁ, ଟ୍ରଷ୍ଟି ଅକ୍ଷେଶ୍ୱର ଧାରୁଆ ପ୍ରମୁଖ ବେଦ ବିନା ସାମାଜିକ ଜୀବନ ନିରର୍ଥକ ବୋଲି ଅଭିହିତ କରିଥିଲେ। ଅପରାହ୍ନରେ ଆଶ୍ରମର ବ୍ରହ୍ମଚାରୀମାନେ ଶାରୀରିକ କ୍ରୀଡ଼ା ଓ କୌଶଳ ପ୍ରଦର୍ଶନ କରିଥିଲେ।



ସାଧୁସନ୍ଥମାନେ ବନବାସୀ ସନ୍ଦେଶକୁ ଲୋକାର୍ପଣ କରୁଛନ୍ତି।

## ଇଲେକ୍ଟ୍ରିକାଲ ଓ ପାୱାର ଦଳ ଚାମ୍ପିୟନ

**ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍**

ରାଉରକେଲା,୨୬।୨(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ପଞ୍ଚଦଶ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍-୨୦୨୫ରେ ଇଲେକ୍ଟ୍ରିକାଲ ଓ ପାୱାର ଦଳ ଚାମ୍ପିୟନ ହୋଇଛନ୍ତି। ଗତ ୨୫ତାରିଖରେ ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଇଲେକ୍ଟ୍ରିକାଲ ଓ ପାୱାର ଦଳ ୫ ଉଇକେଟରେ ଷ୍ଟିଲ ମେଲ୍ଟିଂ ଶପ୍-୨ ଦଳକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା, ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଫାଇନାଲରେ ଏସ୍‌ଏମ୍‌ଏସ୍-୨ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୧୧ରନ କରିଥିଲା। ଜବାବରେ ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳ ୧୪.୪ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳର ମନୋଜ ସାହୁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ସତ୍ୟ ରଥ ଓ ପ୍ରଶାନ୍ତ ମହାନ୍ତି ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ। ଇ ଏଣ୍ଡ ପି ଦଳର ପ୍ରଫୁଲ୍ଲ ସାହୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ରମାକାନ୍ତ ଦାସ ଶ୍ରେଷ୍ଠ ବୋଲର ପୁରସ୍କାର ଲାଭ କରିଥିଲେ। ପ୍ରାରମ୍ଭରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଏମ୍‌ଏସ୍ ବିଭାଗର ଅନୀଲ ମଲ୍ଲିକ ଓ ଏସ୍‌ଏମ୍‌ଏସ୍-୨ ବିଭାଗର ଛାୟାକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହରସେବା, କ୍ରୀଡା ବିଭାଗର ଜିଏମ୍ ଇନଚାର୍ଜ ଟି. ଜି କାନେକରଙ୍କ ମାର୍ଗଦର୍ଶନରେ ରଘୁନନ୍ଦନ ପାଢୀ ସମୁଦାୟ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ମୁକୁଳା ଡ୍ରେନ୍

- ଅଧା କଲଭର୍ଟ ପକାଇ ଅଧା ଭୁଲିଗଲେ ଠିକାଦାର
- ୨ ସପ୍ତାହ ମଧ୍ୟରେ ପଡିବ ଡ୍ରେନରେ କଲଭର୍ଟ: ଆରଏମ୍‌ସି

ରାଉରକେଲା,୨୬।୨(ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନଶିପସ୍ଥିତ କେଟିଏଚ୍ ଡାକ୍ତରଖାନା ସମ୍ମୁଖରେ ନିର୍ମିତ ନୂତନ ଡ୍ରେନ ଅଧାପନ୍ତରିଆ ଭାବେ ପଡିରହିଛି। ଏହି ଡ୍ରେନ ଉପରେ ଅଧା କଲଭର୍ଟ ପଡିଥିବାବେଳେ ଅବଶିଷ୍ଟ ମୁକୁଳା ଛାଡିଦିଆଯାଇଛି। ଫଳରେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବେଳେ ଦୁର୍ଘଟଣା ଆଶଙ୍କା ରହିଛି। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

କେଟିଏଚ୍ ଡାକ୍ତରଖାନା ସମ୍ମୁଖ ଡ୍ରେନ୍ ସିଭିଲଟାଉନଶିପ୍ ଅଞ୍ଚଳର ପ୍ରମୁଖ ଡ୍ରେନ ହୋଇଥିବାବେଳେ ଏହା ହନୁମାନ ବାଟିକା ଛକ ଡ୍ରେନ ସହ ସଂଯୁକ୍ତ ହୋଇ ସିଧାସଳଖ ପାନପୋଷ ମୁଖ୍ୟମାର୍ଗ ନାଳରେ ମିଶିଛି। ଏହି ଡ୍ରେନ୍ ହନୁମାନ ବାଟିକା କଡରେ ଥିବା ଖଟାଲ ବସ୍ତି, ବାଲୁଘାଟ ବସ୍ତି, ବଣିକ ସଂଘ କାର୍ଯ୍ୟାଳୟ ପଛପଟ ଦେଇ ଯାଇଛି। ଏହା ୨୦୧୯ ଫେବୃଆରୀ ମାସରେ ତିଆରି ହୋଇଥିଲା। ରାଉରକେଲାରେ ହକି ବିଶ୍ୱକପ ପୂର୍ବରୁ ଉକ୍ତ ଡ୍ରେନ କାମ ସମ୍ପୂର୍ଣ୍ଣ ଶେଷ ହେବା ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ଠିକାଦାର ଏହାକୁ ଅଧା କଲଭଟ ପକାଇ ଖୋଲା ଛାଡି ଦେଇଥିଲେ। ଡ୍ରେନ ମୁକୁଳା ଥିବାରୁ ଖଟାଲ ବସ୍ତି ଓ ଶୀତଳପଡା ବସ୍ତିବାସୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷ କରି ଏହି ବସ୍ତିରେ ବସବାସ କରୁଥିବା ବୁଲା ପଶୁ ମୁକୁଳା ଡ୍ରେନରେ ପଡି ଗୁରୁତର ହେଲେ। ସେହିପରି ବିଭିନ୍ନ ସମୟରେ ଏଥିରେ ଅପରିଷ୍କାର ପାଣି ଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲା। ଡ୍ରେନ ପାଣିରେ ମଶା, ମାଛି ବଂଶ ବୃଦ୍ଧି ଯୋଗୁ ବସ୍ତିବାସୀ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗରେ ପୀଡ଼ିତ ହେଲେ। ଏହାକୁ ନେଇ ବସ୍ତିବାସୀ ଆରଏମ୍‌ସି ନିକଟରେ ବାରମ୍ବାର ଅଭିଯୋଗ କରିବାରୁ ପୁଣିଥରେ ଏହି ମୁକୁଳା ଡ୍ରେନ ଉପରେ କଲଭଟ ପକାଇବାକୁ ଗତ ଦୁଇବର୍ଷ ତଳେ ନୂତନ ଟେଣ୍ଡର ହୋଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ମୁକୁଳା ଡ୍ରେନରେ ଅଧିକାଂଶ ସ୍ଥାନରେ କଲଭର୍ଟ ପକାଇ ନାଳ ସଫେଇ କରିବା ପାଇଁ ମଝିରେ ମଝିରେ ସ୍ଲାପ୍ ପାଇଁ ସ୍ଥାନ ଛଡାଯାଇଥିଲା। ଟେଣ୍ଡରରେ ସମ୍ପୂର୍ଣ୍ଣ ନାଳକୁ କଲଭର୍ଟ ପକାଇବା ବ୍ୟବସ୍ଥା ରହିଥିବାବେଳେ ଠିକାଦାର ଜଣଙ୍କ ନାଳର ଅଧାଅଂଶ କଲଭର୍ଟ ପକାଇ ଆଉ ଅଧାକୁ ପୁଣି ମୁକୁଳା ଛାଡି ଦେଇଥିଲେ। ବର୍ତ୍ତମାନ ନାଳଟି ମୁକୁଳା ହୋଇ ପଡିରହିଛି। ସ୍ଥାନୀୟ ଲୋକେ ନାଳ ଉପରେ କଲଭର୍ଟ ପକାଇ ଯାତାୟାତ କରୁଛନ୍ତି। ସେହିପରି ନାଳଟି ମୁକୁଳା ଥିବାରୁ ସ୍ଥାନୀୟ ବସ୍ତିବାସୀ ଏହା ଉପରେ ଶୌଚ କରିବା ସହ ଅଳିଆ ଆବର୍ଜନା ପକାଇ ଏହାକୁ ଜାମ୍ କରି ଦେଇଛନ୍ତି। ତେଣୁ ମୁକୁଳା ନାଳକୁ କଲଭର୍ଟ ପକାଇ ସମତୁଲ କରିବାକୁ ଆର୍‌ଏମ୍‌ସି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଏ ନେଇ ଆର୍‌ଏମ୍‌ସିର ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଅଞ୍ଚଳରେ ମୁକୁଳା ପଡିଥିବା ଡ୍ରେନ୍‌ର ଶୋଚନୀୟ ଅବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହାର ସ୍ଥିତି ଅନୁଧ୍ୟାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ।



ସିଭିଲଟାଉନଶିପ୍‌ରେ ମୁକୁଳା ପଡିଥିବା ଡ୍ରେନ୍।

## ମହା ଶିବରାତ୍ରିରେ ଶୈବପୀଠ ଚଳଚଞ୍ଚଳ

# ଦେବାଳୟ ହେଲା ଦୀପମୟ

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର)



ବାଲିବନ୍ଧା ସୋମନାଥ ମନ୍ଦିରରେ ଦୀପଜାଳି ଶ୍ରଦ୍ଧାଳୁ ଭକ୍ତ ବସିଛନ୍ତି।

ପବିତ୍ର ମହା ଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି ସମ୍ବଲପୁରର ବିଭିନ୍ନ ଶୈବପୀଠ। ଶୈବପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଭକ୍ତଙ୍କ ଓମ୍ ନମଃ ଶିବାୟ, ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି ସମସ୍ତ ଶୈବପୀଠ। ପବିତ୍ର ଶିବରାତ୍ରୀ ପାଇଁ ସହରର ସମସ୍ତ ଶିବାଳୟ ଗୁଡ଼ିକୁ ପୂର୍ବଦିନ ରାତ୍ରିରୁ ଉଜ୍ଜ୍ୱଳ ଓ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯିବା ସହିତ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବାଲିବନ୍ଧାର ସୋମନାଥ ମନ୍ଦିର, ବୁଢ଼ାରଜାର ପାହାଡ଼ଶ୍ୱର ବାବା ମନ୍ଦିର, ଦୁର୍ଗାପାଲିର ଗୁଡ଼େଶ୍ୱର ବାବାଙ୍କ ମନ୍ଦିର, ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର, ସାରସ୍ୱତ କଲୋନୀସ୍ଥିତ ଗୁପ୍ତେଶ୍ୱର ବାବା, ମାନେଶ୍ୱରର ମାନଧାତା ବାବାଙ୍କ ମନ୍ଦିର, ଭତରାର ଶଙ୍କରମଠ, ହାତୀବାରୀର କଙ୍କେଶ୍ୱର ବାବା, ହୁମାର ବିମଳେଶ୍ୱର ବାବାଙ୍କ ବକ୍ର ମନ୍ଦିର ଆଦି ଶୈବପୀଠ ଭକ୍ତଙ୍କ ଭିଡ଼ରେ ଉଛୁଳି ପଡିଥିଲା। ରାତି ବଢ଼ିବା ସାଙ୍ଗକୁ ଶିବାଳୟମାନଙ୍କରେ ଭକ୍ତଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଥିଲା।

ଭକ୍ତମାନେ ଦ୍ୱୀପଜାଳି ମହାଦେବଙ୍କୁ ଆରାଧନା କରିଥିଲେ। ସବୁ ଶୈବପୀଠ ଦୀପମୟ ହୋଇଯାଇଥିଲା। ସମ୍ବଲପୁରର ଅନ୍ୟତମ ସର୍ବପୁରାତନ ଶୈବପୀଠ ବାଲିବନ୍ଧାର ସୋମନାଥ ବାବାଙ୍କ ମନ୍ଦିରରେ ଭୋର ୪ ଟାରେ ଦ୍ୱାରଫିଟା ପରେ ପୂଜକଙ୍କ ଦ୍ୱାରା ଦେବଦେବ ମହାଦେବଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ସକାଳୁ ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତଙ୍କ ସସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ଉପବାସ ରଖି ମନ୍ଦିରରେ ଧାଡ଼ିରେ ବାବାଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ବୃଦ୍ଧି ପାଇଥିଲା। ଭକ୍ତମାନେ ରାତିତମାମ ଉଜାଗର ରହିଥିଲେ। ଭୋର ୩ଟା୪୦ରୁ ୪ଟା ମଧ୍ୟରେ ମହାଦୀପ ଉଠିଛି। ଶିବରାତ୍ରି ଉପଲକ୍ଷେ ବିଭିନ୍ନ ଶୈବପୀଠରେ ବିଭିନ୍ନ ପ୍ରକାର ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଶିବରାତ୍ରିରେ ଶୈବପୀଠରେ ଭକ୍ତଙ୍କ ଗହଳି

କୁଚିଣ୍ଡା,୨୬।୨(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଥିବା ଶୈବପୀଠ ମାନଙ୍କରେ ମହାଶିବରାତ୍ରୀ ଓ ଜାଗରଯାତ୍ରା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଭକ୍ତମାନେ ସକାଳୁ ଶିବାଳୟମାନଙ୍କୁ ଯାଇ ପ୍ରଭୁଙ୍କ ଲିଙ୍ଗ ଉପରେ ଜଳଲାଗି କରି ନିଜର ମଙ୍ଗଳ ମନାସିଥିଲେ। ଜମନକିରାର ମୁକ୍ତେଶ୍ୱର, ଡିମିରିମୁଣ୍ଡାର ଶଗଡେଶ୍ୱର, କୁଚିଣ୍ଡାର ବାବା କୁଣ୍ଡେଶ୍ୱର, ଜୟପୁରଗଡର ରୁଦ୍ରେଶ୍ୱର, ବାମରା ବୃବୁଡାରେ ଥିବା ମହାବୀର ଧାମ, କେନ୍ଦୁପାଣିର ଧବଳେଶ୍ୱର ମନ୍ଦିରଙ୍କ ସମେତ ଦୋଭାୟା, ଜରାବଗା, କର୍ମୁଲୋଇ, ପାନପାଲି, କିରା ଶାସନ, ପାରୁଆଭାଡି, ପତ୍ରାପାଲ ଆଦି ଶୈବପୀଠରେ ମହାପ୍ରଭୁଙ୍କ ଜାଗରଯାତ୍ରା ପାଳିତ ହେଉଛି। ମନ୍ଦିରମାନଙ୍କରେ ଭଜନ କିର୍ତ୍ତନ ସହ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ବିଜ୍ଞାନ, ଗଣିତ ମେଳାରେ ୪୫ପ୍ରକଳ୍ପ




କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ନାକଟିଦେଉଳ,୨୬।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ଟି ବିଜ୍ଞାନ ଓ ଗଣିତ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଗଣିତରେ ୭ମ ଶ୍ରେଣୀ ଛାତ୍ର ସନ୍ଦୀପ ପ୍ରଧାନ ଏବଂ ବିଜ୍ଞାନରେ ୮ମ ଶ୍ରେଣୀ ଛାତ୍ରୀ ରାନୀ ଓରାମ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗ ଗଣିତରେ ୩ୟ ଶ୍ରେଣୀ ଛାତ୍ର ଶୁଭମ ବିଶ୍ୱାଳ ଓ ବିଜ୍ଞାନରେ ୨ୟ ଶ୍ରେଣୀ ଛାତ୍ରୀ ଯମୁନା ପେଣ୍ଟେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଧାନଶିକ୍ଷକ ଚନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାମୁଯୋରୀ କ୍ଲଷ୍ଟର ସିଆରସିସି ଅଜୟ କୁମାର ବେହେରା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ସାହୁ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନିରୋଦ ଗଡ଼ତ୍ୟା, ପାଣ୍ଡ ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଏବଂ ବନବାସୀ ବେହେରା ସହଯୋଗ କରିଥିଲେ।

## ଅଯଥା ବିବାଦ ନ କରିବାକୁ ଜିତେନ୍ଦ୍ର ହରିପାଲଙ୍କ ଆହ୍ୱାନ

ସମ୍ବଲପୁର,୨୬।୨(ଭବାନୀ ଶଙ୍କର ଭୋଇ)

ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଏବଂ ଲୋକକବି ପଦ୍ମଶ୍ରୀ ହଳଧର ନାଗଙ୍କ ମଧ୍ୟରେ ପୁରୁଣା ଫୋନକଲ ରେକର୍ଡିଂକୁ ନେଇ ବିବାଦ କରିବାକୁ ସାମାଜିକ ଗଣମାଧ୍ୟମରେ ଚେଷ୍ଟା କରାଯାଉଛି। ବୁଧବାର ଏହା ଉପରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି ଡ. ହରିପାଲ। ସେ କହିଛନ୍ତି ପଦ୍ମଶ୍ରୀ ନାଗ ଏବଂ ତାଙ୍କ ଭିତରେ କୌଣସି ମତପାର୍ଥକ୍ୟ ନାହିଁ । ଏପରିକି ଅପପ୍ରଚାର ହେବା ପରେ ସେ ପଦ୍ମଶ୍ରୀ ନାଗଙ୍କ ବରଗଡ ଘେଁସସ୍ଥିତ ଘରକୁ ଯାଇ ସାକ୍ଷାତ୍ ଆଲୋଚନା କରିଥିବା ହରିପାଲ କହିଛନ୍ତି। ତେଣୁ ଅଯଥାରେ କେହି ପୁରୁଣା କଥାକୁ ନେଇ ବିବାଦକୁ ବଢାଇବାକୁ ଚେଷ୍ଟା କରନ୍ତୁନାହିଁ ବୋଲି ଏହି ଅବସରରେ ହରିପାଲ ଅନୁରୋଧ କରିଛନ୍ତି। ଉଭୟେ ଭିନ୍ନ କ୍ଷେତ୍ରରେ ହେଲେ ମଧ୍ୟ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଆଗକୁ ମଧ୍ୟ ନିଜର ଦାୟିତ୍ୱ ନିର୍ବାହ କରିବେ ବୋଲି ସେ କହିଛନ୍ତି। ଯେଉଁମାନେ ବିବାଦ ସୃଷ୍ଟି କରୁଛନ୍ତି ସେମାନେ ସେଥିରୁ କ୍ଷାନ୍ତ ନରହିଲେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପଦ୍ମଶ୍ରୀ ହରିପାଲ କହିଛନ୍ତି। ସୂଚନାଯୋଗ୍ୟ ଯେ, କେତେକ ବ୍ୟକ୍ତି ହଳଧର ନାଗଙ୍କ ଏକ ଫୋନ କଲକୁ ଆଧାର କରି ଡ ଜିତେନ୍ଦ୍ର ହରିପାଲଙ୍କ ସହ ମତାନ୍ତର ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା।

## ମହାଶିବ ରାତ୍ରି ପୂଜା, ଶ୍ରଦ୍ଧାଳୁ ଉଜାଗର



ଶୈବପୀଠରେ ସମବେତ ଶ୍ରଦ୍ଧାଳୁ।

ନାକଟିଦେଉଳ,୨୬।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠଗୁଡିକରେ ପବିତ୍ର ମହାଶିବ ରାତ୍ରି ପୂଜା ତଥା ଜାଗର ଯାତ୍ରା ପାଳିତ ହୋଇ ଯାଇଛି। ଏହି ଅବସରରେ ମନ୍ଦିର ପରିସରକୁ ବିଭିନ୍ନ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ସକାଳୁ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିର ଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ମାନେ ଲମ୍ବା ଧାଡିରେ ଛିଡା ହୋଇ ମହାଦେବଙ୍କ ଦର୍ଶନ କରିବା ସହ ଦ୍ୱୀପ ଜାଳି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ କୁଂଜାମୁରା, ସାହେବୀ ଏବଂ ଖୋଲଗଡ଼ ଶିବ ମନ୍ଦିରରେ ମନ୍ଦିର କମିଟି ସହ ଗ୍ରାମବାସୀଙ୍କ ସହଯୋଗରେ ନାମ ଯଜ୍ଞ ଆୟୋଜିତ ହୋଇଯାଇଛି। ସେହିପରି ନାକଟିଦେଉଳ କନକେଶର ଏବଂ ବିନ୍ଧେଶ୍ୱର ଶିବ ମନ୍ଦିର ପକ୍ଷରୁ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଗିରିଶ୍ଚନ୍ଦ୍ରପୁର, ସଡୋ, ପୀଠଉଁଗୁଡା, ବଳମ, ସରାପାଲି, ପଣ୍ଡୁଆଖୋଲ, ଶିମିଳିପାଳ, ଡଇଁଚା, ଘୋଷରାମାଳ, ଯାମୁଯୋରୀ, ଅଙ୍ଗାବିରା, ଆମ୍ବଝରି ଆଦି ଗ୍ରାମରେ ଥିବା ଶିବ ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇ ଯାଇଛି । ଶ୍ରଦ୍ଧାଳୁମାନେ ଦ୍ୱୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହି ପୂଜାର୍ଚ୍ଚନା କରିଥିଲେ।

## ହୁମା ବକ୍ର ମନ୍ଦିରରେ ଶିବରାତ୍ରି ମେଳା ଆରମ୍ଭ

ସମ୍ବଲପୁର,୨୬।୨(ଭବାନୀ ଶଙ୍କର ଭୋଇ)

ହୁମା ବକ୍ର ମନ୍ଦିର ବିମଳେଶ୍ୱର ବାବା ପୂଜା ସେବା କମିଟି ଓ ମହାଶିବରାତ୍ରୀ ଯାତ୍ରା କମିଟି ପକ୍ଷରୁ ବୁଧବାର ମହାଶିବ ରାତ୍ରଠାରୁ ସାତଦିନିଆ ଶିବରାତ୍ର ମେଳା ଆରମ୍ଭ ହୋଇଛି। ଭୋରୁ ୪ ଟାରେ ବାବାଙ୍କ ପହଡ଼ ଖୋଲାଯାଇ ବିଭିନ୍ନ ନୀତିକାନ୍ତି ସହ ମହାସ୍ନାନ ଓ ମଙ୍ଗଳ ଆରତୀ ସହ ଭକ୍ତଙ୍କ ଲାଗି ସାଧାରଣ ଦର୍ଶନ ବ୍ୟବସ୍ଥା ହୋଇଥିଲା। ବିମଳେଶ୍ୱର ବାବାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲାଗି ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଛି। ହୁମା ଗ୍ରାମପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯାଇଛି। ରାତିସାରା ଭକ୍ତ ମାନେ ଜାଗର ଜାଳି ଉପବାସ କରିବେ। ରାତି ୪ଟାରେ ମହାଦୀପ ଉଠିଥିଲା। ସେହପରି ବକ୍ର ମନ୍ଦିରରେ ସାତ ଦିନିଆ ଶିବରାତ୍ରୀ ମେଳା ଆରମ୍ଭ ହୋଇଛି। ବିବାହ ସାମଗ୍ରୀଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଏଠାରେ ବିକ୍ରୀ ହୋଇଥାଏ। ବୁଧବାର ସକାଳେ ରାଧାକାନ୍ତ ପାଣିଗ୍ରାହୀ ପାରାୟଣ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଏବଂ ପ୍ରାପ୍ତୀ ଆଚାର୍ଯ୍ୟଙ୍କ ପାରାୟଣ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭକ୍ତମାନଙ୍କ ପାଇଁ ପ୍ରସାଦ ଓ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଥିବା ମହାଶିବରାତ୍ରୀ ଯାତ୍ରା କମିଟି ସଭାପତି ଦିଲୀପ କୁମାର ମହାପାତ୍ର କହିଛନ୍ତି ।




ବକ୍ର ମନ୍ଦିର ପରିସରରେ ଶ୍ରଦ୍ଧାଳୁ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୁମକୁମ ମିଶ୍ରଙ୍କ ପରଲୋକ

ସମ୍ବଲପୁର,୨୫।୨(ଭବାନୀ ଶଙ୍କର ଭୋଇ)

ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୁମକୁମ ମିଶ୍ରଙ୍କର(୭୩) ମଙ୍ଗଳବାର ରାତିରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ପୁନେରେ ରହୁଥିବା ପୁଅ ସବ୍ୟସାଚୀ ନନ୍ଦ ସମ୍ବଲପୁର ପହଞ୍ଚିବା ପରେ ବୁଧବାର ଅପରାହ୍ନରେ ମନ୍ଦଲିଆସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କୁମକୁମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘଚାଳକ ବିପନ ବିହାରୀ ନନ୍ଦଙ୍କ ଧର୍ମପତ୍ନୀ ।

## ରଣକରି ଲ୍ୟାମ୍ପ୍ସ କର୍ମଚାରୀଙ୍କ ଖସିଯିବା ପ୍ରୟାସ

### ଲ୍ୟାମ୍ପ୍ସ କର୍ମଚାରୀଙ୍କ ନାଁରେ ରଣ ଘଟଣା

### ସ୍ତ୍ରୀଙ୍କ ନାଁରେ ଥିବା ଜମିକୁ ବନ୍ଧକ

କୁଚିଣ୍ଡା, ୨୬।୨(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ଲ୍ୟାମ୍ପ୍ସ(ବହୁମୁଖୀ ସେବା ସମବାୟ ସମିତି)ରେ ଜଣେ କର୍ମଚାରୀଙ୍କ ବେଆଇନ ରଣ ପାଇଁ ସ୍ତ୍ରୀଙ୍କ ନାମରେ ଥିବା ଜମିକୁ ବନ୍ଧକ ରେଜିଷ୍ଟ୍ରି ରଖି ନିୟମ ବହିର୍ଭୂତ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। କର୍ତ୍ତୃପକ୍ଷଙ୍କ ଏଭଳି ବେଆଇନ କାର୍ଯ୍ୟକୁ ଲ୍ୟାମ୍ପ ସମିତି ପରିଚାଳନା ପରିଷଦ (ବୋର୍ଡ) ସ୍ୱୀକୃତି ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

କୁଚିଣ୍ଡା ସମବାୟ ବିଭାଗ ସହକାରୀ ନିବନ୍ଧକ(ଏଆର୍‌ସିଏସ୍)ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନରେ ରହିଛି କୁସୁମୀ ଲ୍ୟାମ୍ପ୍ସ। ଚାଷୀଙ୍କ ପାଇଁ ଲ୍ୟାମ୍ପ୍ସ ରଣ ଉଦ୍ଦିଷ୍ଟ ହୋଇଥିବା ବେଳେ ଏହାର କର୍ମଚାରୀମାନେ ପରିଚାଳନା ପରିଷଦକୁ ହାତ କରି ବେଆଇନଭାବେ ରଣ ନେବା ଅଭିଯୋଗ ହୋଇଛି। ଲ୍ୟାମ୍ପ୍ସରେ ୨୦୨୪ ମସିହାରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଅଲେଖ ଚନ୍ଦ୍ର ନାଏକ ଏବଂ ଏମ୍‌ଡି କୈଳାସ ମାଝିଙ୍କ ନାମରେ ବେଆଇନ ରଣ ଉଠାଣ ଅଭିଯୋଗରେ ଭିଜିଲାନ୍ସ ତଦନ୍ତ ହୋଇଥିଲା। ଏମ୍‌ଡି ମାଝିଙ୍କ ନାମରେ ପ୍ରାୟ ୧୩ଲକ୍ଷ ଟଙ୍କାର ରଣ ଦୁର୍ନୀତି ଏବଂ ଆକାଉଣ୍ଟାଣ୍ଟ ନାଏକଙ୍କ ନାମରେ ୨୭ଲକ୍ଷ ୨୮ହଜାର ଟଙ୍କା କ୍ୟାଶ କ୍ରେଡିଟ ରଣର ଯାଞ୍ଚ କରିଥିଲା ଭିଜିଲାନ୍ସ। ସମ୍ବଲପୁର ଡିଆର୍‌ସିଏସ୍(ସମବାୟ ବିଭାଗ ଉପ ନିବନ୍ଧକ) ୨୦୨୪ ସେପ୍ଟେମ୍ବର ୫ରେ କୁସୁମୀ ଲ୍ୟାମ୍ପ୍ସକୁ ଆସି ତଦାରଖ କରିଥିଲେ। ତଦନ୍ତ ପରେ ପରେ ସେ କୁଚିଣ୍ଡା ଏଆର୍‌ସିଏସ୍ ଏବଂ ଲ୍ୟାମ୍ପ୍ସ ପରିଚାଳନା ପରିଷଦ ସଭାପତିଙ୍କୁ ଏମ୍‌ଡି ମାଝି ଓ ଆକାଉଣ୍ଟାଣ୍ଟ ନାଏକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରିଚାଳନା ପରିଷଦ ସଭାପତି କେବଳ ଏମ୍‌ଡି ମାଝିଙ୍କୁ ନିଲମ୍ବନ କରିଥିବା ବେଳେ ନାଏକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଓଲଟା ଆକାଉଣ୍ଟାଣ୍ଟ ନାଏକ ବେଆଇନ ଭାବେ ନେଇଥିବା କ୍ୟାଶ କ୍ରେଡିଟ ରଣକୁ ରଫାଦଫା କରିବା ଉଦ୍ଦେଶ୍ୟରେ ୨୦୨୪ ସେପ୍ଟେମ୍ବର ୧୭ରେ ତାଙ୍କ ସ୍ତ୍ରୀ ଜୟନ୍ତୀ ନାଏକଙ୍କ ନାମରେ ଥିବା ୪୬ଡିସିମିଲ ଜମିକୁ ବନ୍ଧକ ସୂତ୍ରରେ ରେଜିଷ୍ଟ୍ରି କରାଇଥିଲେ। ଏହାପରେ ଲ୍ୟାମ୍ପ ସମିତିର ବର୍ତ୍ତମାନର ଏମ୍‌ଡି ରଙ୍ଗବଲ୍ଲଭ ପ୍ରଧାନ ଏହାକୁ ଗ୍ରହଣ କରି ନାଏକଙ୍କ ଚାକିରିକୁ ବଳବତ୍ତର ରଖିଥିଲେ। ସ୍ୱାମୀଙ୍କ ବେଆଇନ ରଣରେ ସ୍ତ୍ରୀଙ୍କ କୌଣସି ଭାଗୀଦାରି ନାହିଁ। ଏଣୁ ଯଦି ଆକାଉଣ୍ଟାଣ୍ଟ ନାଏକ ରଣ ଟଙ୍କା ପରିଶୋଧ ନ କରନ୍ତି ତେବେ ସ୍ତ୍ରୀଙ୍କ ନାମରେ ଥିବା ଜମିଉପରେ ଲ୍ୟାମ୍ପ ସମିତି ହସ୍ତକ୍ଷେପ କରିବାର ସେଭଳି କୌଣସି ସରକାରୀ ପ୍ରାବଧାନ ନାହିଁ। ଏ ସମ୍ପର୍କରେ ସମିତି ଏମ୍‌ଡି ପ୍ରଧାନଙ୍କୁ ତାଙ୍କ ମୋବାଇଲ ନଂ. ୯୫୫୬୭୯୫୬୭୭ରେ ଯୋଗାଯୋଗ କରାଯାଇଥିଲା। ରିଂ ହୋଇଥିଲେ ବି ସେ ଫୋନ ରିସିଭ କରି ନ ଥିଲେ। କୁଚିଣ୍ଡା ସମବାୟ ବିଭାଗ ସହକାରୀ ନିବନ୍ଧକ ପ୍ରଦୀପ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଜିଲା ସମବାୟ ବ୍ୟାଙ୍କ କୁଚିଣ୍ଡା ଶାଖା ପରିଚାଳକ ସବନମ ପଟେଲ କହିଛନ୍ତି, ଜଣେ କର୍ମଚାରୀଙ୍କ ନାମରେ ଥିବା ଜମି ବନ୍ଧକ ରେଜିଷ୍ଟ୍ରି ହୋଇପାରିବ। କିନ୍ତୁ ଅନ୍ୟ ଜଣଙ୍କ ଜମି ବନ୍ଧକ ରେଜିଷ୍ଟ୍ରି ବେଆଇନ ବୋଲି ସେ କହିଛନ୍ତି।

## ପାନ ଭାରତୀୟ ସଂସ୍କୃତିର ଏକ ଅଂଶ




ସାମ୍ବାଦିକ ଭବନଠାରେ ପାନ ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

### ପାନ ଦିବସରେ ବହୁଭାଷୀ କବିତା ପାଠୋତ୍ସବ

ସମ୍ବଲପୁର,୨୬।୨(ବି.ଶଙ୍କର)

ସାହିତ୍ୟ ଅନୁଷ୍ଠାନ କଲମ ପରିବାର ଆୟୋଜନରେ ସମ୍ବଲପୁର ସାମ୍ବାଦିକ ଭବନଠାରେ ବିବିଧ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ବଲପୁର କଳାପରିଷଦ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପାନର ଭୂମିକା ଏବଂ ମହତ୍ୱ ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଛି। ପାନ ସମ୍ପର୍କକୁ ମଧୁର କରିଥାଏ । ପାନର ଉତ୍ପତ୍ତି ଦକ୍ଷିଣ ପୂର୍ବ ଏସିଆରେ ହୋଇଥିଲା। ଏହା ଭାରତୀୟ ସଂସ୍କୃତି ସହିତ ଜଡ଼ିତ ହୋଇଛି। ସେହିପରି ମହାଭାରତରେ ସ୍ଥାନ ପାଇ ଆଜି ପର୍ଯ୍ୟନ୍ତ ଜନଜୀବନରେ ଉଜ୍ଜିବୀତ ହୋଇ ରହିଆସିଛି। ପାନ ଔଷଧୀୟ ଗୁଣଧର୍ମ ପାଚନ କ୍ରିୟାକୁ ତ୍ୱରାନ୍ୱିତ କରେ। ତେଣୁ ପାନ ଭାରତୀୟ ସଂସ୍କୃତିର ଏକ ଅଂଶ ଅଟେ। ପାନ ସମ୍ପର୍କକୁ ମଧୁର କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜକ ଅନୁଷ୍ଠାନ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ପାନର ପୌରାଣିକ, ଐତିହାସିକ ଏବଂ ବର୍ତ୍ତମାନର ସ୍ଥିତି ବିଷୟରେ ଆଲୋକପାତ କରିଥିଲେ। ପାନର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। କିନ୍ତୁ ଏଥିରେ ମିଶାଯାଉଥିବା ଅନେକ ରାସାୟନିକ ଦ୍ରବ୍ୟ ଦୋକ୍ତା, କଡ଼ା ଗୁଣ୍ଡି ଆଦି ଶରୀରକୁ କ୍ଷତି ପହଞ୍ଚାଉଛି। ଯାହା ଫଳରେ କର୍କଟ ଭଳି ଦୁରାରୋଗ୍ୟ ବ୍ୟାଧି ହେଉଛି । ପାନ ଖାଇ ଏଣେ ତେଣେ ଛେପ ପକାଇ ଅପରିଷ୍କାର କରିବା ଦ୍ୱାରା ସ୍ୱଚ୍ଛ ଭାରତର ସ୍ୱପ୍ନକୁ ଦୁଃସ୍ୱପ୍ନରେ ପରିଣତ କରୁଛୁ। ତେଣୁ ପାନର ଉପଯୁକ୍ତ ବ୍ୟବହାର କରି ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କ ସଂକଳ୍ପ ହେବା ଉଚିତ । ଆଲୋଚନା କାର୍ଯ୍ୟକ୍ରମ ପରେ କବୟିତ୍ରୀ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭଞ୍ଜନ ପୁରୋହିତ, ଗଦାଧର ନିଆଲ, ଆଭାସ ପଣ୍ଡା, ସ୍ୱପ୍ନିକା ସାହୁ, ଶ୍ରୀକାନ୍ତ ମହାରଣା, କଳ୍ପନା ମହାପାତ୍ର, ସିଦ୍ଧି ସ୍ୱରୂପା ପାଢ଼ୀ, ସୁପ୍ରିୟା ଦାସ, ରମଣୀକାନ୍ତ ସାହୁ, ଧର୍ମେନ୍ଦ୍ର କୁମାର ପଟ୍ଟନାୟକ, ତ୍ରିଲୋଚନ ତ୍ରିପାଠୀ, ଘନଶ୍ୟାମ ଠାକୁର, କମଲ ଲୋଚନ ପଣ୍ଡା, କାହ୍ନୁ କେଶବ ବହିଦାର, ଲଳିତ ମୋହନ ବେବର୍ତ୍ତା, ବବଲୁ ବାଗ, ରାହୁଲ ଗୁପ୍ତା ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ କଳାକାରମାନେ ପାନ ଶୀର୍ଷକ ଗୀତ ଗାନ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ମିଠା ପାନ ବିତରଣ କରାଯାଇଥିଲା ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଲିଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଣଜୀ ଫାଇନାଲ: ବିଦର୍ଭ ୨୫୪/୪

**ନାଗପୁର,୨୬।୨(ପି.ଟି.)**

ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ବୁଧବାରଠାରୁ ବିଦର୍ଭ ଓ କେରଳ ମଧ୍ୟରେ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ ଆରମ୍ଭ ହୋଇଯାଇଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଦିନ ଶେଷ ସୁଦ୍ଧା ୪ ଉଇକେଟ ହରାଇ ୨୫୪ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଡାନିଶ ମାଲେୱାର ୧୩୮ ଓ ୟଶ ଠାକୁର ୫ ରନ କରି ଅପରାଜିତ ରହିଛନ୍ତି।

ଟସ ଜିତି କେରଳ ଅଧିନାୟକ ସଚିନ ବେବୀ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳର ଦୁଇ ପେସର ଏମଡି ନିଧିଶ ଓ ଏଡେନ ଆପଲ ଟମ ପ୍ରାରମ୍ଭିକ ଓଭରରେ ୩ ଉଇକେଟ ନେଇ ଅଧିନାୟକଙ୍କ ନିଷ୍ପତ୍ତିକୁ ସଠିକ ସାବ୍ୟସ୍ତ କରିଥିଲେ। ବିଦର୍ଭ ମାତ୍ର ୨୪ ରନରେ ୩ ଉଇକେଟ ହରାଇଥିଲା। ପାର୍ଥ ରେଖାଡେ ଖାତା ଖୋଲିପାରିନଥିବା ବେଳେ ଦର୍ଶନ ନାଲକଣ୍ଡେ ୧ ଓ ଧ୍ରୁବ ଶୋରେ ୧୬ ରନ କରି ଆଉଟ ହୋଇଥିଲେ। ଏହାପରେ ଡାନିଶ ମାଲେୱାର ଓ କରୁନ ନାୟର ଚତୁର୍ଥ ଉଇକେଟ ପାଇଁ ୨୧୫ ରନ ଯୋଡ଼ିଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ବେଳେ କରୁନ ୮୬ ରନ କରି ରନଆଉଟ ହୋଇଥିଲେ। ଏହିଠାରୁ ମାଲେୱାର ଓ ଠାକୁର ପ୍ରତିପକ୍ଷ କେରଳ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇନଥିଲେ। କେରଳ ପକ୍ଷରୁ ନିଧିଶ ଦୁଇଟି ଓ ଆପଲ ଟମ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ୨୫୪/୪(ଡାନିଶ ମାଲେୱାର-୧୩୮*, କରନ ନାୟର-୮୬, ଏମ ନିଧିଶ ୨/୩୩, ଏଡେନଆପଲଟମ-୧/୬୬)।


ଶତକ ହାସଲକାରୀ ଡାନିଶ ମାଲେୱାର।

## ପିଙ୍କ ଲେଡିଜ କପ ଫୁଟବଲ: କୋରିଆଠାରୁ ଭାରତ ହାରିଲା

**ଶାରଜା,୨୬।୨(ପି.ଟି.):** ଭାରତୀୟ ସିନିୟର ମହିଳା ଫୁଟବଲ ଦଳ ପିଙ୍କ ଲେଡିଜ କପ ଟୁର୍ନାମେଣ୍ଟରେ ପରାଜୟ ସହ ଅଭିଯାନ ଶେଷ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚରେ ଭାରତ ୦-୩ ଗୋଲରେ କୋରିଆଠାରୁ ପରାସ୍ତ ହୋଇଛି। ଫିଫା ର୍ୟାଙ୍କିଙ୍ଗରେ ୨୦ତମ ସ୍ଥାନରେ ଥିବା କୋରିଆ ଚୋଇ ୟୁଜଙ୍ଗ (ଅଷ୍ଟମ ମିନିଟ) ଓ ଚୋଇ ଡାଗୟେଓଙ୍ଗ (୨୭ତମ)ଙ୍କ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମୁନ ୟୁନଜୁ ୮୧ତମ ମିନିଟରେ ଦଳ ପାଇଁ ତୃତୀୟ ଗୋଲ କରିଥିଲେ। ପିଙ୍କ ଲେଡିଜ କପ ଟୁର୍ନାମେଣ୍ଟରେ ଭାରତ ୩ଟି ମ୍ୟାଚ ଖେଳିଥିଲା। ଭାରତ ପ୍ରଥମ ମ୍ୟାଚରେ ଜୋର୍ଡାନକୁ ହରାଇଥିବା ଥିବା ବେଳେ ଦ୍ୱିତୀୟ ମ୍ୟାଚରେ ରୁଷିଆଠାରୁ ପରାଜୟ ବରଣ କରିଥିଲା।

# ଓଡିଏମ୍, ଓଜିପି ବିଜୟୀ


କିଟ୍-ଓଡିଏମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୨୬।୨ (ବିଜୟ ରଣା)**

**ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍**

ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍ ୧୩ ବର୍ଷରୁ କମ୍ ମହିଳା ବିଭାଗରେ ବୁଧବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଓଡିଏମ୍ ଫୁଟ୍‌ବଲ ସ୍କୁଲ ୬-୨ ଗୋଲ୍‌ରେ କିଟ୍/କିସ୍‌କୁ ହରାଇ ଦେଇଛି। ବିଜୟୀ ଦଳ ତରଫରୁ ହର୍ଷିତା କୁମାରୀ (୨ୟ, ୯ମ, ୨୦ତମ ଓ ୨୩ତମ ମିନିଟ) ୪ଟି ଗୋଲ ସ୍କୋର କରିଥିବା ବେଳେ ଲିଜା ଚାଖି (୩୧ତମ ଓ ୪୦ତମ ମିନିଟ) ଦୁଇଟି ଗୋଲ୍ ଦେଇଥିଲେ। କିଟ୍ ତରଫରୁ ପ୍ରିୟା ଧରୁଆ (୨୫ତମ) ଓ ପ୍ରିୟଙ୍କା ମୁଣ୍ଡା (୪୫ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପରେ ଖେଳାଯାଇଥିବା ଦିନର ଦ୍ୱିତୀୟ ମ୍ୟାଚରେ ଓଜିପି ୮-୦ ଗୋଲ୍‌ରେ କିସ୍/କିଟ୍ ଦଳକୁ ହରାଇ ଦେଇଛି। ଓଜିପି ତରଫରୁ ରୁଲି ସେନାପତି ସର୍ବାଧିକ ୫ଟି (୪ର୍ଥ, ୯ମ, ୧୩ତମ, ୨୯ତମ ଓ ୩୩ତମ ମିନିଟ) ଗୋଲ୍ ଦେଇଥିବା ବେଳେ ଲଭ୍‌ଲି ବିଷୋଇ, ଅସ୍ମିନ ସାହୁ ଓ ପୁଷ୍ପାଞ୍ଜଳି ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।




ଧ-୩୦୮୮




ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ହକିର ବ୍ରୋଞ୍ଜ ବିଜୟୀ କିଟ୍ ମହିଳା ଦଳ।

# କିଟ୍ ମହିଳା ହକି ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର,୨୬।୨(ବିଜୟ ରଣା)**

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି**

ଅମୃତସରସ୍ଥିତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଖେଲୋ ଇଣ୍ଡିଆ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମଗ୍ର ଦେଶର ଟପ୍ ୧୬ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲେ। ଏଥିରେ କିଟ୍ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ କିଟ୍ ଦଳ ଲଢୁଆ ପ୍ରଦର୍ଶନ କରି ୪-୩ ଗୋଲ୍‌ରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲା। ପ୍ରତିଯୋଗିତାରେ କିଟ୍ ଏହାର ପ୍ରଥମ ମ୍ୟାଚ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟଠାରୁ ୧-୦ ଗୋଲରେ ହାରିଯାଇଥିଲା। ତେବେ ଦଳ ଏହାର ଦ୍ୱିତୀୟ ମ୍ୟାଚରେ କୋଏମ୍ବାଟୁରର ଭରତିଆର ବିଶ୍ୱବିଦ୍ୟାଳୟକୁ ୩-୨ରେ ହରାଇ ଦେଇଥିଲା। ପରେ ଦଳ ୨-୧ ଗୋଲ୍‌ରେ ଭୋପାଳର ରବୀନ୍ଦ୍ରନାଥ ଟାଗୋର ୟୁନିଭର୍ସିଟିକୁ ପରାସ୍ତ କରି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲା। ଏହି ପର୍ଯ୍ୟାୟରେ ଦଳ ଫଗୱାରାର ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ୩-୨ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ଗ୍ୱାଲିୟରର ଆଇଟିଏମ୍ ୟୁନିଭର୍ସିଟିଠାରୁ ୨-୦ ଗୋଲରେ ପରାଜିତ ହୋଇଥିଲା। ଫଳରେ ଦଳକୁ ତୃତୀୟ ସ୍ଥାନ ତଥା ବ୍ରୋଞ୍ଜ ପଦକ ପାଇଁ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ସହ ମୁକାବିଲା କରିବାକୁ ପଡ଼ିଥିଲା।


# Classified Everyday
0674-2580101, 9692975378




**SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

G+2 storied building, opposite Hyundai Showroom, Uttara, Bhubaneswar. Call- 8917520527. D-3062

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9778832554, 9437226965.** D-3082

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ground floor single room attached toilet for Office space at VSSnagar- 7873657633. D-3087

**AFFIDAVIT**

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 11.02.2025 I, Alina Behera, Wife of Rabindra Behera, Address: Haripur, P.O.- Haripur Jemadeipur, P.S.- Sukinda, Dist.- Jajpur, Odisha- 755018 declare that I have changed my name from ELINA PRIYADARSHINI ROUT (Pre marriage) to ALINA BEHERA (Post marriage). Henceforth, she shall be known as ALINA BEHERA for all purposes. Alina Behera D-76423

By virtue of an affidavit sworn before the Executive Magistrate, Cuttack on dated 24.02.2025, I Aparna Dei, Address: Kendujhar Bazar, Old Town, Kendujhar, Odisha 758001, have changed my name from Aparna Rout to Aparna Dei. Henceforth, I shall be known as Aparna Dei for all purposes. Aparna Dei D-3085

By virtue of an affidavit sworn before the Executive Magistrate, Bhubaneswar, on dated 25th February 2025, I, Mrs. Laxmipriya Barik, Address: Chandimangal, Singhanath Pitha, Badamba, Cuttack, Odisha 754031 have changed my name from 'Laxmi Barik' to "Laxmipriya Barik". Henceforth, I shall be known as "Laxmipriya Barik" for all purposes. Laxmipriya Barik D- 3083

By virtue of an affidavit sworn before Notary Cuttack, dated 10.01.2025 Vide affidavit No.- 72AA911198, I Mrs. Umme Salma, W/o- Shaikh Sazit, Vill- Rangatota, P.O./P.S.- Nayahat, Dist.- Puri, declare that my son's name wrongly mentioned in bearing Aadhaar Card No.- xxxx xxxx 6033, Sk. Ayaan instead of his full and Original name Shaikh Ayaan. Now onwards Sk Ayaan and Shaikh Ayaan, S/o- Shaikh Sazit of all aforementioned address is one and the same person. Henceforth, he will be known as Shaikh Ayaan for all purposes. D-3086

I Sanuj Sahu, S/o- Saheb Sahu resident of Manasila Badasahi, Bellagam, Polasara, Ganjam, Odisha, 761105 have changed my name to Sanuj Saheb Sahu for all Purposes for all future purposes. D-3091

I, Kiran Manish Kumar, D/o- Late Lakhan Lal Mali, Resident of Ward No.- 22, Mangal Bazar, P.O.- Jharsuguda, Dist.- Jharsuguda, Odisha, PIN- 768201 declare by this affidavit No.- 19 dated 24.02.2025 that now and onwards I shall be known as Kiran Mali for all future purpose. D-3089

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଶନ କୁମାର ପଟ୍ଟନାୟକ**
(Retd. Asst. Auditor General of Co-operative Society)
ତିରୋଧାନ- ୧୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ- ମା' ଇତି ସୁଧା ଦାସ, ପୁଅ ସାର୍ଥକ ପଟ୍ଟନାୟକ, ସାହିଲ ପଟ୍ଟନାୟକ ଓ ପରିବାରବର୍ଗ।
ଧ-୩୦୯୦

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ହରିପ୍ରିୟା ମହାନ୍ତି**
ଆବିର୍ଭାବ- 10.05.1932
ତିରୋଧାନ- 17.02.2025
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"
ଶ୍ରଦ୍ଧାଞ୍ଜଳି ସହ- ବନ୍ଧୁ, ପ୍ରିୟଜନ ଓ ପରିବାରବର୍ଗ।
ବିପ୍ର କୁଟିର, ଖାରବେଳ ନଗର, ୟୁନିଟ୍-3, ଭୁବନେଶ୍ୱର-1
ଧ-୩୦୯୪


# ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ


ପୁରସ୍କାର ଓ ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୬।୨ (ବିଜୟ ରଣା)**

**ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍**

ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ସ୍ଥାନୀୟ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ୫ମ ବି.ବି. ସାହୁ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ୱପ୍ନିଲ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ସମାନ ୪୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ରତ୍ୟେକ ୪ ପଏଣ୍ଟ ସହ ୩ୟରୁ ୭ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଖେଳାଳିମାନେ ହେଲେ ପ୍ରତ୍ୟୁଷ ମହାପାତ୍ର (କଟକ), ଶଶ୍ୱତ ସୌମ୍ୟବ୍ରତ (ଭୁବନେଶ୍ୱର), ହର୍ଷ ରାଜ (ଭୁବନେଶ୍ୱର), ଦୀପ୍ତି ରଞ୍ଜନ ନାୟକ (ଯାଜପୁର) ଓ ଓମ୍ ଆଦିତ୍ୟ ଖାଡେଙ୍ଗା (ଭୁବନେଶ୍ୱର)। ଅନ୍ୟପକ୍ଷରେ ଭିମସେନ ପ୍ରଧାନ (୭୫ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଏହାଛଡ଼ା ବାଳିକା ବିଭାଗ ଏବଂ ୧୩ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୯ ବର୍ଷରୁ କମ୍ ଏବଂ ୭ ବର୍ଷରୁ କମ୍ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆସିଷ୍ଟାଣ୍ଟ ପ୍ରଫେସର ଡ. ରୀତେଶ କୁମାର ଦୁବେ, ରୟାଲ ପବ୍ଲିକ ସ୍କୁଲର ଭାଇସ୍-ପ୍ରିନ୍ସପାଲ ପ୍ରଜ୍ଞାପରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ବିଶ୍ୱଦର୍ଶନୀ ବିସ୍ମିତାରାଣୀ ସାହୁଙ୍କ ସ୍ୱାମୀ ତଥା ସୁନିୟର ଆଡଭୋକେଟ୍ ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୩୬ ଅଲିମ୍ପିକ ବିଡ୍‌କୁ ଲକ୍ଷ୍ୟ ରଖି କମିଟି ଗଠନ

**ନୂଆଦିଲ୍ଲୀ, ୨୬।୨(ପି.ଟି.)**

ଦେଶରେ ୨୦୩୬ ଅଲିମ୍ପିକ ଆୟୋଜନ ପାଇଁ ବିଡ୍ ଦାଖଲ କରିବା ଭାରତ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ଏହାକୁ ଧ୍ୟାନରେ ରଖି ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସଏଫ୍)ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ମାନଦଣ୍ଡ ସଂଶୋଧନ ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଏକ ୬ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛି। କେନ୍ଦ୍ର କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ କୁନାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଟପ୍ସ) ରିତୁ ପାଠକ, ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍(ଟପ୍ସ)ର ସିଇଓ ଏନ୍. ଏସ୍. ଜୋହାଲ, ପୂର୍ବତନ ଟପ୍ସ ସିଇଓ ଅବସରପ୍ରାପ୍ତ ପି.କେ. ଗର୍ଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍)ର ସଭାପତି ସହଦେବ ଯାଦବ ପ୍ରମୁଖ ସଦସ୍ୟ ରହିଛନ୍ତି। ଯାଦବ ଆହୁରି ମଧ୍ୟ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର କୋଷାଧ୍ୟକ୍ଷ ଅଛନ୍ତି। ସୂଚନାଯୋଗ୍ୟ, ଭାରତ ଗତ ନଭେମ୍ବରରେ ୨୦୩୬ ଅଲିମ୍ପିକ ଓ ପାରାଅଲିମ୍ପିକ ଗେମ୍ସ ଆୟୋଜନ ପାଇଁ ନିଜର ଇଚ୍ଛା ଜାହିର କରି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଫ୍ୟୁଚର ହୋଷ୍ଟ କମିଶନ ନିକଟକୁ 'ଲେଟର ଅଫ୍ ଇଣ୍ଟେଣ୍ଟ' ଶୀର୍ଷକ ଏକ ଚିଠି ପଠାଇଥିଲା। ଆଇଓସି ସହିତ ବହୁବାର ଅଣଆନୁଷ୍ଠାନିକ ଆଲୋଚନା ପରେ ଭାରତ ତା'ର ଏହି ଉଚ୍ଚାଭିଳାଷ ଯୋଜନା ପାଇଁ ପ୍ରଥମ ପଦକ୍ଷେପ ନେଇଥିଲା। ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ ସହାୟତା ସ୍କିମ୍ ଅଧୀନରେ ଦେଶରେ ଟୁର୍ନାମେଣ୍ଟ ଆୟୋଜନ, ବିଦେଶରେ ଆୟୋଜିତ ଟୁର୍ନାମେଣ୍ଟରେ ଅଂଶଗ୍ରହଣ, କୋଚିଂ ସେସନ ଆୟୋଜନ ଏବଂ ଆବଶ୍ୟକ କ୍ରୀଡ଼ା ସରଞ୍ଜାମ କ୍ରୟ ଆଦି ରହିଛି। ଏହାଛଡ଼ା ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ଶୀର୍ଷ ସ୍ତରୀୟ ଟ୍ରେନିଂର ବ୍ୟବସ୍ଥା କରାଇବା ଆଦି ଅନ୍ତର୍ଭୁକ୍ତ। ସଦ୍ୟତମ ବାର୍ଷିକ ବଜେଟରେ ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଲାଗି ସହାୟତା ରାଶି ୪୦୦ କୋଟିକୁ ବୃଦ୍ଧି କରିଛି। ଗତବର୍ଷ ଏହାର ପରିମାଣ ୩୪୦ କୋଟି ରହିଥିଲା।

## ନୁସରତଙ୍କ ଅସରପା ଉପାଖ୍ୟାନ



ନୁସରତ ଭରୁଚା ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? ଅସରପା। ଏକଦା ଏକ ଇନ୍‌ଡୋର ଶୁଟିଂ ସମୟରେ ସେ ଅସରପାଟିଏ ଦେଖିଦେଲେ ଯେ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଏ ନେଇ ନୁସରତ କହନ୍ତି, ‘‘ସତ କଥା ହେଲା ଅସରପା ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ନିଜକୁ ପ୍ରସ୍ତୁତ କରି କ୍ୟାମେରା ସାମ୍ନା କରିବାକୁ ଯିବାବେଳକୁ ମୋର ଆଖି ଗୋଟିଏ ଅସରପା ଉପରେ ପଡିଯାଇଥିଲା। ତା'ପରେ ମୁଁ ଡାଏଲଗ କହିବି କ'ଣ ଭୟରେ କ୍ୟାମେରା ସାମ୍ନାରୁ ଦୌଡି ପଳାଇ ଆସିଥିଲି।’’ ସେ ଅଭିନୟ କରିଥିବା ‘ଜନହିତ ମେଁ ଜାରି’ର ସ୍ପେଶାଲ ସ୍କ୍ରିନିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ନୁସରତଙ୍କ ନିକଟକୁ ଆସି କହିଲେ ଯେ, ସେ ତାଙ୍କୁ ଫିଲ୍ମରେ ଚିହ୍ନିପାରିଲେ ନାହିଁ। ଏକଥା ଶୁଣି ଏହି ନାୟିକା ଟିକେ ଚମକି ପଡିଥିଲେ। ହେଲେ ବ୍ୟକ୍ତି ଜଣକ ତାଙ୍କ ସହ ମଜା କରୁଥିଲା କହିବା ପରେ ନୁସରତଙ୍କ ମୁହଁରେ ଖୁସିର ଲହରି ଖେଳିଯାଇଥିଲା।

## ଆଇଟମ୍ ପାଇଁ ଟେନ୍‌ସନ



ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କିଛି ଦିନ ପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତରେ ନାଚିବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ମୃଣାଳ କହନ୍ତି, ‘‘ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବିଚିନ୍ତି ଡିସିସନ ନେବି।’’

## ବାର ଘଣ୍ଟା ପରେ....

ଥରେ ମନେପକାନ୍ତୁ ନା ଅନିଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ ‘ଗଦ୍ଦର-ଏକ ପ୍ରେମ କଥା'କୁ। ଏଥିରେ ସନି ଦେଓଲଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନିଙ୍କ ନାୟିକା ସାଜିଥିଲେ ଅମିଷା ପଟେଲ। ହେଲେ ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ସେ ନେଇ ଏକ ଅଡିଶନ୍ ହୋଇଥିଲା। ଏହି ଅଡିଶନ୍‌ରେ ୫୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ହାତୀ ଅମିଷାଙ୍କ ମୁଣ୍ଡରେ ହିଁ ସୁନା କଳସ ଢାଳିଥିଲା। ଖାସ୍ କଥା ହେଲା, ଅମିଷାଙ୍କ ଅଡିଶନ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡ ବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମିଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା ‘କହୋ ନା ପ୍ୟାର ହୈ’। ହେଲେ ନିଜର ବଲିଉଡ୍ କ୍ୟାରିୟରରେ ବେଶ୍ ଉତ୍ଥାନ ପତନ ଦେଇ ଗତିକରିଥିଲେ ଅମିଷା। ‘‘ବଲିଉଡ୍‌ରେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଦର୍ଶକମାନଙ୍କ ପାଖରେ ମୁଁ ସବୁବେଳେ ଋଣୀ ହୋଇ ରହିବି ବୋଲି ସେ କହନ୍ତି।’’



ଅମିଷା

## ଘାଙ୍କୋଇ ଆସୁଛି ଦିନ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଘମାଘୋଟ’। ଖାସ୍ କଥା ହେଲା ସବୁ ପ୍ରତୀକ୍ଷାର ଅବସାନ ଘଟାଇ ଏହି ଚିତ୍ରଟି ଆସନ୍ତା ମାସ ୧୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଫିଲ୍ମଟିର ପ୍ରମୋଶନ ପାଇଁ ସମସ୍ତ ଷ୍ଟାରକାଷ୍ଟ ପୂରାଦମ୍‌ରେ ଲାଗିପଡିଛନ୍ତି। ଏହାର କାହାଣୀରେ ଆକ୍ସନ, ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଉକ୍ତ ସିନେମାକୁ ପ୍ରଯୋଜନା କରିଛନ୍ତି କୌଶିକ ଦାସ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରାଜା ଡି। ଫିଲ୍ମଟିର କାହାଣୀ, କଳାକାର ଚୟନ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନାରେ ସବୁ ଦିଗକୁ ଦୃଷ୍ଟି ଦିଆଯାଇଛି। ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ବିଶ୍ୱାସ ରଖନ୍ତି ନିର୍ଦ୍ଦେଶକ। ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା, ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ,କେକେ, ରାଜେଶ ସାହୁ, ଜଣ୍ଟି, ଏଇମନ ପ୍ରଧାନ , ବିଭାସ ଓ ନବାଗତା ଜୟଶ୍ରୀ ଷଡ଼ଙ୍ଗୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଓ ସୂର୍ଯ୍ୟଜୀ ।

ତେବେ ଫିଲ୍ମକୁ ନେଇ ନିର୍ମାତା ଖୁବ୍ ଆଶାବାଦୀ ରହିଛନ୍ତି ଓ ଏହି ଫିଲ୍ମର କାହାଣୀ ଓ ବିଷୟବସ୍ତୁ ପ୍ରତ୍ୟେକ ଓଡ଼ିଆଙ୍କ ମନକୁ ପାଇବ ବୋଲି ଆଶା ଓ ବିଶ୍ୱାସ ରଖିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।



‘ଘମାଘୋଟ’ ଫିଲ୍ମର ପୋଷ୍ଟର

# ଟୁ-ଇନ୍-ୱାନ୍ କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଆକ୍ଟିଂ ସହ ଆଉ ଏକ କ୍ଷେତ୍ରରେ ସେ ପାଦ ଦେବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେ ଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ କାର୍ତ୍ତିକ କହନ୍ତି, ‘ଥରେ ମୋର ଜଣେ ବନ୍ଧୁଙ୍କ ସହ ଆଲୋଚନା କରିଥିଲି। ସେହି ସମୟରେ ସେ ମୋତେ ସୋସିଆଲ ସର୍ଭିସରେ ଜଡିତ ହେବାକୁ ପରାମର୍ଶ ଦେଇଥିଲେ। ଏହା ଉପରେ ସେତେବେଳେ ବିଶଦ ଭାବରେ ଆଲୋଚନା କରିଥିଲୁ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିଥିଲି। ଏବେ ସମାଜସେବା କରିବାକୁ ମାଇଣ୍ଡ ମେକ୍‌ଅପ କରିସାରିଛି। ତା'ସହ ମୋର ପ୍ରତିଟି ଫିଲ୍ମରୁ ମୋତେ ଯାହା ରେମୁନରେଶନ ମିଳିବ ସେଥିରୁ କିଛି ଏଥିଲାଗି ଖର୍ଚ୍ଚ କରିବି।' କାର୍ତ୍ତିକଙ୍କ ଅଭିନୀତ ‘ଭୁଲ ଭୁଲେୟାଁ-୨’ ବକ୍ସ ଅଫିସରେ ଭଲ ବିଜ୍‌ନେସ କରିଥିଲା। କାର୍ତ୍ତିକଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୧ରେ, ଆଉ ତାଙ୍କର ପ୍ରଥମ ସିନେମାର ଟାଇଟଲ ଥିଲା ‘ପ୍ୟାର୍ କା ପଞ୍ଚନାମା’। ତା'ପରେ ସେ ‘ଆକାଶବାଣୀ’, ‘ଗେଷ୍ଟ ଇନ୍ ଲଣ୍ଡନ’, ‘ଲୁକ୍କା ଛୁପି’, ‘ପତି ପତ୍ନୀ ଔର ଓ’, ‘ଲଭ୍ ଆଜ୍ କଲ୍’, ‘ଭୁଲ ଭୁଲେୟାଁ ୨’, ‘ଶେହେଜାଦା’, ‘ତୁ ଝୁଟି ମେଁ ମକ୍କାର’ ଆଦି ସିନେମାରେ ଅଭିନୟ କରିସାରିଛନ୍ତି। ଏବେ ସେ ଅନୁରାଗ ବସୁଙ୍କ ଏକ ଅନ୍‌ଟାଇଟଲ୍‌ଡ୍ ଫିଲ୍ମରେ ଅଭିନୟ କରୁଛନ୍ତି।



କାର୍ତ୍ତିକ

## ଯାହା ଭାବୁଥିଲେ ସମ୍ବିତ

ଚଳିତ ମାସ ୧୪ ତାରିଖରେ ରିଲିଜ ହୋଇଛି ଓଡ଼ିଆ ସିନେମା ‘ଭାଲେଣ୍ଟାଇନ୍’। ପ୍ରାରମ୍ଭରୁ ଫିଲ୍ମଟି ସଫଳତା ସାଉଁଟିବା ପରେ ବେଶ୍ ଖୁସି ଅଛନ୍ତି ଏହାର କାହାଣୀକାର, ପ୍ରଯୋଜକ ତଥା ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ସମ୍ବିତ କୁମାର ସାହୁ। ଏହି ଫିଲ୍ମର ସଫଳତାକୁ ନେଇ ସେ ଯାହା ପୂର୍ବାନୁମାନ କରିଥିଲେ ତାହା ସତ ହୋଇଛି। ଅବଶ୍ୟ ଏହାପୂର୍ବରୁ ସେ ରିଲିଜ ହୋଇସାରିଥିବା ଓଡ଼ିଆ ସିନେମା ‘ତୁ ମୋ ସୁଇଟ୍ ସିକ୍ସଟିନ୍’ ଏବଂ ‘ନାରୀ ନୁହେଁ ତୁ ଅର୍ଦ୍ଧନାରୀ’ରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ‘ଭାଲେଣ୍ଟାଇନ୍’ ବିଷୟରେ ସେ କହନ୍ତି, ‘‘ଯେତେବେଳେ ମୁଁ ଏହାର କାହାଣୀ ରଚନା କଲି ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏହାକୁ ଆଧାର କରି ନିର୍ମିତ ହେବାକୁ ଥିବା ସିନେମାଟିକୁ ନିଶ୍ଚୟ ଦର୍ଶକ ଗ୍ରହଣ କରିବେ। ଏଥିରେ ମୁଁ ଜଣେ ନୋଳିଆ ବସ୍ତିର ଯୁବକ ଭୂମିକାରେ ଅଭିନୟ କରିଛି। ଏଭଳି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଥିଲି। ଯାହାହେଉ ମୋର ପରିଶ୍ରମର ମୂଲ୍ୟ ମିଳିଛି। ଏବେ ଆଉ ଦୁଇଟି କାହାଣୀକୁ ଚୂଡାନ୍ତ ରୂପରେଖ ଦେଉଛି।’’ ଏହି ଫିଲ୍ମର ଚିତ୍ରନାଟ୍ୟ, ସଂଳାପ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାନସ ସାହୁ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୋବିନ୍ଦ ସେନାପତି, ଗଗନ ବେଉରା ଏବଂ ଶ୍ରୀନିବାସ ବିଶ୍ୱାଳ। ସମ୍ବିତଙ୍କ ବ୍ୟତୀତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ବର୍ଷା, ଅଭି, ମାମାଲି, ବୀରେନ ମିଶ୍ର, ମିତା ଚକ୍ରବର୍ତ୍ତୀ, ପାୟଲ ଏବଂ ଟନିଆ ପ୍ରମୁଖ କଳାକାର।



ସମ୍ବିତ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୭/୨୦୨୫ Bhubaneswar, Thursday, February 27/ 2025




ଜଲାଲାବାଦରେ ଇଂଲଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ଆଫଗାନିସ୍ତାନ ପ୍ରଶଂସକ।

# ଆଫଗାନିସ୍ତାନର ରୋମାଞ୍ଚକ ବିଜୟ

ଲାହୋର,୨୬।୨

ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଅଷ୍ଟମ ମ୍ୟାଚରେ ଆଫଗାନିସ୍ତାନ ୮ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଆଫଗାନିସ୍ତାନ ଦ୍ୱାରା ପ୍ରଦତ୍ତ ୩୨୬ ରନର ଟାର୍ଗେଟ ଆଗରେ ଇଂଲଣ୍ଡ ୩୧୭ ରନରେ ଅଲଆଉଟ ହୋଇଯାଇଥିଲା। ଏହି ବିଜୟରୁ ୨ ପଏଣ୍ଟ ପାଇ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିବାର ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ଇଂଲଣ୍ଡ ପରାଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ ପଡ଼ିଛି।

ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୫୦ ଓଭରରେ ୭ ଉଇକେଟ ହରାଇ ୩୨୫ ରନ କରିଥିଲା। ଦଳ ପକ୍ଷରୁ ଇବ୍ରାହିମ ଜାଦ୍ରାନ ୧୪୬ ବଲରେ ୧୨ ଚୌକା ଓ ୬ ଛକା ସହିତ ବିସ୍ଫୋରକ ୧୭୭ ରନ କରିଥିଲେ। ଏହା ଆଇସିସି ଚାମ୍ପିୟନ୍ସ ଟ୍ରଫି ଇତିହାସର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏହା ତାଙ୍କ କ୍ୟାରିୟର୍‌ର ଷଷ୍ଠ ଦିନିକିଆ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଜମାତୁଲା ଓମରାଜାଇ ୪୧, ଅଧିନାୟକ ହାଶମାତୁଲା ଶାହିଦି ଓ ମହମ୍ମଦ ନବି ୪୦ ଲେଖାଏ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୩ ଓ ଲିଆମ ଲିଭିଂଷ୍ଟୋନ ୨ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ୪୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୧୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଜୋ ରୁଟ ସର୍ବାଧିକ ୧୧ ଚୌକା ଓ ୧ ଛକା ସହିତ ୧୨୦ ରନ କରିଥିଲେ। ଏହା ରୁଟ୍‌ଙ୍କ ଦିନିକିଆ କ୍ୟାରିୟର୍‌ର ୧୭ତମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବେନ ଡକେଟ ଓ ଅଧିନାୟକ ଜୋସ ବଟଲର ୩୮ ଲେଖାଏ, ହ୍ୟାରୀ ବ୍ରୁକ ୨୫ ଓ ଜେମି ଓଭରଟନ ୩୨ ରନ କରିଥିଲେ। ଆଫଗାନିସ୍ତାନ ପାଇଁ ଓମାରଜାଇ ୫ ଉଇକେଟ ସଫଳତା ହାସଲ କରିଥିଲେ। ନବି ୨ ଉଇକେଟ ନେଇଥିବାବେଳେ ଫାଜଲହକ ଫାରୁକି, ରଶିଦ ଖାନ୍ ଓ ଗୁଲବଦିନ ନାଏବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଇବ୍ରାହିମ ଜାଦ୍ରାନ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୩୨୫/୭(ଇବ୍ରାହିମ ଜାଦ୍ରାନ-୧୭୭, ଆଜମାତୁଲା ଓମାରଜାଇ-୪୧, ହାଶମାତୁଲା ଶାହିଦି-୪୦, ମହମ୍ମଦ ନବି-୪୦, ଜୋଫ୍ରା ଆର୍ଚ୍ଚର-୩/୬୪, ଲିଆମ ଲିଭିଂଷ୍ଟୋନ-୨/୨୮)। ଇଂଲଣ୍ଡ ୪୯.୫ ଓଭରରେ ୩୧୭/ଅଲଆଉଟ (ଜୋ ରୁଟ-୧୨୦, ବେନ ଡକେଟ-୩୮, ଜୋସ ବଟଲର-୩୮, ଜେମି ଓଭରଟନ-୩୨, ଆଜମାତୁଲା ଓମାରାଜାଇ-୫/୫୮, ମହମ୍ମଦ ନବି ୨/୫୭, ଫାଜଲ ଫାରୁକି-୧/୬୨)।

**ଚାମ୍ପିୟନ୍ସ ଟ୍ରଫି**

**ଆଜିର ମ୍ୟାଚ**

ପାକିସ୍ତାନ ବନାମ ବାଂଲାଦେଶ
ସ୍ଥାନ: ରାୱଲପିଣ୍ଡି ସମୟ: ଅପରାହ୍ନ ୨:୩୦
ପ୍ରସାରଣ: ସ୍ପୋର୍ଟ୍ସ-୧୮, ଷ୍ଟାର ସ୍ପୋର୍ଟ୍ସ

# ଭାରତୀୟ ଦଳରେ ଯୋଗଦେଲେ ମର୍କେଲ

**ଦୁବାଇ,୨୬।୨(ପି.ଟି.):** ଭାରତୀୟ ଦଳର ବୋଲିଂ କୋଚ ମର୍ନେ ମର୍କେଲ ବୁଧବାର ଦଳରେ ଯୋଗ ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ବାଂଲାଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ଫେରିଯାଇଥିଲେ।



ଗତ ବର୍ଷ ସେପ୍ଟେମ୍ବରରେ ଭାରତୀୟ ଦଳର ବୋଲିଂ କୋଚ ଭାବେ ନିଯୁକ୍ତି ପାଇଥିବା ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ପେସର ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଲାଗି ଭାରତୀୟ ଦଳ ସହିତ ଗତ ୧୫ ତାରିଖରେ ଦୁବାଇ ଆସିଥିଲେ। ୧୬ ତାରିଖ ଅପରାହ୍ନରେ ଦଳର ପ୍ରାକ୍ଟିସରେ ଯୋଗ ଦେଇଥିଲେ। କିନ୍ତୁ ୧୭ ତାରିଖରେ ଦଳର ଟ୍ରେନିଂରେ ସେ ଅନୁପସ୍ଥିତ ରହିଥିଲେ। ମର୍କେଲ ଦୁବାଇ ଫେରିବା ପରେ ବୁଧବାର ଭାରତୀୟ ଦଳର ଟ୍ରେନିଂରେ ଯୋଗ ଦେଇଥିଲେ। ଲଗାତର ଦୁଇ ବିଜୟ ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ୨ ତାରିଖରେ ତା'ର ଅନ୍ତିମ ଲିଗ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ।

# ଟପ-୫ରେ କୋହଲି

ଦୁବାଇ,୨୬।୨(ପି.ଟି.)

ଚଳିତ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଦଳକୁ ସେମିଫାଇନାଲରେ ପହଞ୍ଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥିବା ଭାରତୀୟ ଓପନର ଶୁବମନ ଗିଲ ଆଇସିସି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ନିଜ ସ୍ଥିତିକୁ ମଜଭୁତ କରିଛନ୍ତି। ଗିଲ ବାଂଲାଦେଶ ବିପକ୍ଷ ମ୍ୟାଚରେ ଅପରାଜିତ ୧୦୧ ରନ କରିଥିଲେ ଏବଂ ପାକିସ୍ତାନ ବିପକ୍ଷ ମ୍ୟାଚରେ ୪୬ ରନ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ସେ ୨୧ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ଏଥିଯୋଗୁ ତାଙ୍କ ରେଟିଂ ପଏଣ୍ଟ ୮୧୭ରେ ପହଞ୍ଚିଛି। ଫଳରେ ଗିଲ ଓ ଦ୍ୱିତୀୟ ସ୍ଥାନରେ



ଥିବା ପାକିସ୍ତାନ ବାବର ଆଜମଙ୍କ ମଧ୍ୟରେ ବ୍ୟବଧାନ ୨୩ରୁ ୪୭ ପଏଣ୍ଟକୁ ବୃଦ୍ଧି ପାଇଛି। ପାକିସ୍ତାନ ବିପକ୍ଷରେ ଅପରାଜିତ ୧୦୦ ରନର ଇନିଂସ ଖେଳିଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡର ଡାରିଲ ମିଚେଲଙ୍କୁ ପଛରେ ପକାଇ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଏହା ଦର୍ଶାଯାଇଛି। ଭାରତୀୟ ଉଇକେଟକିପର-ବ୍ୟାଟର ଲୋକେଶ ରାହୁଲ ଦୁଇଟି ସୋପାନ ଉପରକୁ ଉଠି ୧୫ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ବ୍ୟାଟର ୱିଲ ୟଙ୍ଗ ୮ଟି ସ୍ଥାନ ଉପରକୁ ଉଠି ୧୪ତମ ଓ ଟମ ଲଥାମ ୧୧ଟି ସ୍ଥାନ ଉପରକୁ ଉଠି ୩୦ତମ ସ୍ଥାନରେ ରହିଛନ୍ତି। ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଦକ୍ଷିଣ ଆଫ୍ରିକାର କେଶବ ମହାରାଜ ଓ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ ଟପ-୫ରେ ପ୍ରବେଶ କରିଥିବା ବେଳେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଦଶମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଭାବୀ ବୋଲିଂ

ବେଙ୍ଗାଲୁରୁ, ୨୬।୨ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ଗ୍ରେସ୍ ହାରିସଙ୍କ ଦ୍ରୁତ ୪୫ ରନ (୨୬ ବଲ୍) ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବୋଲରମାନେ ୟୁପି ୱାରିଅର୍ଜର

**ଓମେନ୍ସ ପ୍ରିମିୟର ଲିଗ୍**

ସ୍କୋରକୁ ୧୪୨/୯ରେ ସୀମିତ କରି ଦେଇଛନ୍ତି। ହାରିସ ତାଙ୍କର ବିସ୍ଫୋରକ ଇନିଂସରେ ୬ ଚୌକା ଓ ୨ଛକା ଲଗାଇଥିଲେ। ସେ ବ୍ରିନ୍ଦା ଦିନେଶ (୩୩)ଙ୍କ ସହିତ ଦ୍ୱିତୀୟ ଉଇକେଟରେ ୭୯ ଯୋଗ କରିଥିଲେ। ମାତ୍ର ପରେ ଉତ୍ତର ପ୍ରଅଦେଶ ୱାରିଅର୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨ ରନରେ ଏହାର ୪ ଉଇକେଟ ହରାଇଥିଲା। ନାଟ୍ ସ୍କିଭର-ବ୍ରଣ୍ଟ (୩/୧୮) ୩ ଉଇକେଟ ଅକ୍ତିଆର କରିଥିବା ବେଳେ ସ୍ପିନର ସଂସ୍କୃତି ଗୁପ୍ତା (୨/୧୧) ସ୍ୱଳ୍ପ ରନ ବିନିମୟରେ ଦୁଇ ଉଇକେଟ ଅକ୍ତିଆର କରିଥିଲେ। ପେସ୍ ବୋଲର ଶବନିମ ଇସ୍‌ମାଇଲ (୨/୩୩) ମଧ୍ୟ ଦୁଇ ଉଇକେଟ ନେଇଥିଲେ ଏବଂ ଆମେଲିଆ କେର୍ (୧/୨୪) ଓ ହେଲି ମାଥ୍ୟୁସ (୧/୩୮) ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଉତ୍ତର ପ୍ରଦେଶ ୱାରିଅର୍ସ ଶୀଘ୍ର କିରନ ନାଭଗିରେଙ୍କ ଉଇକେଟ ହରାଇଥିଲା। କିନ୍ତୁ ହାରିସ ଆକ୍ରମଣାତ୍ମକ ଖେଳି ଇସ୍‌ମାଇଲ ଓ ଓ ମାଥ୍ୟୁସଙ୍କ ବଲ୍‌କୁ ପ୍ରହାର କରିଥିଲେ। ବ୍ରିନ୍ଦା ମଧ୍ୟ ଅନୁରୂପ ବ୍ୟାଟିଂ କରି ସ୍କିଭର ବ୍ରଣ୍ଟ ଓ ଇସ୍‌ମାଇଲ ବୋଲିଂରେ ଚୌକା ଲଗାଇଥିଲେ। ପାୱାର ପ୍ଲେ ଶେଷ ହେବା ବେଳକୁ ଉତ୍ତର ପ୍ରଦେଶର ୬୧/୧ ସ୍କୋରରେ ଦୃଢ଼ ସ୍ଥିତିରେ ରହିଥିଲା। ମାତ୍ର ୧୦ମ ଓଭରରେ ଆମେଲିଆ ହାରିସଙ୍କୁ ଆଉଟ କରିଦେବା ପରେ ଉତ୍ତର ପ୍ରଦେଶ ୱାରିଅର୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା।



ଆକ୍ରମଣାତ୍ମକ ବ୍ୟାଟିଂ ଅବସରରେ ଗ୍ରେସ୍ ହାରିସ।

# ପ୍ରି-ସିଜନ ଟେଷ୍ଟ କଲେ ହାମିଲଟନ

**ସାଖିର,୨୬।୨(ଏପି):** ଫେରାରି ପାଇଁ ପ୍ରି-ସିଜନ ଟେଷ୍ଟିଂ ଆରମ୍ଭ କରିଛନ୍ତି ଲୁଇସ ହାମିଲଟନ। ମର୍ସିଡିଜ ଟିମ୍ ଛାଡୁଥିବା ବିଷୟ ୪୦ ବର୍ଷୀୟ ଏହି ବ୍ରିଟିଶ ଡ୍ରାଇଭର ଗତବର୍ଷ ଘୋଷଣା କରିଥିଲେ। ଏହି ଟିମ୍ ସହିତ ସେ ୧୧ବର୍ଷ ଥିଲେ। ସେ ଏ ପର୍ଯ୍ୟନ୍ତ ଜିତିଥିବା ୭ଟି ଟାଇଟଲ ମଧ୍ୟରୁ ୬ଟି ମର୍ସିଡିଜ ତରଫରୁ ଜିତିଥିଲେ। ହାମିଲଟନ ବୁଧବାର ରେଡ୍ କାର ନମ୍ବର ୪୪ ଚଳାଇ ତାଙ୍କର ଅଭ୍ୟାସ କରିଥିଲେ। ଫର୍ମୁଲା ୱାନ୍‌ର ଅଫିସିଆଲ ସୋସିଆଲ ମିଡିଆ ସାଇଟ୍‌ରେ ଏନେଇ ଏକ ବାର୍ତ୍ତା ପୋଷ୍ଟ କରାଯାଇଛି, ଯେଉଁଥିରେ ହାର୍ଟର ଏକ ଇମେଜ ସଂଲଗ୍ନ ରହିଛି।

# ସିପକ୍‌ଟାକ୍ର ବିଶ୍ୱକପ୍ ମାସ୍କଟ ଉନ୍ମୋଚିତ




ପାଟଣା,୨୬।୨(ପି.ଟି.)

ଆସନ୍ତା ମାସ ମାର୍ଚ୍ଚ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ହେବାକୁ ସିପକଟାକ୍ର ବିଶ୍ୱକପ୍ ଲାଗି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବୁଧବାର ଲୋଗୋ ଓ ମାସ୍କଟ ଉନ୍ମୋଚିତ କରିଛନ୍ତି। ପୁରୁଷ ଓ ମହିଳା ସିପକଟାକ୍ର ବିଶ୍ୱକପ୍ ଲାଗି ଲୋଗୋରେ ବିହାର ରାଜ୍ୟର ସଂସ୍କୃତି, ଖେଳ ଭାବନା ଓ ଭବିଷ୍ୟତର ଶକ୍ତି ସମାହିତ ରହିଥିବା ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଟୁର୍ନାମେଣ୍ଟ ଲାଗି ପ୍ରଦର୍ଶିତ ମାସ୍କଟ ବିହାର ରାଜ୍ୟର ଗର୍ବ ଓ ବଳକୁ ଦର୍ଶାଉଛି। ବିହାର ପ୍ରଥମ ଥର ପାଇଁ ସିପକଟାକ୍ର ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଦେଶର ଖେଳାଳିମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶିତ କରିବେ। ଏହି ଅବସରରେ ନିକଟରେ ଉତ୍ତରାଖଣ୍ଡରେ ଆୟୋଜିତ ୩୮ତମ ଜାତୀୟ ଗେମ୍ସରେ ବିହାର ପାଇଁ ପଦକ ଜିତିଥିବା ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ନୀତିଶ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରଥମ ରାଉଣ୍ଡରୁ ରୁବ୍ଲେଭଙ୍କ ବିଦାୟ

**ଦୁବାଇ,୨୬।୨(ଏପି):** ତୃତୀୟ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଦୁବାଇ ଟେନିସ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ନିକଟରେ କାତାର ଓପନ ଜିତିଥିବା ଏହି ଖେଳାଳି କ୍ୱାଲିଫାୟର କ୍ୱେଣ୍ଟିନ ହାଲିସଙ୍କଠାରୁ ସେ ୩-୬, ୬-୪, ୭-୬ (୫)ରେ ହାରିଯାଇଛନ୍ତି। ଜଣେ ଟପ୍ ୧୦ ଖେଳାଳିଙ୍କୁ ହରାଇବା ୭୭ତମ ର୍ୟାଙ୍କିଙ୍ଗପ୍ରାପ୍ତ ହାଲିସଙ୍କ ପାଇଁ ଏହା ପ୍ରଥମ। ପରବର୍ତ୍ତୀ ରାଉଣ୍ଡରେ ସେ ରବର୍ଟୋ ବଟିଟୋ ଅଗଟ୍‌ଙ୍କୁ ଭେଟିବେ। ଦୁବାଇରେ ୨୦୨୨ରେ ଟାଇଟଲ ଜିତିଥିବା ୯ମ ର୍ୟାଙ୍କିଙ୍ଗପ୍ରାପ୍ତ ରୁବ୍ଲେଭ ଗତ ଶନିବାର ଜ୍ୟାକ୍ ଡ୍ରାପରଙ୍କୁ ପରାସ୍ତ କରି କାତାର ଓପନ ଜିତିଥିଲେ। ଆହୁରି ମଧ୍ୟ ଟପ୍ ସିଡ୍ ଡାନିଲ ମେଡଭେଡେଭ ୬-୪, ୭-୬ (୪)ରେ ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଜିଓଭାନି ଏମ୍ପିଟ୍‌ସି ପରିକାର୍ଡଙ୍କୁ ଭେଟିବେ। ଦ୍ୱିତୀୟ ସିଡ୍ ଆଲେକ୍ସ ଡି' ମିନାଉର ୨୦୧୪ ୟୁଏସ୍ ଓପନ ଚାମ୍ପିୟନ ମାରିନ୍ ସିଲିକ୍‌ଙ୍କଠାରୁ ୬-୨, ୩-୬, ୬-୩ରେ ପରାଜିତ ହୋଇଥିବା ବେଳେ ନୁନୋ ବର୍ଜେସ ୬-୨, ୬-୧ରେ ୮ମ ସିଡ୍ ଆର୍ଥର ଫିଲ୍ସଙ୍କୁ ପ୍ରତିଯୋଗିତାରୁ ବିଦା କରିଦେଇଛନ୍ତି। ଅନ୍ୟ ବିଜେତାଙ୍କ ମଧ୍ୟରେ ରହିଛନ୍ତି ୫ମ ସିଡ୍ ଉଗୋ ହମ୍ବର୍ଟ, ମାଟେଓ ବରେଟେନି, ଫେଲିକ୍ସ ଅଗର-ଆଲିଆସିମ୍ ଓ କ୍ୱାଲିଫାୟର କ୍ରିଷ୍ଟୋଫର ଓ' କୋନେଲ।

# ଅବସର ଯୋଜନା ନାହିଁ: ଫଖର

**ଦୁବାଇ,୨୬।୨(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଯୋଜନା କରୁଥିବା ନେଇ ପ୍ରକାଶିତ ରିପୋର୍ଟକୁ ଆହତ ସମସ୍ୟା ଦେଇ ଗତି କରୁଥିବା ପାକିସ୍ତାନୀ ବ୍ୟାଟର ଫଖର ଜମାନ ଖଣ୍ଡନ କରିବା ସହ ସମସ୍ତ ଫର୍ମାଟରେ ଜାତୀୟ ଦଳ ପକ୍ଷରୁ ଖେଳ ଜାରି ରଖିବାକୁ ଚାହୁଁଥିବା କହିଛନ୍ତି। କରାଚୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିର ଉଦଘାଟନୀ ମ୍ୟାଚରେ ସେ ଆହତ ହୋଇଥିଲେ। ପରେ ଆଣ୍ଠୁ ଜନିତ ଆହତ ସମସ୍ୟା ଯୋଗୁ ସେ ଟୁର୍ନାମେଣ୍ଟରୁ ବାଦ ପଡ଼ିଥିଲେ। ତାଙ୍କ ବଦଳରେ ଇମାମ-ଉଲ-ହକଙ୍କୁ ଦଳରେ ସାମିଲ କରାଯାଇଥିଲା।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ